# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ସେପ୍ଟେମ୍ବର ୯ /୨୦୧୯ (୧୬ ପୃଷ୍ଠା) | Rayagada, Monday, September 9 / 2019 ★

୯ମ ଭାଗ ୨୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯଥେଷ୍ଟ: ରାଜୀବ କୁମାର

ଦେଶର ଆବଶ୍ୟକତା ପୂରଣ ପାଇଁ ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗଠନ ଯଥେଷ୍ଟ ରହିଛି ବୋଲି କେନ୍ଦ୍ର ଅର୍ଥ ସଚିବ ରାଜୀବ କୁମାର କହିଛନ୍ତି।

୧୩

୧୫

## ଲେକ୍‌ରେକ୍‌ଙ୍କୁ କ୍ରମାଗତ ଦ୍ୱିତୀୟ ଟାଇଟଲ

ଇଟାଲିଆନ ଗ୍ରାଁପ୍ରିରେ ବିଜୟ ସହ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ କ୍ରମାଗତ ଦ୍ୱିତୀୟ ଫର୍ମୁଲା ୱାନ୍ ଟାଇଟଲ ହାସଲ କରିଛନ୍ତି।



# ଚକୋଲେଟ ବାଣ୍ଟି ସଚେତନତା



ମୋଟର ସାଇକେଲ ଆରୋହୀଙ୍କୁ ଟ୍ରାଫିକ ଡିସିପି ଚକୋଲେଟ ଦେଇ ସଚେତନ କରୁଛନ୍ତି।

- ଏଜି ଛକରେ ଲୋକଙ୍କୁ ଟ୍ରାଫିକ ନିୟମ ବୁଝାଇଲା ପୋଲିସ
- ନିୟମ ପାଳନକାରୀଙ୍କୁ 'ଥ୍ୟାଙ୍କ୍ ୟୁ କାର୍ଡ' ଦେଲା
- ୨ ମାସ ଯାଏ କେବଳ ୫ ନିୟମକୁ ଗୁରୁତ୍ୱ

ଭୁବନେଶ୍ୱର,୮।୯(ବ୍ୟୁରୋ)

ନୂଆ ମୋଟର ଯାନ ଆଇନକୁ ନେଇ କଠୋର ହୋଇପଡ଼ିଥିଲା କମିଶନରେଟ ପୋଲିସ। ଶନିବାର ଭୁବନେଶ୍ୱର ରାଜମହଲରେ ପୋଲିସ-ଜନତା ଖଣ୍ଡଯୁଦ୍ଧରେ ୫ ପୋଲିସ ସମେତ ୧୦ଜଣ ଆହତ ହେବା ପରେ ଏବେ ଚେତା ପଶିଲା। ଚାରିଆଡୁ ତୀବ୍ର ବିରୋଧ ପରେ ରବିବାର କମିଶନରେଟ ପୋଲିସର ଆଭିମୁଖ୍ୟ ପୂରା ବଦଳି ଯାଇଥିଲା। କଠୋରତା ବଦଳରେ କୋମଳତା ପନ୍ଥା ଆପଣାଇଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ ଲୋକଙ୍କୁ ଚକୋଲେଟ ବାଣ୍ଟି ଟ୍ରାଫିକ ନିୟମ ସମ୍ପର୍କରେ ବୁଝାଇବା ସହ ପାଳନ କରିବାକୁ ସଚେତନ କରିଥିଲା। ପୋଲିସର ଏଭଳି ଆଭିମୁଖ୍ୟକୁ ଲୋକେ ସ୍ୱାଗତ କରିଥିବାବେଳେ ସହରର ଆଉ କିଛି ସ୍ଥାନରେ ଯାଞ୍ଚବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଏଜି ଛକରେ ପୋଲିସ ପୂର୍ବରୁ ଯେଭଳି ଜଗି ରହି ଜରିମାନା କାଟୁଥିଲା ରବିବାର ପୂର୍ବାହ୍ନରେ ସେଭଳି ଦୃଶ୍ୟ ☞ପୃଷ୍ଠା-୪

## ■ ଚନ୍ଦ୍ରୟାନ-୨କୁ ନେଇ ମଉଳି ଯାଇଥିବା ଆଶା ପୁନଃ ଉଜ୍ଜୀବିତ


# ମିଳିଲା ବିକ୍ରମ ସନ୍ଧାନ

ବେଙ୍ଗାଲୁରୁ, ୮।୯(ପି.ଟି./ଆଇଏଏନ୍‌ଏସ୍)

ଭାରତର ଦ୍ୱିତୀୟ ଚନ୍ଦ୍ର ମିଶନ ଚନ୍ଦ୍ରୟାନ-୨କୁ ନେଇ ମଉଳିଯାଇଥିବା ଆଶା ପୁନଃ ଉଜ୍ଜୀବିତ ହୋଇଛି। ଚନ୍ଦ୍ରାବତରଣର କିଛି ସମୟ ପୂର୍ବରୁ ଲ୍ୟାଣ୍ଡର 'ବିକ୍ରମ' ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାବେଳେ ଦିନକ ପରେ ଅର୍ବିଟର ଏହାର ଫଟୋ ପଠାଇଛି। ଚନ୍ଦ୍ରପୃଷ୍ଠରେ ବିକ୍ରମର ସୂକ୍ଷ୍ମ ଅବତରଣ (ସଫ୍ଟ ଲ୍ୟାଣ୍ଡିଂ) ସଫଳ ହୋଇପାରି ନାହିଁ। ଲ୍ୟାଣ୍ଡର ହାର୍ଡ ଲ୍ୟାଣ୍ଡିଂ କରିଛି। ଏହାର ଅବସ୍ଥିତି ଠାବ ହୋଇଛି। ରୋଭର 'ପ୍ରଜ୍ଞାନ' ଲ୍ୟାଣ୍ଡର ବିକ୍ରମ ଭିତରେ ହିଁ ରହିଛି। ଚନ୍ଦ୍ରୟାନ-୨ର ଅର୍ବିଟରରେ ସଂଲଗ୍ନ କ୍ୟାମେରା ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର କଣ୍ଟ୍ରୋଲ ରୁମ୍‌କୁ ଥର୍ମାଲ ଇମେଜ୍ ପଠାଇଛି। ଉକ୍ତ ଫଟୋକୁ ଅନୁଧ୍ୟାନ କରାଯାଉଛି। ବିକ୍ରମ ସହ ଖୁବ୍‌ଶୀଘ୍ର ଯୋଗାଯୋଗ ପୁନଃ ସ୍ଥାପନ ପାଇଁ ଜୋର୍‌ଦାର ଉଦ୍ୟମ ଚାଲିଛି ବୋଲି ରବିବାର ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ସୂଚନା ଦେଇଛନ୍ତି। ଚନ୍ଦ୍ରୟାନ-୨ର ସଫଳତାକୁ ନେଇ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ବୈଜ୍ଞାନିକଙ୍କୁ ଏହା ଆଶ୍ୱସ୍ତି ଆଣିଦେଇଥିବାବେଳେ ଦେଶବାସୀଙ୍କ ମନରେ ଆଶା ଓ ଉତ୍ସାହ ପରିଲକ୍ଷିତ ହୋଇଛି।

- ଅର୍ବିଟର ପଠାଇଲା ଲ୍ୟାଣ୍ଡର ଫଟୋ
- ଯୋଗାଯୋଗ ସ୍ଥାପନ ପାଇଁ ଜାରି ରହିବ ଉଦ୍ୟମ: ଇସ୍ରୋ ଅଧ୍ୟକ୍ଷ

ଚନ୍ଦ୍ରୟାନ-୧ର ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଗତ ଜୁଲାଇ ୨୨ରେ ଚନ୍ଦ୍ରୟାନ-୨କୁ ଜହ୍ନ ପାଖକୁ ପଠାଯାଇଥିଲା। ଉତ୍କ୍ଷେପଣର ୪୭ ଦିନ ପରେ ଏହା ବିଭିନ୍ନ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହୋଇ ଚନ୍ଦ୍ର ଚାରିପଟେ ଘୂରିବା ଆରମ୍ଭ କରିଥିଲା। ୯୭୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ମିଶନ ଉପରେ ସାରା ବିଶ୍ୱର ନଜର ରହିଥିଲା। ୧,୪୭୧ କେ.ଜି. ଓଜନ ବିଶିଷ୍ଟ ଲ୍ୟାଣ୍ଡର ବିକ୍ରମ ଶୁକ୍ରବାର ମଧ୍ୟରାତ୍ରିରେ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ



ଯୋଗାଯୋଗ ବିଚ୍ଛିନ୍ନ ହେବା ପୂର୍ବରୁ ଇସ୍ରୋ ପକ୍ଷରୁ ଜାରି ବିକ୍ରମ ଓ ପ୍ରଜ୍ଞାନର ମଡେଲ।

ଅବତରଣ କରିବାକୁ ଆଉ ମାତ୍ର ୨.୧ କି.ମି. ଦୂରତା ବାକି ଥିବାବେଳେ ଶେଷ ମୁହୂର୍ତ୍ତରେ ଏହାଠାରୁ ଆଉ ସଙ୍କେତ ମିଳି ନ ଥିଲା। କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବା ନେଇ ଇସ୍ରୋ ମୁଖ୍ୟ ଶିବନ ସୂଚନା ଦେଇଥିଲେ। ବୈଜ୍ଞାନିକଙ୍କ ଉତ୍ସାହ ବୃଦ୍ଧି ପାଇଁ ସେଠାରେ ଉପସ୍ଥିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କୁ ଆଶ୍ୱାସନା ଦେଇଥିଲେ। ଏହାସହ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ବିକ୍ରମର ଜୀବନକାଳ ୧୪ ଦିନ ହୋଇଥିବାରୁ ଏହି ଅବଧି ଶେଷ ହେବା ମଧ୍ୟରେ ତାକୁ ଠାବ କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ଶନିବାର ଶିବନ୍ କହିଥିଲେ। ରବିବାର ମଧ୍ୟାହ୍ନରେ ସମସ୍ତ ଦେଶବାସୀଙ୍କୁ ଖୁସି କରିଦେବା ଭଳି ଖବର ଆସି ପହଞ୍ଚିଲା। ବିକ୍ରମର ଅବସ୍ଥିତି ଠାବ ହୋଇଥିବା ଇସ୍ରୋ ମୁଖ୍ୟ ସୂଚନା ଦେଲେ। ଶିବନ କହିଲେ, ଚନ୍ଦ୍ରପୃଷ୍ଠରେ ବିକ୍ରମ ଲ୍ୟାଣ୍ଡିଂ କରିଛି। ତେବେ ହାର୍ଡ ଲ୍ୟାଣ୍ଡିଂ ବେଳେ ଏହା କ୍ଷତିଗ୍ରସ୍ତ ହୋଇଛି କି ସୁରକ୍ଷିତ ଅଛି ସେନେଇ କିଛି ଜଣାପଡ଼ିନାହିଁ। ଅର୍ବିଟର ପଠାଇଥିବା ତଥ୍ୟକୁ ଇସ୍ରୋ ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ କମାଣ୍ଡ ନେଟୱର୍କ (ଆଇଏସ୍‌ଟିଆର୍‌ଏସି)ସ୍ଥିତ ମିଶନ ଅପରେଶନ୍ କମ୍ପ୍ଲେକ୍ସରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରାଯାଉଛି। ଖୁବ୍‌ଶୀଘ୍ର ଏହାସହ ଯୋଗାଯୋଗ ପ୍ରତିଷ୍ଠା କରାଯିବ। ସେହିପରି ଚନ୍ଦ୍ରକକ୍ଷରେ ଘୂରୁଥିବା ୨,୩୭୯ କେ.ଜି. ବିଶିଷ୍ଟ ଅର୍ବିଟରର ଜୀବନକାଳ ୧ ବର୍ଷ ହୋଇଥିବାରୁ ଆଗକୁ ବିକ୍ରମ ସମ୍ପର୍କରେ ଅନେକ ତଥ୍ୟ ମିଳିପାରିବ ବୋଲି କୁହାଯାଉଛି। ମହାକାଶ ଗବେଷଣା କାର୍ଯ୍ୟକ୍ରମର ଜନକ ଡ. ବିକ୍ରମ ଏ. ସାରାଭାଇଙ୍କ ନାମରେ ନାମିତ ଏହି ଲ୍ୟାଣ୍ଡର ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିପାରିବ କି ନାହିଁ ତାହା ଏବେ କହିବା ସମ୍ଭବ ନୁହେଁ ବୋଲି କେତେଜଣ ବୈଜ୍ଞାନିକ କହିଛନ୍ତି। ତେବେ ଠାବ ହୋଇଥିବା ଲ୍ୟାଣ୍ଡରର ଫଟୋ ଇସ୍ରୋ ପକ୍ଷରୁ ଜାରି ହୋଇ ନ ଥିବାରୁ ବିଭିନ୍ନ ମହଲରେ ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି।

# ବିଷାକ୍ତ ହେଉଛି ଚାଷଜମି

ଭୁବନେଶ୍ୱର,୮।୯(ବ୍ୟୁରୋ)




- ଶସ୍ୟ ଉତ୍ପାଦନ କମିବା ଆଶଙ୍କା
- ୟୁରିଆ ଉଜାଡ଼ୁଛି ଉର୍ବରତା
- ସରକାର, ଚାଷୀ ବେଫିକର
- ସବୁ ଜିଲାରେ ହେବ ମାଟି ପରୀକ୍ଷା ଲାବୋରେଟୋରି
- କାର୍ଯ୍ୟକାରୀ ହେବ କୃଷି ବର୍ଜ୍ୟବସ୍ତୁ ପରିଚାଳନା ସ୍କିମ୍

ମାଟି ପ୍ରକୃତିର ଏକ ଅମୂଲ୍ୟ ସମ୍ପଦ। ମାତ୍ର ଚାଷ ପାଇଁ ଖେତରେ ବ୍ୟବହାର ହେଉଥିବା ଅତ୍ୟଧିକ ରାସାୟନିକ ସାର ଏବଂ ମାରାତ୍ମକ କୀଟନାଶକ ଭୟାନକ ପରିସ୍ଥିତି ସୃଷ୍ଟି କଲାଣି। ଫଳରେ ଆସନ୍ତା କିଛି ବର୍ଷ ମଧ୍ୟରେ ଚାଷଜମିରୁ ଉତ୍ପାଦନ ଅତିମାତ୍ରାରେ ହ୍ରାସ ପାଇବା ଆଶଙ୍କା ସୃଷ୍ଟି କରିଛି। କୃଷି ବିଭାଗ ଦ୍ୱାରା କରାଯାଇଥିବା ମୃତ୍ତିକା ପରୀକ୍ଷାର ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏଭଳି ଚିନ୍ତାଜନକ ତଥ୍ୟ ପଦାକୁ ଆସିଛି। ଧାନ ଓ ଅନ୍ୟାନ୍ୟ ଚାଷ ପାଇଁ ଚାଷୀମାନେ ଅତିମାତ୍ରାରେ ୟୁରିଆ ବ୍ୟବହାର କରୁଥିବା ଯୋଗୁ ଜମିର ଉର୍ବରତା ନଷ୍ଟ ହେବାରେ ଲାଗିଛି। ଏପରି କି ୟୁରିଆ, କୀଟନାଶକ ଓ ଜମିରୁ ଘାସ ମାରିବାକୁ ବ୍ୟବହାର କରାଯାଉଥିବା ରାସାୟନିକ ତରଳ ପଦାର୍ଥ ମାଟିରେ ଥିବା ଜିଆ ଓ ଅନ୍ୟାନ୍ୟ ଅଣୁଜୀବଙ୍କୁ ମଧ୍ୟ ସମୂଳେ ଧ୍ୱଂସ କରି ସାରିଲାଣି। ଏଭଳି ସ୍ଥିତି ରାଜ୍ୟର ସବୁ ଜିଲାରେ ଦେଖିବାକୁ ମିଳିଛି।

ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୮-୧୯ରେ ସମଗ୍ର ରାଜ୍ୟରୁ ୩,୦୭,୪୦୫ଟି ମୃତ୍ତିକା ନମୁନା ସଂଗ୍ରହ କରାଯାଇ ମୋବାଇଲ ମୃତ୍ତିକା ପରୀକ୍ଷା ଲାବୋରେଟୋରି ଏବଂ ରାଜ୍ୟର ୧୧ଟି ପରୀକ୍ଷାଗାରରେ ପରୀକ୍ଷା କରାଯାଇଥିଲା। ପରୀକ୍ଷା ପରେ ଜଣାପଡ଼ିଛି ଯେ, କୃଷି କ୍ଷେତ୍ରରେ ମନଇଚ୍ଛା ୟୁରିଆ ବ୍ୟବହାର ଯୋଗୁ ମାଟିର ଅମଳତ୍ୱ, କ୍ଷାର ଓ ଲବଣ ପରିମାଣ ଅତିମାତ୍ରାରେ ବୃଦ୍ଧି ପାଇଛି। ଏଥିଯୋଗୁ ମାଟିରେ ଥିବା କ୍ଷୁଦ୍ର ଅଣୁଜୀବ, ଯାହାକି ଉର୍ବରତା ବଢ଼ାଇବାରେ ସାହାଯ୍ୟ କରନ୍ତି ସେ ସବୁ ନଷ୍ଟ ହୋଇଗଲେଣି। ଭଦ୍ରକ, ବାଲେଶ୍ୱର, ନବରଙ୍ଗପୁର, କଳାହାଣ୍ଡି, ବରଗଡ଼, ସମ୍ବଲପୁର, ଗଞ୍ଜାମ, କଟକ, ପୁରୀ ଆଦି ଜିଲାଗୁଡ଼ିକରେ ମାଟିର ଉର୍ବରତା ଭୟଙ୍କର ଭାବେ ହ୍ରାସ ପାଉଛି। ଚାଷ ଜମିରେ ଗୋଟିଏ ପ୍ରକାର ସାର ପ୍ରୟୋଗ ଲଗାତର ବୃଦ୍ଧି ପାଉଥିବାରୁ ଏଭଳି ଚିନ୍ତାଜନକ ପରିସ୍ଥିତି ଉପୁଜିଛି। କେନ୍ଦ୍ର ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ପ୍ରତି ହେକ୍ଟରରେ ୬୦ କିଲୋଗ୍ରାମ ନାଇଟ୍ରୋଜେନ୍ ବା ୟୁରିଆ, ୩୦ କିଲୋ ଫସ୍‌ଫରସ୍ ଏବଂ ୩୦ କିଲୋ ପୋଟାସିୟମ ପ୍ରୟୋଗ କରିବା କଥା। ଅର୍ଥାତ୍ ଗୋଟିଏ ଏକରରେ ୨୦ରୁ୨୫ କିଲୋ ୟୁରିଆ ପକାଇବା ସ୍ଥାନରେ ଅଧିକ ଅମଳ ପାଇଁ ଚାଷୀମାନେ ୬୦ରୁ ୬୫ କିଲୋ ପକାଉଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ୟୁରିଆ ବ୍ୟବହାର ଆଶାତୀତ ଭାବେ ବୃଦ୍ଧି ପାଇଛି। ଚାଷ ପାଇଁ କେବଳ ୟୁରିଆ ଦିଆଯାଉଥିବାରୁ ମାଟି ପାଇଁ ଆବଶ୍ୟକ ଅନ୍ୟ ୧୨ଟି ଉପାଦାନ ମିଳିପାରୁ ନାହିଁ। କୃଷି ବିଶେଷଜ୍ଞଙ୍କ କହିବା କଥା, ମାଟି ଏକ ସଜୀବ ପଦାର୍ଥ। ଏହାର ପୂର୍ଣ୍ଣ ଉର୍ବରତା ପାଇଁ ଯବକ୍ଷାରଜାନ, ଫସ୍‌ଫରସ, କ୍ୟାଲସିୟମ, ସଲ୍‌ଫର, ଲୌହ, ମାଙ୍ଗାନିଜ, ଜିଙ୍କ୍, ଗନ୍ଧକ, କପର, ମିଲିମିନିୟମ, କ୍ଲୋରିନ୍‌ର ଆବଶ୍ୟକ ରହିଛି। ଗଛ ପାଇଁ ଏସବୁର ଆବଶ୍ୟକତା ଅଛି। ପୂର୍ଣ୍ଣ ପୌଷ୍ଟିକତା ଥିବା ମାଟିରୁ ଉତ୍ପାଦିତ ଶସ୍ୟ ଶରୀରର ସମସ୍ତ ଆବଶ୍ୟକତା ମେଣ୍ଟାଇଥାଏ। ପୂର୍ବକାଳରେ ଏସବୁ ଗୋବର ଖତ, ଧନିଚା ଚାଷ ଓ ଅନ୍ୟାନ୍ୟ ଜୈବିକ ଖତରୁ ମିଳିପାରୁଥିଲା। ସବୁଜ ☞ପୃଷ୍ଠା-୪

## ରାମ ଜେଠମାଲାନିଙ୍କ ପରଲୋକ



ନୂଆଦିଲ୍ଲୀ,୮।୯(ପି.ଟି.): ବିଶିଷ୍ଟ ଆଇନଜୀବୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମ ଜେଠମାଲାନିଙ୍କର ରବିବାର ସକାଳ ୭ଟା ୪୫ରେ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। କିଛିଦିନ ହେଲା ସେ ଅସୁସ୍ଥ ଥିଲେ ବୋଲି ତାଙ୍କ ପୁଅ ମହେଶ କହିଛନ୍ତି। ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ଅପରାହ୍ଣରେ ତାଙ୍କର ଶେଷକୃତ୍ୟ ଲୋଧି ରୋଡ ☞ପୃଷ୍ଠା-୪






## ଆଜିର ସମ୍ପାଦକୀୟ

### ଦୁର୍ବଳ ହୋଇପଡ଼ିଲେ

## ଆଜିର ମନ୍ତବ୍ୟ

"ସମ୍ବିଧାନର ଅନୁଚ୍ଛେଦ ୩୭୧କୁ କେନ୍ଦ୍ର ସରକାର ଛୁଇଁବେ ନାହିଁ।"

-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE | 08.09.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 57 | 102 | 112 |
| BDK | 58 | 103 | 113 |
| BLS | 59 | 105 | 115 |
| ANG | 57 | 102 | 112 |
| BHM | 54 | 98 | 108 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


## ■ ସୁଇସ୍ ବ୍ୟାଙ୍କରୁ ମିଳିଲା ପ୍ରଥମ ପର୍ଯ୍ୟାୟ ତଥ୍ୟ

# ବନ୍ଦ ଆକାଉଣ୍ଟରୁ ଖୋଜାଯିବ କଳାଧନ

ନୂଆଦିଲ୍ଲୀ,୮।୯

ସୁଇସ୍ ବ୍ୟାଙ୍କରେ କଳାଧନ ଲୁଚାଇ ରଖିଥିବା ଭାରତୀୟଙ୍କ ଆକାଉଣ୍ଟ ସମ୍ପର୍କରେ ତଥ୍ୟ ମିଳିବା ଆରମ୍ଭ ହୋଇଛି। ସୁଇଜରଲାଣ୍ଡ ସରକାରଙ୍କଠାରୁ ସ୍ୱୟଂଚାଳିତ ବ୍ୟବସ୍ଥା ଅନୁସାରେ ଚଳିତ ମାସରେ ବହୁ ସୂଚନା ଭାରତକୁ ମିଳିଛି। ଏସବୁକୁ ବିଶ୍ଳେଷଣ ଲାଗି ଏବେ ପ୍ରୟାସ ଆରମ୍ଭ ହୋଇଛି। ଆକାଉଣ୍ଟଧାରୀଙ୍କୁ ଚିହ୍ନଟ କରିବା ଲାଗି ପର୍ଯ୍ୟାପ୍ତ ତଥ୍ୟ ଏକାଠି କରାଯିବ। ଏହାପରେ ସରକାରଙ୍କ ପକ୍ଷରୁ ସେମାନଙ୍କ ଦ୍ୱାରା ଲୁଚାଯାଇଥିବା କଳାଧନ ସମ୍ପର୍କରେ ଖୋଳତାଡ ଆରମ୍ଭ ହେବ। ତେବେ ପ୍ରାରମ୍ଭିକ ସୂଚନାରୁ ଜଣାପଡିଛି ଯେ, କାର୍ଯ୍ୟାନୁଷ୍ଠାନ ଭୟରେ ଅଧିକାଂଶ ଆକାଉଣ୍ଟକୁ ବନ୍ଦ କରିଦିଆଯାଇଥିଲା।

ଜଣେ ବ୍ୟାଙ୍କ ଅଧିକାରୀଙ୍କ କହିବାନୁଯାୟୀ, ସୁଇଜରଲାଣ୍ଡ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସେଠାକାର ସମସ୍ତ ବ୍ୟାଙ୍କ ପକ୍ଷରୁ ତଥ୍ୟ ଏକତ୍ରିତ କରାଯାଇ ଭାରତକୁ ପ୍ରଦାନ କରାଯାଇଛି। ଏପରି କି ୨୦୧୮ରେ ଦିନକ ପାଇଁ ପରିଚାଳନା କରାଯାଇଥିବା ଆକାଉଣ୍ଟଗୁଡ଼ିକ ସମ୍ପର୍କରେ ମଧ୍ୟ ଭାରତକୁ ସୂଚନା ଦିଆଯାଇଛି। ସେ କହିଛନ୍ତି ଯେ, ଏହି ଡାଟାକୁ ବ୍ୟବହାର କରି ଅଘୋଷିତ ସମ୍ପତ୍ତିଧାରୀଙ୍କ ବିରୋଧରେ ମାମଲା ଦାଏର କରିବା ସହଜ ହେବ। ପ୍ରାପ୍ତ ସୂଚନାକୁ ଅକାଟ୍ୟ ପ୍ରମାଣ ଭାବେ ବ୍ୟବହାର କରାଯାଇପାରିବ। ସୁଇସ୍ ବ୍ୟାଙ୍କ ପକ୍ଷରୁ ଭାରତୀୟଙ୍କ ଆକାଉଣ୍ଟରେ ରହିଥିବା ଜମା, ହସ୍ତାନ୍ତରଣ, ଶେୟାର ତଥା ଅନ୍ୟ ସମ୍ପତ୍ତିରେ ନିବେଶ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଛି। ଅନେକ ବ୍ୟାଙ୍କ ଓ ନିୟାମକ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ଦକ୍ଷିଣ-ପୂର୍ବ ଏସିଆର ଦେଶ, ଆମେରିକା, ବ୍ରିଟେନ, କେତେକ ଆଫ୍ରିକୀୟ ରାଷ୍ଟ୍ର ତଥା ଦକ୍ଷିଣ ଆମେରିକାର ଦେଶଗୁଡ଼ିକରେ ବସବାସ କରୁଥିବା ପ୍ରବାସୀ ଭାରତୀୟ ଓ ବ୍ୟବସାୟୀଙ୍କ ସମ୍ପର୍କରେ ତଥ୍ୟ ମିଳିଛି। ସୁଇସ୍ ବ୍ୟାଙ୍କର ଗୋପନୀୟତା ବିରୋଧରେ ଅଭିଯାନ ଆରମ୍ଭ ହେବା ପରେ ଗତ କିଛି ବର୍ଷ ଭିତରେ ଆକାଉଣ୍ଟଧାରୀମାନେ ଭାରି ମାତ୍ରାରେ ଟଙ୍କା କାଢ଼ିବା ଆରମ୍ଭ କରିଦେଇଥିଲେ। ଧରାପଡିଯିବା ଭୟ ସେମାନଙ୍କୁ ଘାରିଛି। ତେବେ ୨୦୧୮ ବର୍ଷରେ ବନ୍ଦ ହୋଇଥିବା ସମସ୍ତ ଆକାଉଣ୍ଟ ସମ୍ପର୍କରେ ମଧ୍ୟ ଭାରତକୁ ସୂଚନା ମିଳିଛି। ଏଥିସହ ସୁଇଜରଲାଣ୍ଡ ସରକାର ☞ପୃଷ୍ଠା-୪



କର୍ଣ୍ଣାଟକର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ରାମନାଥ ରାଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ସେ ମୋଦି ଓ ତାଙ୍କ ପାକିସ୍ତାନ ପ୍ରତିପକ୍ଷ ଇମ୍ରାନ୍ ଖାନ୍‌ଙ୍କୁ ଗୋଟିଏ ମାଆର ସନ୍ତାନ ବୋଲି ସମାଲୋଚନା କରିଛନ୍ତି। ତାଙ୍କର ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି।



## ସଂକ୍ଷେପରେ

### ଅଭିନେତା ଭୀରୁ କ୍ରିଷ୍ଣନ୍‌ଙ୍କ ଦେହାନ୍ତ



ମୁମ୍ବାଇ,୮।୯(ପି.ଟି.): ଇସ୍କ, ହମ୍ ହୈ ରାହି ପ୍ୟାର କେ, ରାଜା ହିନ୍ଦୁସ୍ଥାନୀ ଭଳି ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଥିବା ବଲିଉଡ ଅଭିନେତା ତଥା କଥକ ନୃତ୍ୟଶିଳ୍ପୀ ଭୀରୁ କ୍ରିଷ୍ଣନଙ୍କର ଶନିବାର ପରଲୋକ ହୋଇଯାଇଛି। ତାଙ୍କର ଶେଷକୃତ୍ୟ ସାନ୍ତାକ୍ରୁଜ୍‌ସ୍ଥିତ ଶ୍ମଶାନରେ ସମ୍ପନ୍ନ ହୋଇଛି। ୯୦ ଦଶକରେ ଅନେକ ଚଳଚ୍ଚିତ୍ରରେ ସେ ପାର୍ଶ୍ୱ ଅଭିନେତା ଭାବେ କାର୍ଯ୍ୟ କରିଥିଲେ। ସେ କଥକ ନୃତ୍ୟ ଶିକ୍ଷା ଦେଉଥିଲେ। ପ୍ରିୟଙ୍କା ଚୋପ୍ରା, କାଟ୍ରିନା କେଫ୍, ଆଥିୟା ସେଟ୍ଟୀ, କରନବୀର ବୋହରା ପ୍ରମୁଖ ଅନେକ ଚଳଚ୍ଚିତ୍ର ଓ ଟିଭି କଳାକାର ତାଙ୍କ ପାଖରୁ କଥକ ନୃତ୍ୟ ଶିକ୍ଷା କରିଥିଲେ। ତାଙ୍କ ପରଲୋକରେ ସେଲିବ୍ରିଟିମାନେ ସୋସିଆଲ ମିଡିଆ ମାଧ୍ୟମରେ ଶୋକବ୍ୟକ୍ତ କରିଛନ୍ତି।

### ରଜୌରୀରେ ପାକ୍ ସେନାର ଅସ୍ତ୍ରବିରତି ଉଲ୍ଲଂଘନ

ଜମ୍ମୁ,୮।୯(ପି.ଟି.): ଜମ୍ମୁ-କଶ୍ମୀରର ରଜୌରୀ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ରବିବାର ପାକ୍ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତର ଆଗୁଆ ଘାଟି ଓ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକୁ ଟାର୍ଗେଟ କରି ଗୁଳି ଓ ସେଲ୍ ମାଡ଼ କରିଛି। ଶନିବାର ମଧ୍ୟ ଉକ୍ତ ଅଞ୍ଚଳରେ ପାକିସ୍ତାନ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା। ରବିବାର ପୂର୍ବାହ୍ନ ୧୦ଟାରେ ସୁନ୍ଦରବଣି ଓ ନୌଶେରା ସେକ୍ଟରରେ ପାକିସ୍ତାନ ପଟୁ ମୋର୍ଟାର ଓ ଗୁଳିଗୋଳା ମାଡ଼ ହୋଇଥିଲା। ଭାରତୀୟ ଯବାନମାନେ ଏହାର ଠିକଣା ଜବାବ ଦେଇଥିଲେ। ମୃତାହତ ସମ୍ପର୍କିତ ରିପୋର୍ଟ ମିଳି ନ ଥିଲେ ହେଁ ସୀମାନ୍ତ ଗ୍ରାମଗୁଡ଼ିକରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି।

### [ଇତିହାସର ଆଇନାରେ]

### ସେପ୍ଟେମ୍ବର ୯ର ପ୍ରମୁଖ ଘଟଣା

୧୯୨୦ ସେପ୍ଟେମ୍ବର ୯ରେ ଅଲିଗଡ଼ର ମହମ୍ମଡାନ ଅଙ୍ଗ୍ଲୋ-ଓରିଏଣ୍ଟାଲ କଲେଜ (ଏମ୍‌ଏଓ କଲେଜ)କୁ ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟ (ଏଏମ୍‌ୟୁ)ରେ ପରିଣତ କରାଯାଇଥିଲା।

୧୯୯୧ ସେପ୍ଟେମ୍ବର ୯ରେ ତାଜିକିସ୍ତାନ ସୋଭିଏଟ୍ ରୁଷ (ୟୁଏସ୍‌ଏସ୍‌ଆର୍)ଠାରୁ ସ୍ୱାଧୀନ ହୋଇଥିଲା। ୧୯୨୯ରୁ ୧୯୯୧ ପର୍ଯ୍ୟନ୍ତ ସୋଭିଏତ ତାଜିକିସ୍ତାନ ୟୁଏସ୍‌ଏସ୍‌ଆର୍‌ର ଏକ ରାଜ୍ୟ ଥିଲା। ସୋଭିଏଟ୍ ରୁଷ ଭୁଶୁଡିପଡିବାରୁ ତାଜିକିସ୍ତାନକୁ ସ୍ୱାଧୀନ ରାଷ୍ଟ୍ର ଘୋଷଣା କରାଯାଇଥିଲା।

## ■ ମୋଦି ସରକାରଙ୍କ ୧୦୦ ଦିନ

# ନଜରରେ ଥିଲା କଶ୍ମୀର

ନୂଆଦିଲ୍ଲୀ,୮।୯(ଆଇଏଏନ୍‌ଏସ୍)

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କ ଦ୍ୱିତୀୟ ପାଳିକୁ ୧୦୦ ଦିନ ପୂରିଛି। ଏହାକୁ ନେଇ ଭାଜପା ଓ ସହଯୋଗୀ ଦଳଗୁଡ଼ିକ ଉତ୍ସବ ମନାଉଥିବାବେଳେ କଂଗ୍ରେସ ସମେତ ବିରୋଧୀମାନେ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ତେବେ ଏହି ୧୦୦ ଦିନ ମଧ୍ୟରେ କଶ୍ମୀର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ଦେଶର ଅନ୍ୟ ପ୍ରସଙ୍ଗଗୁଡ଼ିକ ଏକପ୍ରକାର ଗୌଣ ହୋଇଯାଇଥିଲା। ରବିବାର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କ ଖବରଦାତା ସମ୍ମିଳନୀରୁ ଏହା ସ୍ପଷ୍ଟ ହେଉଛି।

୩୦୩ ଆସନ ଅକ୍ତିଆର କରି ଡ୍ରାଇଭିଂ ସିଟରେ ବସିଥିବା ଭାଜପା ସରକାରଙ୍କ ୧୦୦ ଦିନର ସଫଳତା ବଖାଣିବାକୁ ଯାଇ କେନ୍ଦ୍ରମନ୍ତ୍ରୀ ଜାଭଡେକର କହିଛନ୍ତି, ଦେଶ ହିତରେ ଦ୍ରୁତଗତିରେ ଅଭୂତପୂର୍ବ ନିଷ୍ପତ୍ତି ନିଆଯାଇଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫-ଏ'କୁ ହଟାଇବା ସହ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଭଳି ଐତିହାସିକ ନିଷ୍ପତ୍ତି ୧୦୦ ଦିନ ମଧ୍ୟରେ ନିଆଯାଇଛି। ସେହିପରି ହାଫିଜ୍ ସୟିଦ, ମାସୁଦ୍ ଆଝାର ଓ ଦାଉଦ୍



ପ୍ରକାଶ ଜାଭଡେକର

ଇବ୍ରାହିମ୍‌ଙ୍କୁ ଆତଙ୍କବାଦୀ ଘୋଷଣା ପାଇଁ ବାଟ ଫିଟାଇଥିବା ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ)ରେ ସଂଶୋଧନ ଭଳି ନିଷ୍ପତ୍ତି ଦେଶବାସୀଙ୍କ ହିତ ପାଇଁ ନିଆଯାଇଛି। ଏସବୁର ପ୍ରସ୍ତୁତି ସାଧାରଣ ନିର୍ବାଚନର ବହୁ ପୂର୍ବରୁ ହୋଇଥିଲା। କଶ୍ମୀରରେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବାରେ ଲାଗିଛି। ଯୋଗାଯୋଗର ମାଧ୍ୟମ ସ୍ୱାଭାବିକ ହେଉଛି। କେତେକ ବିଦେଶୀ ଗଣମାଧ୍ୟମରେ ପ୍ରସାରିତ ଖବରକୁ ସେ ମିଥ୍ୟା ବୋଲି ଅଭିହିତ କରିଛନ୍ତି। ଜାଭଡେକର ଏହି ଅବସରରେ ତିନି ତଲାକ୍ ବିଲ୍‌କୁ ଆଇନରେ ପରିଣତ କରିବା ମୋଦି ସରକାରଙ୍କ ଏକ ବଡ଼ ସଫଳତା ବୋଲି କହିଛନ୍ତି। ପୂର୍ବ ସରକାରଗୁଡ଼ିକ ଅମଳରେ ଭୋଟବ୍ୟାଙ୍କ ରାଜନୀତି ଯୋଗୁ ଏହା ସମ୍ଭବ ହୋଇ ପାରି ନ ଥିବା ସେ ସମାଲୋଚନା କରିଛନ୍ତି। ସେହିପରି ୧୫୦ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେବା, ମୋଟର ଯାନ ଆଇନରେ ସଂଶୋଧନ ଓ ଜଳ ଶକ୍ତି ମନ୍ତ୍ରଣାଳୟ ପ୍ରତିଷ୍ଠା ଆଦି ସରକାରଙ୍କ ବଡ଼ ଉପଲବ୍ଧି ବୋଲି ସେ ଦର୍ଶାଇଛନ୍ତି। ଜାଭଡେକର ଏହି ଅବସରରେ ସରକାରଙ୍କ ସଫଳତା ଉଲ୍ଲେଖ ଥିବା 'ହଣ୍ଡ୍ରେଡ୍ ଡେଜ୍ ଅଫ୍ ବୋଲ୍ଡ ଇନିସିଏଟିଭ୍‌ସ ଆଣ୍ଡ ଡିସିସିଭ୍ ଆକ୍ସନ' ଶୀର୍ଷକ ଏକ ପୁସ୍ତକ ଉନ୍ମୋଚନ କରିଛନ୍ତି।

## ■ ଟାର୍ଗେଟ କଲେ ରାହୁଲ-ପ୍ରିୟଙ୍କା

### କିଛି ବିକାଶ ହୋଇନି, ମୋଦି ସରକାରଙ୍କୁ ଅଭିନନ୍ଦନ

ନୂଆଦିଲ୍ଲୀ,୮।୯(ଆଇଏଏନ୍‌ଏସ୍)

ମୋଦି ସରକାରଙ୍କ ୧୦୦ ଦିନ ପୂର୍ତ୍ତି ପରେ ଅର୍ଥନୈତିକ ପ୍ରଦର୍ଶନକୁ ନେଇ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରବିବାର ଟାର୍ଗେଟ କରିଛନ୍ତି। ରାହୁଲ ସରକାରଙ୍କୁ ଅଭିନନ୍ଦନ ଜଣାଇବା ଆଳରେ ଉପହାସ କରିଛନ୍ତି। ସେ ଟୁଇଟ୍ କରିଛନ୍ତି, ୧୦୦ ଦିନରେ କିଛି ବିକାଶ ହୋଇନାହିଁ। ମୋଦି ସରକାରଙ୍କୁ ଅଭିନନ୍ଦନ। ଗଣତନ୍ତ୍ର ଉପରେ ଆକ୍ରମଣ, ଗଣମାଧ୍ୟମର କଣ୍ଠରୋଧ, ନେତୃତ୍ୱ ଓ ଯୋଜନାର ଅଭାବ ଆମ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେଇଛି। ସେହିପରି



ମୋଦି ସରକାରଙ୍କୁ ଟାର୍ଗେଟ କରି ପ୍ରିୟଙ୍କା କହିଛନ୍ତି, ଦେଶରେ ଅର୍ଥନୈତିକ ମାନ୍ଦାବସ୍ଥା ଲାଗି ରହିଥିବାବେଳେ ସରକାର ନୀରବ ରହିଛନ୍ତି। ଡ୍ରାମା, ପ୍ରତାରଣା ଓ ମିଛର ଆଶ୍ରୟ ନେଇ ସରକାର ଲୋକଙ୍କୁ ସତ ଲୁଚାଉଛନ୍ତି।



ରବିବାର ଶ୍ରୀନଗରରେ କର୍ଫ୍ୟୁ ଭଳି କଟକଣା ଲାଗୁ ହୋଇଥିବାବେଳେ ସିଆର୍‌ପିଏଫ୍ ଯବାନ ରାସ୍ତାରେ ପାଟ୍ରୋଲିଂ କରୁଛନ୍ତି।

## କଶ୍ମୀରରେ ପୁଣି କଟକଣା ଲାଗୁ

ଶ୍ରୀନଗର,୮।୯(ପି.ଟି.)

ଉପତ୍ୟକାରେ ମହରମ୍ ଶୋଭାଯାତ୍ରା ବାହାର କରିବା ଉଦ୍ୟମକୁ ପଣ୍ଡ କରିବା ପାଇଁ ଶ୍ରୀନଗର ସମେତ ଜମ୍ମୁ-କଶ୍ମୀରର ଅନେକ ସ୍ଥାନରେ ରବିବାର କର୍ଫ୍ୟୁ ଭଳି କଟକଣା ପୁନର୍ବାର ଲାଗୁ ହୋଇଛି। ଅଧିକ ସଂଖ୍ୟାରେ ଜନସମାଗମ ହିଂସାକାଣ୍ଡ ଘଟାଇପାରେ ବୋଲି କର୍ତ୍ତୃପକ୍ଷ ଆଶଙ୍କା କରୁଛନ୍ତି। ସେଥିପାଇଁ ପ୍ରବେଶ ପଥରେ ତାରବାଡ଼ ଦେଇ ଲାଲ୍‌ଚୌକ ଓ ଏହାର ଆଖପାଖରେ ଥିବା ବ୍ୟବସାୟିକ ପେଣ୍ଠସ୍ଥଳଗୁଡ଼ିକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯିବା ସହ ସେଠାରେ ବ୍ୟାପକ ସୁରକ୍ଷା ବଳ ନିୟୋଜିତ କରାଯାଇଛି। ମେଡିକାଲ ପାଇଁ ଜରୁରୀ ଥିବା ଲୋକଙ୍କୁ କେବଳ ବାରିକେଡ଼ ଦେଇ ଛଡ଼ାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଗଲା ବୋଲି ଘୋଷଣା କରିଥିଲେ। ସେହିଦିନଠାରୁ ଉପତ୍ୟକାରେ କଟକଣା ଜାରି ହୋଇଥିଲା। ସ୍ଥିତିରେ ଉନ୍ନତି ଆସିବା ସହ ପର୍ଯ୍ୟାୟକ୍ରମେ କେତେକ ଅଞ୍ଚଳରୁ କଟକଣା ହଟାଯାଇଥିଲା। ତେବେ ପ୍ରତି ଶୁକ୍ରବାର ଉପତ୍ୟକାର ଉତ୍ତେଜନାପ୍ରବଣ ସ୍ଥାନଗୁଡିକରେ କଟକଣା ଲାଗୁ ହେଉଥିଲା। ୩୫ ଦିନ ଧରି ଉପତ୍ୟକା ବନ୍ଦ ଯୋଗୁ ସାଧାରଣ ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଛି। ବଜାରଘାଟ ବନ୍ଦ ଥିବାବେଳେ ଘରୋଇ ପରିବହନ ସେବା ମଧ୍ୟ ବ୍ୟାହତ ହୋଇଛି। ଅନେକ ନେତା ଗୃହବନ୍ଦୀ ରହିଛନ୍ତି।



ହଂକଂରେ ସରକାର ବିରୋଧୀ ବିକ୍ଷୋଭ ଜାରି ରହିଥିବାବେଳେ ଆନ୍ଦୋଳନକାରୀମାନେ ରବିବାର ଚାର୍ଟର ଗାର୍ଡେନରୁ ଆମେରିକା କନ୍‌ସୁଲେଟ୍ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଛନ୍ତି। ୫ ଦାବି ପୂରଣ ସକାଶେ ଅନ୍ତର୍ଜାତୀୟ ସମୁଦାୟର ସମର୍ଥନ ହାସଲ ପାଇଁ ବିକ୍ଷୋଭକାରୀମାନେ ହାତର ପାଞ୍ଚ ଅଙ୍ଗୁଳି ଦେଖାଉଛନ୍ତି।

## ଉଚ୍ଛେଦ ହେବନି ଅନୁଚ୍ଛେଦ ୩୭୧

ଗୁଆହାଟୀ,୮।୯(ପି.ଟି.)

ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ସୁବିଧା ଯୋଗାଉଥିବା ସମ୍ବିଧାନର ଅନୁଚ୍ଛେଦ ୩୭୧କୁ କେନ୍ଦ୍ର ସରକାର ଛୁଇଁବେ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ରବିବାର ସ୍ପଷ୍ଟ କରିଛନ୍ତି। ଅନୁଚ୍ଛେଦ ୩୭୦ ଏକ ଅସ୍ଥାୟୀ ବ୍ୟବସ୍ଥା ଥିବାବେଳେ ୩୭୧ ସେପରି ନୁହେଁ। ଦୁଇ ଅନୁଚ୍ଛେଦ ମଧ୍ୟରେ ବହୁତ କିଛି ପାର୍ଥକ୍ୟ ଥିବା ଶାହ ଉତ୍ତରପୂର୍ବାଞ୍ଚଳ ପରିଷଦର ୬୮ତମ ଅଧିବେଶନରେ ଉଦ୍‌ବୋଧନ ଦେଇ କହିଛନ୍ତି। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ କେନ୍ଦ୍ର ସରକାର ଉତ୍ତରପୂର୍ବାଞ୍ଚଳ ରାଜ୍ୟରୁ ଅନୁଚ୍ଛେଦ ୩୭୧ ଉଚ୍ଛେଦ କରିଦେବେ ବୋଲି ସେଠାକାର ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ଗୁଜବ ପ୍ରଚାର କରାଯାଉଛି।



## ୱାଶିଂଟନ ପୋଷ୍ଟ ବିରୋଧରେ କଶ୍ମୀରୀ ପଣ୍ଡିତଙ୍କ ବିକ୍ଷୋଭ

ୱାଶିଂଟନ,୮।୯(ପି.ଟି.)

ଆମେରିକା ଗଣମାଧ୍ୟମ ୱାଶିଂଟନ ପୋଷ୍ଟ ଜମ୍ମୁ-କଶ୍ମୀର ସମ୍ପର୍କରେ ଏକପାଖିଆ ଖବର ଛାପୁଥିବାରୁ ଏହାର ପ୍ରତିବାଦରେ କଶ୍ମୀରୀ ପଣ୍ଡିତମାନେ ଶନିବାର ଏହାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗ୍ଲୋବାଲ କଶ୍ମୀରୀ ପଣ୍ଡିତ ଡାଏସପୋରା ପକ୍ଷରୁ ଏହି ବିକ୍ଷୋଭର ଆୟୋଜନ କରାଯାଇଥିଲା। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଭାରତ ସରକାର ଉଚ୍ଛେଦ କରିବା ପରେ ଆମେରିକାର ଏହି ଖବରକାଗଜ କ୍ରମାଗତ ଭାବେ ଏକପାଖିଆ ଏବଂ ପକ୍ଷପାତମୂଳକ ଖବର ପ୍ରସାରଣ କରିଆସୁଥିବା ସେମାନେ ଅଭିଯୋଗ କରିଥିଲେ। ଏଭଳି ଖବର ଛାପିବା ଦ୍ୱାରା କଶ୍ମୀର ଆଇନଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆସିବ ନାହିଁ ବୋଲି ସେମାନେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ଅଭିଯୋଗକୁ ୱାଶିଂଟନ ପୋଷ୍ଟ ପକ୍ଷରୁ ଖଣ୍ଡନ କରାଯାଇଛି। ସେମାନେ ଛାପିଥିବା ଖବର ସମ୍ପୂର୍ଣ୍ଣ ସତ୍ୟ ଓ ଠିକ୍ ବୋଲି ଦାବି କରିଛନ୍ତି।

## ହରିୟାଣାରେ ନିର୍ବାଚନୀ ବିଗୁଲ ବଜାଇଲେ ମୋଦି

ରୋହତକ୍,୮।୯(ଆଇଏଏନ୍‌ଏସ୍)

ବିଧାନସଭା ନିର୍ବାଚନ ହେବାକୁ ଥିବା ହରିୟାଣାରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସରକାରର ପ୍ରଥମ ୧୦୦ ଦିନର ରିପୋର୍ଟ କାର୍ଡ ଉପସ୍ଥାପନ କରିବା ସହ ନିର୍ବାଚନୀ ବିଗୁଲ ବଜାଇଛନ୍ତି। ସେ ମନୋହରଲାଲ୍ ଖଟ୍ଟର ସରକାରଙ୍କୁ ଭୂୟଶୀ ପ୍ରଶଂସା କରିଥିଲେ। ହରିୟାଣାରେ ଭାଜପା ସରକାର ଦୁର୍ନୀତି ଓ ବଂଶଗତ ରାଜନୀତି ବିରୋଧରେ ଲଢ଼େଇ ଚଳାଇଥିବା ପ୍ରଧାନମନ୍ତ୍ରୀ କହିଥିଲେ।



ଜଳ ସଂରକ୍ଷଣ ଲାଗି ବର୍ଷାଜଳ ଅମଳ ପ୍ରଯୁକ୍ତି ଆପଣାଇବା ପାଇଁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେବା ସହ ୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦୁଇଗୁଣା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ମୋଦି ସେଠାରେ ୨୦୦୦ କୋଟି ଟଙ୍କାର ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

## କେସିଆର୍ କ୍ୟାବିନେଟରେ ପୁଅ, ପୁତୁରା

ହାଇଦ୍ରାବାଦ,୮।୯(ଆଇଏଏନ୍‌ଏସ୍)

ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ରବିବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ନୂଆ ମନ୍ତ୍ରୀ ହୋଇଥିବା ୬ ଜଣଙ୍କ ମଧ୍ୟରେ କେସିଆର୍‌ଙ୍କ ପୁଅ କେ.ଟି. ରାମା ରାଓ ଏବଂ ପୁତୁରା ଟି. ହରିଶ ରାଓ ଅଛନ୍ତି। ନୂତନ ରାଜ୍ୟପାଳ ଭାବେ ତମିଲିସାଇ ସୌନ୍ଦରରାଜନ ଶପଥ ଗ୍ରହଣ କରିବାର କିଛି ସମୟ ପରେ ନୂଆ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଅନ୍ୟ ଯେଉଁମାନେ ଶପଥ ନେଇଛନ୍ତି ସେମାନେ ହେଲେ ପି. ସବିତା ଇନ୍ଦ୍ର ରେଡ୍ଡୀ, ଗଙ୍ଗୁଲା କମଳାକର, ପୁଭଡା ଅଜୟ କୁମାର ଏବଂ ସତ୍ୟବତୀ ରାଠୋଡ।



କେ.ଟି. ରାମା ରାଓ | ଟି. ହରିଶ ରାଓ

## ଶାନ୍ତି ଆଲୋଚନା ରଦ୍ଦ କଲେ ଟ୍ରମ୍ପ୍

ୱାଶିଂଟନ/କାବୁଲ, ୮।୯(ପି.ଟି./ଆଇଏଏନ୍‌ଏସ୍)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ତାଲିବାନ ସହ ଶାନ୍ତି ଆଲୋଚନା ରଦ୍ଦ କରିଦେଇଛନ୍ତି। ଆଫଗାନିସ୍ତାନ ରାଷ୍ଟ୍ରପତି ଅଶ୍ରଫ୍ ଗନି ଓ ତାଲିବାନ ନେତାମାନଙ୍କ ସହ କ୍ୟାମ୍ପ୍ ଡେଭିଡ୍‌ରେ ହେବାକୁ ଥିବା ଗୁପ୍ତ ବୈଠକକୁ ସେ ବାତିଲ କରିଦେଇଛନ୍ତି। ଗୁରୁବାର ଜଣେ ଆମେରିକୀୟ ସୈନ୍ୟଙ୍କ ସମେତ ୧୨ ଜଣ ନିହତ ହୋଇଥିବା ଆକ୍ରମଣ ପାଇଁ ତାଲିବାନ ନିଜକୁ ଦାୟୀ କରିବା ପରେ ସେ ଏହି ପଦକ୍ଷେପ ନେଇଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତି ଯୋଗୁ ଆମେରିକା କ୍ଷତିଗ୍ରସ୍ତ ହେବ ବୋଲି ତାଲିବାନ ଧମକ ଦେଇଛି।

ଆମେରିକାର ମେରିଲାଣ୍ଡସ୍ଥିତ କ୍ୟାମ୍ପ୍ ଡେଭିଡ୍‌ରେ ଏକ ଗୁପ୍ତ ବୈଠକ ହେବାର ଥିଲା। ସେଥିରେ ଆଫଗାନିସ୍ତାନ ପ୍ରତିପକ୍ଷ ଗନି ଓ ତାଲିବାନର ଶୀର୍ଷ ନେତାମାନେ ପୃଥକ ଭାବେ ଯୋଗଦେଇ ଟ୍ରମ୍ପ୍‌ଙ୍କ ସହ ଆଲୋଚନା କରିବାର ଥିଲା। ତେବେ ତାଲିବାନ ସହ ଶାନ୍ତି ଚୁକ୍ତି ଏକପ୍ରକାର ଚୂଡ଼ାନ୍ତ ହେବାକୁ ଥିବାବେଳେ ଶେଷ ମୁହୂର୍ତ୍ତରେ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଟ୍ରମ୍ପ୍। ସେ କହିଛନ୍ତି, କାବୁଲରେ ତାଲିବାନର ଆକ୍ରମଣରେ ଆମର ଜଣେ ସୈନ୍ୟ ଓ ୧୧ ସାଧାରଣ ନାଗରିକ ନିହତ ହୋଇଛନ୍ତି। ସେଥିପାଇଁ ଶାନ୍ତି ଆଲୋଚନାକୁ ବାତିଲ କରାଯାଉଛି।



### ଆମେରିକାକୁ ଧମକ ଦେଲା ତାଲିବାନ

ତାଲିବାନ ନେତୃତ୍ୱରେ ଯୁଦ୍ଧ ଓ ହିଂସା ଜାରି ରହିଥିବା ଯାଏ ତା' ସହ ଶାନ୍ତି ଆଲୋଚନା ହେବନାହିଁ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଏହାର ପ୍ରତିକ୍ରିୟାରେ ତାଲିବାନ ମୁଖପାତ୍ର ଜବିହୁଲ୍ଲା ଟୁଇଟ୍ କରି କହିଛନ୍ତି, ଆମେରିକା ତା'ର ଶାନ୍ତି ବିରୋଧୀ ଆଭିମୁଖ୍ୟ ଯୋଗୁ ଅଧିକ କ୍ଷତିଗ୍ରସ୍ତ ହେବ। ତଥାପି ଆମେ ଆଲୋଚନାର ଦ୍ୱାର ଖୋଲା ରଖିଛୁ। ପ୍ରକାଶ ଯେ, ୨୦୦୧ ସେପ୍ଟେମ୍ବର ୧୧ ଆମେରିକା ଆକ୍ରମଣ ପରେ ୱାଶିଂଟନ ନେତୃତ୍ୱରେ ଆଫଗାନିସ୍ତାନରେ ଆତଙ୍କବାଦ ବିରୋଧୀ ଅଭିଯାନ ଦୃଢ଼ ହୋଇଥିଲା।

## ଖ୍ୟାତି ଆଣି ଦେଇଥିଲା ହାଇପ୍ରୋଫାଇଲ ମାମଲା

ନୂଆଦିଲ୍ଲୀ,୮।୯

୯୬ତମ ଜନ୍ମଦିନ ପାଳନର ମାତ୍ର ୬ ଦିନ ପୂର୍ବରୁ ଖ୍ୟାତନାମା ଆଇନଜୀବୀ ରାମ ଜେଠମାଲାନିଙ୍କର ରବିବାର ସକାଳେ ପରଲୋକ ହୋଇଯାଇଛି। ସେ ଦେଶର ଅନ୍ୟତମ ସର୍ବାଧିକ ପାଉଣା ନେଉଥିବା ଆଇନଜୀବୀ ଏବଂ କେନ୍ଦ୍ରରେ ଆଇନ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଥିଲେ। ସେ ଭାରତର ବାର୍ କାଉନସିଲ୍ ସଭାପତି ମଧ୍ୟ ରହିଥିଲେ।

୧୯୨୩ ସେପ୍ଟେମ୍ବର ୧୪ରେ ସିନ୍ଧରେ ଜନ୍ମିତ ଜେଠମାଲାନି ମାତ୍ର ୧୭ ବର୍ଷ ବୟସରେ ଆଇନ ଡିଗ୍ରୀ ହାସଲ କରି ଦେଶ ବିଭାଜନ ପର୍ଯ୍ୟନ୍ତ କରାଚୀରେ ଆଇନ ବ୍ୟବସାୟ କରୁଥିଲେ। ସେ ବହୁ ବଡ଼ ମାମଲାରେ ଆଇନ ଖିଲାପକାରୀଙ୍କ ସପକ୍ଷରେ ଲଢ଼ି ଖବରକାଗଜର ଶିରୋନାମା ମଣ୍ଡନ କରିଥିଲେ। ଶ୍ରେଷ୍ଠ ଫୌଜଦାରି ଓକିଲ ଭାବେ ସେ ଦେଶର ବହୁ କ୍ଷମତାଶାଳୀ ବ୍ୟକ୍ତିଙ୍କ ପାଇଁ ମାମଲା ଲଢ଼ିଛନ୍ତି। ଅଦାଲତ ପ୍ରକୋଷ୍ଠରେ ସାକ୍ଷୀଙ୍କୁ ଗୁଡେଇଗୁଡେଇ ପ୍ରଶ୍ନ କରିବା କୌଶଳ ପାଇଁ ସେ ଜଣାଶୁଣା ଥିଲେ।

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପାଇଁ ମାମଲା ଲଢୁଥିଲେ ଜେଠମାଲାନି।



### ୧୭ ବର୍ଷ ବୟସରେ ଆଇନ ଡିଗ୍ରୀ ହାସଲ କରିଥିଲେ ଜେଠମାଲାନି

ଏହା ବ୍ୟତୀତ ବହୁଚର୍ଚ୍ଚିତ ଜେସିକା ଲାଲ୍ ହତ୍ୟା ମାମଲାରେ ମନୁ ଶର୍ମାଙ୍କର ଓକିଲ ଥିଲେ ସେ। ବହୁକୋଟି ଟଙ୍କାର ଶେୟାର ବଜାର ଦୁର୍ନୀତି ମାମଲାରେ ସେ ହର୍ଷଦ ମେହେଟ୍ଟା ଏବଂ କେତନ ପାରେଖଙ୍କ ପାଇଁ ମାମଲା ଲଢ଼ିଥିଲେ।

କରାଚୀ ଦଙ୍ଗା ପରେ ୧୯୪୮ ଫେବୃୟାରୀରେ ଜେଠମାଲାନି ଭାରତ ଆସି ବମ୍ବେ ହାଇକୋର୍ଟରେ ସେ ତତ୍କାଳୀନ ବମ୍ବେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ଦ୍ୱାରା ଗୃହୀତ ଆଇନ ବିରୋଧରେ ଲଢ଼ି ଜିତିଥିଲେ। ୧୯୬୨ରେ ନାନାବତୀ ମାମଲା ତାଙ୍କ ଜୀବନର ମୋଡ଼ ବଦଳାଇଦେଇଥିଲା। ତ୍ରିକୋଣୀୟ ପ୍ରେମରୁ ଏହି ହତ୍ୟାକାଣ୍ଡ ହୋଇଥିଲା, ଯେଉଁଥିରେ ନୌସେନା କମାଣ୍ଡର କେ.ଏମ୍ ନାନାବତୀ ସମ୍ପୃକ୍ତ ଥିଲେ। ନୌସେନା କମାଣ୍ଡର ସ୍ତ୍ରୀଙ୍କ ପ୍ରେମିକ ଆହୁଜାଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣା ସେତେବେଳେ ଦେଶବ୍ୟାପୀ ଚର୍ଚ୍ଚା ହୋଇଥିଲା। ରାୟକୁ ନେଇ ପାର୍ସୀ ଓ ସିନ୍ଧି ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେବାରୁ ଭାଇ ହତ୍ୟାକୁ ଭୁଲିଯିବା ପାଇଁ ମାମି ଆହୁଜାଙ୍କୁ ବୁଝାଇବାରେ ଜେଠମାଲାନି ସକ୍ଷମ ହୋଇଥିଲେ। ଭାଇର ହତ୍ୟାକାରୀଙ୍କୁ କ୍ଷମା ଦେବାପାଇଁ ମାମି କୋର୍ଟଙ୍କୁ ପତ୍ର ଲେଖିଥିଲେ।

୧୯୭୫ ଜୁନ୍ ୨୫ ରାତିରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜରୁରୀ ପରିସ୍ଥିତି ଜାରି କରିଥିଲେ। ସେତେବେଳେ ଶହ ଶହ ରାଜନେତା ଓ ଖବରଦାତାଙ୍କୁ ଜେଲ ପଠାଯାଇଥିଲା କିମ୍ବା ଗୃହବନ୍ଦୀ କରାଯାଇଥିଲା। ଶାନ୍ତି ଭୂଷଣଙ୍କ ନେତୃତ୍ୱରେ ୧୨ ଆଇନଜୀବୀ ବେଆଇନ ଗିରଫଦାରିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଜେଠମାଲାନି। ଜରୁରୀ ପରସ୍ଥିତି ବେଳେ ଜୀବନ ଧାରଣ ଅଧିକାର ଭଳି ମୌଳିକ ଅଧିକାର ଉଚ୍ଛେଦ କରିବା ଅଧିକାର ସରକାରଙ୍କର ଅଛି କି ବୋଲି ସେ ସର୍ବୋଚ୍ଚ ଅଦାଲତରେ ପ୍ରଶ୍ନ କରିଥିଲେ। ସୁପ୍ରିମକୋର୍ଟ ସରକାରଙ୍କ ସପକ୍ଷରେ ରାୟ ଦେଇଥିଲେ ବି ୫ ଜଣିଆ ଖଣ୍ଡପୀଠର ଜଣେ ବିଚାରପତି ଏହା ବିରୋଧରେ ମତ ଦେଇଥିଲେ।

ଇନ୍ଦିରା ଗାନ୍ଧୀ ହତ୍ୟା ମାମଲାରେ ଅଭିଯୁକ୍ତ ବଲବୀର ସିଂ ଓ ଖେହର ସିଂଙ୍କ ପାଇଁ ଜେଠମାଲାନି ମାମଲା ଲଢ଼ିଥିଲେ। ତେବେ ସେ ଅଙ୍ଗରକ୍ଷୀ ଖେହର ସିଂଙ୍କୁ ମୃତ୍ୟୁଦଣ୍ଡରୁ ବଞ୍ଚାଇପାରି ନ ଥିଲେ। ସେହିପରି ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ଜେଲରେ ୨୩ ବର୍ଷ କଟାଇସାରିଥିବାରୁ ଏଲ୍‌ଟିଟିଇ କର୍ମୀ ମୁରୁଗାନଙ୍କ ମୃତ୍ୟୁଦଣ୍ଡ କୋହଳ କରିବା ପାଇଁ କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ ଜେଠମାଲାନି।

ହର୍ଷଦ ମେହେଟ୍ଟା ଷ୍ଟକ୍ ମାର୍କେଟ ଦୁର୍ନୀତି ମାମଲାରେ ମେହେଟ୍ଟା ପରିବାର ପାଇଁ ଜେଠମାଲାନି ମକଦ୍ଦମା ଲଢ଼ିଥିଲେ। ଏହା ବ୍ୟତୀତ ଅନେକ ହାଇପ୍ରୋଫାଇଲ ମାମଲା ଯଥା ୨୦୦୧ ପାର୍ଲାମେଣ୍ଟ ଭବନ ଆକ୍ରମଣ, ଜେସିକା ଲାଲ୍ ହତ୍ୟା ମାମଲାରେ ମନୁ ଶର୍ମାଙ୍କ ପାଇଁ, ହାୱାଲା ମାମଲାରେ ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡଭାନୀଙ୍କ ପାଇଁ ଏବଂ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଜୟଲଳିଥାଙ୍କ ପାଇଁ ଏହି ବରିଷ୍ଠ ଆଇନଜୀବୀ ଲଢ଼ିଥିଲେ। ସେହିପରି ୨ଜି ଦୁର୍ନୀତି ମାମଲାରେ କାନିମୋଝିଙ୍କ ପାଇଁ, ଗୋଖାଦ୍ୟ ଦୁର୍ନୀତି ମାମଲାରେ ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବଙ୍କ ପାଇଁ ଏବଂ ଖଣି ଦୁର୍ନୀତି ମାମଲାରେ ବି.ଏସ୍. ୟେଦୁରପ୍ପାଙ୍କ ଓକିଲ ଥିଲେ ଜେଠମାଲାନି।

## ସଂକ୍ଷେପରେ

### ହୀରାକୁଦ ଡ୍ୟାମ୍‌ରେ ୨୦ଟି ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର, ୮।୯ (ବ୍ୟୁରୋ): ହୀରାକୁଦ ଡ୍ୟାମ୍ ଉପରମୁଣ୍ଡରେ ୨ ଦିନ ହେଲା ବର୍ଷା ଲାଗି ରହିଛି। ଫଳରେ ଡ୍ୟାମର ଜଳସ୍ତର ବଢୁଛି। ଏଣୁ ରବିବାର ରାତି ୯ଟା ପର୍ଯ୍ୟନ୍ତ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଡ୍ୟାମ୍ ଭିତରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୨୯ ହଜାର ୦୩୯ କ୍ୟୁସେକ ପାଣି ପ୍ରବେଶ କରୁଛି। ହେଲେ ପ୍ରତି ସେକେଣ୍ଡରେ ଡ୍ୟାମରୁ ୩ ଲକ୍ଷ ୪୧ ହଜାର ୭୪୪ କ୍ୟୁସେକ ପାଣି ନିଷ୍କାସିତ ହେଉଛି । ହୀରାକୁଦ ଡ୍ୟାମ୍‌ର ଜଳଧାରଣ କ୍ଷମତା ୬୩୦ ଫୁଟ ଥିବାବେଳେ ରାତି ସୁଦ୍ଧା ଜଳସ୍ତର ୬୨୫.୫୬ ଫୁଟ ରହିଛି । ଡ୍ୟାମ୍ ପ୍ରତି ବିପଦ ନ ଥିଲେ ମଧ୍ୟ ଏହା ଚିନ୍ତାର କାରଣ ହୋଇଛି । ଉପର ମୁଣ୍ଡରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଛତିଶଗଡ ଜଳସମ୍ପଦ ବିଭାଗ ସହ ଆଲୋଚନା କରି ଜଳ ନିୟନ୍ତ୍ରଣ କରାଯାଉଛି ।

### ହୃଦ୍‌ଘାତରେ କଏଦୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୮।୯: ହୃଦ୍‌ଘାତରେ ଜଣେ ବିଚାରାଧୀନ କଏଦୀଙ୍କର ଏମ୍‌କେସିଜି ମେଡିକାଲରେ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ କୀର୍ତ୍ତନ ନାୟକ (୭୩) । ତାଙ୍କ ଘର ଗଞ୍ଜାମ ଜିଲା ବଡଗଡ ଥାନା ଅନ୍ତର୍ଗତ ବାଣପୁରରେ ବୋଲି ପୋଲିସ କହିଛି। ପ୍ରକାଶ ଯେ, ୨୦୧୮ ଅକ୍ଟୋବର ୨୮ରେ କୀର୍ତ୍ତନ ଏକ ହତ୍ୟା ଅଭିଯୋଗରେ ସମ୍ପୃକ୍ତ ଥାଇ ଗିରଫ ହୋଇ ସୋରଡା ଜେଲରେ ବିଚାରାଧୀନ କଏଦୀ ଭାବେ ଥିଲେ। ସେ ପକ୍ଷାଘାତ ଓ ହୃଦ୍‌ଘାତ ରୋଗରେ ଆକ୍ରାନ୍ତ ଥିଲେ। ଜୁଲାଇ ୧୮ ତାରିଖରେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବ୍ରହ୍ମପୁର ଅଣାଯାଇ ମଣ୍ଡଳ କାରାଗାରରେ ରଖାଯାଇଥିଲା। ସେଠାରେ ସେ ଗୁରୁତର ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେ ପୁରୁଷ ମେଡ଼ିସିନ ୱାର୍ଡର ୩୬ ନଂ.ବେଡରେ ରହି ଚିକିତ୍ସିତ ହେଉଥିଲେ। ହୃଦ୍‌ଘାତରେ ରବିବାର ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ପ୍ରଦୀପ କୁମାର ମହାରଣା, କୀର୍ତ୍ତନଙ୍କ ସ୍ତ୍ରୀ ବିଶାନ୍ଦ ନାୟକ, ଭାଇ ମୁରଲୀ ନାୟକ, ପୁତୁରା ମହେଶ୍ୱର ନାୟକ, ଭଣଜା ବ୍ରହ୍ମା ପରିଡା ଓ ପୋଲିସ ଉପସ୍ଥିତିରେ ତାଙ୍କ ମୃତଦେହ ପଞ୍ଚନାମା କରି ବ୍ୟବଛେଦ ପାଇଁ ପଠାଇଥିଲା। ମେଡିକାଲ ଫାଣ୍ଡି ପୋଲିସ ନଂ. ୪୭୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

■ ରାସ୍ତାରେ ନାବାଳିକାଙ୍କୁ ଅସଦାଚରଣ

### ପୋଲିସ କର୍ମଚାରୀ ଗିରଫ

ବାରିପଦା ଅଫିସ,୮।୯-ଲୋକଙ୍କୁ ସୁରକ୍ଷା ଓ ସହାୟତା ଦେଇ ଅପରାଧ ନିୟନ୍ତ୍ରଣ କରିବା ଦାୟିତ୍ୱରେ ରହିଛି ପୋଲିସ । ଏହି ବିଭାଗର କେତେକ କର୍ମଚାରୀଙ୍କ ମାତ୍ରାଧିକ ତଥା ଅନୈତିକ କାର୍ଯ୍ୟ ବିଭିନ୍ନ ସମୟରେ ଚର୍ଚ୍ଚାକୁ ଆସୁଛି। ମୟୂରଭଞ୍ଜ ଜିଲା ପୋଲିସ ବିଭାଗରେ ଚପରାଶି ଭାବେ କାମ କରୁଥିବା ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଜବାହାରଲାଲ ବେହେରା ରବିବାର ଅପରାହ୍ନରେ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମ ରାସ୍ତାରେ ଟ୍ୟୁଶନ ସାରି ଘରକୁ ଫେରୁଥିବା ଜଣେ ନାବାଳିକାଙ୍କୁ ଅସଦାଚରଣ କରି ଗିରଫ ହୋଇଛନ୍ତି। ଏହି ଘଟଣା ସହରରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ନାବାଳିକାଙ୍କ ପରିବାରବର୍ଗ ବାରିପଦା ଟାଉନ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କର ୮ ବର୍ଷର ଝିଅ ଟ୍ୟୁସନ ସାରି ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଜବାହାରଲାଲ ରାସ୍ତାରେ ତାଙ୍କୁ ଅସଦାଚରଣ କରିବା ସହ ଏକ ନିଛାଟିଆ ସ୍ଥାନକୁ ଟାଣି ଟାଣି ନେଇ ଯାଇଥଲେ। ନାବାଳିକା ଜଣଙ୍କ ସେଠାରୁ କୌଶଳକ୍ରମେ ଖସି ଆସି ଘର ଲୋକଙ୍କୁ ସବୁ କଥା ଜଣାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଧାଇଁ ଯାଇ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରି ଏକ ଗଛରେ ବାନ୍ଧି ପକାଇଥିଲେ। ଏହି କର୍ମଚାରୀ ସେତେବେଳେ ଲୁଙ୍ଗି ଓ ଗଞ୍ଜି ପିନ୍ଧିଥିଲେ। ଖବର ପାଇ ବାରିପଦା ଟାଉନ ପୋଲିସ ପହଞ୍ଚି ଜବାହାରଲାଲଙ୍କୁ ସେଠାରୁ ଉଦ୍ଧାର କରି ଥାନାକୁ ନେଇଯାଇ ପଚାରାଉଚୁରା କରି ଥିଲା। ଏହାମଧ୍ୟରେ ନାବାଳିକାଙ୍କ ପରିବାର ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା (ନଂ.୨୦୫/୧୯) ରୁଜୁ କରି ତାଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି। ଗିରଫ କର୍ମଚାରୀ ନାବାଳିକାଙ୍କୁ ଅସଦାଚରଣ କରି ନାହାନ୍ତି, କେବଳ ତାଙ୍କ ସହ କଥା ହୋଇଥିଲେ ବୋଲି ସଫେଇ ଦେଇଛନ୍ତି। ଇତି ମଧ୍ୟରେ ଏସ୍‌ପି ଏହି ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଥିବା ଜଣାପଡ଼ିଛି।

■ ପୁରୀରେ ପୁଣି ଆରମ୍ଭ ହେଲା ଉଚ୍ଛେଦ ଅଭିଯାନ

# ଭଙ୍ଗାଗଲା ବଡ଼ ଆଖଡ଼ା ମଠ

ପୁରୀ ଅଫିସ, ୮।୯



ବଡ଼ ଛତା ମଠ ଭଙ୍ଗାଯାଉଛି।

■ ମାଟିରେ ମିଶିଲା ୭୦ରୁ ଉର୍ଦ୍ଧ୍ୱ ବଖରା
■ ଏବେ ସାନଛତା, ମଙ୍ଗୁ ମଠ ପାଳି
■ ଭଙ୍ଗାଯିବ ମ୍ୟୁନିସିପାଲିଟି ହସ୍ପିଟାଲ

ଅସହମତି ଏବଂ ଅସନ୍ତୋଷ ଯୋଗୁ ପୁରୀରେ କିଛିଦିନ ଧରି ବନ୍ଦ ରହିଥିବା ଉଚ୍ଛେଦ ଅଭିଯାନ ପୁଣି ରବିବାରଠାରୁ ଆରମ୍ଭ ହୋଇଛି। ଯେଉଁ ବଡ଼ ଆଖଡା ମଠ ପାଖରେ ପ୍ରଶାସନ ଝୁଣ୍ଟି ପଡିଥିଲା ସେହିଠାରୁ ହିଁ ଆରମ୍ଭ କରିଛି ଉଚ୍ଛେଦ କାର୍ଯ୍ୟ । ଲଙ୍ଗୁଳି ଏବଂ ଏମାର ମଠ ପରେ ଶ୍ରୀକ୍ଷେତ୍ରର ପୁଣି ଏକ ପୁରାତନ ମଠ ତା'ର ସତ୍ତା ହରାଇଛି। ଠାକୁରଙ୍କ ବିଜେସ୍ଥଳୀ, ମନ୍ଦିର ଏବଂ ସେବାପୂଜା ପାଇଁ ଉଦ୍ଦିଷ୍ଟ ୪/୫ ବଖରା ଘରକୁ ବାଦ୍ ଦିଆଯାଇ ମାଟିରେ ମିଶାଇ ଦିଆଯାଇଛି ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ବଖରା । ତେବେ ବଡ଼ ଆଖଡା ମଠ ପରେ ଆଗକୁ ସାନଛତା ଏବଂ ମଙ୍ଗୁ ମଠର ପାଳି। ପୁଣି ଭଙ୍ଗାଯିବ ଦୋଳବେଦି କୋଣଠାରେ ଥିବା ମ୍ୟୁନିସିପାଲିଟି ହସ୍ପିଟାଲ। ଆମିକସ୍ କ୍ୟୁରିଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ପ୍ରଶାସନ ଉଚ୍ଛେଦ ଅଭିଯାନକୁ ଜୋର୍‌ଦାର କରିଛି। ଆଗକୁ ଏହି କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ସୂଚନା ମିଳିଛି।

ଗତ ମଙ୍ଗଳବାର ବଡ଼ ଆଖଡା ମଠ ଭାଙ୍ଗିବାକୁ ପ୍ରଶାସନ ସ୍ଥିର କରିଥିଲା। ଅସୁରକ୍ଷିତ ଏହି ମଠକୁ ଭାଙ୍ଗିବା ଲାଗି ପ୍ରଶାସନ ପକ୍ଷରୁ ନୋଟିସ୍ ଦିଆଯିବା ପରେ ମଠରେ ଚାଲୁଥିବା ସିଂହଦ୍ୱାର ଥାନା ଏବଂ ଦୋକାନ ଘରଗୁଡ଼ିକ ମଧ୍ୟ ଖାଲି କରାଯାଇଥିଲା। ହେଲେ ସେହିଦିନ ସକାଳେ ମଠରେ ସାଧୁସନ୍ଥ ମେଳି ବାନ୍ଧିବା ସହ ଧାରଣା ଦେଇଥିଲେ। ଫଳରେ ପ୍ରଶାସନ ଉଚ୍ଛେଦରୁ ଦୂରେଇ ରହିଥିଲା। ଏହା ପରେ ମହନ୍ତଙ୍କୁ ଡାକି ଆଲୋଚନା କରାଯାଇଥିଲା। ତଥାପି ଏହାକୁ ନେଇ ଅସନ୍ତୋଷ ଲାଗି ରହିଥିଲା। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଉଚ୍ଛେଦର ବାସ୍ତବ ସ୍ଥିତି ପରଖିବାକୁ ଆସିଥିବା ଆମିକସ୍ କ୍ୟୁରି ରଞ୍ଜିତ କୁମାର ଶନିବାର ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସବୁଜ ସଙ୍କେତ ଦେବା ପରେ ପୁଣି ବଦଳି ଯାଇଥିଲା ସ୍ଥିତି। ଗଣେଶ ପୂଜା ଲାଗି ମଠ ସମ୍ମୁଖରେ ଦୁଇଟି ଅସ୍ଥାୟୀ ମଣ୍ଡପ ତିଆରି କରାଯାଇଥିବାରୁ ପ୍ରାୟ ୧୦ ବଖରା ଉଚ୍ଛେଦ ହୋଇପାରିନାହିଁ। ପ୍ରାୟ ସାଢେ ୫ଟାରେ ଗଣେଶଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯିବା ପରେ ଉଚ୍ଛେଦ ଆରମ୍ଭ କରାଯାଇଥିଲା। ହେଲେ ସନ୍ଧ୍ୟା ହୋଇଯିବାରୁ ପ୍ରଶାସନ ଉଚ୍ଛେଦକୁ ବନ୍ଦ କରିଥିଲା। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କରାଯାଇଥିଲା।

ଏହି ଉଚ୍ଛେଦ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଦାଶ କହିଛନ୍ତି, ବଡ଼ ଆଖଡା ମଠ ଗାଦିଘର, ମନ୍ଦିର ଏବଂ ପୂଜା ପାଇଁ ଆବଶ୍ୟକ ପ୍ରାୟ ୫ ବଖରା ଘର ବାଦ୍ ଦିଆଯାଇ ଅନ୍ୟାନ୍ୟ ନିର୍ମାଣକୁ ଭଙ୍ଗାଯାଇଛି। ବଳକା ଘର ସୋମବାର ଭଙ୍ଗାଯିବ। ଉଚ୍ଛେଦ କାର୍ଯ୍ୟକୁ ଶୃଙ୍ଖଳିତ କରିବା ଲାଗି ୬ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମେତ ଦୁଇ ସିଫ୍ଟରେ ୨୪ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ। ମଠ ଉଚ୍ଛେଦ କାର୍ଯ୍ୟ ପ୍ରାୟ ୨ ଦିନ ଲାଗିବ। ତେବେ ମଠରେ ରହୁଥିବା ବିଦ୍ୟାର୍ଥୀ ଏବଂ ଅନ୍ୟମାନଙ୍କ ରହିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଉଚ୍ଛେଦ ସ୍ଥଳରୁ ଭଗ୍ନାବଶେଷ ସ୍ଥାନାନ୍ତର କରାଯାଇ ସେହି ଜାଗାକୁ ସମତଳ କରାଯାଉଛି। ଏହାଦ୍ୱାରା ଭକ୍ତଙ୍କ ଯିବା ଆସିବାରେ ଯେପରି କୌଣସି ପ୍ରକାର ଅସୁବିଧା ନ ହେବ ତାହାକୁ ଦୃଷ୍ଟିରେ ରଖି ଏହା କରାଯାଉଛି ବୋଲି ଅତିରିକ୍ତ ଜିଲାପାଳ କହିଥିଲେ।

ବିଧାୟକଙ୍କ ଫେସ୍‌ବୁକ ଆକାଉଣ୍ଟ ହ୍ୟାକ୍ ସନ୍ଦେହ

# ଷ୍ଟାଟସରେ ଅଶ୍ଳୀଳ ଫଟୋ

ଜୟପୁର,୮।୯(ଡି.ଏନ.ଏ.): ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଫେସ୍‌ବୁକ ଆକାଉଣ୍ଟ ହ୍ୟାକ କରାଯାଇଥିବା ସନ୍ଦେହ କରାଯାଉଛି। ଏହାର ଷ୍ଟାଟ୍‌ସ୍‌ରେ ଅଶ୍ଳୀଳ ଫଟୋ ଥିବା ନେଇ ଚର୍ଚ୍ଚାର ବିଷୟ ହୋଇଛି। ଗତ ଶନିବାର ରାତି ୨ ଟାଠାରୁ ରବିବାର ପୂର୍ବାହ୍ନ ୧୦ଟା ୫୮ ମିନିଟ ପର୍ଯ୍ୟନ୍ତ ବିଧାୟକ ବାହିନୀପତିଙ୍କ ଫେସବୁକ ଆକାଉଣ୍ଟର ଷ୍ଟାଟସ୍‌ରେ ଓ ମାଇଷ୍ଟୋରିରେ ଅଶ୍ଳୀଳ ଫଟୋ ଦୃଶ୍ୟମାନ ହୋଇଥିଲା । ବିଧାୟକଙ୍କ ଫେସବୁକ ଆକାଉଣ୍ଟ ପରିଚାଳନା କରୁଥିବା ସହଯୋଗୀ ଏହା ଜାଣିବା ପରେ ତୁରନ୍ତ ଏହାକୁ ଡିଲିଟ୍ କରିବା ସହିତ ପାସୱାର୍ଡ ପରିବର୍ତ୍ତନ କରି ଦେଇଥିଲେ। କିନ୍ତୁ ଏପରି କାର୍ଯ୍ୟ କିଏ କରିଛି ଏହାର ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି । ଏ ସମ୍ପର୍କରେ ବିଧାୟକ ବାହିନୀପତିଙ୍କୁ ପଚାରିବାରୁ, ଏ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହିତ ଏହା ତାଙ୍କର ଅବଗତରେ ନାହିଁ ବୋଲି କହିଥିଲେ । କିନ୍ତୁ ଏଥିନେଇ ସେ ତନାଘନା କରିବେ ବୋଲି କହିଛନ୍ତି । ସେହିପରି ଜୟପୁର ଟାଉନଥାନା ଅଧିକାରୀଙ୍କୁ ପଚାରିବାରୁ, ଘଟଣା ସମ୍ପର୍କରେ ତାଙ୍କ ନିକଟରେ ସୂଚନା ଅଛି । କିନ୍ତୁ କୌଣସି ଅଭିଯୋଗ ହୋଇନାହିଁ ବୋଲି କହିଛନ୍ତି । କୌଣସି ଅସାମାଜିକ ବ୍ୟକ୍ତି ବିଧାୟକଙ୍କୁ ବଦନାମ କରିବାକୁ ଏହିପରି ହ୍ୟାକ କରିବା ସହିତ ଅଶ୍ଳୀଳ ଫଟୋ ଅପ୍‌ଲୋଡ କରିଥିବା ନେଇ ତାଙ୍କର ସମର୍ଥକମାନେ ଅଭିଯୋଗ କରିଛନ୍ତି।

■ ଆଜି ୮ ଜିଲାରେ ପ୍ରବଳ ବର୍ଷା

# ଆଭ୍ୟନ୍ତରୀଣ, ଉପକୂଳ ଓଡ଼ିଶାରେ ଝଡ଼ତୋଫାନ ସମ୍ଭାବନା

ଭୁବନେଶ୍ୱର, ୮।୯(ବ୍ୟୁରୋ)

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଏହିକ୍ରମରେ ଆସନ୍ତା ୨୪ ଘଣ୍ଟା ପ୍ରବଳ ବର୍ଷିବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ରବିବାର ମାଲକାନଗିରିରେ ସର୍ବାଧିକ ୭୦.୨ ମିଲିମିଟର ବର୍ଷା ହୋଇଥିବାବେଳେ କେନ୍ଦୁଝରରେ ୪୯, କୋରାପୁଟରେ ୪୬.୨, ପୁରୀରେ ୩୦.୭, ଅନୁଗୋଳରେ ୨୪, କଟକରେ ୨୦.୪, ବାରିପଦାରେ ୧୪.୮ ମିମି ବର୍ଷା ରେକର୍ଡ କରାଯାଇଛି। ଏହାଛଡ଼ା ଭୁବନେଶ୍ୱର, ବାଲେଶ୍ୱର, ଚାନ୍ଦବାଲି, ପାରାଦୀପ, ସୁନ୍ଦରଗଡ଼, ଭବାନୀପାଟଣା, ଟିଟିଲାଗଡ଼, ଦାରିଙ୍ଗବାଡ଼ି, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଜିଲାର କିଛି ସ୍ଥାନରେ ମଧ୍ୟ ବର୍ଷା ହୋଇଥିବା ସୂଚନା ମିଳିଛି। ସୋମବାର ମୟୂରଭଞ୍ଜ, କୋରାପୁଟ, ସମ୍ବଲପୁର, ନବରଙ୍ଗପୁର, ନୂଆପଡ଼ା, ଝାରସୁଗୁଡ଼ା, ବରଗଡ଼ ଓ କଳାହାଣ୍ଡି ଆଦି ୮ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହ ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସୋମବାର ଝଡ଼ତୋଫାନ ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ସତର୍କ ସୂଚନା ଦେଇଛି। ବୁଧବାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ ଓ ଢେଙ୍କାନାଳ ଆଦି ୬ ଜିଲା ଏବଂ ଗୁରୁବାର କୋରାପୁଟ, ମାଲକାନଗିରି, ଭଦ୍ରକ, ଯାଜପୁର, କେନ୍ଦୁଝର, ଅନୁଗୋଳ, କଟକ, ସୁନ୍ଦରଗଡ଼, ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର ଓ ସୋନପୁର ଆଦି ୧୨ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ଶୋଇଥିବାବେଳେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା

ପାଟଣା/ଢେଙ୍କିକୋଟ, ୮।୯(ସ୍ୱ.ପ୍ର.)

■ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର
■ ଘଟଣାସ୍ଥଳରେ ପୋଲିସ, ସାଇଣ୍ଟିଫିକ ଟିମ୍

କେନ୍ଦୁଝର ଜିଲା ପାଟଣା ବ୍ଲକ ପଲାଶିଘାଟି ପଞ୍ଚାୟତ ଗୁଧୁରାମ ପଡା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଶୋଇଥିବାବେଳେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ଧାରୁଆ ଅସ୍ତ୍ରରେ ହାଣି ପରେ ପଥର କିମ୍ବା କୌଣସି ଓଜନିଆ ଜିନିଷରେ ମୁଣ୍ଡକୁ ଛେଚି ସେମାନଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଏହି ଦମ୍ପତି ବାରଣ୍ଡାରେ ଏକ ଖଟିଆରେ ମଶାରି ଟାଙ୍ଗି ଶୋଇଥିଲେ। ଦୁର୍ବୃତ୍ତମାନେ ସେମାନଙ୍କୁ ହତ୍ୟା କରିବା ପୂର୍ବରୁ ଘରେ ଶୋଇଥିବା ବ୍ରାଇଁ ଓ ତାଙ୍କର ଦୁଇ ଛୋଟ ପୁଅ, ଝିଅଙ୍କୁ ବାହାରପଟୁ କବାଟରେ ଶିକୁଳି ଲଗାଇ ଦେଇଥିଲେ। ରବିବାର ସକାଳେ ଦମ୍ପତିଙ୍କ ବ୍ରାଇଁ ନିଦରୁ ଉଠି କବାଟ ବାହାରୁ ବନ୍ଦ ଥିବା ଦେଖି ଡାକ ପକାଇଥିଲେ। ପଡ଼ିଶା ଲୋକେ କବାଟ ଖୋଲିବାକୁ ଯିବାବେଳେ ଘର ବାରଣ୍ଡାରେ ବୃଦ୍ଧ ଦମ୍ପତି ଚମ୍ପା ମୁଣ୍ଡା (୬୪) ଓ ରାମାଇ ମୁଣ୍ଡା(୬୯)ଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖିଥିଲେ। ଏ ସମ୍ପର୍କରେ ୨୨କି.ମି. ଦୂର ଘଟଗାଁ ଥାନାକୁ ଖବର ଦିଆଯିବାରୁ ପୋଲିସ ପୂର୍ବାହ୍ନ ୧୦ଟାବେଳେ ପହଞ୍ଚି ମୃତଦେହ ଜବତ କରିଥିଲା। କେନ୍ଦୁଝରରୁ ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଯାଇ ତଦନ୍ତ କରିଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ କୌଣସି ଧାରୁଆ ଅସ୍ତ୍ରର ପତ୍ତା ମିଳିନାହିଁ କି ହତ୍ୟାକାରୀଙ୍କ କୌଣସି ସୂଚନା ମିଳିନାହିଁ। ଗୁଣିଗାରେଡ଼ି ସନ୍ଦେହକୁ ନେଇ ଏଭଳି ହତ୍ୟା ଘଟିଥିବା ଗ୍ରାମବାସୀ କହୁଥିବାବେଳେ ପ୍ରକୃତ କାରଣ ଜଣାପଡ଼ିନି ଓ ତଦନ୍ତ ପରେ ସବୁକଥା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ବଣପାହାଡ଼ ଘେରା ଦୁର୍ଗମ ଗୁଧୁରାମ ପଡା ଗ୍ରାମରେ ଏହି ଦମ୍ପତିଙ୍କୁ ହତ୍ୟା ଘଟଣା ଅଞ୍ଚଳରେ ଆତଙ୍କ ଖେଳାଇଛି। ହତ୍ୟାକାଣ୍ଡ ଘଟିଥିବା ସ୍ଥାନର ଦୃଶ୍ୟ ଥିଲା ଅତ୍ୟନ୍ତ ବୀଭତ୍ସ। ଏହି ବୃଦ୍ଧ ଦମ୍ପତିଙ୍କର ୫ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ୫ ଝିଅ ବାହା ହୋଇଯାଇଥିବାବେଳେ ପୁଅ ବାହାରକୁ ଯାଇ କାମଧନ୍ଦା କରୁଛନ୍ତି। ଚମ୍ପା ଓ ରାମାଇ ଘରେ ଏକୁଟିଆ ରହୁଥିଲେ। କିଛି ଦିନ ହେବ ତାଙ୍କ ବ୍ରାଇଁ ୨ ଛୋଟ ପୁଅ ଝିଅଙ୍କୁ ଧରି ବୁଲି ଆସିଥିଲେ। ଗତ ମଙ୍ଗଳବାର ରାତିରେ ତାଙ୍କ ଘରେ କୃଷଭିତ୍ତିକ ହେର ପୂଜା କରାଯାଇଥିଲା। ଏହାର ୪ଦିନ ପରେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା କରାଯିବା ଘଟଣା ନାନା ସନ୍ଦେହ ସୃଷ୍ଟି କରିଛି। ଘଟଗାଁ ଥାନା ଅଧିକାରୀ ବନ୍ଦନା ପାତ୍ର ଏବଂ ଏସଡିପିଓ ରବୀନ୍ଦ୍ର କୁମାର ମଲିକ ତଦନ୍ତ କରି ଫେରିଛନ୍ତି। ଅପରାହ୍ନ ୩ଟାବେଳେ ମୃତଦେହ ବ୍ୟବଚ୍ଛେଦ ଲାଗି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ସନ୍ଧାନୀ କୁକୁର କୌଣସି ସୁରାକ ପାଇ ନ ଥିବାରୁ ହତ୍ୟା ଘଟଣା ରହସ୍ୟଘେରରେ ରହିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୧୧୫/୧୯) ରୁଜୁ କରାଯାଇଛି। ଥାନା ଅଧିକାରୀ ପାତ୍ରଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି ଓ କାହାରିକୁ ଗିରଫ କରାଯାଇପାରିନାହିଁ ବୋଲି ସେ କହିଛନ୍ତି।

# ଭାରତରେ ସୌଦିଆରବର ପୁଞ୍ଜିନିବେଶ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୮।୯(ବ୍ୟୁରୋ)

ପାଞ୍ଚଦିନିଆ ବିଦେଶ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ସୌଦିଆରବର ଜିଦ୍‌ହାଠାରେ ସେଠାର ଶକ୍ତିମନ୍ତ୍ରୀ ଏଚ୍‌ଆର୍‌ଏଚ୍ ପ୍ରିନ୍ସ ଅବଦୁଲ ଅଜିଜ ସଲମାନଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସାଉଦି ମନ୍ତ୍ରୀ ହାଇଡ୍ରୋକାର୍ବନ ରପ୍ତାନି ଦିଗରେ ସାଉଦିଆରବ ଭାରତ ସହ ଏକ ବିଶ୍ୱସନୀୟ ଏବଂ ସ୍ଥାୟୀ ଭାଗୀଦାରି ହୋଇରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ସାଉଦିଆରବ ଭାରତରେ ପୁଞ୍ଜିନିବେଶ କରିବା ନେଇ ପ୍ରତିଶ୍ରୁତିବଦ୍ଧ ବୋଲି ଉଭୟଙ୍କ ଆଲୋଚନାରୁ ଜଣାପଡିଥିବା କୁହାଯାଇଛି।



ଅବଦୁଲ ଅଜିଜ ସଲମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରୁଛନ୍ତି।

## ବରିଷ୍ଠ ଆଇନଜୀବୀ ବିନୟାନନ୍ଦଙ୍କ ପରଲୋକ

ଢେଙ୍କାନାଳ ଅଫିସ, ୮।୯

ଢେଙ୍କାନାଳର ବରିଷ୍ଠ ଆଇନଜୀବୀ ବିନୟାନନ୍ଦ ମହାପାତ୍ରଙ୍କ ରବିବାର ମୁକ୍ତାଦେଇପୁର ଶାସନସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ବର୍ଷ ହୋଇଥିଲା। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ଅନ୍ତିମ ସମୟରେ ତାଙ୍କ ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସୂଚନା ପାଇ 'ଧରିତ୍ରୀ' ଏବଂ 'ଓରିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ଏମ୍‌ପି ମହେଶ ସାହୁ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ରାଜ୍ୟ ବିଜେଡି ସମ୍ପାଦକ ଯୋଗେନ୍ଦ୍ର ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ ।

## ଭୁବନେଶ୍ୱରକୁ ଶ୍ରେଷ୍ଠ ବିମାନ ବନ୍ଦର ପୁରସ୍କାର

**ଖରାପ ସେବାକୁ ନେଇ ଟୁଇଟରରେ ପ୍ରତିକ୍ରିୟା**



ଭୁବନେଶ୍ୱର, ୮।୯(ବ୍ୟୁରୋ)

ଏସିଆ-ପାସିଫିକ୍ ରିଜିଅନର ୨ରୁ ୫ ମିଲିୟନ ବର୍ଗରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଶ୍ରେଷ୍ଠ ବିମାନ ବନ୍ଦର -୨୦୧୮ ପୁରସ୍କାର ମିଳିଛି। ଅନ୍ତର୍ଜାତୀୟ ବିମାନ ବନ୍ଦର ପରିଷଦ ଓ ଏଏସ୍‌କ୍ୟୁ (ଆମେରିକାନ ସୋସାଇଟି ଫର୍ କ୍ୱାଲିଟି) ପକ୍ଷରୁ 'ଗ୍ରାହକ ଅଭିଜ୍ଞତା' କାଟେଗୋରୀରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଇଣ୍ଡୋନେସିଆର ବାଲିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରସ୍କାର ଗ୍ରହଣ କରିବା ଅବସରରେ ବିମାନ ବନ୍ଦର କର୍ତ୍ତୃପକ୍ଷ ଏ ସମ୍ପର୍କରେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ଏହି ବର୍ଗରେ ଏସିଆ-ପାସିଫିକ୍‌ର ୬ବିମାନ ବନ୍ଦରକୁ ଏହି ବିଶ୍ୱସ୍ତରୀୟ ଏଏସ୍‌କ୍ୟୁ ପୁରସ୍କାର ମିଳିଥିବାବେଳେ ଭାରତର ୩, ଇଣ୍ଡୋନେସିଆର ୨ ଓ ଚାଇନାର ୧ ବିମାନବନ୍ଦର ରହିଛି। ଭାରତର ପୁରସ୍କୃତ ବିମାନବନ୍ଦରଗୁଡ଼ିକ ହେଲା ଭୁବନେଶ୍ୱର, ଚଣ୍ଡିଗଡ଼ ଓ ଇନ୍ଦୋର। ତେବେ ଟ୍ୱିଟ୍‌ର କିଛି ସମୟ ମଧ୍ୟରେ କିଛି ଲୋକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ପୁରସ୍କାର ପାଇବା ଲାଗି କ'ଣ ମାନଦଣ୍ଡ ରହିଛି? ଯାତ୍ରୀଙ୍କୁ ଠିକ୍‌ରେ ସେବା ଯୋଗାଇପାରୁ ନ ଥିବା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ କେମିତି ଏହି ପୁରସ୍କାର ମିଳିଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

## ବ୍ରାହ୍ମଣୀ ନଦୀ ଡଙ୍ଗାବୁଡ଼ିକୁ ବିତିଲା ୨୪ ଘଣ୍ଟା

# ୪ ନିଖୋଜଙ୍କ ମିଳୁନି ପତ୍ତା

ପରଜଙ୍ଗ, ୮।୯(ଡି.ଏନ୍.ଏ.)



ନଦୀରେ ଉଦ୍ଧାର କାର୍ଯ୍ୟ ଚାଲିଛି।

■ ଉଦ୍ଧାର କାର୍ଯ୍ୟରେ ବର୍ଷା ବାଧକ
■ ଆଶ୍ୱାସନା ଦେଲେ ଏମ୍‌ପି, ବିଧାୟକ

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ ରୋଡ୍ ପଞ୍ଚାୟତ କୁନ୍ଦନଦେଇପୁର ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଡଙ୍ଗାବୁଡ଼ି ଘଟଣାକୁ ୨୪ ଘଣ୍ଟା ବିତି ଯାଇଥିବାବେଳେ ୪ ନିଖୋଜଙ୍କ ପତ୍ତା ମିଳୁନାହିଁ। ଓଡ୍ରାଫ୍ ଟିମ୍, ଅଗ୍ନିଶମ ସେବା କର୍ମଚାରୀ ମିଳିତ ଭାବେ ନଦୀର ଉଭୟ ପାର୍ଶ୍ୱରେ ତଲାସି ଅଭିଯାନ ଚଳାଇଛନ୍ତି। ତେବେ ପ୍ରବଳ ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।

ରବିବାର ସକାଳୁ ରୋଡ୍ ଘାଟଠାରୁ କମଗରା ଏବଂ ନଦୀ ଅପରପାର୍ଶ୍ୱରେ ଥିବା ଖଡଗପ୍ରସାଦ ଘାଟଠାରୁ କମଗରା ଯାଏ ଖୋଜାଖୋଜି କରାଯାଇଥିଲା। କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ଜୟନ୍ତ କୁମାର ଜୟସିଂ, ବିଡିଓ ବସନ୍ତ କୁମାର ମଲ୍ଲିକ, ଥାନାଧିକାରୀ ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ୍ ପ୍ରମୁଖ ଉଦ୍ଧାର କାର୍ଯ୍ୟ ତଦାରଖ କରୁଥିଲେ। ତେବେ ରାତି ୯ଟା ସୁଦ୍ଧା ନିଖୋଜଙ୍କ ସନ୍ଧାନ ମିଳିପାରିନାହିଁ।

ଅପରପକ୍ଷେ ଏପରି ଦୁର୍ଘଟଣା ପରେ ନିଖୋଜ ବ୍ୟକ୍ତିଙ୍କ ପରିବାର ଲୋକେ ଆଶା ଆଶଙ୍କା ଭିତରେ ଅଛନ୍ତି। ବିଭିନ୍ନ ଦଳର ରାଜନେତା ପହଞ୍ଚି ସେମାନଙ୍କୁ ଆଶ୍ୱାସନା ଜଣାଇଛନ୍ତି। ଏମ୍‌ପି ମହେଶ ସାହୁ, ବିଧାୟକ ଡା. ନୃସିଂହ ଚରଣ ସାହୁ, ଜିଲା ଭାଜପା ସଭାପତି ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା ପ୍ରମୁଖ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଏହା ଏକ ଦୁଃଖଦ ଘଟଣା। ଏଥିରେ ଧୈର୍ଯ୍ୟହରା ନ ହୋଇ ସାହସ ସହ ମୁକାବିଲା କରିବାକୁ ଏମ୍‌ପି କହିଥିଲେ।

ଏ ନେଇ ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, ପରଜଙ୍ଗ ବ୍ଲକରେ କୌଣସି ନଦୀଘାଟ ନିଲାମ ଦିଆଯାଇନାହିଁ। କିଛିଦିନ ତଳେ ଖଡଗପ୍ରସାଦ ଘାଟକୁ ନିଲାମ ଦିଆଯାଇଛି। ଏଠାରୁ ନିୟମିତ ଡଙ୍ଗା ଚଳାଚଳ ହେଉଛି। ସନ୍ଧ୍ୟା ପରେ ନଦୀରେ ଡଙ୍ଗା ଚଳାଇବାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ହେଲେ କେତେଜଣ ନାଉରିଆ ଏହାକୁ ଅମାନ୍ୟ କରି ଦେଶୀ ଡଙ୍ଗା ଚଳାଉଛନ୍ତି। ମଝି ନଈରେ କେବୁଲ ତାରରେ ଛନ୍ଦି ହୋଇଯିବାରୁ ଡଙ୍ଗାଟି ଦୁର୍ଘଟଣାର ଶିକାର ହୋଇଛି। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ଶନିବାର ରାତି ପ୍ରାୟ ୮ଟାରେ ବ୍ରାହ୍ମଣୀ ନଦୀରେ ଟଣାଯାଇଥିବା କେବୁଲ ତାରରେ ଛନ୍ଦି ହୋଇ ଏକ ହୁଲି ଡଙ୍ଗା ଓଲଟି ପଡ଼ିଥିଲା। ନାଉରିଆ ଘନଶ୍ୟାମ ବେହେରା ଓରଫ୍ ଘନିଆ, ତାଙ୍କ ପୁଅ ଜଟିଆ ଓରଫ୍ ଜଟି, ପ୍ରତାପ ସାହୁ, ଅଜୟ, ନାୟକ, ରାଜେନ୍ଦ୍ର ସାହୁ ସୁରକ୍ଷିତ ଭାବେ ପହଁରି କୂଳରେ ପହଞ୍ଚିଥିଲେ। ଅପରପକ୍ଷେ କୁନ୍ଦନଦେଇପୁର ଗ୍ରାମର ବିଶ୍ୱଜିତ୍ ଆଚାର୍ଯ୍ୟ, ରୋଡ୍ ଗ୍ରାମର ରମେଶ ସାହୁ, ସୁଶାନ୍ତ ସାହୁ ଏବଂ ବିଜୟ ନାୟକ ନିଖୋଜ୧ପ ଅଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..........................................


ଶିତୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ରାଜ୍ୟ ସରକାରଙ୍କୁ କେନ୍ଦ୍ରର ପରାମର୍ଶ

# ସଡ଼କ ନିର୍ମାଣରେ ବର୍ଜ୍ୟ ପ୍ଲାଷ୍ଟିକ ବ୍ୟବହାର କର

ଭୁବନେଶ୍ୱର, ୮।୯(ବ୍ୟୁରୋ)

ସଡ଼କ ନର୍ମାଣ କ୍ଷେତ୍ରରେ ପ୍ଲାଷ୍ଟିକ ବ୍ୟବହାର କରାଯାଇପାରିବ। ଏ ନେଇ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ନିର୍ମାଣ ହେଉଥିବା ସଡ଼କରେ ବର୍ଜ୍ୟ ପ୍ଲାଷ୍ଟିକ ବ୍ୟବହାର ଲାଗି କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ସଚିବ ଅମରଜିତ ସିହ୍ନା ରାଜ୍ୟ ସରକାରଙ୍କୁ ପରମର୍ଶ ଦେଇଛନ୍ତି। ପିଏମ୍‌ଜିଏସ୍‌ୱାଇ ସଡ଼କର ସମୀକ୍ଷା ପାଇଁ ଅମରଜିତ ସିହ୍ନା ବାରମ୍ବାର ଓଡ଼ିଶା ଗସ୍ତରେ ଆସି ବର୍ଜ୍ୟ ପ୍ଲାଷ୍ଟିକ ପୂର୍ଣ୍ଣ ଭାବେ ସଡ଼କ କାମରେ ଲାଗିପାରିବ ବୋଲି ହୃଦ୍‌ବୋଧ କରିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଏଭଳି ବର୍ଜ୍ୟ ପ୍ଲାଷ୍ଟିକ ବ୍ୟବହାର କରାଯାଇ ପ୍ରାୟ ୧୩ ହଜାର କିଲୋମିଟର ସଡ଼କ ନିର୍ମାଣ ହୋଇ ସାରିଲାଣି। ସହରାଞ୍ଚଳରେ ପ୍ଲାଷ୍ଟିକ ବର୍ଜ୍ୟ ଗୁଡ଼ିକ ନାଳ ନର୍ଦ୍ଦମା ଜାମ୍ କରୁଥିବାବେଳେ ଏହାର ଠିକଣା ବ୍ୟବହାର ଜରୁରୀ ହୋଇପଡ଼ିଛି। ଏଭଳି ସ୍ଥିତିରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ପକ୍ଷରୁ ସଡ଼କ ନିର୍ମାଣରେ ପ୍ଲାଷ୍ଟିକ ବ୍ୟବହାରକୁ ଅନୁମତି ଦିଆଯିବା ପରେ ରାଜ୍ୟକୁ ମିଳିଛି ବଡ଼ ଆଶ୍ୱସ୍ତି। ୪ ଏମ୍‌ଏମ୍‌ରୁ କମ୍ ମାନର ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରି ତାକୁ ପିଚୁ ସହିତ ମିଶାଇ ସଡ଼କ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

ପ୍ଲାଷ୍ଟିକ୍‌କୁ ସଡ଼କ ନିର୍ମାଣରେ ବ୍ୟବହାର କରାଗଲେ ଗୋଟିଏ ପଟେ ଏହା ବର୍ଜ୍ୟ ପ୍ଲାଷ୍ଟିକ ବ୍ୟବହାର ସହିତ ଅନ୍ୟପଟେ ରାସ୍ତାକୁ ଦୀର୍ଘସ୍ଥାୟୀ କରିବ। ସଡ଼କ ନିର୍ମାଣରେ ପ୍ଲାଷ୍ଟିକ ବ୍ୟବହାର କରାଗଲେ ରାସ୍ତା ଦୃଢ଼ ହୋଇଥାଏ। ଏହି ସଡ଼କଗୁଡିକ ବର୍ଷାକୁ ସହିବା ସହିତ ଦୀର୍ଘସ୍ଥାୟୀ ହୋଇଥାଏ। ଅନେକ ସମୟରେ ପ୍ରବଳ ବର୍ଷା ଯୋଗୁ ସଡ଼କ କ୍ଷତିଗ୍ରସ୍ତ ହୋଇଥାଏ। ରାସ୍ତା କାମରେ ପ୍ଲାଷ୍ଟିକ ବ୍ୟବହାର ହେଲେ ଏହା ୮୦ ପ୍ରତିଶତ ପିଚୁ ବ୍ୟବହାର ହ୍ରାସ କରିବ, ଯାହାକି ପରିବେଶ ଦୃଷ୍ଟିରୁ ମଧ୍ୟ ଲାଭଦାୟକ ହେବ ବୋଲି କୁହାଯାଉଛି।

### ମୃତ ଶିଶୁପୁତ୍ରକୁ ଜୀବିତ ପାଇଁ ଉଦ୍ୟମ

# ମଙ୍ଗଳା ମନ୍ଦିରରେ ଅଧିଆ ପଡ଼ିଲେ ମା'

ଡୁବୁରୀ,୮।୯(ଡି.ଏନ୍.ଏ.)

ଅସୁସ୍ଥତା କାରଣରୁ ମେଡିକାଲରେ ମୃତ୍ୟୁବରଣ କରିଥିବା ଏକ ଶିଶୁପୁତ୍ରକୁ ବଞ୍ଚାଇବାକୁ ପରିବାର ଲୋକେ ଉଦ୍ୟମ କରିଛନ୍ତି। ପ୍ରଥମେ ଗୁଣିଆ ଦ୍ୱାରା ଝଡ଼ାଫୁଙ୍କା କରିଥିଲେ। ଏଥିରେ ବିଫଳ ହେବାରୁ ମା' ଶିଶୁକୁ ଧରି ରବିବାର ମଙ୍ଗଳା ମନ୍ଦିରରେ ଅଧିଆ ପଡ଼ିଥିଲେ। ହେଲେ ଶିଶୁପୁତ୍ର ଜୀବିତ ନ ହେବାରୁ ସେ ନିରାଶ ହୋଇ ଘରକୁ ଫେରିଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଜଖପୁରା ଥାନା ଅଧୀନ ବରପାଳ ଗ୍ରାମରେ। ଏହି ଗ୍ରାମର ଧନୁ ନାୟକ ଓ ଚିନୁ ନାୟକଙ୍କ ୬ ମାସର ଶିଶୁପୁତ୍ର ୭ ଦିନ ତଳେ ଥଣ୍ଡା ଜ୍ୱର ଓ କଫରେ ଆକ୍ରାନ୍ତ ହୋଇଥିଲା। ତାକୁ ଭଲ କରିବା ପାଇଁ ପ୍ରଥମେ ଡାକ୍ତରଖାନା ନେବା ପରିବର୍ତ୍ତେ ଡୁବୁରୀ ଅଞ୍ଚଳକୁ ନେଇ ଝଡାଫୁଙ୍କା କରାଇଥିଲେ। ଏଥିରେ କୁଆଡେ ଶିଶୁପୁତ୍ରର ଦେହ ଟିକେ ଭଲ ହୋଇଥିଲା। ପରେ ମା'ବାପା ତାକୁ ନେଇ ଘରକୁ ଚାଲିଯାଇଥିଲେ। ଶନିବାର ପୁଣି ଶିଶୁପୁତ୍ରକୁ ଜ୍ୱର ଓ କାଶ ହେବାରୁ ତାକୁ ଦାନଗଦୀ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତା'ର ମୃତ୍ୟୁ ହୋଇଥିଲା। ପରେ ଶିଶୁପୁତ୍ରକୁ ମା'ବାପା ଘରକୁ ନେଇଯାଇଥିଲେ। ହେଲେ ରବିବାର ସକାଳୁ ମୃତ ଶିଶୁପୁତ୍ରକୁ ଧରି ତାର ମା' ଡୁବୁରୀ ଢାବା ଛକ ନିକଟ ମା'ମଙ୍ଗଳାଙ୍କ ମନ୍ଦିରରେ ଅଧିଆ ପଡ଼ିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଅଧିଆ ପଡ଼ିବା ପରେ ମୃତ ଶିଶୁ ଜୀବିତ ହୋଇ ନ ଥିଲା। ଏହାପରେ ସ୍ଥାନୀୟ କିଛି ଲୋକଙ୍କ ପରାମର୍ଶ କ୍ରମେ ଶିଶୁପୁତ୍ରକୁ ନେଇ ମା' ଡୁବୁରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ପୂର୍ବରୁ ଶିଶୁପୁତ୍ରର ମୃତ୍ୟୁ ହୋଇଥିବାରୁ ଡାକ୍ତର ତାଙ୍କୁ ଘରକୁ ଫେରାଇ ଦେଇଥିଲେ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।


ମଙ୍ଗଳାଙ୍କ ନିକଟରେ ମୃତ ଶିଶୁପୁତ୍ରକୁ ଧରି ଅଧିଆ ପଡ଼ିଛନ୍ତି ମା।

## ପ୍ରଥମ ପୃଷ୍ଠାରୁ...

### ବିଷାକ୍ତ ହେଉଛି...

ବିପ୍ଳବ ଆରମ୍ଭ ହେବା ପରଠାରୁ ଅର୍ଥାତ୍ ୮୦ ଦଶକରୁ ଅଧିକ ଉତ୍ପାଦନ ପାଇଁ ଜମିବାଡ଼ିରେ ପ୍ରଚୁର ମାତ୍ରାରେ ରାସାୟନିକ ସାର ପ୍ରୟୋଗ ଚାଲିଛି। ଏହାର ଭୟାନକ ପ୍ରଭାବ ଏବେ ମାନବ ସ୍ୱାସ୍ଥ୍ୟ ଉପରେ ପଡ଼ିଲାଣି। ରାସାୟନିକଯୁକ୍ତ ଖାଦ୍ୟ ଯୋଗୁ ହୃଦ୍‌ରୋଗ, କର୍କଟ ରୋଗ, ରକ୍ତଶର୍କରା, କିଡ୍‌ନୀ ନଷ୍ଟ ଭଳି ଦୁରାରୋଗ୍ୟ ବ୍ୟାପି ଚାଲିଛି। ଗୋଟିଏ ପଟେ ରୋଗ ବଢୁଥିବାବେଳେ ଅନ୍ୟପଟେ ସରକାରୀ ଉଦାସୀନତା ଏବଂ ଚାଷୀଙ୍କର ସଚେତନତା ଅଭାବ ଯୋଗୁ ପରିସ୍ଥିତି ବିଗିଡ଼ିବାରେ ଲାଗିଛି।

କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ରାଜ୍ୟର ୧୭ଟି ଜିଲାକୁ ଗତ ୨/୩ ବର୍ଷ ହେବ ମୋବାଇଲ ମୃତ୍ତିକା ପରୀକ୍ଷା ଭ୍ୟାନ ଯୋଗାଇ ଦିଆଯାଇଛି। ଏଥିସହିତ ୨୭ଟି ଜିଲାରେ ମୃତ୍ତିକା ପରୀକ୍ଷା ଲାବୋରେଟୋରି ନିର୍ମାଣ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ଗାଇଡଲାଇନ ଅନୁଯାୟୀ ମାଟିର ୧୨ଟି ବିଷୟ ପରୀକ୍ଷା କରିବାକୁ କୁହାଯାଇଥିବା ବେଳେ ମାତ୍ର ୭ଟି ପରୀକ୍ଷା ହେଉଛି। ତେବେ ଯେଉଁ ମୋବାଇଲ ଭ୍ୟାନ୍ ବୁଲୁଛି ତାହା କେବଳ ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ ଛିଡ଼ା ହେଉଛି। ଚାଷୀମାନଙ୍କୁ କେବଳ ମାଟି ସ୍ୱାସ୍ଥ୍ୟ କାର୍ଡ ଦେଇ ଛାଡ଼ି ଦିଆଯାଉଛି। ଚାଷୀମାନେ ମଧ୍ୟ ଏ ଦିଗରେ ସଚେତନ ହେଉ ନାହାନ୍ତି। ଗାଁ ଗଣ୍ଡାରେ ଗୋରୁ ସଂଖ୍ୟା କମିବାରୁ ଜୈବିକ ଖତ ମଧ୍ୟ ମିଳୁନାହିଁ। ପାରମ୍ପରିକ ଲମ୍ବା ଧାନଗଛ ଉଭେଇଗଲାଣି। ସଙ୍କର ଜାତୀୟ ଫସଲ ଯୋଗୁ ମାଟିରେ ନଡ଼ା ପଚିବାର ସମ୍ଭାବନା ନାହିଁ। ଧାନ ବିଲରେ ନଡ଼ା ପୋଡ଼ିବା ଯୋଗୁ ମାଟିର ଉର୍ବରତା ନଷ୍ଟ ହେଉଛି। ପଞ୍ଜାବ, ହରିୟାଣାରେ ନଡ଼ା ପୋଡ଼ିବା ବେମାରି ଓଡ଼ିଶାକୁ ମଧ୍ୟ ଛୁଇଁଲାଣି। ଏଥରୁ ଚାଷୀଙ୍କୁ ଦୂରେଇ ରଖିବା ପାଇଁ ଖୁବ୍‌ଶୀଘ୍ର କୃଷି ବର୍ଜ୍ୟବସ୍ତୁ ପରିଚାଳନା ସ୍କିମ୍ କାର୍ଯ୍ୟକାରୀ ହେବାକୁ ଯାଉଛି। ପ୍ରତ୍ୟେକ ଜିଲାରେ ମାଟି ପରୀକ୍ଷା ଲାବୋରେଟୋରି ଓ ମୋବାଇଲ ଭ୍ୟାନ ପାଇଁ ନିଷ୍ପତ୍ତି ହୋଇଛି। ଚାଷୀମାନେ ସଚେତନ ହେବା ଦରକାର ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

କୃଷି ବିଶେଷଜ୍ଞ ତଥା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ, ରାଜ୍ୟରେ ମାଟିର ଉର୍ବରତା ହ୍ରାସ ପାଇବାରେ ଲାଗିଛି। ପଞ୍ଜାବ ଓ ହରିୟାଣାରେ ଅତ୍ୟଧିକ ସାର ପ୍ରୟୋଗ ଯୋଗୁ ମାଟିର ଉର୍ବରତା ସମ୍ପୂର୍ଣ୍ଣ ଉଜୁଡ଼ିବାକୁ ବସିଲାଣି। ଓଡ଼ିଶାରେ ମଧ୍ୟ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି। ତୁରନ୍ତ ଏ ଦିଗରେ ସରକାର ପଦକ୍ଷେପ ନେବା ସହ ଚାଷୀମାନେ ସଚେତନ ହେବା ଦରକାର ବୋଲି ପଶୁପାଳକ କହିଛନ୍ତି।

### ଚକୋଲେଟ ବାଣ୍ଟି...

ଦେଖିବାକୁ ମିଳି ନ ଥିଲା। ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, ଟ୍ରାଫିକ୍ ଡିସିପି ସାଗରିକା ନାଥ, ଟ୍ରାଫିକ ଏସିପି କେ.କେ. ପାଣିଗ୍ରାହୀ, ଟ୍ରାଫିକ୍ ଇନ୍ସପେକ୍ଟରଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଗାଡି ଚାଳକଙ୍କୁ ଚକୋଲେଟ ବାଣ୍ଟି ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରିଥିଲେ। ଯେଉଁମାନେ ନିୟମ ମାନି ଗାଡ଼ି ଚଲାଉଥିଲେ ସେମାନଙ୍କୁ 'ଥ୍ୟାଙ୍କ୍ ୟୁ କାର୍ଡ' ବାଣ୍ଟୁଥିଲେ। ସେହିପରି ପିପିଲି ଟୋଲ୍‌ଗେଟରେ ମଧ ପୋଲିସ ଲୋକଙ୍କୁ ଲିଫ୍‌ଲେଟ୍ ବାଣ୍ଟି ସଚେତନ କରିଥିଲା। ବାଇକ ଆରୋହୀଙ୍କୁ ହେଲ୍‌ମେଟ୍ ଓ କାର ଚାଳକଙ୍କୁ ସିଟ୍‌ବେଲ୍ଟ ବାନ୍ଧିବାକୁ ପରାମର୍ଶ ଦେଉଥିଲା। ସଚେତନତା କାର୍ଯ୍ୟକ୍ରମରେ ସିଭିଲ୍ ସୋସାଇଟିର ସ୍ୱେଚ୍ଛାସେବୀ ଓ ବିଧାୟକ ଅନନ୍ତ ନାରାୟଣ ଜେନା ସାମିଲ୍ ଥିଲେ।

ଟ୍ରାଫିକ୍ ଡିସିପି ସାଗରିକା ନାଥ କହିଛନ୍ତି, ଲୋକମାନେ ଟ୍ରାଫିକ୍ ନିୟମ ମାନି ସଚେତନ ହୋଇଥିବାରୁ ତାଙ୍କୁ ଆମେ ହୃଦୟର ସହ ଧନ୍ୟବାଦ ଦେଉଛୁ। ଚକୋଲେଟ ଦେଇ ଖୁସି ବାଣ୍ଟୁଛୁ। ଏହା ବଦଳରେ ଆମେ ଲୋକଙ୍କୁ ଲାଇସେନ୍ସ ଓ ଗାଡ଼ିର କିଛି କାଗଜପତ୍ର ମାଗୁଛୁ। ଏଥିପାଇଁ ୨ ମାସ ସମୟ ଦେଉଛୁ। ଏହା ମଧ୍ୟରେ କେବଳ ୫ ନିୟମକୁ ଗୁରୁତ୍ୱ ଦେଉଛୁ। ହେଲ୍‌ମେଟ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା, ଗାଡି ଚଲାଇବାବେଳେ ମୋବାଇଲ୍ ଫୋନ୍‌ରେ ନ ଗପିବା, ମଦପିଇ ଗାଡ଼ି ନ ଚଲାଇବା ଓ ରଙ୍ଗ୍‌ରୁଟ୍‌ରେ ନ ଯିବାକୁ ଲୋକଙ୍କୁ କହୁଛୁ। ମଦପିଇ ଗାଡ଼ି ଚଲାଇବାକୁ ଜିରୋ ଟଲେରାନ୍ସ ଭାବେ ନେଇଛୁ। ଗୋଟିଏ ସୁନ୍ଦର ଭୁବନେଶ୍ୱର ଗଢ଼ିବା ପାଇଁ ଆଗକୁ ସମସ୍ତେ ଆମକୁ ସହଯୋଗ କରିବେ ବୋଲି ଆଶା କରୁଛୁ ବୋଲି ସେ କହିଛନ୍ତି।

### ରାମ ଜେଠମାଲାନିଙ୍କ...

ଶ୍ମଶାନରେ ସମ୍ପନ୍ନ ହୋଇଛି। ଜେଠମାଲାନିଙ୍କ ପାଖରେ ପୁଅ ମହେଶ ରହିଥିବାବେଳେ ଝିଅ ଆମେରିକାରେ ରହୁଛନ୍ତି। ଅନ୍ୟତମ ଝିଅ ରାନି ଏବଂ ପୁଅ ଜନକଙ୍କ ପୂର୍ବରୁ ମୃତ୍ୟୁ ହୋଇଯାଇଛି।

ଜେଠମାଲାନି ଅନେକ ଗୁରୁତ୍ୱପୂର୍ଣ୍ଣ ଫୌଜଦାରି ମାମଲା ଲଢ଼ି ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ସେ ଅଭିଯୁକ୍ତମାନଙ୍କ ପାଇଁ ଲଢ଼ିଥିଲେ। ଅଟଳ ବିହାରୀ ବାଜପେୟୀ ସରକାରରେ ସେ ଆଇନ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଥିଲେ। ପରବର୍ତ୍ତୀ ସମୟରେ ୨୦୦୪ରେ ସେ ଲକ୍ଷ୍ନୌ ଆସନରୁ ବାଜପେୟୀଙ୍କ ବିରୋଧରେ ଲୋକ ସଭା ନିର୍ବାଚନ ଲଢ଼ିଥିଲେ। ୨୦୧୦ରେ ସେ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ୍‌ର ସଭାପତି ଥିଲେ।

ତାଙ୍କର ପରଲୋକ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ମହଲରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ପ୍ରମୁଖ ଜେଠମାଲାନିଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବର୍ଷିୟାନ ଆଇନଜୀବୀ ରାମ ଜେଠମାଲାନିଙ୍କ ପରଲୋକରେ ମର୍ମାହତ ବୋଲି ରାଷ୍ଟ୍ରପତି କହିଛନ୍ତି। ସର୍ବସାଧାରଣ ପ୍ରସଙ୍ଗରେ ମତାମତ ଉପସ୍ଥାପନ କରିବାରେ ସେ ବେଶ୍ ଜଣାଶୁଣା ଥିଲେ। ଦେଶ ଜଣେ ପ୍ରଖ୍ୟାତ ଆଇନଜ୍ଞ, ବିଦ୍ୱାନ ଓ ଜ୍ଞାନୀବ୍ୟକ୍ତିଙ୍କୁ ହରାଇଲା ବୋଲି ରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଜେଠମାଲାନୀ ଭାରତର ଅନ୍ୟତମ ଶ୍ରେଷ୍ଠ ପ୍ରତିଭାବାନ ବ୍ୟକ୍ତି। ତାଙ୍କ ପରଲୋକରେ ଦେଶ ଜଣେ ଜ୍ଞାନୀ, ଦେଶଭକ୍ତ, ଖ୍ୟାତନାମା ଆଇନଜ୍ଞଙ୍କୁ ହରାଇଲା ବୋଲି ଉପରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଦେଶ ଜଣେ ଅସାଧାରଣ ଆଇନଜୀବୀଙ୍କୁ ହରାଇଲା, ଯାହାଙ୍କର ଅଦାଲତ ଏବଂ ପାର୍ଲାମେଣ୍ଟକୁ ଅନେକ ଅବଦାନ ଥିଲା ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ଜେଠମାଲାନିଙ୍କ ପରଲୋକ ସମଗ୍ର ନ୍ୟାୟ ବିଭାଗ ପାଇଁ ଅପୂରଣୀୟ କ୍ଷତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହ କହିଛନ୍ତି।

### ବନ୍ଦ ଆକାଉଣ୍ଟରୁ...

୧୦୦ ଅନ୍ୟ ଭାରତୀୟଙ୍କ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ତଥ୍ୟ ଖୁବଶୀଘ୍ର ପ୍ରଦାନ କରିବାକୁ ଯାଉଛି। ଏହି ଖାତାଗୁଡ଼ିକ ଗାଡ଼ି ଯନ୍ତ୍ରାଂଶ, ରସାୟନ, ରିଏଲ ଇଷ୍ଟେଟ, ହୀରା ଏବଂ ଗହଣା, ଇସ୍ପାତ ଆଦି କାରବାର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କର ବୋଲି ଜଣାପଡିଛି। ସମ୍ପୃକ୍ତ ନିୟାମକ ଅଧିକାରୀଙ୍କ କହିବାନୁଯାୟୀ, ରାଜନୈତିକ ସମ୍ପର୍କ ରଖିଥିବା ବ୍ୟକ୍ତିବିଶେଷଙ୍କ ଆକାଉଣ୍ଟ ସୂଚନାକୁ ସର୍ବ ପ୍ରଥମେ ବିଶ୍ଳେଷଣ କରାଯିବ। ସୁଇଜରଲାଣ୍ଡ ଫେଡେରାଲ ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସ ପକ୍ଷରୁ କୁହାଯାଇଛି ଯେ, ଚଳିତ ମାସରେ ପ୍ରଥମ ପର୍ଯ୍ୟାୟ ତଥ୍ୟ ପ୍ରଦାନ କରାଯାଇଛି। ଏହାପରେ ବାର୍ଷିକ ଆଧାରରେ ଭାରତୀୟଙ୍କ ସୁଇସ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ତଥ୍ୟ ସ୍ୱତଃ ପ୍ରଦାନ ଜାରି ରହିବ। ତେବେ ଭାରତ ଓ ସୁଇଜରଲାଣ୍ଡ ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ପ୍ରଦାନ କରାଯାଇଥିବା ତଥ୍ୟ ସମ୍ପୂର୍ଣ୍ଣ ଗୋପନୀୟ ରହିବ। ସୁଇଜରଲାଣ୍ଡ ଅନ୍ତର୍ଜାତୀୟ ସ୍ୱଚ୍ଛତା ମାନଦଣ୍ଡ ପାଳନ କରି ଭାରତକୁ କଳାଧନ ବିରୋଧରେ ଲଢ଼େଇକୁ ସମର୍ଥନ ଯୋଗାଇବ ବୋଲି ଫେଡେରାଲ ଡିପାର୍ଟମେଣ୍ଟ କହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚତୁର୍ଥ ଭାବରୁ ଚନ୍ଦ୍ର ଷଷ୍ଠଭାବସ୍ଥ ଯୋଗୁ ଆପଣ ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଉପକୃତ ହେବେ। କିନ୍ତୁ ଲୋକସମ୍ପର୍କ କ୍ଷୁଣ୍ଣହେବା ସହ ପାରିବାରିକ ମତପାର୍ଥକ୍ୟ ତୀବ୍ରତର ହୋଇପାରେ। ଶୁକ୍ରଙ୍କ ପ୍ରଭାବରୁ ଯାନବାହନ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ଲାଭରୁ ଖୁସି ହୋଇପାରନ୍ତି। ସହକର୍ମୀଙ୍କ ସହ କଳହର ଆଶଙ୍କା ମଧ୍ୟ ରହିଛି।

**ବୃଷ**
କର୍ମସ୍ଥାନ ପ୍ରତି ଏକାଧିକ ଗ୍ରହଙ୍କ ଦୃଷ୍ଟି ବହୁବିଧ କର୍ମରେ ଅନୁପ୍ରବେଶରୁ ବ୍ୟସ୍ତତା ବୃଦ୍ଧି ପାଇବ। ଅନ୍ୟମନସ୍କ କିମ୍ବା ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟନଷ୍ଟ ହେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। କନ୍ୟା ସନ୍ତାନଙ୍କ ବୈବାହିକ ସମ୍ପର୍କ ପାଇଁ ପ୍ରସ୍ତାବ ଆସିପାରେ।

**ମିଥୁନ**
କର୍ମଭାବ ଶୁଭଦୃଷ୍ଟି ଯୋଗୁ କାର୍ଯ୍ୟ ହାସଲରେ ପ୍ରତିବନ୍ଧକ ରହିବନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ସାମାଜିକ ସ୍ତରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ସନ୍ଦେହ କିମ୍ବା ଭୁଲ୍ ବୁଝାମଣା ଜନିତ ପାରିବାରିକ ସମସ୍ୟା ଦେଖାଦେଇପାରେ।

**କର୍କଟ**
ଏକାଧିକ ଗ୍ରହ ଦ୍ୱିତୀୟ ଭାବରେ ଆପଣଙ୍କ କଥାବାର୍ତ୍ତାକୁ ପ୍ରଭାବିତ କରିପାରନ୍ତି। ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବାର ଆଶା ରହିଛି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ ଆପଣଙ୍କୁ ସାହାଯ୍ୟ ମିଳିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
ଗ୍ରହମାନଙ୍କ ସୁପ୍ରଭାବରେ ଆପଣ ଯେତେ ବଡ଼ ଦୁଷ୍କର କାମ ହେଲେ ମଧ କରିବାରେ ସଫଳ ହେବେ। ବିବାଦ, ପ୍ରତିଦ୍ୱନ୍ଦ୍ୱିତା,ମାଲିମକଦ୍ଦମା ଆପଣଙ୍କ ସପକ୍ଷରେ ଯାଇପାରେ। ପୂର୍ବରୁ ଅଟକି ରହିଥିବା ଅର୍ଥଲାଭରୁ ମନ ଖୁସି ହୋଇଯିବ। ଆଜିର ଯାତ୍ରା, ସଭାସମିତି, ବନ୍ଧୁମିଳନ ଓ ଅର୍ଥସମ୍ପର୍କ ପ୍ରାୟତଃ ମନ୍ଦ ହେବନି।

**କନ୍ୟା**
ପରିବର୍ତ୍ତିତ ସମୟ ଆପଣଙ୍କ ପାଇଁ ଦୁଶ୍ଚିନ୍ତା ସୃଷ୍ଟି କରିବାର ଆଶଙ୍କା ରହିଛି। ଦ୍ୱନ୍ଦ୍ୱଯୁକ୍ତ ହୋଇ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ବହୁ ବିଳମ୍ବରେ ଓ କଷ୍ଟର ସହ ପାଇବେ । କେହି ଜଣେ ବନ୍ଧୁଙ୍କଠାରୁ ଅର୍ଥ ପ୍ରାପ୍ତି ହେବେ।

**ତୁଳା**
କିଛି ଭଲ ଓ ମନ୍ଦର ମିଶ୍ରିତ ଫଳକୁ ନେଇ ଆଜି ଦିନଟି ଅତିବାହିତ ହେବ। ସମସ୍ୟାର ସରଳ ସମାଧାନ କରିବା ପାଇଁ ଉଦ୍ୟମ କରି ସଫଳତା ପାଇବେ। ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ କୌଣସି କାମ ଶେଷ ମୁହୂର୍ତ୍ତରେ ବିଗିଡି ଯିବାର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ ଆଜି ବିଶେଷ ଲାଭ ନ ହେଲେ ମଧ କ୍ଷତି ହେବ ନାହିଁ।

**ବିଛା**
ଆପଣ ଯେତିକି ଯାହା ଆଶା ବାନ୍ଧି ବସିଥିଲେ ଆକସ୍ମିକ ଭାବରେ ତାହା ବଦଳି ଯାଇପାରେ। ତଥାପି ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ଅନ୍ୟମାନଙ୍କଠାରୁ ଶ୍ରଦ୍ଧା ଓ ସମ୍ମାନ ହାସଲ କରି ଖୁସି ହେବେ। ଶିଳ୍ପ, ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି।

**ଧନୁ**
ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ଉପୁଜିବାର ଆଶଙ୍କା ରହିଛି। ନିଜ ପରିସରରେ ଅସ୍ୱାଭାବିକ ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହେବ। ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ବିଳାସବ୍ୟସନ ମଧ୍ୟରେ ଦିନଟି କଟାଇପାରନ୍ତି।

**ମକର**
ଶନିଙ୍କ ଦୃଷ୍ଟିରେ ଆକସ୍ମିକ ଅର୍ଥ, ସମ୍ମାନ, ଲୋକ ସମର୍ଥନ, କଚେରି ମାମଲାରେ ଜୟଲାଭ କରିପାରନ୍ତି। ଆପଣଙ୍କର ବ୍ୟବହାର ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ ,ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାମଟି ଆଜି କରିପାରିବେ ନାହିଁ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ନିୟନ୍ତ୍ରଣ ଭିତରେ ରହିବ। ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ ଓ କାମ ହାସଲ କରିବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବାରେ ନିଜର ତ୍ୟାଗ ଓ କୌଶଳ କାମକୁ ଆସିବ। କୌଣସି ଅତୀତ ଘଟଣା ବିଷୟରେ ଭାବପ୍ରବଣତା ଯୋଗୁ ସାୟାହ୍ନେ ନୈରାଶ୍ୟ ଅନୁଭବ କରିପାରନ୍ତି।

**ମୀନ**
ଏକାଧିକ ଗ୍ରହ ଦ୍ୱାଦଶ ସ୍ଥାନକୁ ଦେଖୁଥିବାରୁ ଆକସ୍ମିକ ସ୍ଥାନାନ୍ତର ସାଙ୍ଗକୁ ବ୍ୟୟ ବୃଦ୍ଧି ଘଟିବ। ପାରିବାରିକ କ୍ଷେତ୍ରରେ ଅନ୍ୟମାନେ ଦୋଷ ଖୋଜି ବୁଲିବେ ଓ ସମସ୍ୟା ସମାଧାନ ବଦଳରେ ବଢେଇଦେବେ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ଶୁଭଫଳ ପାଇବେ। ସଭାସମିତି, କଳା, ସାହିତ୍ୟରେ କିଛିଟା ଶୁଭ ସୂଚନା ଦେଖିପାରିବେ।

ଆଜି ଶ୍ରୀବିଷ୍ଣୁ ପାର୍ଶ୍ୱ ପରିବର୍ତ୍ତନ (ବଡ଼)ଏକାଦଶୀ ସୋମବାର, ସେପ୍ଟେମ୍ବର ୯ ତାରିଖ, ଦିବା ଘ୯।୧୨ମି. ପର୍ଯ୍ୟନ୍ତ ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ସିଂହରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ୬।୫୨ମି. ମଧ୍ୟେ, ଘ୧।୫୨ମି. ଗତେ ଘ୨।୪୫ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୩୦ମି. ଗତେ ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୦୮ମି. ଗତେ ଘ୮।୪୦ମି. ମଧ୍ୟେ ରାହୁକାଳ ।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଭଦ୍ରକ ଅଫିସ, ୮।୯:

ଭଦ୍ରକ ଅପର୍ତ୍ତିବିନ୍ଧାର ବରିଷ୍ଠ ନାଗରିକ ଉମାକାନ୍ତ ବେହୁରିଆ ଓ ତାଙ୍କ ସ୍ତ୍ରୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁସନ୍ଧ୍ୟା ଦାସଙ୍କ ଘରୁ ଶନିବାର ରାତିରେ ଚୋରି ହୋଇଛି। ତୃତୀୟଥର ପାଇଁ ଉମାକାନ୍ତଙ୍କୁ ଘରୁ ଚୋରି ହୋଇଛି। ସୂଚନା ଅନୁସାରେ, ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ସେମାନେ ଭୁବନେଶ୍ୱର ଯାଇଥିବା ବେଳେ ଚୋରମାନେ ତାଲା ଭାଙ୍ଗି ଘରେ ପଶି ସୁନାଗହଣା ସାଙ୍ଗକୁ ଏଲ୍‌ଇଡି ଟିଭି ଓ ସିସିଟିଭି ହାର୍ଡଡିସ୍କ ଚୋରି କରି ନେଇଯାଇଛନ୍ତି। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ପୂର୍ବ ଦୁଇଥର ଭଳି ତଦନ୍ତ କରି ଫେରିଛି। କିନ୍ତୁ ଫଳ ଶୂନ। ସୂଚନାଥାଉ କି, ପୂର୍ବରୁ ୨୦୧୮ ଜୁଲାଇ ୨୫ ଓ ଗତ ମେ ୩୦ ତାରିଖରେ ସେମାନଙ୍କ ଘରୁ ଚୋରି ହୋଇଥିଲା। ଚୋରି ତରିକା ଏକାପ୍ରକାର ହୋଇଥିବାରୁ ଗୋଟିଏ ଗ୍ୟାଙ୍ଗ୍‌ର ଏଭଳି କାଣ୍ଡ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ସିସିଟିଭି ଭାଙ୍ଗୁଥିଲେ ଏବେ କିନ୍ତୁ ହାର୍ଡଡିସ୍କ ଚୋରାଇ ନେଇଛନ୍ତି।

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଭାରତ-ରୁଷିଆ ମଧ୍ୟରେ ୮.୨ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ହୋଇଛି।
– ବାଣିଜ୍ୟ ମନ୍ତ୍ରଣାଳୟ


# classifieds Everyday
0674-2580101, 2549302

**real estate**

**SALE**

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

କଟକ-ଗୋପାଳପୁର ଧାବୁଲେଇପିଠରୁ 3k.m sqft.250/-, ବାଳକାଟି ବଜାରରୁ 2k.m sqft. 550/-ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440. D-66769

7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648. D-66775

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft 650/- 7008045582, 9692003948. D-14240

Bhubaneswar-Khurda NH Pitapali Chhakରେ 30', 60' road, electric, boundaryଥାଇ plot 6,00,000/-ରେ କିଣନ୍ତୁ। Contact: 8144328828, 8249662762. D-14237

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ବିକ୍ରିହେବ। 9178660666. D-14262

2100sqft plot 200mtrs from NH. Hanspal 30ft. road gharabari, yellowzone, boundarywall and East facing. 9040059669. D-67060

**to-let**

3BHK, 3bathroom, tiled floor individual house, carshed at Ratnakarbag, Bhubaneswar. 9937024304. D-67227

ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651. D-66763

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

2BHK with drawing, dining, kitchen, balcony, two toilets at Sai Anand apartment, Gothapatna, Bhubaneswar. 8989466205, 8895485808. D-14250

25000sqft. open space / stockyard at Gudiapokhari, before Pipili, Puri. 9937443656. D-67228

BJB Nagar BBSR Saudamini Apartment, Flat No.203 (3BR) 1st floor with garage. Rent-14,000/- (P.M) 9937203178. D-14257

**ACCOMMODATION**

3BR Independent House/ Villa or Ground Floor required on the main road. Forestpark, Saheednagar, Nayapalli, Surya Nagar, Jaydev Vihar. +91 8118052711 (8AM - 11AM). D-14258

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66956

Herbal full body massage by smart / expert therapist. Contact: 8338067247. D-67379

Summer special mesmerizing offer expert therapeutic refreshing massage appointment. 9668374480. D-67380

Experience full body massage with us (expert). Call: 7377048581, 06742597822. D-67382

Full body herbal massage with refreshment expert therapist. 7381239385, 06742540855. D-67381

Refresh your mind and soul with best therapy at Orchid Salon/ Spa. 9937287222. D-66958

**business**

ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

**astrology**

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**AFFIDAVIT**

By virtue of affidavit in the court of Executive Magistrate, Bhubaneswar, I, Basant Kumar Agrawal have changed name of my son (minor) Bandan Kumar Agrawal to Spandan Basant Agrawal residing at 12, Kalyani Nagar, R. Pur Jali, Bhubaneswar, 751024. Henceforth he will be known as Spandan Basant Agrawal for all purposes. D-14263

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଥମୁନି ଟ୍ରାଫିକ ନିୟମ ଲାଗୁ ପ୍ରସଙ୍ଗ

ଭୁବନେଶ୍ୱର,୮।୯(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ନୂଆ ମୋଟର ଯାନ ଆଇନ ଗତ ୧ତାରିଖରୁ କଡ଼ାକଡ଼ି ଭାବେ ରାଜ୍ୟରେ ଲାଗୁ ହୋଇଛି। ପୋଲିସ ଓ ଆରଟିଓ ଯାଞ୍ଚକୁ କଡ଼ାକଡ଼ି କରିବା ସହିତ ୧୦ଗୁଣା ଜରିମାନା ଆଦାୟ କରୁଛନ୍ତି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯାହାର ପରିଣାମ ଶନିବାର ରାଜମହଲ ଛକଠାରେ ହୋଇଥିବା ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଦେଖାଦେଇଥିବା ଖଣ୍ଡ ଯୁଦ୍ଧରୁ ସ୍ପଷ୍ଟ ହୋଇଯାଇଛି। ଏଭଳି ପରିସ୍ଥିତିରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ମଧ୍ୟ ଏହି ନିୟମକୁ ବିରୋଧ କରିବା ଆରମ୍ଭ କଲେଣି। କେବଳ ବିରୋଧୀ ନୁହନ୍ତି ଶାସକ ଦଳ ନେତା ଓ ମନ୍ତ୍ରୀ ମଧ୍ୟ ଏହି ଆଇନ ବିରୋଧରେ ମତ ଦେଉଛନ୍ତି। ଅନ୍ୟପଟେ ଅତିମାତ୍ରାରେ ଜରିମାନା ଆଦାୟକୁ ନେଇ ସାଧାରଣରେ ପ୍ରତିକ୍ରିୟା ବଢ଼ିବାପରେ

- କମିପାରେ କେତୋଟି ନିୟମର ଜରିମାନା ପରିମାଣ
- ବିରୋଧୀଙ୍କ କଡ଼ା ସମାଲୋଚନା

ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏହା ଉପରେ ବିଚାର କରାଯାଉଛି ବୋଲି ରବିବାର କହିଛନ୍ତି। ମନ୍ତ୍ରୀ ବେହେରା କହିଛନ୍ତି ଯେ, ଯେଉଁ ନୂଆ ଜରିମାନା ରାଶି ସ୍ଥିରିକୃତ କରାଯାଇଛି ତାଉପରେ ପୁର୍ନବିଚାର କରାଯିବ। କେନ୍ଦ୍ର ପକ୍ଷରୁ ସ୍ଥିର କରାଯାଇଥିବା ଜରିମାନା ରାଶି ପରିମାଣକୁ ରାଜ୍ୟ ସରକାର ଚାହିଁଲେ ବଦଳାଇ ପାରିବେ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଓଡ଼ିଶାରେ ନୂଆ ମୋଟର ଯାନ ଆଇନକୁ ତରବରିଆ ଭାବେ ଲାଗୁ କରାଯାଇଛି। ଓଡ଼ିଶା ପୋଲିସର ୯୦ପ୍ରତିଶତ ଗାଡ଼ିର ଲାଇସେନ୍ସ ନ ଥିବାବେଳେ ବହୁ ନେତାଙ୍କ ଗାଡ଼ିର ମଧ୍ୟ କାଗଜପତ୍ର ଠିକ୍ ନ ଥିବା ସେ କହିଛନ୍ତି। ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି, ଏହା କେନ୍ଦ୍ରୀୟ ଆଇନ ଅନୁଯାୟୀ କରାଯାଉଛି। ଯେଉଁ ରାଜ୍ୟଗୁଡ଼ିକ ଏହାକୁ ଲାଗୁ କରୁ ନାହାନ୍ତି ସେମାନେ ଆଗକୁ କରିବେ। ଆଇନ ଲାଗୁ କରାଯିବାପରେ ଯାହାସବୁ ଅସୁବିଧା ହେଉଛି ତାହା ସୁଧୁରାଯିବ। ତ୍ରୁଟି ସୁଧାରିବା ସମ୍ପର୍କରେ କେନ୍ଦ୍ର ନିକଟକୁ ସଂଶୋଧନ କରିବା ଲାଗି ପ୍ରସ୍ତାବ ଦେବୁ ବୋଲି ସେ କହିଛନ୍ତି। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଏହି ଆଇନ ଲାଗୁ କରିବା ଆଗରୁ ଆହୁରି ତର୍ଜମା କରିବାର ଆବଶ୍ୟକତା ଥିଲା। ଶୃଙ୍ଖଳିତ ଉଦ୍ୟମ ବାହାନା ଦେଖାଇ ଲୋକମାନଙ୍କୁ ହଇରାଣ କରିବା ଠିକ୍ ନୁହେଁ ବୋଲି ପୃଥ୍ୱୀରାଜ କହିଛନ୍ତି।

ସୂଚନାଯୋଗ୍ୟ ଯେ, କିଛିଦିନ ତଳେ ମନ୍ତ୍ରୀ ସୁଶାନ୍ତ ସିଂହ ଏହି ଫାଇନ ଆଦାୟ ଘଟଣାକୁ ବିରୋଧ କରିଥିଲେ। ଛୋଟ ଗାଡ଼ି ଚଳାଉଥିବା ଆରୋହୀଙ୍କଠାରୁ ଏତେ ମାତ୍ରାରେ ଫାଇନ ଆଦାୟ କରି ସେମାନଙ୍କୁ ଗାଡ଼ି ନ ଚଳାଇବାକୁ ବାଧ କରାଯାଉଛି ବୋଲି ସେ କହିଥିଲେ। ଅନ୍ୟପଟେ ପରିବହନ ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନୂଆ ମୋଟର ଯାନ ଆଇନରେ ସେପରି କିଛି ରାଜ୍ୟ ସରକାର ଚାହିଁଲେ ପରିବର୍ତ୍ତନ କରିପାରିବେ ନାହିଁ। ନିର୍ଦ୍ଦିଷ୍ଟ କେତୋଟି ନିୟମରେ ଫାଇନ ଅର୍ଥ ହ୍ରାସ କରିହେବ। ସର୍ବନିମ୍ନ ୨ ହଜାର ଏବଂ ସର୍ବାଧିକ ୧୦ଟଙ୍କା ଜରିମାନା ରାଶି ବାବଦରେ ଅର୍ଥ ରାଶି କମାଯାଇ ପାରିବ। ୪ଟି ଫାଇନ ବାବଦରେ ଆଦାୟ କରାଯିବାକୁ ଥିବା ଜରିମାନା ରାଶି ପରିମାଣ କମାଇବା ଉପରେ ବିଚାର କରାଯାଉଥିବା ନେଇ ଅଧିକାରୀଙ୍କ ଠାରୁ ଜଣାପଡିଛି।

## ସଂକ୍ଷେପରେ

### ତ୍ରିନିଦାଦ ଆଣ୍ଡ୍ ଟବାଗୋ ରାଷ୍ଟ୍ରଦୂତ ଦାୟିତ୍ୱ ନେଲେ ଅରୁଣ

ଭୁବନେଶ୍ୱର,୮।୯(ବ୍ୟୁରୋ): ତ୍ରିନିଦାଦ ଆଣ୍ଡ ଟବାଗୋର ଭାରତୀୟ ରାଷ୍ଟ୍ରଦୂତ ଭାବେ ଅରୁଣ ସାହୁ ଦାୟିତ୍ୱ ନେଇଛନ୍ତି। ନିକଟରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କର ନିଯୁକ୍ତି କରାଯାଇଥିଲା। ଚଳିତ ମାସ ୩ ତାରିଖରେ ତ୍ରିନିଦାଦ ଆଣ୍ଡ ଟବାଗୋସ୍ଥିତ ଭାରତୀୟ ଦୂତାବାସରେ ଅରୁଣ ଦାୟିତ୍ୱ ଗ୍ରହଣ କରିସାରିଛନ୍ତି। ଏହା ପୂର୍ବରୁ ସେ କାନାଡାରେ ଭାରତର ଉପ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିସାରିଛନ୍ତି। ୧୯୯୬ ବ୍ୟାଚ୍‌ର ଏହି ଭାରତୀୟ ବୈଦେଶିକ ସେବା(ଆଇଏଫ୍‌ଏସ୍) ଅଧିକାରୀ ଜଣଙ୍କ ସାହିତ୍ୟରେ ମଧ ବିଶେଷ ରୁଚି ରଖନ୍ତି। କାନାଡାରେ ଯୋଗଦାନ ପୂର୍ବରୁ ଅରୁଣ ଭାରତରେ ବୈଦେଶିକ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଏବଂ ଭାରତୀୟ ସାଂସ୍କୃତିକ ବ୍ୟାପାର ପରିଷଦର ଉପନିର୍ଦ୍ଦେଶକ ଦାୟିତ୍ୱ ତୁଲାଇ ସାରିଛନ୍ତି। ଏତଦ୍ ବ୍ୟତୀତ ଅରୁଣ ଲଣ୍ଡନ, ବେଜିଂ ଏବଂ ତେହେରାନ୍‌ସ୍ଥିତ ଭାରତୀୟ ଦୂତାବାସରେ କାର୍ଯ୍ୟ କରିସାରିଛନ୍ତି। ଚିରା ମଲାଟ ଏବଂ ଆକାଶର ଲୁହ ତାଙ୍କର ୨ଟି ଅନବଦ୍ୟ ସାହିତ୍ୟ କୃତି।

### ବିମାନର ଜରୁରୀ ଅବତରଣ, ଯାତ୍ରୀ ମୃତ

ଭୁବନେଶ୍ୱର, ୮।୯(ବ୍ୟୁରୋ)- ରବିବାର ବେଙ୍ଗାଲୁରୁ କୋଲକାତା ଯାଉଥିବା ସ୍ପାଇସ ଜେଟ (୬୭୩)ର ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଲ୍ଲୀର ଅଶୋକ କୁମାର ଶର୍ମା (୪୮)। ମଝି ଆକାଶରେ ବିମାନଟି ଥିବାବେଳେ ଅଶୋକ ହଠାତ୍ ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରିଥିଲେ। ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ନିକଟରେ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଥିବାରୁ ପାଇଲଟ୍ ଏ ସଂକ୍ରାନ୍ତରେ ସୂଚନା ଦେବା ସହ ପୂର୍ବାହ୍ନ ୧୧ଟା ୧୫ରେ ବିମାନକୁ ଜରୁରୀ ଅବତରଣ କରିଥିଲେ। ଏହାପରେ ତୁରନ୍ତ ଗୁରୁତର ଅସୁସ୍ଥ ଥିବା ଅଶୋକଙ୍କୁ ଫାୟାର ଆମ୍ବୁଲାନ୍ସରେ ଟର୍ମିନାଲ-୧ସ୍ଥିତ ମେଡିକାଲ୍‌କୁ ନିଆଯାଇଥିଲା। ସେଠାରେ ଉପସ୍ଥିତ ଡାକ୍ତର ପରୀକ୍ଷା କରି ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ଦେଇଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା।

# ଶ୍ରୀମନ୍ଦିରରେ କୃଷ୍ଣଲୀଳାର ପରସମାପ୍ତି

ପୁରୀ ଅଫିସ, ୮।୯

ପ୍ରବଳପ୍ରତାପୀ କଂସ ବଧ ସହିତ ଶ୍ରୀମନ୍ଦିରରେ ଚାଲିଥିବା କୃଷ୍ଣଲୀଳା ପରିସମାପ୍ତି ଘଟିଛି। ରବିବାର କୃଷ୍ଣଲୀଳାର ଏହି ଶେଷ ନୀତି ଦେଖିବା ଲାଗି ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।

**ଲବଣୀ ଖିଆ ନୀତି :** ରବିବାର ଥିଲା ପବିତ୍ର ଭାଦ୍ରବ ଶୁକ୍ଳଦଶମୀ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ସିଂହାସନରେ ବିଜେ କରାଇଥିଲେ। ସେଠାରେ ଆଜ୍ଞାମାଳ ଲାଗି ହେବା ପରେ ଦୁଇଠାକୁରଙ୍କୁ ବଟବୃକ୍ଷ ନିକଟରେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ବିମାନବଡୁମାନେ ପାଲିଙ୍କିକୁ କୁର୍ମବେଢ଼ ସାହିରେ ଥିବା ଲବଣୀଖିଆ ଛକକୁ ନେଇଥିଲେ। ଛକରେ ଥିବା ପନ୍ତି ଘରେ ଲବଣୀ ଖିଆ ନୀତି ସମ୍ପନ୍ନ ହୋଇଥିଲା। ସେଠାରେ ଭିତରଚ୍ଛ ମହାପାତ୍ର ଠାକୁରଙ୍କୁ ଆଳତି ବନ୍ଦାପନା କରିବା ସହିତ ମହାଭୋଇଙ୍କ ସର, ଲବଣୀ ଠାକୁରଙ୍କୁ ସମର୍ପଣ କରିଥିଲେ। ମହାଜନମାନେ ଠାକୁରଙ୍କୁ ପନ୍ତି ଘର ଖଟଶେଯ ଉପରକୁ ବିଜେ କରାଇବା ପରେ ପୂଜାପଣ୍ଡା ସାମନ୍ତ ଭୋଗ ଲାଗି କରାଇଥିଲେ। ଏହାପରେ ମହାଭୋଇ ଘରର ବୋହୂମାନେ ଠାକୁରଙ୍କୁ ଅର୍ଘ୍ୟ ବନ୍ଦାପନା କରି କ୍ଷୀର, ସର, ଲବଣୀ ଖୁଆଇଥିଲେ। ଶୀତଳ ଭୋଗ ପରେ ଭିତରଚ୍ଛ ମହାପାତ୍ର ବନ୍ଦାପନା କରିଥିଲେ। ଠାକୁର ପାଲିଙ୍କିରେ ବିଜେ ହୋଇ ମରିଚିକୋଟ ଛକ ନିକଟସ୍ଥ ମରିଚି ଠାକୁରାଣୀଙ୍କ ପନ୍ତି ନିମନ୍ତେ ଯାଇଥିଲେ। ଠାକୁରାଣୀଙ୍କ ସମ୍ମୁଖରେ ମାଟିମଣ୍ଡପ ସାହି ଉତ୍ତରକାଳୀ ଆଖଡାର ଦୁଇଜଣ ମଲ୍ଲ ଯୁଦ୍ଧ ପ୍ରସ୍ତାବ ଆଗତ କରିଥିଲେ। ସୌମ୍ୟ ମହାପାତ୍ର ଓ ମାନସ ସେନାପତି ମଲ୍ଲଯୁଦ୍ଧ ନୀତି ସମ୍ପନ୍ନ କରିଥିଲେ।

## ବଧ ହେଲେ କଂସ



କୃଷ୍ଣଲୀଳାର ଶେଷ ନୀତି କଂସ ବଧ।

**କୁବୁଜାଙ୍କୁ ଉଦ୍ଧାର କଲେ ଶ୍ରୀକୃଷ୍ଣ :** ଏହାପରେ ସିଂହଦ୍ୱାର ସମ୍ମୁଖରେ କୁବୁଜା ଉଦ୍ଧାରଣ ପ୍ରସ୍ତାବ ଆଗତ ହୋଇଥିଲା। ଅକ୍ଷୟ ଘଟୁଆରୀ କୁବୁଜା ବେଶ ହୋଇ ଏହି ନୀତି ସମ୍ପନ୍ନ କରିଥିଲେ। ସେ କୁବୁଜା ବେଶରେ ଚଳନ୍ତି ପ୍ରତିମାଙ୍କୁ ସୁବେଶ (ଚନ୍ଦନ ଚର୍ଚ୍ଚିତ) କରାଇଥିଲେ। ଏହାପରେ ଚଳନ୍ତି ପ୍ରତିମା କୃଷ୍ଣ କୁବୁଜାଙ୍କୁ ଆଜ୍ଞାମାଳ ପ୍ରଦାନ କରି ସୁନ୍ଦରୀ ନାରୀ ରୂପ ଦେଇ ଉଦ୍ଧାର କରିଥିଲେ।

**କଂସ ବଧ ପ୍ରସ୍ତାବ ଆଗତ :** ସିଂହଦ୍ୱାର ସମ୍ମୁଖ ବଡଛତା ମଠ ସମ୍ମୁଖରେ କଂସବଧ ନୀତି ସମ୍ପନ୍ନ ହୋଇଥିଲା। ବାଲିସାହି ଆଖଡା ପକ୍ଷରୁ କଂସବଧ ପ୍ରସ୍ତାବ ଆଗତ କରାଯାଇଥିଲା। ରାଜେଶ ପ୍ରଧାନ କଂସ, ଆୟନ ରୁଦ୍ରାଂଶୁ ତ୍ରିପାଠୀ କୃଷ୍ଣ, ସୌମ୍ୟରଞ୍ଜନ ପତି ବଳରାମ ବେଶରେ ଏହି ନୀତି ସମ୍ପନ୍ନ କରିଥିଲେ। ଏହି ନୀତିରେ ପ୍ରଥମେ କଂସ ରଣହୁଙ୍କାର ଦେବା ପରେ ସେଠାରେ ଠାକୁରଙ୍କୁ ଶୀତଳ ଭୋଗ ବନ୍ଦାପନା ହୋଇଥିଲା। ଶ୍ରୀକୃଷ୍ଣଙ୍କ ପରାକ୍ରମ ଦେଖି କଂସ ଭୟଭୀତ ହୋଇ ମଞ୍ଚାରୁ ପଡିଯିବା ଫଳରେ ତାଙ୍କର ନିଧନ ହୋଇଥିଲା। ଏହାପରେ ସେଠାରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ।

# ଜିଲ୍ଲା ଟିଠି
## ନୂଆପଡା



## ସଡିଏଁ ହାରିଗଲେ ୩୫୩ରେ

ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପରସ୍ପର ମଧ୍ୟରେ ଲଢୁଛନ୍ତି। ସେଥିରେ କି ଫାଇଦା ମିଳୁଛି ଲୋକଙ୍କୁ ? ହେଲେ ନୂଆପଡା ଜିଲାର ଲାଇଫ ଲାଇନ କୁହାଯାଉଥିବା ନୂଆପଡା-ଖଡିଆଳ ୩୫୩ନମ୍ବର ଜାତୀୟ ରାଜପଥ ନିର୍ମାଣ କାମ ଶେଷ କରିବାରେ ଉଭୟ ସରକାର ଫେଲ ମାରିଛନ୍ତି । ଜିଲା ପ୍ରଶାସନ, ଯନ୍ତ୍ରୀ, ମନ୍ତ୍ରୀ, ବିଧାୟକ କି ଏମ୍ପିଙ୍କ ତାଗିଦ୍ କିଛି କାମକୁ ଆସୁନାହିଁ । ଆଜିକୁ ପାଞ୍ଚ ବର୍ଷ ହେବ ଏହା ଜିଲାବାସୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି । ସେଥିପାଇଁ ସାଧାରଣ ଲୋକଟିଏ ବି ସଡିଏଁ ହାରିଗଲେ ୩୫୩ରେ ବୋଲି କହିଦେଉଛି । ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ଖଡିଆଳ ଏବଂ ନୂଆପଡାକୁ ସଂଯୋଗ କରୁଥିବା ଏହି ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି । ଭାରିଯାନ ବ୍ୟତୀତ ଅନ୍ୟ ଯାନବାହନରେ ଲୋକେ ଏହି ରାସ୍ତାରେ ଯିବାକୁ ସୁରକ୍ଷିତ ମଣୁନାହାନ୍ତି । ଏହି ରାସ୍ତାର ଦୁରବସ୍ଥା ଗଣମାଧ୍ୟମରେ ପ୍ରସ୍ଥ ମନ୍ଥନ କରୁଛି । ପାଞ୍ଚବର୍ଷ ତଳେ ଜାତୀୟ ରାଜପଥ ୩୫୩ନମ୍ବର କାମ ଆରମ୍ଭ ହେଲା । ହାତୀ ଖସିଗଲା, ହେଲେ ଲାଞ୍ଜ ରହିଗଲା ନୀତିରେ ୭୫କିମି ରାସ୍ତା ମଧ୍ୟରୁ ମାତ୍ର ୧୫କିମି ନିର୍ମାଣ କାମ ଶେଷ ହୋଇପାରୁନାହିଁ । ରାସ୍ତାର ଦଲଦଲି, ବାଞ୍ଜିବାହାଲ, ଉଦ୍ୟାନବନ୍ଧ, କୋମନା, ଟେଣ୍ଟେଲବନ୍ଧ ନିକଟ ରାସ୍ତାର ବିଭିନ୍ନ ସ୍ଥାନରେ ତିନିରୁ ଚାରି ଫୁଟର ଗର୍ତ୍ତ ହୋଇଛି । ଲଗାଣ ବର୍ଷା ପରେ ଏହି ଗର୍ତ୍ତରେ ପାଣି ଜମି ସଙ୍ଗିନ ପରିସ୍ଥିତି ସୃଷ୍ଟି କରୁଛି । ଗାଡି ଚଳାଇବା ବେଳେ ଡ୍ରାଇଭରଙ୍କ ଦକ୍ଷତା କାମକୁ ଆସୁନାହିଁ । ଶୋଚନୀୟ ରାସ୍ତାକୁ ନେଇ ବିଭିନ୍ନ ସମୟରେ ଲୋକେ ରାସ୍ତାରୋକୋ ଆନ୍ଦୋଳନ କରୁଛନ୍ତି । ଆନ୍ଦୋଳନ ପରେ କାମ ନେଇଥିବା ଭିଆଇର ଠିକା କମ୍ପାନୀର ଗାଡି ଘଟଣାସ୍ଥଳକୁ ଆସି କାମ କଲାଭଳି ଭେଳିକି ଦେଖାଇ ପରେ ଉଭାନ ହୋଇଯାଉଛନ୍ତି । ଅବସ୍ଥା ଯଥା ପୂର୍ବଂ ତଥା ପରଂ । ବିରୋଧୀ ଦଳ ନେତାଙ୍କୁ ପଚାରିଲେ ରାଜ୍ୟ ସରକାର ଜାଣିବେ କହି ଦୋଷ ଖସାଇଦେଇ ଚାଲି ଯାଉଛନ୍ତି । ବିଧାୟକ, ମନ୍ତ୍ରୀଙ୍କୁ ପଚାରିଲେ ଏହା କେନ୍ଦ୍ରୀୟ ଯୋଜନା ବୋଲି ଟାଳି ଦେଉଛନ୍ତି । ୨୦୧୯ସାଧାରଣ ନିର୍ବାଚନ ପରେ ଏଠିକାର ନିର୍ବାଚିତ ଜନ ପ୍ରତିନିଧିମାନେ ଦିଲ୍ଲୀ ଯାଇ ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଭେଟି ତୁରନ୍ତ କାମ ସମ୍ପୂର୍ଣ୍ଣ କରିବାକୁ ଜଣାଇଥିଲେ । ତଥାପି ଏ ଦିଗରେ କୌଣସି ସୁଫଳ ମିଳିଲା ନାହିଁ । କାମ କରୁଥିବା ଠିକାଦାର ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପାଖ ଲୋକ ବୋଲି କୁହାଯାଉଛି । ସେଥିପାଇଁ କେହି ବିରୋଧର ସ୍ୱରକୁ ତୀବ୍ର କରି ପାରୁ ନ ଥିବା ଏଠାରେ ଆଲୋଚନା ହେଉଛି । ନିକଟରେ କଳାହାଣ୍ଡି ଏମ୍ପି ଏହି ରାସ୍ତାଦେଇ ଯିବା ସମୟରେ ଖଡିଆଳରେ ଥିବା ଠିକାଦାରଙ୍କ କ୍ୟାମ୍ପ ଅଫିସ ନିକଟରେ ଅଟକି ଠିକା କମ୍ପାନୀର କର୍ମଚାରୀଙ୍କୁ ତାଗିଦ୍ କରିଥିଲେ । ଦୁଇଦିନ ମଧ୍ୟରେ କାମ ଶେଷ ନ କଲେ ସେ ତାଙ୍କର ଭୂମିକା ଦେଖାଇବେ ବୋଲି ଚେତାବନୀ ଦେଇଥିଲେ । ଏହାକୁ ନେଇ ସୋସିଆଲ ମିଡିଆରେ ବେଶ୍ ଆଲୋଚନା ହୋଇଥିଲା । ଇତିମଧ୍ୟରେ ସପ୍ତାହେ ବିତି ଯାଇଥିଲେ ମଧ୍ୟ ଗୋଟିଏ ଇଞ୍ଚ ବି କାମ ଆଗେଇନାହିଁ । ଜିଲାପାଳ ବିଭାଗୀୟ ଯନ୍ତ୍ରୀ, ଠିକା କମ୍ପାନୀର କର୍ମଚାରୀଙ୍କୁ ଡକାଇ ଆଲୋଚନା କଲେ । ସେମାନେ ମଧ୍ୟ ଯେନତେନ ପ୍ରକାରେ କଥାକୁ ଟାଳିଦେଇ ଚାଲିଗଲେ ସିନା କାମ ଅଗ୍ରଗତିର କୌଣସି ସମ୍ଭାବନା ଦେଖାଯାଉନାହିଁ । ଏହି ପରିସ୍ଥିତିରେ ଜାତୀୟ ରାଜପଥ ୩୫୩ କାମ କେବେ ସମ୍ପୂର୍ଣ୍ଣ ହେବ ତାହାର ଉତ୍ତର କାହା ପାଖରେ ନାହିଁ।

– ଘନଶ୍ୟାମ ଭୋଇ

# ଅନୁପ୍ରିୟା ଲାକ୍ରାଙ୍କୁ ଅଭିନନ୍ଦନ ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୮।୯(ବ୍ୟୁରୋ)

ଆଦିବାସୀ ଓଡ଼ିଆ ଝିଅ ଅନୁପ୍ରିୟା ଲାକ୍ରା ବିମାନ ଉଡାଇବାକୁ ନିଯୁକ୍ତି ପାଇବାପରେ ଏହାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶଂସା କରିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି ଯେ, ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁକିଛି ସମ୍ଭବ। ଏହା ମାଲକାନଗିରି ଝିଅ ଅନୁପ୍ରିୟା ଲାକ୍ରା ପ୍ରମାଣ କରିଛନ୍ତି। ଅନୁପ୍ରିୟା ବହୁ ବାଧା ବିଘ୍ନକୁ ସାମ୍ନାକରି ଏକ ଘରୋଇ ଏୟାର ଲାଇସେନ୍ସରେ କୋ ପାଇଲଟ ଭାବେ ନିଯୁକ୍ତି ପାଇଛନ୍ତି। ଏଥିପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ଏହି ଅଧ୍ୟବସାୟ ଯୁବପିଢିଙ୍କୁ ଏବଂ ବିଶେଷଭାବେ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେବ ବୋଲି ସେ କହିଛନ୍ତି।

# ରେଙ୍ଗାଳି ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲା

କଣିହାଁ, ୮।୯(ଡି.ଏନ.ଏ.):



ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ରେଙ୍ଗାଳି ଡ୍ୟାମରୁ ରବିବାର ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଛି। ପୂର୍ବାହ୍ନ ୯ଟା ୧୦ରେ ଡ୍ୟାମର ଗୋଟିଏ ଗେଟ ଖୋଲାଯାଇଛି। ଏହି ନଦୀବନ୍ଧର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବାବେଳେ ବର୍ଷା ଯୋଗୁ ଜଳସ୍ତର ୧୨୨.୮୫ ମିଟରରେ ପହଞ୍ଚିଥିଲା। ବ୍ରାହ୍ମଣୀ ନଦୀ ଅବବାହିକା ଯନ୍ତ୍ରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଡ୍ୟାମର ୭ ନମ୍ବର ଗେଟକୁ ଖୋଲାଯାଇଛି। ରେଙ୍ଗାଳି ନଦୀବନ୍ଧ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଜେନାଙ୍କ ସୂଚନାରୁ ଜଣାଯାଏ, ପ୍ରତି ସେକେଣ୍ଡରେ ଡ୍ୟାମକୁ ୧୦୯୫.୧୮ ଘନମିଟର ଜଳ ପ୍ରବେଶ କରୁଛି। ବିଦ୍ୟୁତ୍ ଉତ୍ପାଦନରେ ବ୍ୟବହାର ଓ ଗୋଟିଏ ଗେଟ ଦେଇ ନିଷ୍କାସନ ହେଉଥିବା ଜଳର ମାତ୍ରା ପ୍ରତି ସେକେଣ୍ଡରେ ୨୦୦୬.୩୬ ଘନଫୁଟ ରହିଛି। ସେହିପରି ରେଙ୍ଗାଳି ନଦୀବନ୍ଧର ତଳମୁଣ୍ଡରେ ସମଲ ଆନିକେଟର ୫ଟି ଗେଟ ୪ ମିଟର ପର୍ଯ୍ୟନ୍ତ ଖୋଲାଯାଇଛି। ଅନିକେଟର ନିର୍ବାହୀଯନ୍ତ୍ରୀ ବିଶ୍ୱମୋହନ ବରାଲ କହିଛନ୍ତି, ରେଙ୍ଗାଳି ଡ୍ୟାମ ଜଳ ସହ ତିକିରା, ସମାକୋଇ ଓ ସିଙ୍ଗିଡା ଯୋର ବନ୍ୟାଜଳ ମିଶି ଆନିକଟକୁ ପ୍ରତି ସେକେଣ୍ଡରେ ୨୮୩୦ ଘନମିଟର ପ୍ରବେଶ କରୁଛି। ସେହିପରି ଖୋଲାଯାଇଥିବା ଆନିକଟର ୫ ଗେଟ୍ ଦେଇ ୨୮୪୦ ଘନମିଟର ଜଳ ନିଷ୍କାସିତ ହେଉଛି।

# ଭାଉଜଙ୍କୁ ହତ୍ୟା ପରେ ଦିଅରଙ୍କ ଆତ୍ମହତ୍ୟା

କୁଆଁରମୁଣ୍ଡା, ୮।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ରିଡ଼ିଁ ଗ୍ରାମ ପରଜାଟୋଲିରେ ରବିବାର ଅଭାବନୀୟ ଘଟଣା ଘଟିଛି। ଘରେ ଶୋଇଥିବା ଅବସ୍ଥାରେ ବଡ଼ ଭାଉଜ ମାନୀ ଭୂମିଜ(୪୮)ଙ୍କୁ ଦିଅର ଲଖିରାମ ଭୂମିଜ(୩୫) କଟୁରିରେ ହାଣି ହତ୍ୟା କରିଛନ୍ତି। ଏହି ଘଟଣା ଘରେ ଥିବା ଝିଆରୀ ଦେଖି ଭୟରେ ବାହାରକୁ ପଳାଇଥିଲେ। ଏହି ସମୟରେ ଲଖିରାମ ଭିତରପଟୁ ଘରର କବାଟ ବନ୍ଦ କରି ଭିତରେ ଦଉଡ଼ିରେ ନିଜେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଘଟଣାସ୍ଥଳରେ କୁଆଁରମୁଣ୍ଡା ଫାଣ୍ଡିଅଧିକାରୀ ହୃଷୀକେଶ ବେହେରା ଓ ପୋଲିସ ଟିମ୍ ପହଞ୍ଚି ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ୪ ଦିନ ତଳେ ଲଖିରାମ ନିକଟସ୍ଥ କୋଏଲ ନଦୀକୁ ମାଛ ଧରିବା ପାଇଁ ଯାଇଥିଲେ। ଏହି ସମୟରେ ସେ କୁଆଡେ ଚମକି ପଡିଥିଲେ ବୋଲି ଘରେ କହିଥିଲେ। ହେଲେ ତା'ପରଠାରୁ ତାଙ୍କର ମାନସିକ ଅବସ୍ଥା ଖରାପ ହେବାକୁ ଲାଗିଥିଲା। ଏହା ଦେଖି ତାଙ୍କ ବଡ଼ଭାଇ ତଥା ମାନୀ ଭୂମିଜଙ୍କ ସ୍ୱାମୀ ମହେଶ୍ୱର ଓ ସାନଭାଇ ଟିକେଶ୍ୱର ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରବିବାର ଡାକ୍ତରଖାନାରୁ ଲଖିରାମଙ୍କୁ ଘରକୁ ଆଣିଥିଲେ। ସକାଳ ପ୍ରାୟ ସାଢେ ୮ଟା ପରେ ଲଖିରାମଙ୍କୁ ଘରେ ଛାଡି ଦୁଇ ଭାଇ ନିକଟସ୍ଥ କୋଏଲ ନଦୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ଲଖିରାମ ଡାକ୍ତରଖାନାରୁ ଫେରି ଘରେ ପହଞ୍ଚିଲା ପରେ ଭାଉଜ ମାନୀ ଘରେ ଶୋଇଥିବା ଦେଖି ରାଗି ଯାଇଥିଲେ। ସେ ଘରେ ଥିବା ଏକ କଟୁରୀରେ ତାଙ୍କ ଗଳାକୁ ଚୋଟ ମାରି ଗଣ୍ଡିରୁ ମୁଣ୍ଡକୁ ଅଲଗା କରିଦେଇଥିଲେ। ପରେ ନିଜେ ଆତ୍ମହତ୍ୟା କରିଥିଲେ। ଗାଧୋଇ ସାରି ଘରକୁ ଫେରିବା ପରେ ଝିଅଠାରୁ ଶୁଣି କବାଟ ଭାଙ୍ଗି ଘର ଭିତରକୁ ପଶି ମହେଶ୍ୱର ସ୍ତ୍ରୀ ଓ ଭାଇଙ୍କ ମୃତଦେହ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ।

# ମହିଳାଙ୍କ ଉନ୍ମତ୍ତକାଣ୍ଡ: ତଣ୍ଟିଚିପି ବୃଦ୍ଧାଙ୍କୁ ହତ୍ୟା

ନୂଆଗାଁ, ୮।୯ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ କୋକେରମା ପଞ୍ଚାୟତର କରଞ୍ଜିଆ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଉକ୍ତ ଗ୍ରାମର ମହିଳା ସୁମିତ୍ରା ତୁରୀ (୨୫) ପଡୋଶୀ ବୃଦ୍ଧା ସୁଗନ ତୁରୀ (୬୦)ଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ଜଣାପଡିଛି। ହାତୀବାରି ଥାନା ଅଧିକାରୀ ଶ୍ୟାମଲାଲ ଓରାମ ସଦଳବଳ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୁଗନ ଶନିବାର ବିଳମ୍ବିତ ରାତିରେ ଘରୁ କୌଣସି କାମରେ ବାହାରକୁ ବାହାରିଥିଲେ। ଏହି ସମୟରେ ସୁମିତ୍ରା ମଧ୍ୟ ବାହାରକୁ ବାହାରିଥିଲେ। ସୁଗନଙ୍କୁ ଦେଖି ତାଙ୍କ ଆଡକୁ ଦୌଡି ଯାଇ ତାଙ୍କୁ ଧକ୍କା ଦେଇଥିଲେ। ସୁଗନ ପାଟି କରିଥିଲେ। ପାଟି ଶୁଣି ଦୁଇ ପଡ଼ୋଶୀ ଉଠିପଡ଼ି ଘଟଣା କ'ଣ ଦେଖିଥିଲେ। ହେଲେ ଭୟରେ ପାଖକୁ ଯାଇ ନ ଥିଲେ। ସୁଗନ ତଳେ ପଡିଯିବା ପରେ ସୁମିତ୍ରା ତାଙ୍କ ଛାତି ଉପରେ ମାଡିବସି ତଣ୍ଟିକୁ ଚିପି ଦେଇଥିଲେ। ଏପରି କି ସୁଗନଙ୍କ ବେକ ଓ ଆଖିକୁ ଦାନ୍ତରେ କାମୁଡି ରକ୍ତାକ୍ତ କରି ପକାଇଥିଲେ। ଘଟଣାସ୍ଥଳରେ ହିଁ ସୁଗନଙ୍କ ମୃତ୍ୟୁ ଘଟିଥିଲା। ଘଟଣା ଦେଖିଥିବା ପଡ଼ୋଶୀ ଏ ନେଇ ରବିବାର ଭୋର ସମୟରେ ଗାଁ ଲୋକଙ୍କୁ କହିଥିଲେ। ଗାଁ ଲୋକେ ଘଟଣା ସମ୍ପର୍କରେ ଜାଣିଲା ପରେ ସୁମିତ୍ରାଙ୍କ ଘରକୁ ଯାଇ ତାଙ୍କୁ ଗୋଟିଏ କୋଠରୀରେ ତାଲାମାରି ବନ୍ଦ କରିଥିଲେ। ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁଗନଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୁମିତ୍ରାଙ୍କୁ ଗିରଫ କରିଛି।

ପୋଲିସର କହିବାନୁଯାୟୀ କିଛି ଦିନ ହେବ ସୁମିତ୍ରାଙ୍କ ମସ୍ତିଷ୍କ ବିକୃତ ଥିବା ଗାଁ ଲୋକଙ୍କଠାରୁ ଜଣାପଡ଼ିଛି। ଏପରିକି ଘଟଣା ଦିନ ସୁମିତ୍ରାଙ୍କ ଶ୍ୱଶୁର ସୁମିତ୍ରାଙ୍କୁ ନିକଟସ୍ଥ ଏକ ଗ୍ରାମକୁ ଝଡାଫୁଙ୍କା କରିବାକୁ ନେଇଥିଲେ। ସୁମିତ୍ରାଙ୍କ ଗୋଟିଏ ଦେଢ଼ ବର୍ଷର ଝିଅ ଥିବାବେଳେ ତାଙ୍କ ସ୍ୱାମୀ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି। ସେ ପୂର୍ବରୁ ମଧ୍ୟ ଦୁଇ ଜଣଙ୍କୁ ଆକ୍ରମଣ ଉଦ୍ୟମ କରିଥିବା ଲୋକେ କହିଛନ୍ତି। ପଚରାଉଚରା କରିବାରୁ ସୁମିତ୍ରା ହତ୍ୟା କରିଥିବା ନେଇ ମଧ୍ୟ ସ୍ୱୀକାର କରିଥିବା ପୋଲିସ କହିଛି। ଏନେଇ ହାତୀବାରି ଥାନାରେ ଏକ ହତ୍ୟା ମାମଲା (ନଂ.୫୭/୧୯) ରୁଜୁ ହୋଇଛି।


# ମନେ ପଡ଼ନ୍ତି

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ନେତ୍ରମଣି ରାଉତ**
ଗ୍ରାମ: ବଡ଼ପଟିଲୋ, ଜିଲ୍ଲା: ଜଗତସିଂହପୁର
ଆବିର୍ଭାବ: ୦୫।୦୭।୧୯୩୬
ତିରୋଧାନ: ୧୯।୦୯।୨୦୧୮
(ଏକାଦଶୀ ତିଥି)
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଅଣନାତି ଓ ନାତୁଣୀ, ନାତୁଣୀ ବୋହୂ ଓ ପରିବାରବୃନ୍ଦ।
ଧ-୧୪୨୭୯

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କବିରାଜ ନୀଳକଣ୍ଠ ପାତ୍ର**
ରାଜାବଜାର, ଖୁଣ୍ଟିଆବାବୁ ଗଳି, ଜଟଣୀ
ଆବିର୍ଭାବ: ୨୫।୧୦।୧୯୩୬
ତିରୋଧାନ: ୩୦।୦୮।୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଅବିସ୍ମରଣୀୟ। ଆପଣଙ୍କ ଆଶୀର୍ବାଦ ଚିର ସ୍ମରଣୀୟ। ଆପଣଙ୍କର ଅମରଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ନିବେଦନ।
**ଶୋକସନ୍ତପ୍ତ:**
ସ୍ତ୍ରୀ: ଉର୍ମିଳା ପାତ୍ର, ଜ୍ୟେଷ୍ଠପୁତ୍ର: ରାମଚନ୍ଦ୍ର, କନିଷ୍ଠପୁତ୍ର: କୃଷ୍ଣଚନ୍ଦ୍ର, ପୁତ୍ରବଧୂ: ସୁନୀତାରାଣୀ, ଟିକିନା, କନ୍ୟା: ଗୀତାଞ୍ଜଳି, ସଂଯୁକ୍ତାରାଣୀ, ମୀରା, ସ୍ୱର୍ଣ୍ଣବାଳା, ଜ୍ୱାଇଁ: ସଂଜୀବ, ଶିବନାରାୟଣ, ସୁନିଲ, ପୌତ୍ରାଦି: ସଚିନ୍, ଅମିଶା, ରାଜକୁମାର, ଅମିତାଭ ଏବଂ ବନ୍ଧୁ ଓ ପରିବାରବର୍ଗ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଧ-୧୪୨୭୭



# ଉତ୍କଳ ଗ୍ରାମୀଣ ବ୍ୟାଙ୍କ
## ଆଞ୍ଚଳିକ କାର୍ଯ୍ୟାଳୟ, ବାହାଦୁର ବଗିଚାପଡା, ଭବାନୀପାଟଣା, କଳାହାଣ୍ଡି

## ସୁନା ନିଲାମ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ନିମ୍ନଲିଖିତ ସ୍ୱର୍ଣ୍ଣଋଣ ଗ୍ରହୀତା, ସେମାନଙ୍କର ଆଇନ ସମ୍ମତ ଉତ୍ତରାଧିକାରୀ, ସ୍ୱର୍ଣ୍ଣ ବ୍ୟବସାୟୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ଋଣ ଗ୍ରହୀତାମାନେ ଯଥା ସମୟରେ ସେମାନଙ୍କର ଋଣ ପରିଶୋଧ କରୁନାହାନ୍ତି । ଯଦି ସେମାନେ ଆସନ୍ତା **ତା୨୩.୯.୨୦୧୯ ରିଖ ସୋମବାର** ସୁଦ୍ଧା ସେମାନଙ୍କର ସମସ୍ତ ବକେୟା ଋଣ (ଋଣଖାତାରେ ପୈଠ ହେବା ପର୍ଯ୍ୟନ୍ତ ସମୂଳସୁଧ ଓ ଆନୁସଙ୍ଗିକ ଖର୍ଚ୍ଚ) ପରିଶୋଧ ନକରନ୍ତି, ତାହାହେଲେ **ଆସନ୍ତା ୨୪.୯.୨୦୧୯ ମଙ୍ଗଳବାର ଦିନ ୧ ଘଣ୍ଟା ସମୟଠାରୁ ସଂପୃକ୍ତ ଶାଖା ଗୁଡିକର ବ୍ୟାଙ୍କ** ଗୃହ ମଧ୍ୟରେ ସେମାନେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ପ୍ରକାଶ୍ୟ ନିଲାମ କରାଯିବ । ଋଣ ଗ୍ରହୀତାମାନଙ୍କର ଏ ସମ୍ପର୍କରେ କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ । ନିଲାମ ଡାକିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ଏଥିପାଇଁ ଟ. ୧୦,୦୦୦/- (ଦଶ ହଜାର ଟଙ୍କା ମାତ୍ର) ଅମାନତ ରୂପେ ଶାଖା ପରିଚାଳକଙ୍କ ନିକଟରେ ଜମା ରଖିବେ । ନିଲାମ ଡାକି କୌଣସି ବ୍ୟକ୍ତି ଯଦି ନିଲାମ ମୂଲ୍ୟ ବାବଦକୁ ସମସ୍ତ ଟଙ୍କା ନିର୍ଦ୍ଧାରିତ ସମୟ ମଧ୍ୟରେ ଦେବାକୁ ଅକ୍ଷମ ହୁଅନ୍ତି, ତା ହେଲେ ତାଙ୍କର ଅମାନତ ସ୍ୱରୂପ ଜମା ରଖିଥିବା ଟଙ୍କା ବାଜ୍ୟାପ୍ତ କରାଯିବ । ନିଲାମ ଡାକିଥିବା ମୂଲ୍ୟ ଯଦି ଉପଯୁକ୍ତ ବିବେଚିତ ନହୁଏ, ତାହାହେଲେ କୌଣସି କାରଣ ନଦର୍ଶାଇ ସେହି ନିଲାମକୁ ନାକଚ କରିବାର କ୍ଷମତା ବ୍ୟାଙ୍କର ରହିଛି । ପ୍ରକାଶଥାଉକି, ଆବଶ୍ୟକ ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଧାର୍ଯ୍ୟ ନିଲାମ ତାରିଖକୁ ରଦ୍ଦ, ସ୍ଥଗିତ ବା ପରିବର୍ତ୍ତନ କରିପାରିବେ ।

(ଆଞ୍ଚଳିକ ପ୍ରବନ୍ଧକ/କ୍ଷମତାପ୍ରାପ୍ତ ଅଧିକାରୀ, ଭବାନୀପାଟଣା)

| କ୍ର.ନଂ | ଋଣ ଗ୍ରହୀତାଙ୍କ ନାମ ଓ ଠିକଣା | ସ୍ୱର୍ଣ୍ଣ ଋଣ. ଖାତା ନଂ. | ଶାଖା ଓ ନିଲାମ ସ୍ଥାନ | ମୋଟ ସୁନାର ଓଜନ(ଗ୍ରାମରେ) |
|---|---|---|---|---|
| 1 | Mangaru Bhatra,S/o- Chamaru, Asanga, Nabarangpur | 12310028255 | Rajoda | 9.9 gm |
| 2 | Chudamani Deep, S/o- Hari, Kasrupada, Kalahandi | 84014972545 | Kasrupada | 15.35gm |
| 3 | Rakesh Ranjan Mishra, S/o- Birupakhya, Sukunabhata, Kalahandi | 84015393125 | Kasrupada | 47.50gm |
| 4 | Dhrupa Thapa, Turlakheman, Kalahandi | 84012138941 | Kasrupada | 18.00gm |
| 5 | Mukesh Prasad Gupta, Temera, Nabarangpur | 84002980082 | Kosagumuda | 24.60gm |
| 6 | Baliram Halba, Kutariguda, Nabarangpur | 84003479517 | Kosagumuda | 8.20gm |
| 7 | Gitanjali Choudhury, Kosagumuda, Nabarangpur | 84003759210 | Kosagumuda | 20.20gm |
| 8 | Dambarudhar Pujari, S/o- Phaguna, Kosagumuda, Nabarangpur | 84004062718 | Kosagumuda | 24.30gm |
| 9 | Gupteswar Panigarahy, S/o- Jalandhar, Temera, Nabarangpur | 84005174284 | Kosagumoda | 7.90gm |
| 10 | Dibakar Pujari, Haldiguda, Nabarangpur | 84004720893 | Kosagumuda | 16.10gm |
| 11 | Dibakar Pujari, Haldiguda, Nabarangpur | 84005218906 | Kosagumuda | 7.00gm |
| 12 | Dibakar Pujari, Haldiguda, Nabarangpur | 84006571008 | Kosagumuda | 15.70gm |
| 13 | Dibakar Pujari, Haldiguda, Nabarangpur | 84008349991 | Kosagumuda | 20.75gm |
| 14 | Kamallochan Pujari, Bajarguda, Nabarangpur | 84005316265 | Kosagumuda | 8.70gm |
| 15 | Santosh Kumar Rath, Kosagumuda, Nabarangpur | 84006835257 | Kosagumuda | 7.90gm |
| 16 | Laxmi Narayan Bisoi, Charchunda, Nabarangpur | 84005973967 | Kosagumuda | 12.80gm |
| 17 | Ambika Prasad Das, Churahandi, Nabarangpur | 12282047823 | Kosagumuda | 15.00gm |
| 18 | Ratan Sardar,S/o- Tarapad, Silati, Umerkote | 12279037081 | Umerkote | 11.30gm |
| 19 | Ratan Sardar, S/o- Tarapad, Silati, Umerkote | 12279037285 | Umerkote | 8.50gm |
| 20 | Tulu Majhi, S/o- Khununja, Matikhal, Kalahandi | 84008545747 | Badakuturu | 12.90gm |
| 21 | Jayasen Bag, S/o- Sahadeb, Badakuturu, Kalahandi | 84013604287 | Badakuturu | 3.6gm |
| 22 | Jayasen Bag, S/o- Sahadeb, Badakuturu, Kalahandi | 84021925234 | Badakuturu | 4.00gm |
| 23 | Meghanad Majhi, S/o- Gurukunar, Ghotia, Kalahandi | 12181002900 | Daspur | 7.05gm |
| 24 | Sudhansu Meher, S/o- Krushna Pondkuol, Kalahandi | 84018124998 | Daspur | 10.00gm |
| 25 | Bijaya Kumar Mund, S/o- Raghunath, Arebeda, Kalahandi | 84004836445 | Ranmal | 25.50gm |
| 26 | Rasika Putel, S/o- Paramananda, Goikela, Kalahandi | 84008203032 | Borda | 3.90gm |

# ଦୁର୍ବଳ ହୋଇପଡ଼ିଲେ

୮ ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ ଭଳି ଅର୍ଥନୈତିକ ଅସ୍ତ୍ର ପ୍ରୟୋଗ କରାଯିବା ପରେ ସେତେବେଳେ ଦେଶବାସୀଙ୍କୁ ବାର୍ତ୍ତା ଦିଆଯାଇଥିଲା ଯେ ଭାରତୀୟ ଅର୍ଥନୀତି ଦୀର୍ଘମିଆଦୀ ସଫଳତା ପାଇବ। ଦେଶ ଭିତରେ ଧନୀମାନେ ଲୁଚାଇ ରଖିଥିବା କଳାଧନ ଠାବ କରାଯିବା ଲାଗି ଏଭଳି କଠୋର ପଦକ୍ଷେପ ସାହାଯ୍ୟ କରିବ ବୋଲି ବୁଝାଇ ଦିଆଯିବା ପରେ ଜନସାଧାରଣ ସାମୟିକ ଯନ୍ତ୍ରଣା ଭୋଗ କରିବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଯାଇଥିଲେ। ଏପରି କି ନିଜ ଦ୍ୱାରା ଜମା ଅର୍ଥ ଉଠାଇବା ପାଇଁ ଲୋକଙ୍କୁ ଦିନ ଦିନ ବ୍ୟାଙ୍କ ଆଗରେ ଠିଆ ହେବାକୁ ପଡ଼ିବାରୁ ଅସନ୍ତୋଷ ଦେଖାଦେଇଥିଲା। ତଥାପି ତାହାକୁ ଧୈର୍ଯ୍ୟର ସହ ସହିଯିବା ଲାଗି ସୀମାନ୍ତରେ ସୈନ୍ୟମାନଙ୍କ କଷ୍ଟଦାୟକ କର୍ମମୟ ଜୀବନର ଉଦାହରଣ ଦିଆଯାଇଥିଲା। ଅର୍ଥାତ୍ ଶତ୍ରୁମାନଙ୍କୁ ପ୍ରତିହତ କରିବା ଲାଗି ଦେଶର ଯବାନ ପ୍ରାଣବଳି ଦେଉଥିବା ବେଳେ ଅର୍ଥନୀତିକୁ ସଜାଡ଼ିବା ଲାଗି ଆମେ କ'ଣ ଏତିକି କରିପାରିବା ନାହିଁ ବୋଲି ସେତେବେଳେ ସୋସିଆଲ ମିଡିଆରେ ଅସଂଖ୍ୟ ବାର୍ତ୍ତା ଜରିଆରେ ପ୍ରଶ୍ନ କରାଯାଇଥିଲା। ଫଳରେ ଜନସାଧାରଣ ଧରି ନେଇଥିଲେ ଯେ, ଧନୀମାନେ ଏ ଦେଶର ସମ୍ପତ୍ତି ଲୁଟୁଥିବାରୁ ସେମାନଙ୍କଠାରେ ଥିବା କଳାଧନ ଠାବ ହେଲେ ଗରିବମାନଙ୍କ ଆର୍ଥିକ ଉନ୍ନତି ହେବ ଓ ଭାରତର ଅର୍ଥନୀତି ସୁଦୃଢ଼ ହେବ। ଅନ୍ୟପକ୍ଷରେ ସରକାରଙ୍କ ଏଭଳି ପଦକ୍ଷେପକୁ ଯେଉଁମାନେ ବିରୋଧ କରିଥିଲେ ସେମାନଙ୍କ ଯୁକ୍ତି ଥିଲା ଯେ, ଧନୀମାନେ ନଗଦ ଅର୍ଥ ପାଖରେ ରଖି ନ ଥାଆନ୍ତି। ବରଂ ଗରିବ, ଖଟିଖିଆ ଓ ସ୍ୱଳ୍ପ ପୁଞ୍ଜି ଖଟାଇ ବ୍ୟବସାୟ କରୁଥିବା ବ୍ୟକ୍ତିମାନେ ଜୀବନର ସଞ୍ଚିତ ଧନ ନଗଦ ରଖିଥାଆନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଏହି ବର୍ଗ ବିଶେଷ କ୍ଷତିଗ୍ରସ୍ତ ହେବ। ବାସ୍ତବତାକୁ ଅନୁଭବ କରି ଏଭଳି ମତ ଦେଇଥିବା ବ୍ୟକ୍ତିଙ୍କୁ ସେତେବେଳେ ଦେଶଦ୍ରୋହୀ ଆଖ୍ୟା ଦିଆଗଲା। କିନ୍ତୁ ବିମୁଦ୍ରୀକରଣର ୩ ମାସ ପରେ ଦେଶର ଅସଂଖ୍ୟ ଲଘୁ ଓ କ୍ଷୁଦ୍ର ଶିଳ୍ପରେ ତାଲା ପଡ଼ିଗଲା। ଫଳରେ ଏଥିରେ କାମ କରି ପରିବାରର ଗୁଜୁରାଣ ମେଣ୍ଟାଉଥିବା ବ୍ୟକ୍ତିମାନେ ବେକାର ହୋଇଗଲେ।

ବିମୁଦ୍ରୀକରଣକୁ ଆସନ୍ତା ନଭେମ୍ବର ୮ରେ ୩ ବର୍ଷ ପୂରିବ। ଦେଶର ଅର୍ଥନୀତିକୁ ଦୀର୍ଘମିଆଦୀ ଲାଭ ପହଞ୍ଚିବା ପରିବର୍ତ୍ତେ ମାନ୍ଦାବସ୍ଥା ଏବେ ଦେଶବାସୀଙ୍କୁ କବଳିତ କରିରଖିଛି। ବିମୁଦ୍ରୀକରଣ ବେଳେ ଯେଉଁମାନେ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ମାନ୍ଦାବସ୍ଥା ଭଳି ପରିସ୍ଥିତି ଉପୁଜିବ ବୋଲି ଆଶଙ୍କା କରିଥିଲେ ତାହାକୁ ସ୍ୱୟଂ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଶୀର୍ଷ ସଂସ୍ଥା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏବେ ସତ୍ୟ ବୋଲି ତଥ୍ୟ ଉପସ୍ଥାପନ କରିଛି। ୭ ସେପ୍ଟେମ୍ବରରେ ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ବିମୁଦ୍ରୀକରଣ ଯୋଗୁ ଆଜି ମାନ୍ଦାବସ୍ଥା ସୃଷ୍ଟି ହୋଇଛି। କେନ୍ଦ୍ରୀୟ ବ୍ୟାଙ୍କ ତଥ୍ୟ ମୁତାବକ ବିମୁଦ୍ରୀକରଣ ପରେ କଞ୍ଜୁମର ଗୁଡ୍‌ସ ବା ଖାଉଟି ସାମଗ୍ରୀ ଲାଗି ଋଣ ପ୍ରଦାନ ନିମ୍ନଗାମୀ ହେବା ସହ ନିରନ୍ତର ହ୍ରାସ ପାଇଚାଲିଛି। ୨୦୧୭ ମାର୍ଚ୍ଚ ଶେଷ ସୁଦ୍ଧା ବ୍ୟାଙ୍କଗୁଡ଼ିକ ପକ୍ଷରୁ କଞ୍ଜୁମର ଗୁଡ୍‌ସ ବାବଦକୁ ରେକର୍ଡ ୨୦,୭୯୧ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ବିମୁଦ୍ରୀକରଣର ପ୍ରଭାବ ଅନୁଭୂତ ହେବା ପରେ ଏବେ ଏହା ୭୩ ପ୍ରତିଶତ ହ୍ରାସ ଘଟିଛି। ଫଳରେ ଲଘୁ, ସୂକ୍ଷ୍ମ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ର ଘୋର ବିପର୍ଯ୍ୟସ୍ତ ହୋଇଛି। ଏହା ଦ୍ୱାରା ନିଯୁକ୍ତି କ୍ଷେତ୍ର ପ୍ରଭାବିତ ହୋଇଛି। ଏଠାରେ ମନେରଖିବାକୁ ହେବ ଯେ, ବୃହତ୍ ଶିଳ୍ପସଂସ୍ଥା ବର୍ତ୍ତମାନ ଅଟୋମେଶନ ଏବଂ କମ୍ପ୍ୟୁଟରଚାଳିତ ହୋଇଯାଉଥିବାରୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର କେବଳ ବହୁ ସଂଖ୍ୟକ ଚାକିରି ସୃଷ୍ଟି କରିଥାଏ। ଏହି କ୍ଷେତ୍ରର ମୃତ୍ୟୁର ଅର୍ଥ ହେଉଛି ବେକାରି ଓ ହାହାକାର। ଯେତେବେଳେ ଲୋକଙ୍କ ପାଖରେ ଅର୍ଥର ଅଭାବ ଦେଖାଦେବ, ସେତେବେଳେ ଗଦା ଗଦା ହୋଇ ପଡ଼ି ରହିଥିବା ସାମଗ୍ରୀ କିଣିବାକୁ ସେମାନେ ଅସମର୍ଥ ହେବେ। ଏବର ପରିସ୍ଥିତି ଦେଖିଲେ ଉତ୍ପାଦିତ ଦ୍ରବ୍ୟ ବିକ୍ରି ନ ହେବାରୁ ସଂସ୍ଥାଗୁଡ଼ିକ ବ୍ୟାପକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏହା ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଅଂଶର ଗୋଟିଏ ବିଶ୍ଳେଷଣ। ଅନୁରୂପ ଭାବେ ଗାଡ଼ିମୋଟର ନିର୍ମାତା ଅର୍ଥନୈତିକ ମାନ୍ଦାବସ୍ଥା ଦେଇ ଗତି କରିବା ପରେ ଏହି କ୍ଷେତ୍ରରେ ନିଯୁକ୍ତ ପ୍ରାୟ ସାଢ଼େ ୩ ଲକ୍ଷ ଲୋକ ଛଟେଇ ହେଲେଣି। ଏହିପରି କ୍ଷତିଗ୍ରସ୍ତ କ୍ଷେତ୍ରକୁ ଦେଖିଲେ ତାଲିକା ଲମ୍ବିଚାଲିଛି।

କେନ୍ଦ୍ରରେ ଏନ୍‌ଡିଏ-୨ ସରକାର ଆସିବା ପରେ ଭାରତୀୟ ଅର୍ଥନୀତି ଉପରେ ଉଚ୍ଚ ଆଶା ରଖାଯାଇ କୁହାଯାଉଛି ଯେ ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ଏହା ୫ ଟ୍ରିଲିୟନ ଡଲାର ବା ୫ ଲକ୍ଷ କୋଟି ଡଲାରରେ ପହଞ୍ଚିବ। ବର୍ତ୍ତମାନ ସ୍ଥିତି ଦେଖିଲେ ପ୍ରାୟ ୧୩୫ କୋଟି ଲୋକସଂଖ୍ୟା ବିଶିଷ୍ଟ ଦେଶର ସମୁଦାୟ ଘରୋଇ ଉତ୍ପାଦ (ଜିଡିପି) ୨.୬ ଟ୍ରିଲିୟନ ଡଲାରରେ ରହିଛି। ଇପ୍ସିତ ଲକ୍ଷ୍ୟ ୫ ଟ୍ରିଲିୟନ ଡଲାର ପୂରଣ ହେବା କଷ୍ଟକର ବୋଲି କୁହାଯାଇପାରେ। କାରଣ ଜୁଲାଇରେ ଉପସ୍ଥାପିତ ବଜେଟ ପରଠାରୁ ପ୍ରତି ସପ୍ତାହରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଭାରତୀୟ ଷ୍ଟକ୍ ବଜାରରୁ ଅର୍ଥ ଉଠାଇ ନେଇଚାଲିଛନ୍ତି। ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବିଦେଶୀ ନିବେଶକଙ୍କ ଉପରେ ଲାଗିଥିବା ସରଚାର୍ଜ ହଟାଇ ଦେବା ସତ୍ତ୍ୱେ ୮ ସେପ୍ଟେମ୍ବରରେ ମିଳିଥିବା ତଥ୍ୟ ଅନୁଯାୟୀ, ଏଫ୍‌ପିଆଇମାନେ ଚଳିତ ମାସ ପ୍ରଥମ ସପ୍ତାହରେ ୧,୨୬୩ କୋଟି ଟଙ୍କା ଉଠାଇଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ଭାରତୀୟ ବଜାର ଉପରେ ଆଉ ସେମାନଙ୍କ ଆସ୍ଥା ରହୁ ନାହିଁ। ଅର୍ଥନୀତି ବୁଝୁଥିବା ବ୍ୟକ୍ତିମାନେ ଜାଣିଛନ୍ତି, ବଜାରରେ ସାମଗ୍ରୀ ବିକ୍ରି ହେଲେ ଆର୍ଥିକ ଗତିବିଧି ବଢ଼େ। ତତ୍‌ସହିତ ସରକାରଙ୍କୁ ଟିକସ ମିଳିଥାଏ। ସେଥିପାଇଁ ମାନ୍ଦାବସ୍ଥାକୁ ଆର୍‌ବିଆଇ ସ୍ୱୀକାର କରି ଯେତିକି ସତ୍ୟ କହିଛି, ତାହାଠାରୁ ଅଧିକ ପ୍ରମାଣ ଦେଉଛି ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିମାଣ ହ୍ରାସ। ମାସିକ ୧ ଲକ୍ଷ କୋଟି ଟଙ୍କା ଆଦାୟ ଲାଗି ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଅଗଷ୍ଟ ୨୦୧୯ର ତଥ୍ୟ ଦେଖିଲେ ଏହା କମି ୯୮,୨୦୨ କୋଟି ଟଙ୍କାରେ ରହିଛି। ଏବେ ମାନ୍ଦାବସ୍ଥା ଲାଗି ରହିଥିବାରୁ ବିଶ୍ୱରେ ଅନ୍ୟତମ ଅର୍ଥନୈତିକ ଶକ୍ତି ଭାବେ ଉଭା ହେବା ଲାଗି ଭାରତ ସ୍ୱପ୍ନ ଦେଖିବା ଅସ୍ୱାଭାବିକ ମନେହେଉଛି। ଆଜିର ପ୍ରତିଦ୍ୱନ୍ଦ୍ୱିତାମୂଳକ ଆର୍ଥିକ ଜଗତରେ ଯେଉଁ ରାଷ୍ଟ୍ର ତା'ର ଅସ୍ତିତ୍ୱ ହରାଇବ, ତାହାର ରାଜନୈତିକ ସ୍ଥିତି ବିଶ୍ୱ ସ୍ତରରେ ମଳିନ ପଡ଼ିଯିବ। ଉଦାହରଣ ସ୍ୱରୂପ, ଭାରତ ଏକ ଅତି ବୃହତ୍ ଖାଉଟି ଦେଶ ହୋଇଥିବାରୁ ଉଭୟ ଆମେରିକା ଓ ଚାଇନା ଭଳି ରାଷ୍ଟ୍ର ଆମର ଆଭ୍ୟନ୍ତରୀଣ ବ୍ୟାପାର ଯଥା କଶ୍ମୀର ଲାଗି ଉଦ୍ଦିଷ୍ଟ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କିମ୍ବା ଉତ୍ତର ପୂର୍ବାଞ୍ଚଳରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) କାର୍ଯ୍ୟକାରୀ ହେବା ସତ୍ତ୍ୱେ କୌଣସି ବିରୋଧାଭାବ ପ୍ରକାଶ କଲେ ନାହିଁ। କିନ୍ତୁ, ଯଦି ସେହି ବଜାର ଅର୍ଥନୀତି ଦୁର୍ବଳ ହୋଇଯିବ, ସେତେବେଳେ ଶୋଇଥିବା କୁକୁରକୁ ଗୋଇଠା ମାରିବା ଭଳି ସବୁ ଦେଶ ଭାରତକୁ ବେଖାତିର କରିବେ। ଆଜି ପାକିସ୍ତାନର ସେହି ବୃହତ୍ ଖାଉଟି ଦେଶର ମାନ୍ୟତା ନ ଥିବାରୁ ତାହାର ଅନ୍ତର୍ଜାତୀୟ ଓଜନ ହ୍ରାସ ପାଇଛି। ଭାରତ ନିଜର ସ୍ଥିତିକୁ ନ ଜଗିଲେ ଆମକୁ ସେହିଭଳି ଦଶା ଭୋଗିବାକୁ ପଡ଼ିବ।

# ଆର୍ଥିକ ସଙ୍କଟ ନେଇ ସରକାର ଗମ୍ଭୀର ତ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ ପ୍ରମୁଖ ବିସ୍କୁଟ୍ ପ୍ରସ୍ତୁତକାରୀ କମ୍ପାନୀ ବ୍ରିଟାନିଆର ମୁଖ୍ୟ ଦେଶର ଆର୍ଥିକ ସଙ୍କଟ ଉପରେ ଟିପ୍ପଣୀ ଦେଇ କହିଥିଲେ, 'ଅବସ୍ଥା ଏପରି ହୋଇଛି ଯେ ବର୍ତ୍ତମାନ ପାଞ୍ଚଟଙ୍କିଆ ବିସ୍କୁଟ ପ୍ୟାକେଟ୍‌ଟିଏ କିଣିବା ପୂର୍ବରୁ ବି ଲୋକେ ଦୁଇଥର ଚିନ୍ତା କରୁଛନ୍ତି।' ବ୍ରିଟାନିଆ ମୁଖ୍ୟଙ୍କ ଏହି ସରଳ ଟିପ୍ପଣୀ ମଧ୍ୟଦେଇ ଦେଶର ଅର୍ଥନୀତିର ଭୟଙ୍କର ଚିତ୍ରଟି ସ୍ପଷ୍ଟ ଜଣାପଡେ। ବଜାରରେ ବିକ୍ରି ହେଉ ନ ଥିବାରୁ ଦେଶର ୩.୫ କୋଟି ଲୋକଙ୍କୁ ରୋଜଗାର ଦେଉଥିବା ଗାଡ଼ି ଶିଳ୍ପରେ ଏକରକମ ହାହାକାର ସୃଷ୍ଟି ହୋଇଥିବା ବେଳେ ଅନ୍ୟତମ ରୋଜଗାର ପ୍ରଦାନକାରୀ କ୍ଷେତ୍ର ବୟନ ଶିଳ୍ପରେ ମଧ୍ୟ ଗତ ଏକ ବର୍ଷ ମଧ୍ୟରେ ୩୦-୩୫% ଉତ୍ପାଦନ ହ୍ରାସ ପାଇ ପ୍ରାୟ ୩୦-୫୦ ଲକ୍ଷ ଲୋକ ରୋଜଗାର ହରାଇଛନ୍ତି। କେବଳ କାର୍, ବାଇକ୍, ଏସି, ଏଲ୍‌ଇଡି‌ଟିଭି ପରି ଉଚ୍ଚମୂଲ୍ୟର ବିଳାସ ସାମଗ୍ରୀ ନୁହେଁ, ଲୁଗାପଟାଠାରୁ ଆରମ୍ଭ କରି ବିସ୍କୁଟ୍, ଶୁଖିଲା ଖାଦ୍ୟ, ଚା, ଏଫ୍‌ଏମ୍‌ସିଜି ପର୍ଯ୍ୟନ୍ତ ବଜାରରେ ସବୁ ରକମର ଶିଳ୍ପଜାତ ଦ୍ରବ୍ୟ ବିପୁଳ ପରିମାଣରେ ଗଚ୍ଛିତ ଥିଲେ ମଧ୍ୟ ତାହା ବିକ୍ରି ହୋଇପାରୁନାହିଁ। ଗତ ତିନି ମାସ ମଧ୍ୟରେ ବିଦେଶରୁ ତେଲ, ସୁନା ଓ ରୁପା ପରି ସାମଗ୍ରୀର ଆମଦାନୀରେ ୪୫% ହ୍ରାସ ଦେଖାଦେବା ବି ବଜାରରେ ନଗଦର ଅଭାବ ଏବଂ ଲୋକଙ୍କ କ୍ରୟକ୍ଷମତାର ହ୍ରାସକୁ ସୂଚାଉଛି।

ତେବେ ଆଶ୍ଚର୍ଯ୍ୟର କଥା, ଦେଶର ଅର୍ଥନୀତିରେ ଗତ ପ୍ରାୟ ଏକବର୍ଷ ଧରି ମାନ୍ଦାବସ୍ଥା ଦେଖାଯାଉଥିଲେ ବି ସରକାର ଏ ଯାଏ ତାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି। ତେବେ ସରକାରଙ୍କୁ ସମର୍ଥନ କରି ଆସୁଥିବା ରାହୁଲ ବଜାଜଙ୍କଠାରୁ ଆରମ୍ଭକରି ମୋହନଦାସ ପାଇଙ୍କ ପର୍ଯ୍ୟନ୍ତ ଜଣକ ପରେ ଜଣେ ଶିଳ୍ପପତି ମାନ୍ଦାବସ୍ଥାକୁ ନେଇ ଖୋଲାଖୋଲି ଭାବେ ନିଜର ଅସନ୍ତୋଷ ପ୍ରକାଶ କରିବା ତଥା ଖୋଦ୍ ସରକାରଙ୍କ ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ବର୍ତ୍ତମାନର ସଙ୍କଟକୁ ସତୁରି ବର୍ଷରେ ଅଭୂତପୂର୍ବ ବୋଲି କହିବା ପରେ ସରକାର ହଠାତ୍ ସକ୍ରିୟ ହୋଇ ଅନେକ ପଦକ୍ଷେପ ଘୋଷଣା କରିଛନ୍ତି। ଦେଶର ଅର୍ଥନୀତିର ଦୁରବସ୍ଥାକୁ ଦେଖି ମୁହଁ ଫେରାଇ ନେଉଥିବା ବିଦେଶୀ ପୁଞ୍ଜିପତିଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ଦେଢ଼ ମାସ ତଳେ ବଜେଟରେ ବସାଇଥିବା ଟିକସ ଓ ସରଚାର୍ଜକୁ ପ୍ରତ୍ୟାହାର କରିଛନ୍ତି। ଖୁଚୁରା, କୋଇଲା ଖନନ, ଡିଜିଟାଲ ମିଡ଼ିଆ ପରି ଅନେକ କ୍ଷେତ୍ରକୁ ଶହେ ପ୍ରତିଶତ ବିଦେଶୀ ପୁଞ୍ଜି ପାଇଁ ଖୋଲି ଦିଆଯାଇଥିବା ବେଳେ ପୂର୍ବରୁ ବିଦେଶୀ ପୁଞ୍ଜିନିବେଶ ପାଇଁ ରହିଥିବା ଅନେକ ସର୍ତ୍ତକୁ କୋହଳ କରିଦିଆଯାଇଛି। କେବଳ ସେତିକି ନୁହେଁ, ପ୍ରଥମ ଥର ପାଇଁ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କରୁ ୧.୭୬ ଲକ୍ଷ କୋଟି ଟଙ୍କାର ବିପୁଳ ଧନରାଶି ନିଜ ପାଖକୁ ଆଣିଛନ୍ତି, ଯେଉଁଥିରେ ବ୍ୟାଙ୍କର ସଂରକ୍ଷିତ ଜରୁରିକାଳୀନ ପାଣ୍ଠିର ଅର୍ଥ ବି ରହିଛି। ସରକାରଙ୍କ ଉପରୋକ୍ତ ପଦକ୍ଷେପ ଆର୍ଥିକ ସଙ୍କଟକୁ ରୋକିବାରେ ଯେ ବିଫଳ ହେବ, ଏହା ସରକାରଙ୍କ ଘୋଷଣା ସତ୍ତ୍ୱେ ସଙ୍କଟ ଦୂର ହେବାର କୌଣସି ଲକ୍ଷଣ ଦେଖା ନ ଯିବାରୁ ସ୍ପଷ୍ଟ ପ୍ରମାଣିତ ହେଉଛି।

ମୋଦି ସରକାରଙ୍କ ଦୁଇଟି ବଡ଼ ପଦକ୍ଷେପ, ୨୦୧୬ର ବିମୁଦ୍ରୀକରଣ ଏବଂ ୨୦୧୭ର ଜିଏସ୍‌ଟି ଦେଶର ଅର୍ଥନୀତିରେ ସବୁଠାରୁ ବେଶି କ୍ଷତି ପହଞ୍ଚାଇଛି। ବିମୁଦ୍ରୀକରଣ ଫଳରେ ଅସଂଗଠିତ କ୍ଷେତ୍ରର ଅର୍ଥନୀତି ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛି। ଜିଏସ୍‌ଟି ଯୋଗୁ ଦେଶର ଅସଂଗଠିତ କ୍ଷେତ୍ରର ବ୍ୟବସାୟ ଭୟଙ୍କର ସଙ୍କଟ ମଧ୍ୟକୁ ଚାଲିଯାଇଛି। କୋଟି କୋଟି ଲୋକ ନିଜର ରୋଜଗାର ହରାଇଛନ୍ତି। ବିଭିନ୍ନ ସରକାରୀ ବିଭାଗରେ ଖାଲି ପଡ଼ିଥିବା ପ୍ରାୟ ଏକ କୋଟି ପଦବୀକୁ ଗତ ପାଞ୍ଚବର୍ଷ ମଧ୍ୟରେ ପୂରଣ ତ କରାଯାଇନି ବରଂ ରେଳ ବିଭାଗର ଛଅ ଲକ୍ଷ ପଦବୀ ଉଚ୍ଛେଦ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ଜାତୀୟ ନମୁନା ସର୍ଭେର ସଦ୍ୟତମ ରିପୋର୍ଟ ଅନୁଯାୟୀ ଦେଶରେ ବେରୋଜଗାର ହାର ଗତ ୪୫ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତର (୪୫%)ରେ ପହଞ୍ଚିଛି।

ସରକାର ଆପଣେଇଥିବା ନବଉଦାରବାଦୀ ଅର୍ଥନୀତି ଦେଶରେ ଆର୍ଥିକ ବୈଷମ୍ୟକୁ ବଢ଼ାଇବା ସହିତ ଅଧିକରୁ ଅଧିକ ଲୋକଙ୍କ ଆୟ ହ୍ରାସ କରି ଦାରିଦ୍ର୍ୟ ଭିତରକୁ ଠେଲିଦେବାରେ ଲାଗିଛି। ନିକଟରେ ପ୍ରକାଶିତ ଅକ୍ସଫାମ୍‌ର ରିପୋର୍ଟ ଅନୁଯାୟୀ ଦେଶର ୭୩% ସମ୍ପତ୍ତି ମାତ୍ର ୧% ଧନୀ ଲୋକଙ୍କ ହାତରେ ଠୁଳ ହୋଇଛି। କୃଷିରେ ମଧ୍ୟ ଲଗାତର ସରକାରୀ ପୁଞ୍ଜିନିବେଶର ଅଭାବ ଏବଂ ବର୍ଦ୍ଧିତ କୃଷି ସଙ୍କଟ କାରଣରୁ ଗ୍ରାମାଞ୍ଚଳର ସାଧାରଣ ଜନତାଙ୍କ ଆୟ ଓ କ୍ରୟ କ୍ଷମତା ହ୍ରାସ ପାଇଛି। ଜାତୀୟ ନମୁନା ସର୍ଭେ- ୨୦୧୮ର ତଥ୍ୟ ଅନୁଯାୟୀ ୨୦୧୪-୧୫ରେ ଗ୍ରାମାଞ୍ଚଳରେ ବ୍ୟକ୍ତି ପିଛା ଖର୍ଚ୍ଚ କରିବାର କ୍ଷମତା ବା ଆୟ ୧୫୮୭ ଟଙ୍କା ଥିବାବେଳେ ୨୦୧୮-୧୯ରେ ତାହା ଟ୧୫୨୪କୁ ହ୍ରାସ ପାଇଛି। ସେହିଭଳି ସହରାଞ୍ଚଳରେ ବ୍ୟକ୍ତି ପିଛା ମାସିକ ହାରାହାରି ଖର୍ଚ୍ଚ ୨୯୨୬ ଟଙ୍କା ଥିବା ବେଳେ ତାହା ୨୯୦୯ ଟଙ୍କାକୁ ହ୍ରାସ ପାଇଛି। କୃଷିରେ ବିକାଶ ଦର ୨.୯%ରେ ସୀମିତ ଥିବା ବେଳେ ଶିଳ୍ପରେ ବିକାଶ ଦର ୬.୯%କୁ ଖସିଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟହ୍ରାସ ରେକର୍ଡ଼ ସ୍ତରରେ ପହଞ୍ଚିଥିବା ବେଳେ ଦେଶର ଆମଦାନି ଓ ରପ୍ତାନି ଉଭୟ ହ୍ରାସ ପାଇଛି।

ଆର୍ଥିକ ମାନ୍ଦାବସ୍ଥାର ସବୁଠାରୁ ବଡ଼ କାରଣ ହେଉଛି ଦେଶର ସଂଖ୍ୟାଗରିଷ୍ଠ ଲୋକଙ୍କ କ୍ରୟଶକ୍ତି ହ୍ରାସ। ବିଭିନ୍ନ ସରକାରୀ ଅଧ୍ୟୟନରୁ ଜଣାପଡ଼ିଛି ଯେ ଗତ ପାଞ୍ଚବର୍ଷ ମଧ୍ୟରେ ଦେଶରେ ଶିଳ୍ପ ଶ୍ରମିକମାନଙ୍କ ମଜୁରିରେ କୌଣସି ବୃଦ୍ଧି ଘଟି ନ ଥିବା ବେଳେ କୃଷି ମଜୁରିରେ ଓଲଟା ହ୍ରାସ ଦେଖାଦେଇଛି। ଦେଶରେ ମଜୁରି ବୃଦ୍ଧିର ହାର ୨୦୧୦-୧୧ରେ ୨୦.୫% ଥିବା ବେଳେ ୨୦୧୮-୧୯ ବେଳକୁ ତାହା ଏକ ଅଙ୍କକୁ ଖସି ଆସିଛି। ଗ୍ରାମାଞ୍ଚଳରେ ସରକାରଙ୍କ ସବୁଠାରୁ ବଡ଼ ରୋଜଗାର ସୃଷ୍ଟିକାରୀ ଯୋଜନା ମନରେଗାରେ ସରକାର ପ୍ରତିବର୍ଷ ବ୍ୟୟହ୍ରାସ କରି ଚାଲିଥିବା ବେଳେ ସେଥିରେ ଦିଆଯାଉଥିବା ମଜୁରି ନ ବଢ଼ାଇବା ଫଳରେ ବର୍ତ୍ତମାନ ତାହା ବଜାରର ମଜୁରିଠାରୁ ୩୦-୪୦% କମ୍ ରହିଛି। ନବଉଦାର ଅର୍ଥନୀତିରେ ଫଳସ୍ୱରୂପ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ନିୟମିତ ଓ ସ୍ଥାୟୀ ନିଯୁକ୍ତି ବଦଳରେ ଅଧିକରୁ ଅଧିକ ଠିକା ଏବଂ ଆଉଟ୍‌ସୋର୍ସିଂର ପ୍ରଚଳନ ଫଳରେ କୋଟି କୋଟି ଲୋକ ଅତ୍ୟନ୍ତ କମ୍ ଦରମାରେ କାମ କରିବାକୁ ବାଧ୍ୟ ହେଉଛନ୍ତି, ଯାହାକି ସେମାନଙ୍କ କ୍ରୟକ୍ଷମତାକୁ ହ୍ରାସ କରୁଛି।

ବିଶ୍ୱ ଶ୍ରମ ସଂଗଠନ ତା'ର ଏକ ରିପୋର୍ଟରେ ପ୍ରକାଶ କରିଛି ଯେ, ଭାରତରେ ମୋଟ ଜାତୀୟ ଆୟରେ ମଜୁରିର ଅଂଶ ଲଗାତର କମିଥିବା ବେଳେ ପୁଞ୍ଜିପତିଙ୍କ ମୁନାଫାର ଅଂଶ ବୃଦ୍ଧି ପାଇବାରେ ଲାଗିଛି। ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ସାମୟିକ ଶ୍ରମଶକ୍ତି ସର୍ଭେର ତଥ୍ୟ ଅନୁଯାୟୀ ଦେଶର ମୋଟ ସ୍ଥାୟୀ କର୍ମଚାରୀଙ୍କ ମଧ୍ୟରେ ୪୫% (ଗ୍ରାମାଞ୍ଚଳରେ ୫୫% ଏବଂ ସହରାଞ୍ଚଳରେ ୩୮%)ଙ୍କ ଦରମା ମାସିକ ଦଶ ହଜାରରୁ କମ୍ ଥିବା ବେଳେ ୧୨% ସ୍ଥାୟୀ କର୍ମଚାରୀଙ୍କ ଦରମା ପାଞ୍ଚ ହଜାରରୁ ବି କମ୍। ଦେଶର ୬୩% ମହିଳା କର୍ମଚାରୀ ମାସିକ ଦଶ ହଜାରରୁ କମ୍ ଦରମା ପାଉଥିବା ବେଳେ ଅର୍ଦ୍ଧାଧିକ କର୍ମଚାରୀ କୌଣସି ପ୍ରକାରର ସାମାଜିକ ସୁରକ୍ଷା ପାଉନାହାନ୍ତି। ଦେଶର ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ସ୍ଥାୟୀ କର୍ମଚାରୀଙ୍କ ସ୍ଥିତି ଯଦି ଏଇଆ ତା'ହେଲେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ କୋଟି କୋଟି ଶ୍ରମିକଙ୍କ ଆୟର ସ୍ଥିତି କ'ଣ ତାହା ଅନୁମେୟ।

ନିକଟରେ ଅର୍ଥମନ୍ତ୍ରୀ ଦେଶୀ ବିଦେଶୀ କର୍ପୋରେଟ୍‌ମାନଙ୍କୁ ଖୁସି କରିବା ପାଇଁ ଯେଉଁସବୁ କର, ଟିକସ ଓ ସରଚାର୍ଜରେ ରିହାତି ଓ ପ୍ରତ୍ୟାହାର ଘୋଷଣା କଲେ, ବଜାରରେ ନଗଦ ଉପଲବ୍ଧ କରାଇବା ପାଇଁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ତୁରନ୍ତ ୭୦ ହଜାର କୋଟି ଟଙ୍କା ଯୋଗାଇବାକୁ କହିଲେ, ଖୁଚୁରା ପରି କ୍ଷେତ୍ରରେ ଶହେ ପ୍ରତିଶତ ବିଦେଶୀ ପୁଞ୍ଜିକୁ ଅନୁମତି ଦେଲେ ଏହାଦ୍ୱାରା କେବଳ କର୍ପୋରେଟ୍‌ମାନଙ୍କର ହିଁ ମୁନାଫା ସୁରକ୍ଷିତ ହେବ, କିନ୍ତୁ ସାଧାରଣ ଜନତାଙ୍କ ଆୟ କିମ୍ବା କ୍ରୟକ୍ଷମତାରେ ବୃଦ୍ଧି ହେବନି।

ଅର୍ଥନୀତିକୁ ମାନ୍ଦାବସ୍ଥାରୁ ଉଦ୍ଧାର କରିବାର ଏକମାତ୍ର ଉପାୟ ହେଉଛି କର୍ପୋରେଟ୍ ନୁହେଁ ଦେଶର ସଂଖ୍ୟାଗରିଷ୍ଠ ଲୋକଙ୍କ ଆୟକୁ ବଢ଼ାଇବା, ଫଳରେ ସେମାନେ ବଜାରରୁ ଅଧିକରୁ ଅଧିକ ଜିନିଷ କିଣିପାରିବେ। ଏଥିପାଇଁ ଦେଶରେ ସର୍ବନିମ୍ନ ମଜୁରି ବଢ଼ାଇବା ସହିତ ଭିତ୍ତିଭୂମି ନିର୍ମାଣରେ ବ୍ୟାପକ ସରକାରୀ ବିନିଯୋଗର ଆବଶ୍ୟକତା ରହିଛି। କୃଷିରେ ଆୟ ବୃଦ୍ଧି ପାଇଁ କୃଷକଙ୍କ ଫସଲର ସହାୟକ ମୂଲ୍ୟକୁ ଯଥେଷ୍ଟ ବୃଦ୍ଧି କରିବା ସହିତ ସେମାନଙ୍କ ଉତ୍ପାଦନ ଖର୍ଚ୍ଚ କମାଇବାକୁ ପଦକ୍ଷେପ ନେବା ଦରକାର। ଯଦି ସରକାର ଗ୍ରାମାଞ୍ଚଳର ଭିତ୍ତିଭୂମି ବିଶେଷକରି ଜଳସେଚନ, ଶୀତଳଭଣ୍ଡାର ପରି କୃଷି ଭିତ୍ତିଭୂମିରେ ବ୍ୟାପକ ସରକାରୀ ପୁଞ୍ଜିନିବେଶ କରନ୍ତି, ତା'ହେଲେ ତାହା ଭିତ୍ତିଭୂମିର ସୃଷ୍ଟି ସହ କୃଷି ଉତ୍ପାଦନକୁ ବଢ଼ାଇବ ଏବଂ ସେଠାରେ ରହୁଥିବା ସଂଖ୍ୟାଧିକ ଲୋକଙ୍କ ଆୟରେ ବୃଦ୍ଧି ଘଟିପାରିବ। ଫଳରେ ସେମାନେ ବଜାରରୁ ଶିଳ୍ପଜାତ ଦ୍ରବ୍ୟ କିଣିବାକୁ ସକ୍ଷମ ହେବେ ଏବଂ ବଜାରରେ ଚାହିଦା ବଢ଼ିବ।

ମୋ: ୯୪୩୭୧୬୭୩୯୧

# ୫-ଟି ଓ ସାମାଜିକ ପରିବର୍ତ୍ତନ



ଶିବରାମ ଶତପଥୀ

ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ର ସ୍ୱାଗତଯୋଗ୍ୟ। ଅବଶ୍ୟ ଏଥିରେ କିଛି ନୂତନତ୍ୱ ନାହିଁ। ବେଦ ଉପନିଷଦ ଓ ପୁରାଣମାନଙ୍କରେ ଏସବୁ ବିଷୟରେ ଆଗରୁ ମୁନିଋଷିମାନେ ସିଦ୍ଧାନ୍ତ କରିସାରିଛନ୍ତି। ଦଶହଜାର ବର୍ଷ ପୂର୍ବେ ଭାରତରେ ଉନ୍ନତ ଭାଷା, ସାହିତ୍ୟ, ସଂସ୍କୃତି, ସଭ୍ୟତା, ଶିକ୍ଷା, ଆଚାର ସଂହିତା ଓ ସୁଶାସନ ପ୍ରଚଳିତ ଥିଲାବେଳେ ପୃଥିବୀର ଅନ୍ୟ ସବୁ ଦେଶର ଲୋକେ ଆଦିମ ଅଧିବାସୀର ଜୀବନଯାପନ କରି 'ଜୋର ଯାର ମୁଲକ ତାର' ନିୟମରେ ପରିଚାଳିତ ହେଉଥିଲେ।

ଏ ୫ ଟିକୁ ପ୍ରାଧାନ୍ୟ ଅନୁସାରେ ପୁନର୍ବିନ୍ୟାସ କଲେ ପ୍ରଥମେ ଟାଇମ୍, ତା'ପରେ ଟିମ୍ ୱାର୍କ, ତୃତୀୟରେ ଟେକ୍ନୋଲୋଜି, ତା' ପରେ ଟ୍ରାନ୍ସପରେନ୍ସି ଓ ଶେଷରେ ଅବଶ୍ୟ ଅପ୍ରଧାନ ନୁହେଁ (ଲାଷ୍ଟ ବଟ୍ ନଟ୍ ଦି ଲିଷ୍ଟ) ଟ୍ରାନ୍ସଫର୍ମେଶନ।

ଯେଉଁବ୍ୟକ୍ତି, ଦଳ ବା ସମାଜଠାରେ ସମୟ ଜ୍ଞାନ ନାହିଁ ସେ ଶତଚେଷ୍ଟା ସତ୍ତ୍ୱେ ଉପରକୁ ଉଠିପାରେ ନାହିଁ। ପ୍ରଗତି ପଥରେ ପ୍ରଥମ ସୋପାନ ହେଉଛି ସମୟାନୁବର୍ତ୍ତିତା। ସେନାପତି ଭାବେ ଯୁଦ୍ଧ କ୍ଷେତ୍ରରେ କେବଳ ପାଞ୍ଚ ମିନିଟ ବିଳମ୍ବରେ ପହଞ୍ଚିଥିଲେ ବୋଲି ନେପୋଲିୟନ ୱାଟରଲୁ ଯୁଦ୍ଧରେ ପରାସ୍ତ ହୋଇଥିଲେ। ଏଥିପାଇଁ ସୈନ୍ୟବାହିନୀରେ ଶୃଙ୍ଖଳା ସହିତ ସମୟାନୁବର୍ତ୍ତିତାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଏ। କେଉଁ ସମୟରେ କେଉଁ କାର୍ଯ୍ୟ କରିବା ଉଚିତ ସେ ଜ୍ଞାନ ନ ଥିଲେ ବ୍ୟକ୍ତିକୁ ପଦେ ପଦେ ପରାଜୟ ପଥର ପଥିକ ହେବାକୁ ପଡ଼େ। ବିଶ୍ୱ ବ୍ରହ୍ମାଣ୍ଡର ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ଉପଗ୍ରହ ଏପରି କି ଧୂମକେତୁ ମଧ୍ୟ ସମୟାନୁବର୍ତ୍ତୀ। ପ୍ରତ୍ୟହ ନିର୍ଦ୍ଧାରିତ ସମୟରେ ସୂର୍ଯ୍ୟ ଉଦିତ ହୁଅନ୍ତି ଓ ଅସ୍ତ ଯାନ୍ତି। ବହିଗଲା ନଈସୁଅ ପରି ସମୟ କେବେ ପ୍ରତ୍ୟାବର୍ତ୍ତନ କରେ ନାହିଁ। ତେବେ ସମୟ ଯଦି ସର୍ବନିୟନ୍ତା ତାଙ୍କୁ କିପରି ଆମେ ଅବଜ୍ଞା, ଅବହେଳା ବା ଉପେକ୍ଷା କରିପାରିବା ?

ଟିମ୍ ୱାର୍କ ଅର୍ଥ ମିଳିମିଶି କାମ କରିବା। ଚାରିଜଣ ଲୋକ ଚାରିଦିଗକୁ ମୁହଁ କରି ବସ୍ତୁଟିଏ ଟାଣିବାକୁ ଚେଷ୍ଟା କଲେ ପଦାର୍ଥଟି ଇଞ୍ଚେ ମଧ୍ୟ ଏପଟ ସେପଟ ହୁଏ ନାହିଁ। ସମସ୍ତେ ଲକ୍ଷ୍ୟସାଧନ ଦିଗରେ ମନପ୍ରାଣ ଢାଳିଦେଲେ ହିଁ ଅଭିଳଷିତ ଲକ୍ଷ୍ୟ ପ୍ରାପ୍ତ ହୁଏ। ପ୍ରତ୍ୟେକେ ଯଦି ଭାବିବେ ଯା' ହାତରେ ଯିଏ ଚଉଦ ପା, କାହାର ନିର୍ଦ୍ଦେଶ ମାନିବା ପାଇଁ ସେମାନେ ଜନ୍ମ ହୋଇନାହାନ୍ତି, ତେବେ ସେମାନଙ୍କ ଜୀବନ ବ୍ୟର୍ଥତା ଭିତରେ ହିଁ ଅତିବାହିତ ହୁଏ। ଏଣୁ ଚତୁଃବର୍ଣ୍ଣ ବିଭାଗରେ ସମାଜ ପରିଚାଳନାରେ ପ୍ରତ୍ୟେକ ବ୍ୟକ୍ତିଙ୍କ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ। ଅତଏବ ସମାଜରେ କେହି ହେୟ ବା ଅପ୍ରଧାନ ନୁହେଁ। ଫନୀ ମହାବାତ୍ୟା ପରେ ଯେଉଁ ଇଲାକାର ଲୋକେ ସଫାଇବାଲାଙ୍କ ସହିତ ମିଶି କାମ କଲେ ସେ ସ୍ଥାନ ପ୍ରଥମେ ସଫା ହେଲା। ଯୁଦ୍ଧ କ୍ଷେତ୍ରରେ ଜୟ ଲାଭ କରିବାକୁ ହେଲେ ପଦାତିକ ବାହିନୀର ଯେତିକି ଭୂମିକା ରହିଥାଏ ଇଞ୍ଜିନିୟର, ଆର୍ଟିଲେରି, ବାୟୁସେନାର ମଧ୍ୟ ଅନୁରୂପ ଯୋଗଦାନ ଥାଏ। ଟିମ୍ ସ୍ପିରିଟ୍ ବିନା ଲକ୍ଷ୍ୟ ହାସଲ କରିବାରେ ଆଶାୟୀ ହେବା ଦିବାସ୍ୱପ୍ନ ମାତ୍ର। ତୈତ୍ତିରୀୟ ଉପନିଷଦ ମୁକ୍ତ କଣ୍ଠରେ କହେ- ଆମ ଦୁହିଁଙ୍କୁ (ଗୋଷ୍ଠୀ ଅର୍ଥରେ ଆମ ସମସ୍ତଙ୍କୁ) ପରମାତ୍ମା ରକ୍ଷା କରନ୍ତୁ। ଆମେ ମିଳିମିଶି ଭୋଜନ କରିବା। ଆମେ ମିଳିମିଶି ଉର୍ଜା (ବୀର୍ଯ୍ୟ, ଲୋକହିତକର ବୀରତ୍ୱ) ଉତ୍ପନ୍ନ କରିବା। ଏତଦ୍ୱାରା ଆମେ ତେଜସ୍ୱୀ ହେବା। ଅଧିକନ୍ତୁ କାହା ପ୍ରତି ଆମେ ହିଂସା ବା ଦ୍ୱେଷ ମନୋଭାବ ପୋଷଣ କରିବା ନାହିଁ।

ବୈଷୟିକ ଜ୍ଞାନର ପ୍ରୟୋଗ (ଟେକ୍ନୋଲୋଜି) ବିନା ଭୌତିକ ଉନ୍ନତି ସମ୍ଭବପର ନୁହେଁ। ଟେକ୍ନୋଲୋଜି ଗାଁ ଗହଳରେ ପ୍ରବେଶ କରିବା ଦ୍ୱାରା ସାଧାରଣ ଲୋକେ ତା'ର ସୁଫଳ ପାଇପାରିବେ। ସେଥିପ୍ରତି ପ୍ରଶାସନ ଓ ଲୋକପ୍ରତିନିଧିମାନେ ସଚେଷ୍ଟ ହେବା ଉଚିତ। ଆମେରିକା, ୟୁରୋପ, ରୁଷିଆ, ଚାଇନା, ଜାପାନ ଓ କୋରିଆ ବୈଷୟିକ ଜ୍ଞାନର ସଦୁପଯୋଗ କରି ଜୀବନ ନିର୍ବାହରେ ଯଥେଷ୍ଟ ଉନ୍ନତି କରିପାରିଛନ୍ତି। ଏ ଦେଶଗୁଡ଼ିକ ୱିଣ୍ଡମିଲ୍ ଓ ସୌରରଶ୍ମିରୁ ଉର୍ଜା ଆହରଣ କରି ପ୍ରଦୂଷଣମୁକ୍ତ ବାତାବରଣ ଭିତରେ କଳକାରଖାନା ଚଳାଇବା ପରି ପ୍ରଶଂସନୀୟ କାର୍ଯ୍ୟରେ ମନୋନିବେଶ କରିଛନ୍ତି। ଅଧୁନା ବିଦ୍ୟୁତ୍ ଶକ୍ତିଚାଳିତ ଗାଡିର ପ୍ରଚଳନ ଜୀବାଶ୍ମଜନିତ ପ୍ରଦୂଷଣରୁ ସେ ଦେଶଗୁଡିକୁ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। କଥିତ ଅଛି, ତୁମେ ନିଜେ ସଚ୍ଚୋଟ ହେଲେ ଚଳିବ ନାହିଁ। ଯେତେଦିନ ଯାଏ କ୍ଷମତାସୀନ ସେତେଦିନ ଯାଏ ପ୍ରତି ପଦକ୍ଷେପରେ ତୁମକୁ ପ୍ରମାଣ କରିବାକୁ ପଡିବ ଯେ, ତୁମେ ନିଃସ୍ୱାର୍ଥପର, ନିର୍ଲୋଭ ଓ ତୁମର ପ୍ରତ୍ୟେକ କାର୍ଯ୍ୟ ଲୋକହିତ, ସର୍ବୋପରି ଦେଶର ଉନ୍ନତି କଳ୍ପେ ନିୟୋଜିତ। କେତେକ କ୍ଷେତ୍ରରେ ନଜରକୁ ଆସିଛି ଯେ ଉପରିସ୍ଥ ଅଧିକାରୀ ସଚ୍ଚୋଟ, ମାତ୍ର ତାଙ୍କ ନାଁରେ ଅଧସ୍ତନ କର୍ମଚାରୀମାନେ ଲୁଟି ଚାଲିଛନ୍ତି। ଏଥି ପ୍ରତି ଅଧିକାରୀମାନେ ସଜାଗ ରହିବା ବିଧେୟ। ଶାସକ ହାତରେ ଟ୍ରାନ୍ସପରେନ୍ସି ଏକ ମୁଖ୍ୟ ଅସ୍ତ୍ର।

ଅଧିକାରୀମାନେ ପ୍ରତ୍ୟେକେ ସ୍ୱଚ୍ଛତା ବା ଟ୍ରାନ୍ସପରେନ୍ସି ପ୍ରତି ଧ୍ୟାନ ଦେବା ଉଚିତ। ଯୋଜନାର ସୁଫଳ ଦର୍ପଣରେ ପ୍ରତିଫଳନ ପରି ଲୋକଙ୍କୁ ସ୍ପଷ୍ଟ ଦେଖାଯିବା ଦରକାର।

ସମୟାନୁବର୍ତ୍ତିତା, ମିଳିତ ଉଦ୍ୟମ, ବୈଷୟିକ ଜ୍ଞାନକୌଶଳ ଓ ସ୍ୱଚ୍ଛତା ସାମାଜିକ ପରିବର୍ତ୍ତନ (ଟ୍ରାନ୍ସଫର୍ମେଶନ)ର ଦ୍ୱାର ଉନ୍ମୁକ୍ତ କରେ। ଲୋକେ ଯେପରି ଭୌତିକ ପ୍ରାଚୁର୍ଯ୍ୟ ଉପଲବ୍ଧି କରିବା ସହିତ ମାନସିକ, ଚାରିତ୍ରିକ ଓ ସର୍ବୋପରି ସାଂସ୍କୃତିକ ସ୍ତରରେ ବିଶ୍ୱ ଆଗରେ ମୁଣ୍ଡ ଟେକି ଠିଆ ହେବେ, ତାହା ସମସ୍ତଙ୍କର ଧ୍ୟେୟ ହେବା ବାଞ୍ଛନୀୟ।

ଇ ୧୮, ପଦ୍ମପାଣିବିହାର, ଶୈଳଶ୍ରୀବିହାର,
ଭୁବନେଶ୍ୱର, ମୋ-୯୪୩୭୦୧୭୨୦୨

## ଏଇ ଭାରତରେ

ଦେଶରେ ସାମ୍ପ୍ରଦାୟିକ ବିଦ୍ୱେଷ ଦେଖାଯାଉଥିବା ବେଳେ ବିହାର ନାଳନ୍ଦା ଜିଲାର ମାଢ଼ି ଗ୍ରାମବାସୀଙ୍କ ମୁକ୍ତ ଚିନ୍ତାଧାରା ଓ ଉଦାର ମନୋଭାବ ଦେଶକୁ ଏକ ବାର୍ତ୍ତା ଦେଇଛି ଏବଂ ପାଇଛି ଏକ ନିଆରା ପରିଚୟ। ବହୁଦିନ ତଳେ ମାଢିରେ ହିନ୍ଦୁ ମୁସଲମାନ ଏକାଠି ରହୁଥିଲେ। ମୁସଲମାନଙ୍କ ସଂଖ୍ୟା କମ୍ ଥିଲା। ସେମାନେ ଗାଁରେ ଏକ ମସ୍‌ଜିଦ ନିର୍ମାଣ କରିଥିଲେ। କାଳକ୍ରମେ ସବୁ ମୁସଲମାନ ଗାଁ ଛାଡି ଚାଲିଗଲା ପରେ ଏହି ମସ୍‌ଜିଦର ଦାୟିତ୍ୱ ହିନ୍ଦୁମାନେ ନେବାକୁ ନିଷ୍ପତ୍ତି କରି ଏହାର ଦେଖାରଖା କରୁଛନ୍ତି । ଖାଲି ଏତିକି ନୁହେଁ ମସ୍‌ଜିଦ୍‌ରେ ପ୍ରତିଦିନ ହିନ୍ଦୁମାନେ ୫ଥର ନମାଜ ପଢୁଛନ୍ତି। ହିନ୍ଦୁମାନେ 'ଅଜାନ୍' ଜାଣିନାହାନ୍ତି। ଏଣୁ ସେମାନେ 'ଅଜାନ'ର ରେକର୍ଡିଂ ବଜାଉଛନ୍ତି । ପ୍ରାୟ ୨୦୦ ବର୍ଷର ଏହି ମସ୍‌ଜିଦକୁ କିଏ ଓ କେବେ ନିର୍ମାଣ କରିଛନ୍ତି, ତାହା ବିଷୟରେ ଗ୍ରାମବାସୀ କିଛି ଜାଣିନାହାନ୍ତି । କିନ୍ତୁ ଈଶ୍ୱର-ଆଲ୍ଲା 'ଏକ' ଭାବନାରେ ସେମାନେ ସକାଳେ ଓ ସନ୍ଧ୍ୟାରେ ମସ୍‌ଜିଦ ସଫାକରି ନମାଜ ପଢୁଛନ୍ତି। ଲୋକମାନଙ୍କର କୌଣସି ସମସ୍ୟା ଆସିଲେ ସେଥିରୁ ମୁକ୍ତିପାଇବା ପାଇଁ ସେମାନେ ମସ୍‌ଜିଦରେ ପ୍ରାର୍ଥନା ବି କରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ସେପ୍ଟେମ୍ବର ୧୯୯୪

- ଭାରତ-ସିଙ୍ଗାପୁର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ଭାରତ ଟେଷ୍ଟ କ୍ରିକେଟ ଖେଳାଳି ରବି ଶାସ୍ତ୍ରୀ ପ୍ରଥମ ଶ୍ରେଣୀ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି।

## ଚିରନ୍ତନୀ

ମାନବ ଅନ୍ତର ତଳେ ଆଦିକାଳୁଁ ରହିଛି ଯେ ଦାଗ
କେତେ ଯତ୍ନେ କେତେ ପ୍ରାଣେ ବୋଲି ତହିଁ ନବ ଅନୁରାଗ,
କରଇ ଜୀବନ ଢାଳି ସେନେହେ ଲାଳିତ
କେତେ ଶଙ୍କା ଆବେଗରେ ଚିତ୍ତ।

(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

- ସେପ୍ଟେମ୍ବର ୧- ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ଏଥିରୁ ଆସାମର ୧୯ ଲକ୍ଷରୁ ଅଧିକ ଲୋକ ବାଦ୍ ପଡ଼ିଥିବା ଜଣାପଡ଼ିଛି।
- ୨- ମୁସଲିମ୍ ନେତା ଅରିଫ ମହମ୍ମଦ ଖାନ୍ କେରଳର ରାଜ୍ୟପାଳ ହେଲେ।
- ୩- ଭାରତରେ ସ୍ୱଚ୍ଛ ଭାରତ ଅଭିଯାନ ଲାଗି ଆମେରିକାରେ ବିଲ୍ ଓ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁରସ୍କୃତ କରାଯିବ ବୋଲି ଘୋଷଣା।
- ୪- ଆମେରିକା ନିର୍ମିତ ୮ଟି ଲଢୁଆ ଆପାଚେ ହେଲିକପ୍ଟର ଭାରତୀୟ ବାୟୁସେନାରେ ସାମିଲ ହେଲା।
- ୫- ପାକିସ୍ତାନର ଗୁରଦ୍ୱାର ଦରବାର ସାହିବକୁ କର୍ତ୍ତାରପୁର କରିଡର ଦେଇ ଭାରତୀୟ ତୀର୍ଥଯାତ୍ରୀ ଭିଜାମୁକ୍ତ ଯାତ୍ରା କରିପାରିବେ ବୋଲି ଭାରତ ଓ ପାକିସ୍ତାନ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ହୋଇଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | 5 | A | | B | | | | | | | C | |
| 7 | 8 | | | 1 | | | | 2 | | | | | | |
| 5 | | 1 | | | 6 | | | | 0 | 3 | 2 | | | |
| | | | 3 | | B | 1 | | | | 7 | | | | |
| 2 | 3 | A | | | 8 | | | 4 | | | 9 | | | |
| | | | 1 | | | | A | | 5 | | | | | C |
| D | | C | | 4 | 7 | | | B | | A | 3 | | 6 | |
| | | 6 | | C | E | | 8 | 1 | | 9 | | | 4 | A |
| | | | | | 0 | | | | D | | B | | | |
| | | | 9 | | 2 | 6 | 3 | | C | 8 | 0 | | | 1 |
| | | 0 | | 7 | | | | E | B | | D | C | | |
| A | | B | | | | D | | 7 | | | | | 0 | 3 |
| | D | | E | | A | | | | | 0 | C | | 9 | |
| E | | | C | | | | 0 | 8 | 7 | | 6 | | | 2 |
| | | | | 9 | D | 2 | | | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 9 | 7 | 2 | 3 | 6 | D | 1 | 0 | 4 | B | A | 8 | 5 | E |
| B | 8 | 5 | A | C | 0 | 4 | 9 | E | 6 | 7 | 2 | 1 | D | 3 |
| A | D | 2 | E | 1 | 4 | 7 | 6 | 8 | 3 | 5 | 9 | B | C | 0 |
| 4 | 3 | 1 | B | 8 | 7 | 5 | 2 | C | 0 | E | D | 6 | A | 9 |
| 0 | E | 6 | D | 5 | 9 | A | 3 | B | 1 | C | 8 | 7 | 4 | 2 |
| 6 | 2 | C | 4 | A | B | 3 | 0 | D | 8 | 9 | E | 5 | 1 | 7 |
| E | 7 | 3 | 1 | D | 8 | 2 | B | 4 | 5 | A | 0 | 9 | 6 | C |
| 1 | A | 8 | 0 | 9 | C | 6 | 5 | 7 | 2 | D | 4 | E | 3 | B |
| D | 4 | B | 6 | E | 5 | 8 | C | 9 | 7 | 3 | 1 | 0 | 2 | A |
| 5 | 0 | 9 | 3 | 7 | 2 | 1 | E | A | C | 6 | B | 4 | 8 | D |
| 9 | 1 | A | C | 6 | D | E | 4 | 5 | B | 2 | 7 | 3 | 0 | 8 |
| 2 | C | 4 | 9 | B | A | 0 | 8 | 3 | E | 1 | 5 | D | 7 | 6 |
| 7 | 5 | E | 8 | 2 | 1 | 9 | A | 6 | D | 0 | 3 | C | B | 4 |
| 3 | 6 | 0 | 7 | 4 | E | B | D | 1 | A | 8 | C | 2 | 9 | 5 |
| 8 | B | D | 5 | 0 | 3 | C | 7 | 2 | 9 | 4 | 6 | A | E | 1 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ରାଜଧାନୀରେ ସ୍ୱେରେଜ ଅବ୍ୟବସ୍ଥା

ମହାଶୟ,

ରାଜଧାନୀର ଆଇଆର୍‌ସି ଭିଲେଜର ଏନ୍/୪ ଅଞ୍ଚଳରେ ଥିବା ଉତ୍କଳ ହସ୍ପିଟାଲ ଓ ନଗର ନିଗମ ପାର୍କ ନିକଟବର୍ତ୍ତୀ ରାସ୍ତାକଡ଼ରେ ଥିବା ସ୍ୱେରେଜ ଲାଇନ ନିୟମିତ ସଫେଇ ହେଉନାହିଁ। ଫଳରେ ରାସ୍ତାରେ ସ୍ୱେରେଜ ମଇଳା ପାଣି ଭାସି ପରିବେଶକୁ ନର୍କରେ ପରିଣତ କରିଦେଲାଣି। ରାସ୍ତାକଡ଼ରେ ଥିବା ମ୍ୟାନ୍‌ହୋଲ ମଇଳା ଦ୍ୱାରା ଜାମ୍ ହୋଇ ନିକଟସ୍ଥ ଗୃହ ପରିସରରେ ଥିବା ସ୍ୱେରେଜ ବ୍ୟବସ୍ଥାକୁ ଅଚଳ କରିଦେବା ଫଳରେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି ଗୃହବାସୀ। ସ୍ୱେରେଜ ବିପର୍ଯ୍ୟସ୍ତ କାରଣରୁ ଉପୁଜୁଥିବା ପରିମଳ ଅବ୍ୟବସ୍ଥାକୁ ସଜାଡ଼ିବାରେ ସଫେଇ କାର୍ଯ୍ୟରେ ନିୟୋଜିତ ଘରୋଇ ସଂସ୍ଥା ଅସମର୍ଥ ତଥା ଅସହଯୋଗୀ। ଉପରୋକ୍ତ ଅବ୍ୟବସ୍ଥାର ସୁଧାର ଆଣିବା ଦିଗରେ ସ୍ୱେରେଜ ବୋର୍ଡର ଉଚ୍ଚ କର୍ତ୍ତୃପକ୍ଷ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ବିନମ୍ର ନିବେଦନ।

ରବିନାରାୟଣ ପାଲ, ପ୍ଲଟ୍ ନଂ.ଏନ୍/୪/୨୯, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର

### ପତଞ୍ଜଳି ବ୍ୟବସାୟୀ ଦେବାଳିଆ

ବାବା ରାମଦେବ ବଡ଼ ବଡ଼ କଥା କହି ନିଜର ବେପାର ବଢ଼ାଇଲେ। ଯେଉଁ ବ୍ୟବସାୟୀ ଏଥିରେ ଯୋଗଦେଲେ ସେମାନେ ଏବେ ସର୍ବସ୍ୱାନ୍ତ। କାରଣ ସବୁ ଉତ୍ପାଦ ଠିକ୍ ସମୟରେ ମିଳୁନାହିଁ। ମାନ ଦିନକୁ ଦିନ କମିଯାଉଛି। ଏରସମାର ଜଣେ ବ୍ୟବସାୟୀ ୩୦ଲକ୍ଷ ଟଙ୍କାର ପତଞ୍ଜଳି ପ୍ରଡକ୍ଟ ମଗେଇଥିଲେ। ଅଧିକାଂଶ ପ୍ରଡକ୍ଟର ଏକ୍ସପାଏରି ତାରିଖ ୨ରୁ ୩ ମାସ ଥିଲା। ତାଙ୍କର ପାଖାପାଖି ୨୦ଲକ୍ଷ ଟଙ୍କା କ୍ଷତି ହେଲା। ଜଗତ୍‌ସିଂହପୁରର ଜଣେ ବ୍ୟବସାୟୀ ୩ଲକ୍ଷ ଟଙ୍କାର ପ୍ରଡକ୍ଟ ଫେରାଇଲେ, ତାଙ୍କୁ ୧ଟଙ୍କା ବି ମିଳିଲା ନାହିଁ। ତେଣୁ ଓଡ଼ିଶାର ଭଲ ଭଲ ବ୍ୟବସାୟୀ ପତଞ୍ଜଳି ପ୍ରଡକ୍ଟ ବେପାରରୁ ମୁହଁ ଫେରାଇବେ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜିଲାପାଳଙ୍କ ଭୋଟର ସଚେତନତା କାର୍ଯ୍ୟକ୍ରମ ତଦାରଖ

ପାରଳାଖେମୁଣ୍ଡି, ୮।୯ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଏର୍ଦଲା ସାହିଠାରେ ଥିବା ପଦ୍ମନାଭ ଗଜପତି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଚାଲିଥିବା ଭୋଟର ସଚେତନତା କାର୍ଯ୍ୟକ୍ରମକୁ ଜିଲାପାଳ ତଦାରଖ କରିଥିବା ଜଣାପଡିଛି । ଏହି କାର୍ଯ୍ୟକ୍ରମ ଗତ ୧।୯।୨୦୧୯ରୁ ଆରମ୍ଭ ହୋଇଥିଲା। ଏହା ୨୦।୯।୨୦୧୯ ପର୍ଯ୍ୟନ୍ତ ଚାଲିବ। ଏଠାରେ ବୁଥ୍ ନଂ ୧୭୫, ୧୭୬ ଓ ୧୭୭ ତିନି ବୁଥ୍‌ରେ ଭୋଟର ସଂଶୋଧନ କାର୍ଯ୍ୟକ୍ରମ ଚାଲୁ ରହିଛି। ଜିଲାପାଳ ଅନୁପମ ଶାହା ପହଞ୍ଚି ଏହାର ତଦାରଖ କରି କାର୍ଯ୍ୟ ସୁଚାରୁରୂପେ ଚାଲିଛି କି ନାହିଁ ବୁଝିଥିଲେ। ଜିଲାରେ ଚାଲିଥିବା ଏହି ଭୋଟର ସଂଶୋଧନ କାର୍ଯ୍ୟକ୍ରମ ୧୫୧ଟି ଜନସେବାକେନ୍ଦ୍ରରେ ଏକ କାଳୀନ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଯେ କୌଣସି ବ୍ୟକ୍ତି ଯଦି ତାଙ୍କର ଭୋଟ କାର୍ଡରେ କୌଣସି ଭୁଲତଥ୍ୟକୁ ସଂଶୋଧନ କରିବାକୁ ଚାହାନ୍ତି ସେ ଆବେଦନ କରିବା ପରେ ତାକୁ ତୁରନ୍ତ ସଂଶୋଧନ କରାଯିବ। ସେହିପରି ଯଦି ଗୋଟିଏପରିବାରର ସଦସ୍ୟମାନଙ୍କର ଦୁଇଟି ସ୍ଥାନରେ ଭୋଟର ଲିଷ୍ଟ ଥାଏ ତାକୁ ଗୋଟିଏ ସ୍ଥାନକୁ କରିବାପାଇଁ ମଧ୍ୟ ଆବେଦନ କରିପାରିବେ। ପ୍ରତି ରବିବାର ଏଠାରେ ଏକ ସ୍ୱତନ୍ତ୍ର ଶିବିର ହୋଇ ଏଠାରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରାଯିବ । ଜିଲାର ମୋଟ ୫୭୩ଟି ବୁଥ୍‌ରେ ଏପରି ଭୋଟର ସଂଶୋଧନ କାର୍ଯ୍ୟକ୍ରମ ଚାଲୁରହିଛି । ଅନ୍ୟପକ୍ଷରେ ଯେଉଁମାନଙ୍କର ଭୋଟର ପରିଚୟ ପତ୍ର କୌଣସି ତ୍ରୁଟିଥାଏ ସେମାନେ ତୁରନ୍ତ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ତ୍ରୁଟିକୁ ସଂଶୋଧନ କରିବାପାଇଁ ପ୍ରଶାସନ ପକ୍ଷରୁ କୁହାଯାଉଛି । ପାରଳାଖେମୁଣ୍ଡି ପୌରନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ ମହେନ୍ଦ୍ରଗିରି ପୌର ଉପ୍ରା ବିଦ୍ୟାଳୟ ପରିଦର୍ଶନ କରି ବୁଥ୍‌ସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟ ଅନୁଧ୍ୟାନ କରି ବୁଝାଶୁଝା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ଅଚ୍ୟୁତାନନ୍ଦ ଜାନୀ (ନିର୍ବାଚନ ଅଧିକାରୀ), ରାମେଶ୍ୱର ମହାନ୍ତି, ଭି. ରାଜରାଜେଶ୍ୱରୀ, ଅମୃତି ହୋତା, କେ. ରୂପାବତୀ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି ।



ଜିଲାପାଳ ଅନୁପମ ଶାହା କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ମହିଳା ସାକ୍ଷରତାକୁ ନେଇ କାର୍ଯ୍ୟକ୍ରମ




ମହିଳା ସାକ୍ଷରତା ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

ପାରଳାଖେମୁଣ୍ଡି, ୮।୯ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମହିଳା ମହାବିଦ୍ୟାଳୟ ପରିସରରେ ନେହେରୁ ଯୁବକେନ୍ଦ୍ର ଗଜପତି ପକ୍ଷରୁ ଆନ୍ତର୍ଜାତିକ ସାକ୍ଷରତା ଦିବସ ଅବସରରେ ମହିଳା ସାକ୍ଷରତାକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ଜିଲା ସଂଯୋଜକ ବିଜୟ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲା ପରିଷଦ ଅଧକ୍ଷା ଅନିତାରାଣୀ ବେହେରା ଯୋଗଦେଇଥିଲେ । ମୁଖ୍ୟତଃ ଗଜପତି ଜିଲା ଏକ ଅନଗ୍ରସର ଜିଲା ହୋଇଥିବାରୁ ଏଠାରେ ମହିଳା ସାକ୍ଷରତାର ବିଶେଷ ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ପଞ୍ଚାୟତସ୍ତରରେ ମହିଳା ପ୍ରତିନିଧିମାନେ ଗ୍ରାମାଞ୍ଚଳର ବିକାଶ ପକ୍ରିୟାରେ ଭାଗନେଇ ସେହି ସବୁ ସ୍ଥାନରେ ମହିଳାମାନଙ୍କ ସାକ୍ଷରତା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଆଲୋଚନା ହୋଇଥିଲା। ସାମାଜିକ ଓ ଅର୍ଥନୈତିକ ଅଧିକାରରେ ମହିଳାମାନଙ୍କ ଭୂମିକା ଜରୁରୀ । ତେଣୁ ମହିଳାମାନେ ଅଧିକରୁ ଅଧିକ ସ୍ୱାକ୍ଷର ହେଲେ ସେମାନେ ମଧ୍ୟ ପୁରୁଷଙ୍କ ଭଳି ସମାଜର ମୁଖ୍ୟ ସ୍ରୋତରେ ନିଜକୁ ସାମିଲ କରି ସମାଜର ବିକାଶ ପାଇଁ କାର୍ଯ୍ୟ କରିପାରିବେ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଜରୁରୀକାଳୀନ ଅଧିକାରୀ ଡ. ସତ୍ୟସମ୍ପର୍ଣ୍ଣା ରାଉତ, ଜିଲା ଜିବିକା ମିଶନର ପ୍ରକଳ୍ପ ପରିଚାଳିକା ପ୍ରିୟମ୍ବଦା ବିଶୋୟୀ, ଏସ୍‌ଡବ୍ଲ୍ୟୁଡବ୍ଲ୍ୟୁଏସ୍‌ର ସଂଯୋଜିକା ପି.ସୁନୀତା, ଜିଲା ସମାଜ ମଙ୍ଗଳ ବିଭାଗର ଯଶବନ୍ତୀ ବେହେରା, ପୋଲିସ ବିଭାଗର ଏସ୍‌ଆଇ ଅହଲ୍ୟା ମହାରଣା, +୨ ମହିଳା ମହାବିଦ୍ୟାଳୟର ଡ. ଅରୁଣା କୁମାରୀ ସାମଲ, ଭାଗବତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପିକା ଅନିତା କୁମାରୀ ପାଢୀ ଧନ୍ୟବାଦ ଦେଇଥିଲେ। ଏଥିରେ ଶତାଧିକ ଏନ୍‌ସିସି, ଏନ୍‌ଏସ୍‌ଏସ୍ ଓ ରେଡକ୍ରସ ଛାତ୍ରୀ ଯୋଗ ଦେଇଥିଲେ ।

# ପାସେଞ୍ଜର ଟ୍ରେନ ଆସିବାରେ ବିଳମ୍ବ, ଯାତ୍ରୀ ହନ୍ତସନ୍ତ

ପାରଳାଖେମୁଣ୍ଡି, ୮।୯ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରକୁ ଆସୁଥିବା ପୁରୀ–ପାରଳାଖେମୁଣ୍ଡି–ଗୁଣୁପୁର ପାସେଞ୍ଜର ଟ୍ରେନ ରବିବାର ଅହେତୁକ ବିଳମ୍ବରେ ପହଞ୍ଚିଥିଲା। ଏଥିଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଟ୍ରେନ୍‌ଟି ପାରଳାଖେମୁଣ୍ଡି ଷ୍ଟେସନରେ ସନ୍ଧ୍ୟା ୬.୪୦ରେ ପହଞ୍ଚିବାର ସମୟ ଥିବା ବେଳେ ଏହା ରବିବାର ପ୍ରାୟ ୩ଘଣ୍ଟାରୁ ଊର୍ଦ୍ଧ୍ୱ ବିଳମ୍ବରେ ପହଞ୍ଚିଥିବା ଜଣାପଡିଛି । ଏହି ଟ୍ରେନ ଯୋଗେ ଯେଉଁ ଯାତ୍ରୀମାନେ ପୁରୀ, ବ୍ରହ୍ମପୁର ଅଞ୍ଚଳରୁ ପାରଳାଖେମୁଣ୍ଡି ଫେରୁଥିଲେ ସେମାନେ ସମସ୍ୟାରେ ପଡିଥିଲେ। ପାରଳାଖେମୁଣ୍ଡିଠାରୁ କାଶୀନଗର, ଗୁଣୁପୁର ଅଞ୍ଚଳକୁ ଯିବାକୁ ଥିବା ଯାତ୍ରୀମାନେ ମଧ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦୃଷ୍ଟି ଦେବାକୁ କର୍ତ୍ତୃପକ୍ଷଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଏସ୍‌କେସିଜି ଶାଖାରେ ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପ୍ରତ୍ୟର୍ପଣ ସଭା

ପାରଳାଖେମୁଣ୍ଡି, ୮।୯ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଡିଟରିୟମ୍ ହଲ୍‌ରେ ରବିବାର ପୂର୍ବାହ୍ନରେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ପ୍ରତ୍ୟାର୍ପଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଓସୁର ସଂଯୋଜକ ତଥା ଅଧ୍ୟାପକ ସଞ୍ଜୟ କୁମାର ସାହୁ ସମସ୍ତ ଶୀକ୍ଷାର୍ଥୀଙ୍କୁ ଅଭିନନ୍ଦନ ଜଣାଇ ଓସୁର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରଥିଲେ । ସଭାରେ ପ୍ରଫେସର ଇନ୍ଦୁଭୂଷଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇ ଓସୁ ମାଧ୍ୟମରେ ସେମାନେ କିପରି ନିଜ କ୍ୟାରିୟର୍ ଗଢିପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଗାୟତ୍ରୀ ଦେବୀ ଯୋଗଦେଇ ଶିକ୍ଷା ଗ୍ରହଣ ପାଇଁ ବୟସର କୌଣସି ଆବଶ୍ୟକତା ନ ଥାଏ ବୋଲି କହିଥିଲେ। ସେହିପରି ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର ଜିତେନ୍ଦ୍ର ନାଥ ପଟ୍ଟନାୟକ ଓ ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ପ୍ରଫେସର ସୁନନ୍ଦା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓସୁର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଓସୁରେ ଯୋଗ ଦେଇଥିବା ସମସ୍ତ ଶିକ୍ଷାର୍ଥୀ, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଅଧ୍ୟାପକ ଡ. ଚନ୍ଦ୍ରଶେଖର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲ୍ ମୁକୁନ୍ଦ କେନ୍ଦ୍ର ପକ୍ଷରୁ ସାକ୍ଷରତା ଦିବସ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୮।୯ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ରାଜଗୁରୁ ସାହିଠାରେଥିବା ପରିଚ୍ଛା ମଠ ପରିସରରେ ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ ସାକ୍ଷରତା ଦିବସ କାର୍ଯ୍ୟକ୍ରମ 'ଆମେ ସ୍ୱାକ୍ଷର, ଆମେ ଶିକ୍ଷିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ଏହାର ଲକ୍ଷ୍ୟ ହାସଲ ନିମନ୍ତେ ବ୍ୟକ୍ତିଗତ, ଗୋଷ୍ଠୀଗତ ଏବଂ ନିଜ ଅଞ୍ଚଳକୁ ଶିକ୍ଷିତ କରାଇ ଦେଶର ପ୍ରଗତିରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷାବିତ୍ ରାଜକିଶୋର ପାଢୀ ଅତିଥିଭାବେ ଯୋଗଦେଇ ପିଲାମାନେ ରହୁଥିବା ଅଞ୍ଚଳର ନିରକ୍ଷରମାନଙ୍କୁ ଚିହ୍ନଟକରି ସେମାନଙ୍କୁ ସ୍ୱାକ୍ଷର କରିବାପାଇଁ କାହାଣୀ ମାଧ୍ୟମରେ ବୁଝାଇଥିଲେ । ନିରକ୍ଷରମାନେ ଠକାମି, ଗୋଲାମି ଏବଂ ଶୋସିତ ହୋଇ ମୃତ୍ୟୁମୁଖରେ ପଡିଥାନ୍ତି। ଏହା ଏକ ସାମାଜିକ ବ୍ୟାଧିବୋଲି ମତ ପ୍ରକାଶ ପାଇଥିଲା।



ବାଲମୁକୁନ୍ଦ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ।

# ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ପାରଳାଖେମୁଣ୍ଡି, ୮।୯ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ରାଜଗୁରୁ ସାହି ଛକଠାରେ ଦୁର୍ଗାପୂଜା କମିଟି ପକ୍ଷରୁ ୪୫ତମ ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଛି । ଏହି ପୂଜା ସହରର ଏକ ପୁରାତନ ପୂଜା। ଏହା ପଞ୍ଚମୀଠାରୁ ଦଶମୀ ପର୍ଯ୍ୟନ୍ତ ୬ଦିନ ଧରି ହୋଇଥାଏ । ଏହି ପୁରାତନ ପୂଜା ରାଜଗୁରୁ ସାହି ଛକ, ସୁନାରୀ ସାହି, ଟ୍ରେଇନିଂ ସ୍କୁଲ ରୋଡ ଇତ୍ୟାଦି ବିଭିନ୍ନ ଅଞ୍ଚଳର ମିଳିତ ସହଯୋଗରେ ହୋଇଥାଏ। ପୂଜାରେ ପ୍ରତିଦିନ ସଂନ୍ଧ୍ୟାରେ ସନ୍ଧ୍ୟା ଆଳତି, ହୋମଯଜ୍ଞ ହୋଇଥାଏ। ବିଭିନ୍ନ ଭକ୍ତି ସଂଗୀତ ସହ ମେଲୋଡି କାର୍ଯ୍ୟକ୍ରମ ହୋଇଥାଏ । ପୂଜା କମିଟି ପକ୍ଷରୁ ନରେଶ ମହାରଣା, ରମେଶ ମହାରଣା, ଚିତ୍ତ ରଞ୍ଜନ ଦାସ, ବିଜୟ ପ୍ରଧାନଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥାନ୍ତି ।



ଶୁଭଖୁଣ୍ଟି ସ୍ଥାପନ ଅବସରରେ ପୂଜାର୍ଚ୍ଚନା କରାଯାଉଛି ।

ଓଡ଼ିଶା ଶାସନ

ଭଦ୍ରକ ଜିଲ୍ଲାର ହସ୍ତଶିଳ୍ପ କାରିଗରମାନଙ୍କର ଗଣନା

No. 12-PP.

ଭଦ୍ରକ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ହସ୍ତଶିଳ୍ପ କାରିଗରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଜ୍ୟ ସରକାରଙ୍କ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ତରଫରୁ ଆସନ୍ତା ତା-୧୧.୦୯.୨୦୧୯ ଠାରୁ ହସ୍ତଶିଳ୍ପ କାରିଗରମାନଙ୍କର ଗଣନା କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏଣୁ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ କାରିଗରମାନଙ୍କୁ ଅନୁରୋଧ କରାଯାଉଛି କି, ସେମାନେ ଉକ୍ତ ଗଣନା କାର୍ଯ୍ୟରେ ନିୟୋଜିତ କର୍ମଚାରୀ ମାନଙ୍କୁ ସେମାନଙ୍କର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବା ସହିତ ଗଣନା କାର୍ଯ୍ୟରେ ସହଯୋଗ କରିବେ । କୌଣସି ଅସୁବିଧା ହେଲେ କିମ୍ବା ଗଣନାକାରୀ ଆପଣଙ୍କ ପାଖରେ ନ ପହଞ୍ଚି ପାରିଲେ ଆପଣ ମାନେ ଜିଲ୍ଲା ପରିସଂଖ୍ୟାନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ । ଏ ସମ୍ପର୍କିତ ଅଧିକ ବିବରଣୀ ପାଇଁ ଆମର ଦେୟମୁକ୍ତ ସହାୟତା ନମ୍ବର ୧୮୦୦-୩୪୫-୭୧୬୩ ସହ ଯୋଗାଯୋଗ କରିପାରିବେ।

ନିର୍ଦ୍ଦେଶକ
ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ

43002/11/0005/1920

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୂଳୁ ମାଇଲେ ଯିବ ସରି
ଦେବଙ୍କ ସଙ୍ଗେ କିମ୍ପା କଳି ।**

ମୂଳରୁ ବାଟ ସଫା କରିଦେଲେ ପଛକୁ ଆଉ କିଛି ଅଡୁଆ ବା ଚିନ୍ତାଦକ ରହି ନ ଥାଏ । ଅସଲ କଳି ମଞ୍ଜିକୁ ଉପାଡ଼ି ଦେଲେ ସବୁ ସମସ୍ୟାର ଅନ୍ତ ଆପେ ଆପେ ଘଟିଯାଇଥାଏ । ଯେଉଁଥିପାଇଁ ବା ଯାହା ଯୋଗୁ ବିପଦବରଣ କରିବାର ସମ୍ଭାବନା ରହିଥାଏ ତାକୁ ସେଠାରୁ କଳେବଳେ ହଟାଇଦେବା ନେଇ ମନସ୍ଥ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ମଲୁ ଖୋଜୁଥିଲା ଯାହା
ବଇଦ ବତାଇଲା ତାହା ।**

ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରିଥାଏ ବା ଆଶା କରିଥାଏ ବେଳେ ବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା' ପାଖରେ ପହଞ୍ଚାଇ ଦେଇଥାଏ । ଆଶାନୁରୂପ ଦ୍ରବ୍ୟ ସହଜରେ ପାଇଯିବା ବା ବିନା ପ୍ରଚେଷ୍ଟାରେ ଇଚ୍ଛା ମୁତାବକ ଜିନିଷ ମିଳିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ■ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ଦାବି
# ଅକ୍ଟୋବର ୨୧ ଯାଏଁ ଚାଲିବ ଓକିଲଙ୍କ ଆନ୍ଦୋଳନ

ଦାମନଯୋଡ଼ି/ସେମିଳିଗୁଡ଼ା, ୮।୯ (ଡି.ଏନ୍.ଏ./ସ୍ୱ.ପ୍ର.)

ଅବିଭକ୍ତ କୋରାପୁଟ ଜିଲାର ଓକିଲ ସଂଘ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ବୈଠକ ରବିବାର ସେମିଳିଗୁଡା ଜେଏମ୍ଏଫ୍ସି କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କ୍ରିୟାନୁଷ୍ଠାନ କମିଟି ସଭାପତି ସରୋଜ କୁମାର ଦାସ ସଭାପତିତ୍ୱ କରିଥିଲେ । ଏଥିରେ ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ବାର୍ ସଦସ୍ୟ ଉପସ୍ଥିତ ହୋଇଥିଲେ । ପ୍ରାରମ୍ଭରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସୁପ୍ରିମ କୋର୍ଟର ବରିଷ୍ଠ ଓକିଲ ସ୍ୱର୍ଗତ ଅରୁଣ ଜେଟଲୀ ଓ ରାମ ଜେଠାମାଲିନୀଙ୍କ ମୃତ୍ୟୁରେ ନୀରବ ପ୍ରାର୍ଥନା କରାଯାଇଥିଲା । ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବି କରି ଦୀର୍ଘ ୯ ମାସରୁ ଊର୍ଦ୍ଧ୍ୱ ସମୟ ହେଲାଣି ଓକିଲମାନେ କୋର୍ଟ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି । କେନ୍ଦ୍ର ସରକାର ଓ ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ରାଜ୍ୟ ସରକାରଙ୍କ ନିକଟରେ ଓକିଲ ସଂଘ ଦାବି ଉପସ୍ଥାପନ କରିଛି । କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ବେଞ୍ଚ୍ ପ୍ରତିଷ୍ଠା ନିମନ୍ତେ ସ୍ଥାନ ନିରୂପଣ କରିବାକୁ ନିର୍ଦ୍ଦେଶ ଦେବା ପରେ ଓକିଲ ସଂଘ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଏ ସମ୍ପର୍କରେ ଅବଗତ କରିଛନ୍ତି । କିନ୍ତୁ ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ପୂର୍ବରୁ ସରକାର ଏକ କମିଟି ଗଠନ କରିଥିଲେ । ପରେ ଉକ୍ତ କମିଟିକୁ ଭାଙ୍ଗି ପୁଣି ଆଉ ଏକ ନୂତନ କମିଟି ଗଠନ କରିଛନ୍ତି । ପୂର୍ବ କମିଟିକୁ କାହିଁକି ଭଙ୍ଗାଗଲା ସରକାର ଏ ସମ୍ପର୍କରେ ନୀରବ ରହି ଟାଳଟୁଳ ନୀତି ଆପଣାଇଥିବା ଯୋଗୁ ଓକିଲମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଓକିଲମାନେ ଚଳାଇଥିବା ଆନ୍ଦୋଳନ ଆସନ୍ତା ଅକ୍ଟୋବର ୨୧ ତାରିଖ ପର୍ଯ୍ୟନ୍ତ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ବରିଷ୍ଠ ଓକିଲ ବସନ୍ତ କୁମାର ନନ୍ଦ, ବାନାର୍ଜୀ ଆଚାରୀ, ଶଶାନନ୍ଦ ମିଶ୍ର, ରମେଶ ପାତ୍ର, ସଞ୍ଜୀବ କୁମାର ଜେନା ଯୋଗ ଦେଇ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ମତବ୍ୟକ୍ତ କରିଛନ୍ତି । ଏଥିରେ ମାଲକାନଗିରି ଓକିଲ ସଂଘ ସଭାପତି ନୃସିଂହ ଚରଣ ମହାନ୍ତି, ସମ୍ପାଦକ ରାମ ପ୍ରସାଦ ପାତ୍ର, କୋରାପୁଟ ସଭାପତି ସୁଦର୍ଶନ ଗୌଡ, ସମ୍ପାଦକ ରବୀନ୍ଦ୍ର କୁମାର ପାତ୍ର, କୋଟପାଡ ସଭାପତି ମଣିପ୍ରସାଦ ପଟ୍ଟନାୟକ, ସମ୍ପାଦକ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ଉପସ୍ଥିତ ଥିଲେ । ସେମିଳିଗୁଡା ଓକିଲ ସଂଘ ବରିଷ୍ଠ ଓକିଲ ପୀତାମ୍ବର ସାହୁ, ଜେ. ପ୍ରସାଦ, ଚିତ୍ତରଞ୍ଜନ ମହାରଣା, ରମେଶ ସାହୁ, ସତ୍ୟବ୍ରତ ପାଢ଼ୀ, ଦେବୀ ପ୍ରସାଦ ପ୍ରଧାନ, ଧରଣୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ବୈଠକରେ ଯୋଗ ଦେଇଥିବା ଓକିଲମାନେ ।

# ବସ୍‌କୁ ପିଟିଲା ଟ୍ରକ୍, ଜଣେ ଗୁରୁତର

ଜି.ଉଦୟଗିରି, ୮।୯(ଡି.ଏନ.ଏ.)

ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟିରେ ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ଏକ ଦୁର୍ଘଟଣା ଘଟିଛି । ଯାତ୍ରୀବାହୀ ବସ (ନାରାୟଣୀ)କୁ ଏକ ମାଲବାହୀ ଟ୍ରକ ଧକ୍କା ଦେବାରୁ ଟ୍ରକ ଚାଳକ ଓ ହେଲପର ଆହତ ହୋଇଛନ୍ତି । ହେଲପର କପିଲ କୁମାରଙ୍କୁ ଗୁରୁତର ଆଘାତ ଲାଗିଛି । ତାଙ୍କୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଟ୍ରକ (ୟୁପି୮୧ବିଟି-୮୭୫୧)ଟି ବ୍ରହ୍ମପୁର ଅଭିମୁଖେ ଯାଉଥିବାବେଳେ ଯାତ୍ରୀବାହୀ ନାରାୟଣୀ ବସ୍‌ଟି ବ୍ରହ୍ମପୁରରୁ ବାଲିଗୁଡ଼ା ଅଭିମୁଖେ ଯାଉଥିଲା । ଘଟଣାସ୍ଥଳରେ ଜି.ଉଦୟଗିରି ପୋଲିସ ପହଞ୍ଚି ତଦନ୍ତ ଚଳାଇଛନ୍ତି ।

ସର୍ବ ଶିକ୍ଷା ଅଭିଯାନ
ସମସ୍ତେ ପଢ଼ନ୍ତୁ ସମସ୍ତେ ବଢ଼ନ୍ତୁ

**OFFICE OF THE KASTURABA GANDHI BALIKA VIDYALAYA, SUJANPUR, JAJPUR**
(Running under Rudra Charan HS),Phone No.-8895742366, Email : hmkgbvsujanpur@gmail.com
Advt. No. 13 (KGBV) Date : 07.09.19

**TENDER CALL NOTICE**

Sealed tenders are invited from the intending Dealers/ Distributors/Wholesalers/ Manufactures preferably having valid GST number, Sale Tax/GST clearance for supply of different consumables and non-consumable items for Kasturaba Gandhi Balika Vidyalaya (KGBV) Sujanpur running at Rudra Charan High School, Sujanpur under Jajpur block of Jajpur district, having 100 girl students in the age group of 11 to 16. The Tenderer should apply in the prescribed format with Rs. 2000/- as tender paper cost, which is non-refundable & Rs. 20,000/- as EMD (refundable) in shape of DD, payable at SBI, Jajpur Town in favour of Headmaster, KGBV, Sujanpur. The envelope containing the tender form and documents should be sent by Regd. Post/ Speed Post only addressed to the Headmaster, Kasturaba Gandhi Balika Vidyalaya, At/Po-Sujanpur, Dist- Jajpur, PIN-755017 and super-scribed with "Application for supply for consumable & non-consumable items for KGBV" on or before 24.09.2019 by 5.00 p.m. The same will be opened on 25.09.2019 at 11.00 a.m. by the School (KGBV) Level Purchase Committee for KGBV, Sujanpur Jajpur at KGBV, Sujanpur. The category wise items, specification, terms and conditions can be downloaded from the website www.jajpur.nic.in & www.opepa.in. Application received after due date shall not be entertained. The authority reserves the right to cancel any or all tender without assigning any reason thereof.

Sd./- DPCRTE-SS, Jajpur-cum-chairman, School (KGBV) Level Purchase Committee

**OFFICE OF THE COLLECTOR, ANGUL**
**FORM NO.III**
**(See Rule 5 C of OGLS Amendment Rules, 1998)**
**PROCLAMATION**
**(Misc. Conversion Case No. 01/2014)**
**No. 1778/ Rev. Dt. 26.08.2019**

It is hereby informed to the General Public that Smt. Sunanda Panda @ Mishra, W/o Ramesh Chandra Mishra, Subhransu Mishra, Ruchi Mishra both are son and daughter of Ramesh Chandra Mishra, Harapriya Mishra, W/o Madhusudan Mishra of village Giria, P.S. Rajakanika, Dist. Kendrapada has applied for conversion of following lease hold land to free hold in her favour.

Anybody having any objection to such conversion may file objection petition within a period of 15 days from the date of publication of this proclamation to the undersigned.

No objection petition will be entertained after expiry of the stipulated period.

**Land Schedule**

| Khata No. | Plot No. | Area in acre | Kisam |
|---|---|---|---|
| 344 | 650 | 0.06 | Harafasal |
| | 651 | 0.01 | Ghara |
| TOTAL | | 0.07 | |

By order of the Collector
Sd./- Dy. Collector, Revenue, Collectorate, Angul

# ମୋଟରଯାନ ନିୟମ ନେଇ ସଚେତନ

କୋରାପୁଟ/ନାରାୟଣପାଟଣା, ୮।୯(ସ୍ୱ.ପ୍ର./ଡି.ଏନ.ଏ.)

ନୂଆମୋଟରଯାନ ନିୟମ ସେପ୍ଟେମ୍ବର ପହିଲାରୁ ସାରା ଦେଶରେ ଲାଗୁ କରାଯାଇଛି । ଏନେଇ ରବିବାର କୋରାପୁଟ ଜିଲାର ବିଭିନ୍ନ ଥାନା ପୋଲିସ ପକ୍ଷରୁ ଗାଡିଚାଳକମାନଙ୍କୁ ସଚେତନ କରାଯାଇଛି । କୋରାପୁଟ ଟାଉନ ପୋଲିସ ପକ୍ଷରୁ କୋରାପୁଟ-ଜୟପୁର ରାସ୍ତାର ବାଟ ମଙ୍ଗଳା ମନ୍ଦିର ଛକଠାରେ ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ଗାଡି ଚାଳକମାନଙ୍କୁ ଅଟକାଇ ସଚେତନ କରାଇଥିଲେ । ଗାଡି ଚଳାଇବା ବେଳେ ହେଲମେଟ ବ୍ୟବହାର କରିବା, ଡ୍ରାଇଭିଂ ଲାଇସେନ୍ସ କରିବା, ବାଇକରେ ଦୁଇ ଜଣ ଯିବା, ମଦ ପିଇ ଗାଡି ନ ଚଲେଇବା, ଗାଡି ଚଳାଇବାବେଳେ ମୋବାଇଲରେ କଥା ନ ହେବା, ଗାଡିର ଇନ୍ସ୍ୟୁରାନ୍ସ କରିବା ଆଦି ନେଇ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଟାଉନ ଥାନାର ବହୁ ପୋଲିସ ଉପସ୍ଥିତ ରହି ସହଯୋଗ କରିଥିଲେ । ସେହିପରି ନାରାୟଣପାଟଣା ଥାନା ପୋଲିସ ପକ୍ଷରୁ ଥାନା ସମ୍ମୁଖରେ ଥିବା ଛକଠାରେ ଏସଆଇ ସି ବି ମହାନ୍ତିଙ୍କ ନେତୃତ୍ୱରେ ଏଏସ୍ଆଇ ପି .ଏନ ଦଳପତି, ହାବିଲଦାର ପି.ସିଏଚ ଯୋଏଲ, ସି ଆଇ ଏସ ନାୟକ, ହୋମଗାର୍ଡ କେ. ଗୋପାଳ ରେଡ୍ଡୀ, ଏସ ମାଣ୍ଡିଙ୍ଗି, ଡି ଖୋସ୍ଲା, ଏସ.ନାୟକ ପ୍ରମୁଖ ପୋଲିସ କର୍ମଚାରୀ ଉପସ୍ଥିତ ରହି ସରକାରଙ୍କ ନୂତନ ନିୟମ ସମ୍ପର୍କରେ ଗାଡି ଚାଳକଙ୍କୁ ସଚେତନ କରାଯାଇଥିଲା । ଯେଉଁମାନେ ହେଲମେଟ ପିନ୍ଧି ଗାଡି ଚଳାଉଥିଲେ ସେମାନଙ୍କୁ ଚକୋଲେଟ ଦେଇ ଉତ୍ସାହିତ କରାଯାଇଥିଲା ।


ନାରାୟଣପାଟଣାରେ ବାଇକ୍ ଚାଳକଙ୍କୁ ସଚେତନତା କରୁଛନ୍ତି ।

# ମଦ ଜବତ, ୩ ଗିରଫ

ଫିରିଙ୍ଗିଆ, ୮।୯

ଗୋଛାପଡା ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୪ ଲିଟର ବିଦେଶୀ ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବାଲନ୍ଦାପଡାର ସୁବଳ ସାହୁ, ରଞ୍ଜିତ ପ୍ରଧାନ ଓ ଗୁପ୍ତେଶ୍ୱର ସାହୁ । ଏମାନେ ଘରେ ମଦ ବିକ୍ରି କରୁଥିବା ନେଇ ପୋଲିସ ପାଖରେ ବହୁବାର ଅଭିଯୋଗ ହୋଇ ଆସୁଥିଲା । ଏ ନେଇ ପୃଥକ ଭାବେ ୩ଟି ମାମଲା ରୁଜୁ କରାଯାଇଛି ।

# ଚକୋଲେଟ ଦେଇ ସଚେତନତା କଲା ପୋଲିସ

ଜୟପୁର, ୮।୯(ନି.ପ୍ର)- ଚକୋଲେଟ ଦେଇ ସଚେତନତା କରୁଛି ଜୟପୁର ପୋଲିସ । ଜୟପୁରରେ ବାଇକ ଚାଳକମାନଙ୍କୁ ସଚେତନ କରିବା ପାଇଁ ଏହି ଉଦ୍ୟମ ଆରମ୍ଭ କରିଛି । ବାଇକ୍ ଚଳାଇବା ପରେ ହେଲମେଟ୍ ପିନ୍ଧିବା ଓ କାରରେ ସିଟ୍ ବେଲ୍ଟ ପିନ୍ଧିବା ନେଇ ଚାଳକମାନଙ୍କୁ ଚକୋଲେଟ ଦେଇ ସଚେତନ କରୁଛି । ନୂତନ ମୋଟରଯାନ ନିୟମ ଲାଗୁ ହେବା ନେଇ ଜୟପୁର ପୋଲିସ ଏପରି ପଦକ୍ଷେପ ଗ୍ରହଣ କରିଛି । ଜୟପୁର ସଦର ଥାନା ଏବଂ ଟାଉନ ଥାନା ପକ୍ଷରୁ ମାଇକ ମାଧ୍ୟମରେ ନୂତନ ନିୟମ ନେଇ ପ୍ରଚାର କରାଯାଇଥିଲା । ଏହି ନିୟମ ଲାଗୁ ହେବା ପରେ ଗତ ୩ ତାରିଖରେ ଯାନବାହନ ଯାଞ୍ଚ ସମୟରେ ଜୟପୁର ଟାଉନ ଥାନା ପକ୍ଷରୁ ୨୫ହଜାର ଏବଂ ସଦର ଥାନା ପକ୍ଷରୁ ୧୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ତାହାର ଗୋଟିଏ ଦିନ ପରେ ଦ୍ୱିତୀୟ ପର୍ଯ୍ୟାୟ ସଚେତନତା କରାଯାଇ ପୁଲିସ ପ୍ରଚାର ଗାଡି ସହରରେ ବୁଲିଥିଲା । ବିନା କାଗଜପତ୍ରରେ ଗାଡି ଚଲେଇବା, ବିପଦପୂର୍ଣ୍ଣ ଭାବରେ ଗାଡି ଚଲେଇବା, ମଦ ନ ପିଇ ଗାଡ଼ି ଚଳାଇବା ଆଦି ନେଇ ପ୍ରଚାର କରାଯାଇଛି ।

# ସୀମାନ୍ତ ଥାନାରେ ନିଯୁକ୍ତି ପାଇଲେ ଥାନାଧିକାରୀ

ପଟ୍ଟାଙ୍ଗି,୮।୯(ଡି.ଏନ.ଏ)-ଆନ୍ଧ୍ର ସୀମାନ୍ତ କୋରାପୁଟ ଜିଲା ପଟ୍ଟାଙ୍ଗି ଥାନାରେ ଥାନା ଅଧିକାରୀ ପଦବୀ ଦୀର୍ଘ ୧୦ ମାସ ହେଲା ଖାଲି ପଡିଥିଲା । କଳାହାଣ୍ଡି ଜିଲାରୁ ବଦଳି ହୋଇ ଆସିଥିବା ବିଜୟ ରାଜ ମାଝି ସ୍ଥାନୀୟ ଥାନାଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରକାଶ ଥାଉକି, ଉକ୍ତ ଥାନାରେ ଦେବ କୁମାର ଗମାଙ୍ଗ ଥାନା ଅଧିକାରୀ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ । ତାଙ୍କୁ ୨୦୧୮ ଅକ୍ଟୋବର ୩୦ରେ ଲକ୍ଷ୍ମୀପୁର ଥାନାଧିକାରୀ ଭାବେ ବଦଳି ହୋଇଥିଲେ । ସେବେଠାରୁ ଉକ୍ତ ପଦବୀ ଖାଲି ପଡିଥିବା ବେଳେ ଏସଆଇ କରୁଣାକର ଗୌଡ ଥାନା ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ । କିନ୍ତୁ ଉକ୍ତ ଅଧିକାରୀ ମଧ ଗତ ଫେବୃୟାରୀ ୨୦ ତାରିଖରେ ଖୋର୍ଦ୍ଧା ଜିଲାକୁ ବଦଳି ହେବା ପରେ ତାଙ୍କ ସ୍ଥାନରେ ଏସଆଇ ବିନୟ କୁମାର ରୟ ଥାନା ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ । ଉକ୍ତ ଅଧିକାରୀ ଜଣକ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଛନ୍ତି ।

**CLASSIFIED DISPLAY**

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663 8743922900

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼ ।
HELPLINE 8859690149

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781 9667987587 9717166871
balajitrusty@gmail.com

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276 8676907143

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ ।
81 26 92 24 05
ହରିଦ୍ୱାର

FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି ।
ସୁଧ = 1%
CONTACT 7683914951 9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929619951, 8395859853
SCO- 106, Second Floor, Vishal Tower, Cannaught Place, Delhi.

EDUCATION

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No: 9437425759 8280476992
Email : maataratarinison@gmail.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ ।
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର ।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋନ ! ଲୋନ ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008 99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର ।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932 8394004961 8394004898

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No. 7323867664 9065828165
New Ashok Nagar, East Delhi, Delhi

BUSINESS

ଧ୍ୟାନରେ ରଖନ୍ତୁ ଆମ କମ୍ପାନୀର ଅନ୍ୟ କୌଣସି ଶାଖା ନାହିଁ ।
HI-TECH TOWER
ଗୋଲ୍ଡମେଡାଲିଷ୍ଟ କମ୍ପାନୀ ଦ୍ୱାରା ସବୁ କମ୍ପାନୀର ଡିଜିଟାଲ ଟାୱାର ପ୍ଲଟ୍, ଛାତ, ଜମି, କ୍ଷେତରେ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ, ଭଡ଼ା + 40,000
ମୋବାଇଲ, ଲାପଟପ୍, 20,000/-ର ଅତିରିକ୍ତ ଆର୍ଥିକ ଲାଭ
7024558747 7354398404
908, Ward, Backside Anand Market, Dhiman Line, Yamunagar, Delhi

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University UGC & NCTE Approved Equivalent to Govt. of Odisha
FREE Practical & Study Material
NIDT B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082 9438286091

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।



ଭଗବାନଙ୍କ ନାମ ଜପିଲେ, ମଣିଷର ଦେହ,
ମନ ସବୁ ଶୁଦ୍ଧ ହୋଇଯାଏ।
-ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ପାଇକ, ଖଣ୍ଡାୟତ କ୍ଷତ୍ରିୟ ସଂଘ ବୈଠକ

କୋରାପୁଟ/ନାରାୟଣପାଟଣା, ୮।୯ (ସ୍ୱ.ପ୍ର/ ଡି.ଏନ.ଏ): କୋରାପୁଟ ଜିଲାର ନାରାୟଣପାଟଣାସ୍ଥିତ ଜଗନ୍ନାଥ ମନ୍ଦିରଠାରେ ରବିବାର ପାଇକ, ଖଣ୍ଡାୟତ କ୍ଷେତ୍ରୀୟ ସଂଘ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନାରାୟଣପାଟଣା ପାଇକ ସଂଘର ଆନୁକୁଲ୍ୟରେ ଆୟୋଜିତ ଏହି ବୈଠକରେ ସଂଘ ସଭାପତି କୈଳାସ ପ୍ରଧାନୀ ଅଧ୍ୟକ୍ଷତା କରିଥିଲେ। ଏଥିରେ କୋରାପୁଟ ଜିଲା ସଭାପତି ପ୍ରକାଶ ଚନ୍ଦ୍ର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସମାଜର ସଦସ୍ୟମାନେ ଓବିସି ତାଲିକାରୁ ବାଦ ପଡିଛନ୍ତି । ତେଣୁ ରାଜ୍ୟସରକାରଙ୍କ ବିଭିନ୍ନ ଯୋଜନାର ଲାଭ ପାଇପାରୁ ନ ଥିବା ନେଇ ବୈଠକରେ ଘୋର ଉଦବେଗ ପ୍ରକାଶ ପାଇଥିଲା। ବୈଠକରେ ରାୟଗଡା ଜିଲା ସଭାପତି ନିରଞ୍ଜନ ନାୟକ ମୁଖ୍ୟବକ୍ତା, ପୋଡାଗଡ ସଭାପତି ମୋହନ ଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବୈଠକରେ ଅବିଭକ୍ତ କୋରାପୁଟ ଜିଲାରୁ ସଂଘର ଶତାଧିକ ସଭ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବୃନ୍ଦାବନ ଦଳେଇ ଓ ସତ୍ୟ ମହାଙ୍କୁଡ ପରିଚାଳନା କରିଥିଲେ ।

### ବୈପାରୀଗୁଡା ଥାନା ଅଧିକାରୀ ହେଲେ ମହେନ୍ଦ୍ର କୁମାର



ବୈପାରୀଗୁଡା,୮।୯ (ଡି.ଏନ୍.ଏ): ବୈପାରୀଗୁଡା ଥାନାରେ ନୂଆ ଥାନା ଅଧିକାରୀ ଭାବେ ମହେନ୍ଦ୍ର କୁମାର ସାହୁଙ୍କୁ ନିଯୁକ୍ତ କରାଯାଇଛି । ସେ ଏହା ପୂର୍ବରୁ ରାୟଗଡା ଜିଲାରୁ ପଦୋନ୍ନତି ପାଇ ଏଠାକୁ ଆସିଛନ୍ତି । ବର୍ଷେ ହେବ ଉକ୍ତ ପଦବୀ ଏଠାରେ ଖାଲି ପଡିଥିଲା । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ବୈପାରୀଗୁଡା ଥାନା ଅଧିକାରୀଙ୍କ ସମେତ ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀ ପଦବି ଖାଲି ପଡିଥିବା ନେଇ ଏକ ଖବର 'ଅଧିକାରୀ ଶୂନ୍ୟ ବୈପାରୀଗୁଡା' ଗତ ୨୮ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ପରେ ପ୍ରଶାସନିକ କ୍ଷେତ୍ରରେ ତତ୍ପରତା ପ୍ରକାଶ ପାଇଥିଲା । ବୈପାରୀଗୁଡା ବ୍ଲକରେ ନୂତନ ବିଡିଓ ଭାବେ ପୂର୍ବରୁ କୋରାପୁଟ ଡେପୁଟି କଲେକ୍ଟର ପଦବିରେ ଥିବା ସବ୍ୟସାଚି ବେହେରା ଯୋଗ ଦେଇଛନ୍ତି ।

### ରକ୍ତଦାନ ଶିବିର



ବୈପାରୀଗୁଡା,୮।୯ (ଡି.ଏନ୍.ଏ): ସ୍ଥାନୀୟ ମିଶନଶକ୍ତି ହଲଠାରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରା ଉଦ୍‌ଘାଟନ କରିଥିଲେ । ଏଥିରେ ୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଜିଲା ରକ୍ତଦାତା ଫୋରମର ସଭାପତି ଜି. ସଞ୍ଜୀବ କୁମାର , ବରିଷ୍ଠ କର୍ମକର୍ତ୍ତା ରାଜେଶ ଯାଦବ, ସ୍ନିଗ୍‌ଧାରାଣୀ ମିଶ୍ର ,ଶେଖ ଇବ୍ରାହମ , ସାମାଜିକ କର୍ମୀ ଚନ୍ଦ୍ରଶେଖର ରଥ ଓ କାହ୍ନୁ ବେହେରା ଏହାକୁ ପରିଚାଳନା କରିଥିଲେ ।

■ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# ପ୍ରତି ନିର୍ବାଚନମଣ୍ଡଳୀରୁ ହେବ ୭୦ ହଜାର ସଭ୍ୟ ସଂଗ୍ରହ

**ପୌର ନିର୍ବାଚନରେ ଶତ ପ୍ରତିଶତ ସଫଳତା ନେଇ ଗୁରୁତ୍ୱାରୋପ**

କୋରାପୁଟ,୮।୯(ସ୍ୱ.ପ)

କୋରାପୁଟସ୍ଥିତ ଡିଆରଡିଏ ସଦ୍‌ଭାବନା ସଭାଗୃହ ପରିସରରେ ରବିବାର ବିଜେଡ଼ିର ଜିଲାସ୍ତରୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜେଡି ଜିଲା ସଭାପତି ତଥା ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ନବ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇ ଦଳୀୟ ସଙ୍ଗଠନକୁ ଅଧିକ ସୁଦୃଢ କରିବା ନେଇ କହିଥିଲେ । ଏଥିସହ ପ୍ରତି ନିର୍ବାଚନମଣ୍ଡଳୀରେ ୭୦ ହଜାର ସଭ୍ୟ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ପ୍ରକାଶ କରିଥିଲେ। ଏଥିରେ କୋଟପାଡ ବିଧାୟିକା ତଥା ରାଜ୍ୟ ହସ୍ତତନ୍ତ୍ର ବିଭାଗ ମନ୍ତ୍ରୀ ପଦ୍ମିନୀ ଦିଆନ, କୋରାପୁଟ ବିଧାୟକ ରଘୁରାମ ପୋଡାଲ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନୀ, ଉପାଧ୍ୟକ୍ଷ ନାର୍ସୁଲୁ କାମିଡି, ପୂର୍ବତନ ଏମ୍‌ପି ଝିନ୍ନ ହିକ୍କା, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସ, ଜିଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ପାଙ୍ଗି ପ୍ରମୁଖ ଯୋଗଦେଇ ଜିଲାରେ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ କରିବା ଉପରେ ଦଳୀୟ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ । ସେହିପରି ଆଗାମୀ ପୌର ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନଙ୍କୁ ବିଜୟୀ କରିବା ଲାଗି ବର୍ତ୍ତମାନଠାରୁ ବିଭିନ୍ନ ୱାର୍ଡରେ କାର୍ଯ୍ୟାଳୟମାନ ଖୋଲି ଲୋକଙ୍କ ସମସ୍ୟାକୁ ଶୁଣିବା ସହ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲା ଉପସଭାପତି ଉତ୍କଳ ରଞ୍ଜନ ନାୟକ, ଭରତ ମଲ୍ଲିକ, ଜିଲା ସମ୍ପାଦକ ସନାତନ ଦାସ, କୋରାପୁଟ ବିଧାନସଭା କ୍ଷେତ୍ର ପର୍ଯ୍ୟବେକ୍ଷକ ଜ୍ଞାନେନ୍ଦ୍ର ପଟ୍ଟନାୟକ, କୋରାପୁଟ ଜିଲା ବିଜେଡି ଯୁବ ସଭାପତି ଅମିତ ଅଗ୍ରୱାଲ, ଦଳୀୟ ନେତା ରଘୁରାମ ମାଛ, ଅଶ୍ୱନୀ ସାହୁ, ଶିବ ପଟ୍ଟନାୟକ, ଲଲାଟ ରଞ୍ଜନ ସେଠୀ, ବିମଳ ଗରଡା, ବିଜୟ ପଣ୍ଡା, ମହିଳା ବିଜେଡି ଜିଲା ସଭାନେତ୍ରୀ ସୁଚିତ୍ରା ସ୍ୱାଇଁ, କାର୍ଯ୍ୟକାରୀ ସଭାନେତ୍ରୀ ରୀତା ପାଣିଗ୍ରାହୀଙ୍କ ସମେତ ଜିଲାର ସମସ୍ତ ବ୍ଲକ ସଭାପତି , ଜିଲା ପରିଷଦ ସଭ୍ୟ, ଦଳର ଯୁବ ଓ ମହିଳା ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ ।



ବୈଠକରେ ଯୋଗଦେଇଥିବା ଲୋକପ୍ରତିନିଧିମାନେ ।

# ନେଟୱର୍କ ସିଗ୍‌ନାଲ ଦୁର୍ବଳ ନେଇ ଅସନ୍ତୋଷ

କୋରାପୁଟ,୮।୯(ସ୍ୱ.ପ୍ର.)

କୋରାପୁଟରେ କିଛିଦିନ ହେଲା ରିଲାଏନ୍ସ ଜିଓ ନେଟୱର୍କ ସିଗନାଲ ଏବେ ଦୁର୍ବଳ ରହିଥିବାରୁ ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କୋରାପୁଟ ସହରର ଭବାନୀନଗର, ଓଏମ୍‌ପି, ଟିକିରାସାହି, ଗୋପ ନଗର, ଲାଣ୍ଡିଗୁଡ଼ା ସମେତ ୨୬ ନମ୍ବର ଜାତୀୟ ରାଜପଥରେ ମଧ ଏହାର ନେଟୱର୍କ ଆସୁ ନ ଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି। ଏହି ସମସ୍ୟା କାରଣରୁ ଗ୍ରାହକଙ୍କ ଇଣ୍ଟରନେଟ୍ କାର୍ଯ୍ୟ କରିବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି । ସନ୍ଧ୍ୟା ହେଲେ ଏହି ସମସ୍ୟା ଆହୁରି ଉତ୍କଟ ହେଉଛି। କୋରାପୁଟ ଜିଲାରେ ରିଲାଏନସ ଜିଓ ପକ୍ଷରୁ ହଜାର ହଜାର ଗ୍ରାହକ ରହିଥିବାବେଳେ ସେହି ଅନୁସାରେ କଂପାନୀ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଟାୱାର ନିର୍ମାଣ ନ ହେବାରୁ ଏପରି ସମସ୍ୟା ହୋଇଛି। ପୂର୍ବରୁ ଏହି କଂପାନୀର ସେବା ସମସ୍ତଙ୍କୁ ଆକର୍ଷିତ କରିଥିବାବେଳେ ଏବେ ସେବା ଠିକ୍ ମିଳୁ ନଥିବାରୁ ଗ୍ରାହକମାନେ ପୁଣି ବିଏସ୍‌ଏନ୍‌ଏଲ କିମ୍ବା ଅନ୍ୟ କଂପାନୀର ସିମ୍ ଆପଣେଇବାକୁ ମନସ୍ଥ କଲେଣି।

# ବ୍ରାହ୍ମଣ ସମାଜର ସମନ୍ୱୟ ବୈଠକ


ବୈଠକରେ ମଞ୍ଚାସୀନ ଅତିଥିମାନେ ।

ଜୟପୁର,୮।୯(ନି.ପ୍ର/ଡ଼ି.ଏନ.ଏ)

କୋରାପୁଟ ଜିଲା ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ଜୟପୁରଠାରେ ଅବିଭକ୍ତ କୋରାପୁଟ ଜିଲା ବ୍ରାହ୍ମଣ ସମାଜର ଏକ କର୍ମକର୍ତ୍ତା ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋରାପୁଟ, ରାୟଗଡା ନବରଙ୍ଗପୁର ଓ ମାଲକାନଗିରି ଜିଲାର କାର୍ଯ୍ୟକର୍ତ୍ତାଙ୍କ ସମେତ ପ୍ରାୟ ୨ ଶହରୁ ଅଧିକ ବ୍ରାହ୍ମଣ ଯୋଗ ଦେଇଥିଲେ । ଆବାହକ ନରସିଂହ ପ୍ରସାଦ ମିଶ୍ର ତଥା ବିଷ୍ଣୁ ପ୍ରସାଦ ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ କୋରାପୁଟ ଜିଲା ସଭାପତି ଉପେନ୍ଦ୍ର ନାଥ ମିଶ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମଥନାଥ ମିଶ୍ର, ଜିଲା ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ତ୍ରିପାଠୀ, ନବରଙ୍ଗପୁର ଜିଲା ସଭାପତି ମଦନମୋହନ ପାଢୀ, ମାଲକାନଗିରି ଜିଲା ସଭାପତି ରଞ୍ଜନ ରଥ, ବ୍ରାହ୍ମଣ ମହାସଂଘର ରାଜ୍ୟ ସଂଯୋଜକ ମୃତ୍ୟୁଞ୍ଜୟ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଓ ବେଦପାଠ କରାଯାଇଥିଲା। ଅବିଭକ୍ତ କୋରାପୁଟ ଜିଲାରେ ଥିବା ବ୍ରାହ୍ମଣ ସଂଗଠନକୁ ସୁଦୃଢ କରିବା, ନିୟମିତ ବ୍ୟବଧାନରେ ବୈଠକ, ସାମାଜିକ ଗଣମାଧ୍ୟମରେ ପ୍ରଚାର ନେଇ ଭୁବନେଶ୍ୱର ଶୋଭାଯାତ୍ରା କରାଯିବା ନେଇ ସ୍ଥିର ହୋଇଛି । ଏଥିସହ ବ୍ରାହ୍ମଣ ସଂଗଠନର ବିଭିନ୍ନ ସମସ୍ୟା ସମାଧାନ ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ମଞ୍ଚାସୀନ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରାଯିବା ସହିତ ଉପସ୍ଥିତ ସମସ୍ତ ବ୍ରାହ୍ମଣ ମାନଙ୍କୁ ମଧ୍ୟ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିନୋଦ ମହାପାତ୍ର, ଲକ୍ଷ୍ମୀଧର ସାହୁ, ଦେବେନ୍ଦ୍ର ବାହିନିପତି, ଭବାନୀ ଚରଣ ଆଚାର୍ଯ୍ୟ, ମଦନ ମୋହନ ସାନ୍ତ୍ରା, ରାଧାନାଥ ଭଞ୍ଜ, ବିଘ୍ନରାଜ ସାମନ୍ତରାୟ, କିରଣ କୁମାର ମିଶ୍ର, , ବୀର ବରାଡ ପାଢୀ, ଗୋପକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । କୋରାପୁଟ ଜିଲା ବ୍ରାହ୍ମଣ ସମାଜର ମୁଖପତ୍ର ବ୍ରହ୍ମରଶ୍ମି ଉନ୍ମୋଚନ କରାଯାଇଥିଲା । ପରେ ଶ୍ରୀନାଥ ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ । ରାମ କୃଷ୍ଣ ସାବତ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ନବକୃଷ୍ଣ ରଥ, ପର୍ଶୁରାମ ବାହିନୀ ଧନ୍ୟବାଦ ଦେଇଥିଲେ ।

■ ରାଜ୍ୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

# ରନର୍ସଅପ୍ ହେଲେ ସୁନାବେଡ଼ାର କଳାକାର

ସୁନାବେଡ଼ା,୮।୯(ଡି.ଏନ୍.ଏ.)

ଭୁବନେଶ୍ୱର ସ୍ଥିତ ଶହୀଦନଗର ଇନ୍‌ଡୋର ହଲରେ ଗତ ୨୮ରୁ ଚଳିତ ମାସ ୨ ତାରିଖ ମଧ୍ୟରେ ଷ୍ଟେଟ୍ ଚାମ୍ପିୟନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ସୁନାବେଡ଼ାରୁ ୩ ଜଣ ପ୍ରତିଯୋଗୀ ଯଥା କଳାକାର ପ୍ରଧାନ, ସଂଗ୍ରାମ ମଲ୍ଲିକ ଓ ପ୍ରଣବ କୁମାର ପରମାଣିକ ଭାଗ ନେଇଥିବା ବେଳେ କଳାକାର ରନର୍ସଅପ୍ ହୋଇଛନ୍ତି। ଏହାସହ ସେ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ସେ କିଛି ବର୍ଷ ହେଲା ଲଗାତର ରାଜ୍ୟ ଓ ଜାତୀୟସ୍ତରୀୟ ବ୍ୟାଡ୍‌ମିଣ୍ଟନରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଆସୁଛନ୍ତି । ୨୦୧୫ରେ ସମ୍ବଲପୁରଠାରେ ଷ୍ଟେଟ୍ ଚାମ୍ପିୟନଶିପ୍ ଖେଳି ଜାତୀୟସ୍ତରୀୟ ଖେଳ ପାଇଁ କୋଏମ୍ବାଟୁର ଯାଇଥିଲେ। ୨୦୧୭ରେ ନାଲ୍‌କୋ ନଗର ଅନୁଗୋଳରେ ଚାମ୍ପିୟନ ହୋଇ କେରଳର କୋଚି ଯାଇଥିଲେ। ୨୦୧୮ରେ କଟକରେ ଷ୍ଟେଟ୍ ଚାମ୍ପିୟନ୍ ହୋଇ ଜାତୀୟସ୍ତର ଖେଳ ପାଇଁ ଆନ୍ଧ୍ରପ୍ରଦେଶ ଯାଇଥିଲେ।



କଳାକାର ପ୍ରଧାନଙ୍କୁ ପୁରସ୍କୃତ କରାଯାଉଛି ।

## ଜୟପୁର ସହରର ହେବ ବିକାଶ

ଜୟପୁର,୮।୯(ନି.ପ୍ର.)

ଜୟପୁର ସହର ବିକାଶ ନେଇ ଶନିବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତିଙ୍କ ଉଦ୍ୟମରେ ବିକାଶ କାର୍ଯ୍ୟ ନେଇ ଖସଡା ପ୍ରସ୍ତୁତ ହୋଇଛି । ସହରରେ ୧ କୋଟିଟଙ୍କା ବିନିମୟରେ ଅଡିଟୋରିୟମ ନିର୍ମାଣ, ସହରର ଲକ୍ଷ୍ମୀ ନଗର, ପାରାବେଡାରେ ୨ଟି, ସମ୍ବାରତୋଟା ସହ ସହରର ବିଭିନ୍ନ ସ୍ଥାନରେ ୧୦ ରୁ ଉର୍ଦ୍ଧ୍ୱ ପାର୍କ ନିର୍ମାଣ, ଦୈନିକ ବଜାର ବିକାଶ, ଏସଏଚଜି ଗ୍ରୁପ ପାଇ ୨ ମହଲା ବିଶିଷ୍ଟ କୋଠା ନିର୍ମାଣ , ପୁରଣା ଆମିଷ ବଜାରରେ ୩ ମହଲା ବିଶିଷ୍ଟ କୋଠା ନିର୍ମାଣ, ସହରର ପ୍ରବେଶ ଦ୍ୱାରରେ ଆଦିବାସୀ କଳାକୃତି ଥିବା ୩ଟି ଗେଟ ନିର୍ମାଣ ନେଇ ବୈଠକରେ ସ୍ଥିର ହୋଇଛି। ଏହି ବୈଠକରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପୀନାଥ ସାରକା, ପୌର ଯନ୍ତ୍ରୀ ରେଣୁକା ଠାକୁର, ବରିଷ୍ଠ କିରାଣି କୃଷ୍ଣଚନ୍ଦ୍ର ପାଲ, କନିଷ୍ଠ ଯନ୍ତ୍ରୀ ସୁଧୀର ଦାଶ ଓ ଅଜୟ ଜାନୀ ଉପସ୍ଥିତ ରହିଥିଲେ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କର୍ମଶାଳା

କୋରାପୁଟ,୮।୯(ସ୍ୱ.ପ୍ର.)

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୁନାବେଡ଼ାସ୍ଥିତ ସ୍ଥାୟୀ କ୍ୟାମ୍ପସରେ 'ଜଳ ସଂରକ୍ଷଣ ଓ ଜଳଛାୟା ପରିଚାଳନା' ଶୀର୍ଷକ ଉପରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ପଖୱାଡ଼ା ଅବସରରେ ଆୟୋଜିତ ଏହି କର୍ମଶାଳାକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ ପାଲିତା ମୁଖ୍ୟ ଅତିଥି ଭାବେ ଶୁଭାରମ୍ଭ କରିଥିଲେ। ବିଶ୍ୱରେ ଜଳର ଉତ୍କଟ ଅଭାବ ପରିଲକ୍ଷିତ ହେଉଥିବାରୁ ଏହାର ଉପଯୁକ୍ତ ସଂରକ୍ଷଣ ଓ ଏହାର ପରିଚାଳନା ପାଇଁ ଗୁରୁତ୍ୱାରୋପ କରିଥିଲେ କୁଳପତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ଜଳ ସଂରକ୍ଷଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିବା ସେ କହିଥିଲେ। ସୁନାବେଡ଼ାସ୍ଥିତ କେନ୍ଦ୍ରୀୟ ମୃତ୍ତିକା ଓ ଜଳ ଗବେଷଣା କେନ୍ଦ୍ର (ଆଇସିଏଆର)ର ବରିଷ୍ଠ ବୈଜ୍ଞାନିକ ଡ. ପାର୍ଥ ପ୍ରିତମ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଳଛାୟା ପ୍ରକଳ୍ପ ନିର୍ମାଣ ଦ୍ୱାରା ପାହାଡ଼ରୁ ବୋହିଯାଉଥିବା ଜଳକୁ ଅଟକାଇ ସଂପୃକ୍ତ ଅଞ୍ଚଳରେ ଥିବା ଶୁଖିଲା ଜମିକୁ ଜଳସେଚନ କରାଯାଇ ସେଥିରେ ବର୍ଷସାରା ଚାଷ କରାଯାଇପାରିବ ବୋଲି କହିଥିଲେ। ଶେଷରେ କୁଳପତି ପ୍ରଫେସର ପାଲିତା ଆଇସିଏଆର ବରିଷ୍ଠ ବୈଜ୍ଞାନିକ ଡ. ଅଧିକାରୀଙ୍କୁ ସ୍ମୃତିଫଳକ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ଛାତ୍ର କଲ୍ୟାଣ ବିଭାଗ ସହକାରୀ ଡିନ ତଥା ସହକାରୀ ପ୍ରଫେସର ରମେନ୍ଦ୍ର ପାରି କାର୍ଯ୍ୟକ୍ରମ ପରିଚାଳନା ଓ ସହକାରୀ ପ୍ରଫେସର ଡ. ସୌରଭ ଗୁପ୍ତା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ।



କର୍ମଶାଳାରେ ବରିଷ୍ଠ ବୈଜ୍ଞାନିକ ଡ. ପାର୍ଥ ପ୍ରୀତମ ଅଧିକାରୀଙ୍କୁ ସମ୍ମାନିତ କରାଯାଉଛି ।

## ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତ ଗିରଫ

ଜୟପୁର,୮।୯(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ସହରର ହାଟପଦାଠାରେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ହାଟପଦା ଅଞ୍ଚଳର ବିଶାଲ ଟାକ୍ରି (୧୮) । ବିଶାଲ ସମ୍ପୃକ୍ତା ନାବାଳିକାଙ୍କୁ ଭଲ ପାଉଥିଲେ । ବିବାହ ପ୍ରତିଶ୍ରୁତି ଦେଇ ଜୋରଜବରଦସ୍ତି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ସେ ବିବାହ କରିବାକୁ ମନା କରିବାରୁ ତାଙ୍କ ମାଆ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏହାର ତଦନ୍ତ କରି ଶନିବାର ରାତିରେ ବିଶାଲଙ୍କୁ ଗିରଫ କରିଥିଲା ।

# ବୋନାସିଲ ଗାଁ ରାସ୍ତା ଶୋଚନୀୟ

ଦଶମନ୍ତପୁର, ୮।୯ (ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ ବୋନାସିଲ ଗ୍ରାମ ରାସ୍ତା ଶୋଚନୀୟ ହୋଇପଡ଼ିଛି । ବର୍ଷା ଯୋଗୁ ଉକ୍ତ ରାସ୍ତାରେ କାଦୁଅ ଭର୍ତ୍ତି ହୋଇଯାଇଛି। ଫଳରେ ଲୋକମାନେ ଯିବା ଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତାରେ କାଦୁଅ ଏପରି ଜମିଛି ଯେ, ଆମ୍ବୁଲାନ୍ସ କି କୌଣସି ଗାଡ଼ି ଯାଇ ପାରୁନାହିଁ ଗାଁକୁ । ଏନେଇ ବାରମ୍ବାର ଜଣାଇଲେ ମଧ୍ୟ କେହି ଆମ କଥା ଶୁଣୁ ନ ଥିବା ଗ୍ରାମର ତ୍ରିନାଥ ଜାନୀ, ସାରିଆ ମୁଦୁଲି, ବଳରାମ ମୁଦୁଲି, ପୁରୀ ଜାନି ପ୍ରକାଶ କରିଛନ୍ତି। ଗ୍ରାମର ସର ମୁଦୁଲିଙ୍କ ଝିଅ ମନିଷା ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି । ରବିବାର ପରିବାର ଲୋକେ ସମ୍ପର୍କୀୟଙ୍କ ସହଯୋଗରେ ତାଙ୍କୁ କାଦୁଅରେ ଟେକି ଟେକି ନିକଟସ୍ଥ ମନ୍ଦିରକୁ ପୂଜାର୍ଚ୍ଚନା ଲାଗି ନେଉଥିବା ଦେଖିବାକୁ ମିଳିଥିଲା । ଉକ୍ତ ରାସ୍ତା ନିର୍ମାଣ କରୁଥିବା ସମ୍ପୃକ୍ତ ଠିକାଦାର ତୁରନ୍ତ ଏହାର ବ୍ୟବସ୍ଥା ନ କଲେ ଆମେ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ସମ୍ପୃକ୍ତ ଠିକାଦାର ଅଶୋକ ଜେନାଙ୍କୁ ପଚାରିବାରୁ, ତୁରନ୍ତ ରାସ୍ତା ମରାମତି କରିବି ବୋଲି କହିଛନ୍ତି।


ଜଣେ ରୋଗୀଙ୍କୁ ରାସ୍ତାରେ ଟେକି ଟେକି ନେଉଛନ୍ତି ।

# ସମସ୍ୟା ଘେରରେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ନନ୍ଦପୁର,୮।୯(ଡି.ଏନ.ଏ.)

କୋରାପୁଟ ଜିଲା ନନ୍ଦପୁର ବ୍ଲକରେ ରହିଛି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର । ଏବେ ଏହା ବହୁ ସମସ୍ୟାରେ ବୁଡ଼ି ରହିଛି। ଏଠାରେ ଡ଼ାକ୍ତର ଅଧିକାଂଶ ସମୟ ଅନୁପସ୍ଥିତ ରହୁଛନ୍ତି । ଏମିତି କି ଚିକିତ୍ସାରେ ଅବହେଳା କରୁଥିବାରୁ ସ୍ଥାନୀୟ ଲୋକଙ୍କ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଆସ୍ଥା ତୁଟିବାକୁ ବସିଲାଣି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି ।

ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୨୩ ଟି ପଞ୍ଚାୟତ ସହ ଲମତାପୁଟ ବ୍ଲକର ୪ ଓ ସେମିଳିଗୁଡା ବ୍ଲକର ୪ ପଞ୍ଚାୟତର ଲୋକେ ନିର୍ଭର କରନ୍ତି । ଏଠାରେ ୬ ଜଣ ଡାକ୍ତର ଅଛନ୍ତି । ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଡ଼େପୁଟେଶନରେ ପଠାଯାଇଛି । ଆଉ ୪ ଜଣଙ୍କ ମଧ୍ୟରୁ ୨ ଜଣ ଛୁଟିରେ ଥିବାରୁ ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ସେହିପରି ଲାବୋରେଟେରି ଟେକ୍‌ନିସିଆନ ଏଠାରେ ନ ରହି ସେମିଳିଗୁଡାରେ ରହୁଛନ୍ତି । ଫଳରେ ମ୍ୟାଲେରିଆ ରୋଗୀଙ୍କ ରକ୍ତ ପରୀକ୍ଷା ସହ ଅନ୍ୟାନ୍ୟ ପରୀକ୍ଷା ହୋଇପାରୁନାହିଁ । ତେଣୁ ବାଧ୍ୟହୋଇ ରୋଗୀମାନେ ବାହାରେ ପରୀକ୍ଷା କରି ଖର୍ଚ୍ଚାନ୍ତ ହେଉଛନ୍ତି । ଏପରିସ୍ଥିତିରେ ଏଠାରେ କିପରି ରୋଗୀ ସେବା କରାଯାଉଥିବ ତାହା ସହଜେ ଅନୁମାନ କରାଯାଇ ପାରିବ । ଏଥିସହ ଏହି ସ୍ୱାସ୍ଥ୍ୟକେନ୍ଦ୍ର କେତେବେଳେ ଖୋଲେ ଏବଂ କେତେବେଳେ ବନ୍ଦ ରହୁଛି ସେନେଇ ଲୋକମାନେ ଜାଣି ପାରୁନାହାନ୍ତି। ଫଳରେ ୫୦ କିଲୋମିଟର ଦୂରରୁ ଆସୁଥିବା ରୋଗୀମାନେ ବହୁ ସମୟ ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରୁଥିବା ଜଣାଯାଇଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ରୋଗୀମାନେ ଅଭିଯୋଗ କରିଛନ୍ତି। ଏଠାକାର କର୍ମଚାରୀମାନଙ୍କ ଯିବା ଆସିବାର ନିର୍ଦ୍ଦିଷ୍ଟ ସମୟ ମଧ୍ୟ ରହୁନାହିଁ। ଏନେଇ ଚିକିତ୍ସାଧିକାରୀଙ୍କ ପାଖରେ କୌଣସି ସୂଚନା ରହୁ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦଧିବାମନ ତ୍ରିପାଠୀଙ୍କୁ ପଚାରିବାରୁ, ସ୍ୱାସ୍ଥ୍ୟକେନ୍ଦ୍ରରେ କି କି ସମସ୍ୟା ରହିଛି ସେନେଇ ଭାରପ୍ରାପ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଚିଠି କରିବି । ତୁରନ୍ତ ତାହା ସମାଧାନ କରାଯିବା ସହ ଡ଼ାକ୍ତର ନିଯୁକ୍ତି କରାଯିବ ବୋଲି କହିଛନ୍ତି।


ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅପେକ୍ଷାରେ ରୋଗୀମାନେ ।

# କୋରାପୁଟ ମୁଖ୍ୟ ପୋଲିସ କାର୍ଯ୍ୟାଳୟରୁ ୬ ଇନ୍ସପେକ୍ଟର ବଦଳି

କୋରାପୁଟ,୮।୯(ସ୍ୱ.ପ)

କୋରାପୁଟ ଜିଲା ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୋଙ୍କ ଦ୍ୱାରା ଜିଲା ମୁଖ୍ୟ ପୋଲିସ କାର୍ଯ୍ୟାଳୟର ୬ ଇନ୍ସପେକ୍ଟରଙ୍କ ବଦଳି କରାଯାଇଛି। ଇନ୍ସପେକ୍ଟର ମହେନ୍ଦ୍ର କୁମାର ସାହୁଙ୍କୁ ବୈପାରିଗୁଡା ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିବାବେଳେ ଇନ୍ସପେକ୍ଟର ପ୍ରଦ୍ୟୁମ୍ନ କୁମାର ମହାପାତ୍ରଙ୍କୁ ନାରାୟଣପାଟଣା ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ଇନ୍ସପେକ୍ଟର ଧୀରେନ ପଟ୍ଟନାୟକଙ୍କୁ କାକିରିଗୁମ୍ମା ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି । ବିଜୟ ରାଜ ମାଝିଙ୍କୁ ପଟ୍ଟାଙ୍ଗି ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି । ସେହିପରି ଇନ୍ସପେକ୍ଟର ପ୍ରଫୁଲ୍ଲ ଲାକ୍ରାଙ୍କୁ କୋରାପୁଟ ଜିଲା ଡିସିଆରବି ସେଲକୁ ବଦଳି କରାଯାଇଥିବାବେଳେ ଇନ୍ସପେକ୍ଟର ଶ୍ରୀମୁଖ ନାୟକଙ୍କୁ ଜିଲା ଟ୍ରାଫିକ ନିୟନ୍ତ୍ରଣ ସେଲକୁ ବଦଳି କରାଯାଇଛି ।

ଧରିତ୍ରୀ
DHARITRI
ସୋମବାର, ୯ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ



### ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି

ଗୁଣପୁର,୮।୯(ଡି.ଏନ.ଏ): ସ୍ଥାନୀୟ ବାବୁଲି ନଗର ଏବଂ ବୃନ୍ଦାବତୀ ନଗର ପୂଜା କମିଟି ପକ୍ଷରୁ ରବିବାର ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଏଥିରେ କର୍ତ୍ତାଭାବେ ଦୂର୍ଗାପ୍ରସାଦ ପାଣିଗ୍ରାହୀ ଯୋଗ ଦେଇଥିବାବେଳେ ପୂଜକ ଭାବେ ନବୀନ ରଥ, ପ୍ରକାଶରଥ ଏବଂ କାଶୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂଜା କମିଟିର କର୍ମକର୍ତ୍ତା ଏବଂ ସଦସ୍ୟମାନେ ,ଥିରେ ସହଯୋଗ କରିଥିଲେ।

### ଗଣେଶ ମୂର୍ତ୍ତି ବିସର୍ଜନ



ଦୁର୍ଗୀ, ୮।୯: ଦୁର୍ଗୀ ଅଞ୍ଚଳରେ ଗଣେଶ ପୂଜା ଧୁମ୍‌ଧାମରେ ଅନୁଷ୍ଠିତ ହୋଇଥିବାବେଳେ ରବିବାର ବିସର୍ଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ପାଇକ ସାହି, ବିଲୁ ନଗର ସମେତ ବିଭିନ୍ନ ପୂଜା କମିଟି ପକ୍ଷରୁ ଠାକୁରଙ୍କ ବିସର୍ଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତେବେ ପାଇକ ସାହିର ବିସର୍ଜନ ଉତ୍ସବ ସବୁଠାରୁ ଆକର୍ଷଣୀୟ ହୋଇଥିଲା। ଶନିବାର କମିଟି ପକ୍ଷରୁ ଅଞ୍ଚଳର ଶିଶୁମାନଙ୍କୁ ନେଇ ସାଂସ୍କୃତିକ ଓ ଆଧୁନିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସବ୍ ଜୁନିଅର ବିଭାଗରେ ସ୍ମୃତିମୟୀ ମାଦଳା ଏବଂ ଜୁନିୟରରେ ପ୍ରିୟଙ୍କା ଗୌଡ଼ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଉଭୟଙ୍କ ନୃତ୍ୟରେ ଉପସ୍ଥିତ ଅଞ୍ଚଳବାସୀ ଝୁମି ଉଠିଥିଲେ।

### ଖୋଜାପଲ୍ଲୀ ଗୁଳିକାଣ୍ଡ ଘଟଣା,୩ ଅଟକ

ଖଲ୍ଲିକୋଟ,୮।୯(ଡି.ଏନ.ଏ.): ଖଲ୍ଲିକୋଟ ବ୍ଲକ ଖୋଜାପଲି ଗ୍ରାମର ନୀଳକଣ୍ଠ ପରିଡ଼ା (୩୬)ଙ୍କୁ ଶନିବାର ଗୁଳିମାଡ଼ ହୋଇଥିଲା। ଏହି ମାମଲା ରବିବାର ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ନୀଳକଣ୍ଠଙ୍କ ଦାଦା ପ୍ରଫୁଲ୍ଲଙ୍କ ଏତଲା କ୍ରମେ ଖଲ୍ଲିକୋଟ ପୋଲିସ ନଂ.୨୨୪/୧୯ରେ ମାମଲା ରୁଜୁ କରିଛି। ସ୍ଥାନୀୟ ଆଇଆଇସି ସୁନିଲ କୁମାର ବେହେରା ଟିମ ସହ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି। ଛତ୍ରପୁର ଏସ୍‌ପି ବ୍ରିଜେଶ କୁମାର ରାଏ ଥାନାକୁ ଯାଇ ଘଟଣା ସମ୍ପର୍କରେ ବୁଝିଥିଲେ। ରବିବାର ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ପହଞ୍ଚି ଘଟଣାର ପ୍ରକୃତ ତଥ୍ୟ ଅନୁସନ୍ଧାନ କରିଥିଲେ। ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ସୁପାରି କିଲରଙ୍କ ଦ୍ୱାରା ଗୁଳିକାଣ୍ଡ ହୋଇଥିବା ଅନୁମାନ କରାଯାଉଥିବା ବେଳେ ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ସ୍ଥାନୀୟ ପୋଲିସ କହିଛି। ନୀଳକଣ୍ଠ ଶନିବାର ସନ୍ଧ୍ୟାରେ ନିଜ ଘର ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ତାଙ୍କ ପଛପଟୁ ଗୁଳିମାଡ଼ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଗୁଳିଟି ଅଣ୍ଟାରେ ବାଜି ପେଟ ଭିତରେ ରହି ଯାଇଥିଲା। ରବିବାର ଅପରେସନ କରାଯାଇ ତାହା ବାହାର କରାଯାଇଥିବା ସମ୍ପର୍କୀୟ କହିଛନ୍ତି।

### ଚକ୍ଷୁ ଚିକିତ୍ସା ଶିବିର

ଜି.ଉଦୟଗିରି,୮।୯(ଡି.ଏନ.ଏ.): ଜି.ଉଦୟଗିରି ବ୍ୟବସାୟୀ ସଂଘ ସଭାଗୃହରେ ସଂଘ ପକ୍ଷରୁ ରବିବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୧୧୫ ଜଣ ରୋଗୀ ନାମ ପଞ୍ଜୀକୃତ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ୪୦ ଜଣ ରୋଗୀଙ୍କୁ ମାଗଣା ପରଳ ଚିକିତ୍ସା ପାଇଁ ପଠାଯାଇଛି ।

# ପାଠାଗାର ଖୋଲିବା ସମୟ ପାଠକଙ୍କୁ ଅଡୁଆ

**ରାୟଗଡ଼ା ଜିଲା ପାଠାଗାର**

- ଉପକୃତ ହୋଇପାରୁନାହାନ୍ତି ପାଠକ
- ପାଠାଗାର ସମୟ ପରିବର୍ତ୍ତନ ପାଇଁ ଦାବି
- ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପୁସ୍ତକର ଆବଶ୍ୟକତା ରହିଛି



ରାୟଗଡ଼ା ଜିଲା ପାଠାଗାର।

ରାୟଗଡ଼ା ଅଫିସ, ୮।୯

ଜ୍ଞାନ ଆହରଣର ଏକ ପ୍ରମୁଖ ମାଧ୍ୟମ ହେଉଛି ପାଠାଗାର। ଏହାକୁ ଜ୍ଞାନର ଗନ୍ତାଘର କୁହାଯାଏ। ହେଲେ ରାୟଗଡ଼ାସ୍ଥିତ ଜିଲା ପାଠାଗାର ପାଠକଙ୍କ ବିଶେଷ କରି ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ପୂରଣ କରିପାରୁନାହିଁ। ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଏହି ପାଠାଗାରରେ ପାଠକଙ୍କ ପାଇଁ ୨ଟି ବଡ଼ କୋଠରି ରହିଛି। ଏଠାରେ ୧୫ରୁ ଊର୍ଦ୍ଧ୍ୱ ପାଠକ ବସି ପଢ଼ିବା ପାଇଁ ବ୍ୟବସ୍ଥା ମଧ୍ୟ ରହିଛି। ତେବେ ଏହି ପାଠାଗାର ପୂର୍ବରୁ ଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲୁଥିବାବେଳେ ଏବେ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲାରହୁଛି। ଏହି ସମୟରେ ଛାତ୍ରୀଛାତ୍ର ସ୍କୁଲ ଓ କଲେଜ୍ ଯାଇଥାନ୍ତି। ଫଳରେ ଏଠାରେ ପାଠକଙ୍କ ସଂଖ୍ୟା ଅତି କମ୍ ରହିଥିବା ରେଜିଷ୍ଟର୍‌ରୁ ସ୍ପଷ୍ଟ ହୋଇଛି। ତେଣୁ ପାଠାଗାର ଖୋଲିବା ସମୟ ପରିବର୍ତ୍ତନ କରିବାକୁ ପାଠକଙ୍କ ମଧ୍ୟରେ ଦାବି ହେଉଛି। ଏହି ପାଠାଗାରକୁ ଦୈନିକ ୨୦ରୁ ଊର୍ଦ୍ଧ୍ୱ ଖବରକାଗଜ ଓ ୨ଟି ପତ୍ରିକା ଆସୁଥିବା ଲାଇବ୍ରେରିଆନ୍ ମେରିନା କୀରୁ ପ୍ରକାଶ କରିଛନ୍ତି। ଚାକିରି କ୍ଷେତ୍ରରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ଓ ବିଜ୍ଞାନ ବିଷୟ ପୁସ୍ତକ ଏଠାରେ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ସେହିପରି ଏହା ଜିଲା ପାଠାଗାର ହୋଇଥିଲେ ମଧ୍ୟ ସରକାରୀ କାର୍ଯ୍ୟାଳୟ, ସ୍କୁଲ ଓ କଲେଜ ସମୟରେ ଖୋଲୁଥିବାରୁ ପାଠକ ଉପକୃତ ହୋଇପାରୁନାହାନ୍ତି ବୋଲି ସହରର ବୁଦ୍ଧିଜୀବୀ ଜୟରାମ ଜେନା ଏବଂ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର +୩ଛାତ୍ରୀ ଅଞ୍ଜନା ବିଷୋୟୀ କହିଛନ୍ତି। ମୋ ଘର ଜେକେପୁର। ସେହିପରି ଏଠାରେ ଆବଶ୍ୟକ ପୁସ୍ତକ ନାହିଁ, ଅଧିକ ପୁସ୍ତକ ଏବଂ ସମୟ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ର ରାଜ କାଡ୍ରାକା ମଧ୍ୟ କହିଛନ୍ତି। ତେବେ ପାଠାଗାର ଖୋଲିବା ସମୟ ସମ୍ପର୍କରେ ଲାଇବ୍ରେରିଆନ କୀରୁ କହିଛନ୍ତି ଯେ, ଏହା ପରିସରରେ ସରକାରୀ କାର୍ଯ୍ୟାଳୟ ରହିଥିବା ଯୋଗୁ ସେହି ସମୟରେ ପାଠାଗାର ମଧ୍ୟ ଖୋଲୁଛି। ସେହିପରି ସବୁ ସୁବିଧା ଥାଇ ମଧ୍ୟ ଲାଇବ୍ରେରୀରେ ପିଲାଙ୍କ ଅଭାବ ପରିଲକ୍ଷିତ ହେଉଛି। ତେବେ ଜିଲା ପାଠାଗାରରେ ପାଠକଙ୍କ ଅଭାବ ସମ୍ପର୍କରେ ଶିକ୍ଷାବିତ୍ ଡ. ଡି. କେ. ମହାନ୍ତିଙ୍କୁ ପଚାରିବାରୁ, ସେ ଇଣ୍ଟରନେଟ୍‌କୁ ଦାୟୀ କରିଛନ୍ତି। ଏହାଦ୍ୱାରା ପିଲାଙ୍କ ନିଜସ୍ୱ ପଢ଼ିବା କ୍ଷମତାକୁ କମାଇ ଦିଏ ବୋଲି କହିଥିଲେ। ଏହାସହ ପାଠାଗାରର ସମୟ ମଧ୍ୟ ବାଧକ ସାଜିଛି ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।



ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାର କରୁଛନ୍ତି।

**■ଆଜି ପୋଲିସ ହାବିଲ୍‌ଦାର ଓ କନଷ୍ଟେବଲ ସଂଘ ନିର୍ବାଚନ**

# ମଇଦାନକୁ ଓହ୍ଲାଉଛନ୍ତି ୨୩ ପ୍ରାର୍ଥୀ

ରାୟଗଡ଼ା ଅଫିସ, ୮।୯

ସୋମବାର ଓଡ଼ିଶା ପୋଲିସ ହାବିଲ୍‌ଦାର ଓ କନଷ୍ଟେବଲ ସଂଘ ରାୟଗଡ଼ା ଶାଖାର ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ମଇଦାନକୁ ଓହ୍ଲାଇଛନ୍ତି ୨୩ ପ୍ରାର୍ଥୀ। ରବିବାର ଶେଷଦିନରେ ପ୍ରଚାର ଜୋର୍‌ସୋରରେ ଚାଲିଥିବା ଦେଖିବାକୁ ମିଳିଥିଲା। ସଭାପତି ପଦବୀ ପାଇଁ ଶେକ୍ ମୁକ୍ତାଜ୍, ହରେକୃଷ୍ଣ ମିଶ୍ର ଏବଂ ସ୍ୱାଧୀନ ପ୍ରାର୍ଥୀ ରମାକାନ୍ତ ଜାମ୍ବାକା ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଉପସଭାପତି ପଦ ପାଇଁ ଦିଲୀପ କୁମାର ଦାଶ ଏବଂ ଚିତ୍ତରଞ୍ଜନ ରଥ, ସାଧାରଣ ସମ୍ପାଦକ ପଦବୀ ପାଇଁ ନାଇକା ଜାକାକା ଓ ବିରଞ୍ଚି ନାରାୟଣ ଚୌଧୁରୀ ପ୍ରାର୍ଥୀ ରହିଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ(କ) ପଦବୀ ପାଇଁ ବେଲାଳସେନା ହଲବା ଓ ସମୀର କୁମାର ରଣା ପ୍ରାର୍ଥୀ ରହିଥିବାବେଳେ ଯୁଗ୍ମ ସମ୍ପାଦକ (ଖ) ପଦବୀ ପାଇଁ ଦେବୀ ପ୍ରସାଦ ପଣ୍ଡା ଓ ଜିତୁ ପାଣି, କୋଷାଧ୍ୟକ୍ଷ ପଦବୀ ପାଇଁ କେ. ଭେଙ୍କଟ ରାମାଣା ଓ ଏଲ. ରବୀନ୍ଦ୍ର କୁମାର ମୂର୍ତ୍ତି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅନ୍ୟପକ୍ଷରେ ୫ କାର୍ଯ୍ୟକାରିଣୀ ସଭ୍ୟ ପଦବୀ ପାଇଁ ଶାନ୍ତିଲତା ପରିଡ଼ା, କିଶୋର ସାହୁ, ପ୍ରୟଦର୍ଶୀ ଗମାଙ୍ଗ, ଏସ୍. ବେଣୁଗୋପାଳ ରାଓ ଏବଂ ଦାମୋଦର ହିଆଲ ପ୍ରାର୍ଥୀ ରହିଥିବାବେଳେ କାର୍ଯ୍ୟକାରୀ କମିଟି ସଭ୍ୟ ପଦବୀ ପାଇଁ ରବୀନ୍ଦ୍ର ବିଡିକା, ସମ୍ପଦ୍ ଦାସ, ସଞ୍ଜୟ ଗମାଙ୍ଗ, ସୁମନ୍ ସାହୁ ଓ ସି.ବି. ରାମ ମଇଦାନକୁ ଓହ୍ଲାଇଛନ୍ତି।

# କୋର୍ଟ ପକ୍ଷରୁ ମେଗା ଚାରାରୋପଣ କାର୍ଯ୍ୟକ୍ରମ

ଗୁଣପୁର,୮।୯(ଡି.ଏନ.ଏ)


ରାୟଗଡ଼ା ଜିଲା ଗୁଣପୁରର ବିଭିନ୍ନ ସ୍ଥାନରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗୁଣପୁର କୋର୍ଟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏଡିଜେ ଅଜୟ କୁମାର ପ୍ରଧାନ, ସବ୍‌ଜଜ୍ ବିଭୁଦତ୍ତ ନାୟକ, ଜେଏମ୍‌ଏଫ୍‌ସି ଦୀପଙ୍କର ବଳ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଗୁଣପୁର ବ୍ଲକ୍ କାଯ୍ୟାଳୟ ପରିସରରେ ମଧ୍ୟ ଚାରାରୋପଣ କରାଯାଇଥିବାବେଳେ ଏଥିରେ ଭାରପ୍ରାପ୍ତ ବିଡିଓ ଅଗସ୍ତି ପ୍ରଧାନ, ସହକାରୀଯନ୍ତ୍ରୀ ଦୂର୍ଯ୍ୟୋଧନ ଜାନୀ, ଜିପିଇଓ ପତିତପାବନ ବିଶୋୟୀ , ଆଇନଜୀବୀ ରମେଶ ଚନ୍ଦ୍ର ଲିମା, ସିଡିପିଓ କିରଣ ମୁର୍ମୁଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଗାନ୍ଧି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଉପାଧ୍ୟକ୍ଷ ଡ. ଚନ୍ଦ୍ରଧ୍ୱଜ ପଣ୍ଡା, କୁଳପତି ଗୌତମ ଘୋଷ, ରେଜିଷ୍ଟ୍ରାର ଡ.ଏନ. ଭି. ଜେ. ରାଓ,ପ୍ରିନ୍‌ସିପାଲ ଡ. କେ. ସେନ୍ଥିଲ୍ କୁମାର ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଜିଆଇସିଏମ୍‌ଏସ୍‌ରେ ଅଧ୍ୟକ୍ଷ ଅକ୍ଷୟ ଦାସ, ପ୍ରଶାସନିକ ଅଧିକାରୀ ପି. ଭି. କଟେଶ୍ୱର ରାଓ, ପ୍ରିନ୍‌ସିପାଲ ଡ. ଦିଲୀପ କୁମାର ଜେନା, ଧବଳେଶ୍ୱର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଜଗନ୍ନାଥପୁର ପଞ୍ଚାୟତରେ ସରପଞ୍ଚ ଗୌରୀ ଗମାଙ୍ଗଙ୍କ ସମେତ କୋର୍ଟ କର୍ମଚାରୀମାନେ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ସେହିଭଳି ରେଗେଡା, ଚିନାସାରି, କୁଲୁସିଂ, ପୁଟାସିଂ, ଜଲତାର, ଟଲଣା, ଶଗଡା, ଚାଲକମ୍ବା, ଘାନାନ୍ତ୍ରୀ, ଟିଟିମିରି, ଭୀମପୁର ଓ ଡମ୍ବସରାଠାରେ ମଧ୍ୟ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନ ବିଭାଗର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଞ୍ଜର ଅଶୋକ କୁମାର ପ୍ରଧାନଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମହିଳା ମହାବିଦ୍ୟାଳୟ ଆଲୁମ୍ନି ସଂଘର ବୈଠକ

ରାୟଗଡ଼ା ଅଫିସ,୮।୯

ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ଆଲୁମ୍ନି ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କଲେଜ୍ ଅଧ୍ୟକ୍ଷା ରେବା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷାବିତ୍ ଡ. ଡି. କେ. ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ସଭାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପ୍ରାରମ୍ଭରେ ଆଲୁମ୍ନିରେଡ୍ ଅର୍ଚ୍ଚନା ପଟ୍ଟନାୟକ ସ୍ୱାଗତ ଭାଷଣ ରଖିଥିଲେ। ବୈଠକରେ ୫୦ରୁ ଊର୍ଦ୍ଧ୍ୱ ଆଲୁମ୍ନି ଯୋଗ ଦେଇଥିଲେ। ସେହିପରି ଏଠାରେ ସର୍ବସମ୍ମତିକ୍ରମେ ଭୋଟ ଗ୍ରହଣ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦିକା ତଥା ପ୍ରସାଦ ଟେକ୍ନୋ ସ୍କୁଲର ଶିକ୍ଷୟିତ୍ରୀ କେ.ଜି. ବିଜୟା (ସମ୍ପାଦକ) ଏବଂ ମହିଳା ମହାବିଦ୍ୟାଳୟର ଏନ୍‌ସିସି ଅଧ୍ୟାପିକା ରୀତାରାଣୀ ମିଶ୍ର (କୋଷାଧ୍ୟକ୍ଷା) ଉପସ୍ଥିତ ଥିଲେ। ଡ. ଅର୍ଚ୍ଚନା ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଟଙ୍କା ଆଦାୟ କରି ଏହି କଲେଜରେ ପଢୁଥିବା ଅସହାୟା ଛାତ୍ରୀଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ସେହିପରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟପାଇଁ ମଧ୍ୟ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ ।

# ନକଲି ମଦ କାରଖାନା ଠାବ, ୪ ଗିରଫ



ଜବତ ବଟଲିଂ ମେଶିନ ସହ ମଦପେଟି।

- ବଟଲିଂ ମେଶିନ, ସ୍ପିରିଟ୍, କେମିକାଲ ଓ ଅଟୋ ଜବତ
- ମାଷ୍ଟର ମାଇଣ୍ଡ ଫେରାର
- ଆନ୍ଧ୍ର, ତେଲେଙ୍ଗାନାକୁ ଲମ୍ବିଛି ଚେର

ଦିଗପହଣ୍ଡି,୮।୯(ଡି.ଏନ୍.ଏ.)

ଦିଗପହଣ୍ଡି ପୋଲିସ ଶନିବାର ରାତିରେ କୈଠଖଣ୍ଡି ପଞ୍ଚାୟତ ବୀରପାଟଣା ଗ୍ରାମ ନିକଟ କୁକୁଡ଼ା ଫାର୍ମ ଭିତରେ ଚାଲିଥିବା ଏକ ନକଲି ବିଦେଶୀ ମଦ କାରଖାନା ଠାବ କରିଛି । ସେଠାରୁ ୪୬ଟି କାର୍ଟୁନରେ ବିକ୍ରି ପାଇଁ ମହଜୁଦ ଥିବା ୨୦୨୪ଟି ବିଭିନ୍ନ କମ୍ପାନୀର ନକଲି ବିଦେଶୀ ମଦ ବୋତଲ, ୨୦୪ ଲେବୁଲ ଲାଗିଥିବା ଖାଲି ମଦ ବୋତଲ, ୮୦ ଲିଟର ମଦ, ୧୪ପ୍ଲାଷ୍ଟିକ ଜାରରେ ମହଜୁଦ ଥିବା ୨୮୦ ଲିଟର ସ୍ପିରିଟ୍, ବିଭିନ୍ନ ନାମିଦାମୀ ବ୍ରାଣ୍ଡର ଷ୍ଟିକର, ବହୁ ପରିମାଣର କେମିକାଲ, ବଟଲିଂ ମେଶିନ ସମେତ ଅଟୋ (ନଂ.ଓଆର୦୭ଡବ୍ଲ୍ୟୁ-୦୨୫୭)କୁ ଜବତ କରିଛି। ନକଲି ବିଦେଶୀ ମଦ ପ୍ରସ୍ତୁତି ଓ ଚୋରାଚାଲାଣରେ ସମ୍ପୃକ୍ତ ଅଭିଯୋଗରେ ଦିଗପହଣ୍ଡି ଥାନା ଭୀଷ୍ମଗିରି ଗ୍ରାମର ହୃଷୀକେଶ ଗୌଡ଼, ପେଣ୍ଟୁରାବାଡ଼ି ଗ୍ରାମର ଦଣ୍ଡପାଣି ଡ଼ାକୁଆ, ଭଞ୍ଜନଗର ଗାଲେରୀ ଥାନା ବଦାଙ୍ଗୀ ଗ୍ରାମର ପ୍ରଦୀପ ସାହୁ, ବ୍ରହ୍ମପୁର ବଡ଼ବଜାର ଥାନା ଫୁଲସୁନ୍ଦରୀ ସାହିର ଟୁଟୁ ଦାସଙ୍କୁ ପୋଲିସ ଗିରଫ କରିଛି। ଏହି କାରଖାନାର ମାଲିକ ତଥା ମୁଖ୍ୟ ଅଭିଯୁକ୍ତ ବ୍ରହ୍ମପୁର ବଡ଼ବଜାର ଥାନା ଇଲାକାର ଜଣେ ବ୍ୟକ୍ତି ବୋଲି ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି । ସେ ଏବେ ଫେରାର ହୋଇଯାଇଛନ୍ତି। ନଂ.୧୭୫/୧୯ ଦଫା ୨୭୨/୨୭୩/୩୪ ଆଇପିସି ଏବଂ ଅବକାରୀ ଆଇନର ଧାରା ୫୨ (କ)/୫୫/୫୯ (ଖ) ଅନୁଯାୟୀ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ପ୍ରକାଶ ଚନ୍ଦ୍ର ଜେନା, ବ୍ରହ୍ମପୁର ଟ୍ରାଫିକ ଥାନା ଇନ୍ସପେକ୍ଟର ଦେବାଶିଷ ମହାନ୍ତି ପ୍ରମୁଖ ଦିଗପହଣ୍ଡି ଥାନାରେ ପହଞ୍ଚି ଜେରା ଚଳାଇଛନ୍ତି । ଦୀର୍ଘଦିନ ହେଲା ଏହି ନକଲି ବିଦେଶୀ ମଦ ବଟଲିଂ ପ୍ଲାଣ୍ଟରୁ ପ୍ରସ୍ତୁତ ମଦ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳକୁ ଚୋରାଚାଲାଣ କରାଯାଉଥିଲା। ଏହି ର୍‍ୟାକେଟର ଚେର ପଡ଼ୋଶୀ ଆନ୍ଧ୍ର ଓ ତେଲେଙ୍ଗାନାକୁ ଲମ୍ବିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ଏତେ ବଡ଼ ଚୋରା ବିଦେଶୀ ମଦ କାରଖାନା ଦୀର୍ଘଦିନ ଧରି ଚାଲିଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗ କିଭଳି ସୂଚନା ପାଇନଥିଲେ ସେନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

**■ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ବୈଠକ**

# ଅଞ୍ଚଳର ବିକାଶକୁ ପ୍ରାଥମିକତା ଦିଆଯିବ





ବୈଠକରେ ପରିଷଦର ରାଜ୍ୟ ସଭାପତି ଭୃଗୁ ବକ୍ସିପାତ୍ର ଓ ଅନ୍ୟମାନେ।

ଗୁଣପୁର,୮।୯(ଡି.ଏନ.ଏ)

ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଶାଖା ସଭାପତି ଭୃଗୁ ବକ୍ସିପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗୁଣପୁର ଉପଖଣ୍ଡର ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟବ୍ୟକ୍ତି, ଆଦିବାସୀ ନେତା ପ୍ରମୁଖ ଯୋଗଦେଇ ଦକ୍ଷିଣ ଓଡ଼ିଶା କିପରି ପଛୁଆ ଓ ଅବହେଳିତ ହୋଇ ରହିଛି ସେ ସମ୍ପର୍କରେ ଏଠାରେ ଆଲୋଚନା କରାଯାଇଥିଲା। ତେଣୁ ଅଞ୍ଚଳରେ ରହିଥିବା ସମସ୍ୟା ଗୁଡ଼ିକୁ ରାଜ୍ୟ ଏବଂ କେନ୍ଦ୍ରସରକାରଙ୍କ ଦୃଷ୍ଟି ଆକର୍ଷଣ କରି କିପରି ଅଞ୍ଚଳର ବିକାଶ ହୋଇପାରିବ ସେ ନେଇ ରୂପରେଖ ପ୍ରସ୍ତୁତ ହୋଇଥିଲା। ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦ ଭଳି ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଗଠନ କରାଯାଇ ନ୍ୟାର୍ଯ୍ୟ ଦାବି ଉପସ୍ଥାପନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ରାଜନିତୀରୁ ଊର୍ଦ୍ଧ୍ୱରେ ରହି ଅଞ୍ଚଳର ପ୍ରମୁଖ ସମସ୍ୟା ଗୁଡ଼ିକୁ ସରକାରଙ୍କ ନିକଟରେ ଉପସ୍ଥାପନ ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମତ ଦେଇଥିଲେ। ଦକ୍ଷିଣ ଓଡ଼ିଶା ଜଳସମ୍ପଦ ଏବଂ ଖଣିଜସମ୍ପଦରେ ଭରପୁର ରହିଥିଲେ ମଧ୍ୟ ଏଠାରେ ବିକାଶ ଅପହଞ୍ଚ ରହିଛି। ତେଣୁ ଏ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିଭିନ୍ନ ପ୍ରକଳ୍ପ ତଥା ଗୁଣପୁରଠାରେ ଥେରୁବାଲିକୁ ରେଳ ସଂଯୋଗୀକରଣ, ବଂଶଧାରାର ଉପରମୁଣ୍ଡରେ ଜଳସେଚନ ପ୍ରକଳ୍ପ ନିର୍ମାଣ, ଗୁଣପୁରରୁ ଫୁଲବାଣୀ ଭାୟା ପଦ୍ମପୁର, ଗୁଡାରି ଏବଂ ଚନ୍ଦ୍ରପୁର ଦେଇ ଦୁଇ ଥାକିଆ ରାସ୍ତା ନିର୍ମାଣ , ମୁନିଗୁଡ଼ାରେ ଲଜିଷ୍ଟିକ୍ ପାର୍କ, ଗୁଣପୁରରେ ଟେକ୍ସଟାଇଲ୍ ହବ୍ ନିର୍ମାଣ, ଲାଞ୍ଜିଆ ସୌରା ଏବଂ ଡଙ୍ଗରିଆ କନ୍ଧ ଅଞ୍ଚଳର ବିକାଶ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏ ନେଇ ଗୁଣପୁରରେ ଏକ କମିଟି ଗଠନ କରାଯାଇଛି। ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ସାହୁ ଓ ମିଲି ପାଢ଼ୀଙ୍କୁ କମିଟିର ଆବାହକ ଭାବେ ଚୟନ କରାଯାଇଥିବାବେଳେ ରାଜ୍ୟ ଶାଖାର ଉପସଭାପତି ରାମଚନ୍ଦ୍ର ମିଶ୍ର, ସଂପାଦକ ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ଯୁଗ୍ମ ସଂପାଦକ ବିପୀନ୍ ବିହାରୀ ପଣ୍ଡା, କୋଷାଧ୍ୟକ୍ଷ ବିଜୟ ଚନ୍ଦ୍ର ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ସ୍ତରରେ ବ୍ରହ୍ମାନନ୍ଦ ପଟ୍ଟନାୟକ, ଚକ୍ରପାଣି ଶବର, ଅକ୍ଷୟ ଦାସ. ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ରବି ଦାସ , ମୀନକେତନ ଷଡଙ୍ଗି, ବିଜୟ ଗମାଙ୍ଗ, ରମେଶ ପଣ୍ଡା, ଡ. ଶାନ୍ତି ଦେବୀ, ମୋହନ ଚନ୍ଦ୍ର ସାହୁ, ଉମାଚରଣ ପଟ୍ଟନାୟକ, ରାଜେନ୍ଦ୍ର ପାଢୀ, ଅମ୍ବିକା ମହାପାତ୍ର, ଗଙ୍ଗା ଚାଲାଣ, ରମେଶ ପଣ୍ଡା, ରଘୁନାଥ ଚୌଧୁରୀ ଏବଂ ଗୌରାଙ୍ଗ ରାଉତ ଯୋଗଦେଇ ସୁଚିନ୍ତିତ ମତାମତ ଦେଇଥିଲେ।

## ରନ୍ଧାମଦ ଜବତ, ୫ ଗିରଫ

ଆସିକା, ୮।୯ (ଡି.ଏନ୍.ଏ.)

ଆସିକା ଥାନା ଇଲାକାର ବିଭିନ୍ନ ସ୍ଥାନରେ ରବିବାର ପୋଲିସ ଚଢାଉ କରି ୧୧୨ ଲିଟର ରନ୍ଧାମଦ ଜବତ କରିଛି। ଏହି ମାମଲାରେ ୫ଜଣଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ଥାନାଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି । ଗିରଫମାନେ ହେଲେ ବାଲିସିରା ଗ୍ରାମର ସନ୍ତୋଷ କୁମାର ସେଠୀ ଓ ସାଗର ସେଠୀ, ଝଗଡେଇ ବଳରାମ ଦାସ, କାଳୁ ପ୍ରଧାନ ଓ ମାମୁଁହି ଗ୍ରାମର ଟୁକୁନା ନାଇକ। ଏ ନେଇ ଆସିକା ଥାନାରେ ନଂ.୨୯୮, ୨୯୯, ୩୦୦, ୩୦୧, ୩୦୨/୧୯ରେ ୫ଟି ପୃଥକ ମାମଲା ରୁଜୁ କରାଯାଇଛି।

# ନୂତନ ଦୁର୍ଗା ପୂଜା କମିଟି ଗଠିତ



ବୈଠକରେ ଉପସ୍ଥିତ କମିଟିର ସଦସ୍ୟମାନେ।

କାଶୀପୁର, ୮।୯

କାଶୀପୁର ଦୁର୍ଗାପୂଜା କମିଟି ପକ୍ଷରୁ ସ୍ଥାନୀୟ ଦୁର୍ଗା ମଣ୍ଡପରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଠାରେ ମାଁଙ୍କ ଆଗାମୀ ପୂଜା ପାଇଁ ନୂତନ କମିଟି ଗଠନ କରାଯାଇଛି। ସଭାପତି ରୂପେ ରବି ସତ୍ୟନାରାୟଣ, ସମ୍ପାଦକ ବିଜୟ କୁମାର ଦାଶ ଏବଂ କୋଷାଧ୍ୟକ୍ଷ ସନ୍ତୋଷ ଗୌଡ଼ଙ୍କୁ ଚୟନ କରାଯାଇଛି। କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ ଚଳିତବର୍ଷ ପୂଜା କିପରି ଶାନ୍ତିଶୃଙ୍ଖଳାରେ ପରିଚାଳିତ ହେବ ସେ ନେଇ ଏଠାରେ ଆଲୋଚନା କରାଯାଇଥିଲା। ବୈଠକରେ କାଶୀପୁରର ବାବୁଲା ମିଶ୍ର, ଯୋଗୀ ପଟ୍ଟନାୟକ, ବୁଲୁ ଆଚାର୍ଯ୍ୟ, ମନୋଜ ଗୌଡ଼ଙ୍କ ସମେତ କମିଟିର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ।

**■ ୫-ଟିକୁ ଗ୍ରାମାଭିମୁଖୀ ପାଇଁ ଗୁରୁତ୍ୱ**

# ପଞ୍ଚାୟତ ସ୍ତରରେ ହେବ ଅଭିଯୋଗ ଶୁଣାଣି

ରାୟଗଡ଼ା ଅଫିସ,୮।୯

ରାୟଗଡା ଜିଲାରେ ସରକାରଙ୍କ ୫-ଟି ଯଥା ସମୟ, ଦଳଗତ କାର୍ଯ୍ୟ, ସ୍ୱଚ୍ଛତା, ବୈଷୟିକ ଜ୍ଞାନ ଓ ରୂପାନ୍ତରିଣକୁ ସଫଳ ଓ ଫଳପ୍ରଦ କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଡିଆରଡିଏ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ବୈଠକରେ ମୁଖ୍ୟତଃ ଜନ ଅଭିଯୋଗ ଶୁଣାଣିକୁ ପଞ୍ଚାୟତସ୍ତରକୁ ନେଇ ୫-ଟିକୁ ଗ୍ରାମାଭିମୁଖୀ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲୋକଙ୍କଠାରୁ ଅଭିଯୋଗ ଶୁଣିବା ସହ ସରକାରଙ୍କର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଏବଂ ସଚେତନତା ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। ଚଳିତମାସରୁ ବିଡିଓମାନେ ପ୍ରତ୍ୟେକ ସପ୍ତାହରେ ନିଜ ନିଜ ବ୍ଲକ୍‌ର ଗୋଟିଏ ପଞ୍ଚାୟତରେ ଅଭିଯୋଗ ଶୁଣାଣି କରିବେ। ଜିଲାପାଳ ଗୋଟିଏ ବ୍ଲକ୍‌ରେ ଏବଂ ଅନ୍ୟ ବ୍ଲକ୍ ଗୁଡ଼ିକର ନିର୍ଦ୍ଧାରିତ ପଞ୍ଚାୟତରେ ବ୍ଲକସ୍ତରୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ଶୁଣାଣି କରାଯିବ। ଏଥିରେ ଗ୍ରାମାଞ୍ଚଳର ଅଭିଯୋଗ ଶୁଣାଣି କରି ସମାଧାନ କରାଯିବ ଏବଂ ଆବଶ୍ୟକସ୍ଥଳେ ଜିଲା କାର୍ଯ୍ୟାଳୟକୁ ପଠାଯିବ। ସେହିପରି ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଏହା ବ୍ୟତୀତ ଜନସାଧାରଣଙ୍କୁ ମାଗଣା ସ୍ୱାସ୍ଥ୍ୟସେବା, ଗୋ ସେବା, ଶିଶୁ ସ୍ୱାସ୍ଥ୍ୟ ପରୀକ୍ଷା, ଦିବ୍ୟାଙ୍ଗଙ୍କ ଦରଖାସ୍ତ ଗ୍ରହଣ, ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକମାନଙ୍କୁ ପଞ୍ଜୀକରଣ କରିବା, ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କୁ କାଉନସେଲିଂ କରିବା, ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବ୍ୟାଙ୍କ ଲିଙ୍କେଜ୍ ଏବଂ ସଂଖ୍ୟାଲଘୁ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ, ବାଲ୍ୟ ବିବାହ ନିରୋଧ ଓ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ବିଡିଓମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଷପିଇ ମହିଳାଙ୍କ ଆତ୍ମହତ୍ୟା

**କାଲିମେଲା,୮।୯(ଡି.ଏନ.ଏ.):** କାଲିମେଲା ଥାନା ଅନ୍ତର୍ଗତ କାଙ୍ଗୁରୁକୋଣ୍ଡା ପଞ୍ଚାୟତର ଏମପିଭି-୩୪ ଗ୍ରାମରେ ଜଣେ ମହିଳା ବେକରେ ରଶି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ଘଟଣା ଗତ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ହୋଇଥିବା ବେଳେ ଏହା ଶନିବାର ଜଣାପଡିଥିଲା । ମୃତା ମହିଳା ଜଣକ ହେଉଛନ୍ତି ଏମପିଭି-୩୪ ଗ୍ରାମର ସନ୍ତୋଷ ସରକାରଙ୍କ ସ୍ତ୍ରୀ ଜାନକୀ ସରକାର(୪୫)। କାଲିମେଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ତାଙ୍କର ମସ୍ତିଷ୍କ ବିକୃତ ଥିବା ପରିବାର ଲୋକେ କହିଛନ୍ତି । ଶୁକ୍ରବାର ସକାଳେ ଘରେ କେହି ନ ଥିବା ବେଳେ ସେ ଏପରି କରିଛନ୍ତି । ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ମହିଳାଙ୍କ ୨ ପୁଅ ବାହାରେ ରହୁଥିବା ବେଳେ ଗ୍ରାମରେ ସ୍ୱାମୀ ସ୍ତ୍ରୀ ଉଭୟେ ରହୁଥିଲେ। କେସ୍ ନଂ. ୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏଏସଆଇ ଗୋବିନ୍ଦ ଚନ୍ଦ୍ର ପାତ୍ର ଅଧିକ ତଦନ୍ତ ଜାରି ରଖିଛନ୍ତି।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ, ୮।୯:** ସାପ କାମୁଡ଼ାରେ ଜଣେ ମହିଳାଙ୍କର ରବିବାର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ହୋଇଛି। ସେ ହେଲେ ଗଜପତି ଜିଲା ଗାରାବନ୍ଧ ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର ଏ. ମହାଲକ୍ଷ୍ମୀ (୫୭)। ପୋଲିସ ମୃତଦେହ ଜବତ କରି ନଂ.୪୭୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶନିବାର ରାତିରେ ମହାଲକ୍ଷ୍ମୀ ଖାଇ ସାରି ଶୋଇଥିଲେ। ବିଳମ୍ବିତ ରାତିରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ସେ ଚିତ୍କାର କରିବାରୁ ଘର ଲୋକ ଉଠିପଡିଥିଲେ। ପରେ ମହାଲକ୍ଷ୍ମୀଙ୍କୁ ଗୁରୁତର ଅବସ୍ଥାରେ ରବିବାର ସକାଳେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ରୁପା ସାମଗ୍ରୀଭର୍ତ୍ତି ବ୍ୟାଗ ଚୋରି

**ବ୍ରହ୍ମପୁର ଅଫିସ,୮।୯:** ବଡବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ଛକରୁ ରବିବାର ବ୍ୟବସାୟୀ ମିଟୁ ନାୟକଙ୍କର ଏକ ରୁପା ସାମଗ୍ରୀଭର୍ତ୍ତି ବ୍ୟାଗ ଚୋରି ହୋଇଯାଇଛି। ଏଥିରେ ୫ କେଜିର ବିଭିନ୍ନ ରୁପା ସାମଗ୍ରୀ ଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୪୫/୧୯ରେ ଏକ ମାମଲା ରୁଜୁ କରି ସ୍ଥାନୀୟ ଲୋକଙ୍କୁ ପଚରାଉଚରା ଚଳାଇଛି। ପ୍ରକାଶ ଯେ, ମିଟୁ ରବିବାର ସକାଳେ ରୁପା ସାମଗ୍ରୀ ବିକ୍ରି କରିବା ପାଇଁ ଘରୁ ବାହାରିଥିଲେ। ସେ କୁକୁଡାଖଣ୍ଡି ଅଞ୍ଚଳରେ ବିକ୍ରି କରୁଥିବା ବେଳେ ପୂର୍ବାହ୍ନ ୧୧ଟା ବେଳେ ଅସୁସ୍ଥ ଅନୁଭବ କରିବାରୁ ଘରକୁ ଫେରିଥିଲେ। ତେବେ ଫାଷ୍ଟଗେଟ ଛକରେ ପଲ୍ୟୁସନ ସାର୍ଟିଫିକେଟ ପାଇଁ ଲୋକମାନେ ଧାଡିରେ ଠିଆ ହୋଇଥିବା ଦେଖି ସେ ରାସ୍ତା କଡରେ ଗାଡି ପାର୍କିଂ କରି ପଲ୍ୟୁସନ ସାର୍ଟିଫିକେଟ ପାଇଁ ଧାଡିରେ ଠିଆ ହୋଇଥିଲେ। ପରେ ବାଇକ୍ ନିକଟକୁ ଆସି ଦେଖିବା ବେଳେ ରୁପା ସାମଗ୍ରୀ ବ୍ୟାଗଟି ନ ଥିଲା। ୨ ଜଣ ଯୁବକ ଉକ୍ତ ବ୍ୟାଗଟି ଧରି ଏକ ବାଇକ୍‌ରେ ଚମ୍ପଟ ମାରିଥିବା କିଛି ଲୋକ ତାଙ୍କୁ କହିଥିଲେ। ପରେ ବ୍ୟବସାୟୀ ଜଣଙ୍କ ବଡବଜାର ଥାନାରେ ଏନେଇ ଅଭିଯୋଗ କରିଥିଲେ।

# ଆଗରେ ତାଲା, ଅନ୍ୟ ତିନିପଟ ପଡିଛି ଖୋଲା

**ମାଲକାନଗିରି,୮।୯(ଡି.ଏନ୍.ଏ.)**


ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଚାରିପଟେ ପାଚେରି ନାହିଁ।

ରାଜ୍ୟ ସରକାର ରାଜ୍ୟରେ ଜନସାଧାରଣଙ୍କ ଜମିଜମା ସଂକ୍ରାନ୍ତ ବିଭିନ୍ନ ମାମଲା, ରାଜସ୍ୱ ଆଦାୟ, ଖଣି ଲିଜ୍ ଆଦି ପାଇଁ ଅଧିକ ରାଜସ୍ୱ ନିରୀକ୍ଷକ ପଦବୀ ସୃଷ୍ଟି କରିଛନ୍ତି। ପ୍ରତି ପଞ୍ଚାୟତରେ କାର୍ଯ୍ୟାଳୟ ନିର୍ମାଣ ପାଇଁ ଅର୍ଥ ଖର୍ଚ୍ଚ ହେଉଛି। ମାଲକାନଗିରି ଜିଲାରେ ମଧ୍ୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ମଧ୍ୟ ଦୁଇ ମହଲା ବିଶିଷ୍ଟ ହୋଇଛି। ରାଜସ୍ୱ ନିରୀକ୍ଷକମାନେ ସେହି ଗୃହରେ ରହି ତଳ ମହଲାରେ ଅଫିସ୍ କାର୍ଯ୍ୟ କରିବାକୁ କୁହାଯାଇଛି। ଏଥିପାଇଁ ରାଜସ୍ୱ ନିରୀକ୍ଷକଙ୍କ ସହ ମୋହରିଅର୍, ଡାଟା ଅପରେଟର, ପିଅନ ଏବଂ ଚୌକିଦାର ନିଯୁକ୍ତ ହୋଇଛନ୍ତି। ଅଧିକାଂଶ କାର୍ଯ୍ୟାଳୟ ସମ୍ମୁଖରେ ପାଚେରି ଏବଂ ଲୁହା ଫାଟକ ଲାଗିଛି ଅଥଚ କାର୍ଯ୍ୟାଳୟର ତିନିପାର୍ଶ୍ୱ ମୁକୁଳା ପଡିଛି। ଫଳରେ ଏହା ଭିତରକୁ ରାତିରେ ଗୃହପାଳିତ ପ୍ରାଣୀ ଏବଂ ଅସାମାଜିକ ବ୍ୟକ୍ତି ପଶୁଛନ୍ତି। ରାତିରେ ଏହା ପରିସରରେ ସେମାନଙ୍କ ଆଡ୍ଡା ଜମୁଛି। ତିନିପଟେ ପାଚେରି କିମ୍ବା କୌଣସି ତାରବାଡ ନ ଥିବା ବେଳେ କେଉଁ କାରଣରୁ ଆଗପଟ ପାଚେରିରେ ଲୁହାଫାଟକ ଲାଗିଛି ତାହା ବୁଝାପଡୁନାହିଁ। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜୟପୁର ମୁଖ୍ୟରାସ୍ତାର ସିନ୍ଧ୍ରିମାଳ ପଞ୍ଚାୟତରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ । କେବଳ ସିନ୍ଧ୍ରିମାଳ ନୁହେଁ ଜିଲାର ନିଲିଗୁଡା, ମାରିବେଡା, ପାଣ୍ଡ୍ରିପାଣି, ପଦ୍ମଗିରି ଆଦି ଅନେକ କାର୍ଯ୍ୟାଳୟର ସମାନ ଅବସ୍ଥା । ଏ ସମ୍ପର୍କରେ ମାଲକାନଗିରି ତହସିଲଦାର ଡ. ଗୁଣନିଧି ନାୟକଙ୍କୁ ପଚାରିବାରୁ ସେ କହିଥିଲେ ଯେ, ରାଜସ୍ୱ ବିଭାଗ ଏହି ଗୃହ ନିଜେ କରିନାହିଁ। କେଉଁ ବିଭାଗ ଦ୍ୱାରା କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯାଇଛି ଏବଂ କାହିଁକି ତିନିପଟ ପାଚେରୀ ନିର୍ମାଣ ନ କରି ସମ୍ମୁଖ ପଟ ପାଚେରି କରି ଫାଟକ ଲଗାଯାଇଛି ସେ ନେଇ ନିର୍ମାଣକାରୀ ବିଭାଗ ସହ ଆଲୋଚନା କରି ପଦକ୍ଷେପ ନେବେ।


ବାର୍ ସମ୍ମୁଖରେ କୌଣସି ଗାଡ଼ିମୋଟର ନାହିଁ।

## ଦାରିଦ୍ର୍ୟ ଯୋଗୁ ଜିଲାରେ ଆତ୍ମହତ୍ୟା ବୃଦ୍ଧି ପାଉଛି


ଖବରଦାତା ସମ୍ମିଳନୀରେ ବିଧାୟକ ଆଦିତ୍ୟ ମାଢ଼ି ସୂଚନା ଦେଉଛନ୍ତି।

**ମାଲକାନଗିରି,୮।୯(ଡି.ଏନ୍.ଏ.)**

ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ରବିବାର ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀରେ ମୋଟୁ ତହସିଲ ଅନ୍ତର୍ଗତ ପେଟାସ୍ଥିତ ଗ୍ରାନାଇଟ୍ ଖଣି ନିଲାମ ନେଇଥିବା ଠିକାଦାରଙ୍କୁ ପ୍ରଶଂସା କରିଛନ୍ତି। ଅଞ୍ଚଳର ଉନ୍ନତି ଦିଗରେ ଠିକାଦାର ଜଣକ ସମସ୍ତ ସହଯୋଗ କରୁଥିବା ସେ କହିଛନ୍ତି। ମୋଟୁ ଅଞ୍ଚଳର ଲୋକଙ୍କ କର୍ମନିଯୁକ୍ତି, ଅସହାୟ ଯୁବତୀଯୁବକଙ୍କ ବିବାହ, ଶିକ୍ଷାପାଇଁ ସୁବିଧା ସମ୍ପୃକ୍ତ ଖଣି ମାଲିକ କରୁଥିବା ମାଢି ପ୍ରକାଶ କରିଛନ୍ତି। ଶନିବାର ମାଢି ପେଟା ଗ୍ରାମ ଯାଇ ଖଣି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ନିଲାମ ନେଇଥିବା ଠିକାଦାର ଏହି ଅବସରରେ ବିଧାୟକ ମାଢିଙ୍କୁ ସମସ୍ତ ତଥ୍ୟ ଦେଇଥିଲେ। ଗତ ୨୬ରେ ଏକ ରାଜନୈତିକ ଦଳ ଗଣମାଧ୍ୟମକୁ ସୂଚନା ଦେଇ ଏହି ଖଣି ଦ୍ୱାରା ସମ୍ପୃକ୍ତ ଅଞ୍ଚଳ କ୍ଷତିଗ୍ରସ୍ତ ହେବାସହ ପରିବେଶ ନଷ୍ଟ ହେଉଥିବା ସମ୍ପର୍କରେ ଅଭିଯୋଗ କରିଥିଲେ। ବିଧାୟକ ମାଢି ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ଅନେକ ଗ୍ରାମବାସୀ ଦୈନିକ ମଜୁରି ୩୫୦ ଟଙ୍କା ପାଇବା,ସ୍ୱାସ୍ଥ୍ୟସେବା ପାଇବା ସହ ସେମାନେ ଆଉ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉନାହାନ୍ତି। ନିଯୁକ୍ତି ପାଇ ସେମାନେ ଖୁସିରେ ଅଛନ୍ତି। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଜିଲାର ଗ୍ରାମାଞ୍ଚଳରେ ଦାରିଦ୍ର୍ୟତା ବୃଦ୍ଧି ପାଉଛି ବୋଲି ସେ ଅଭିଯୋଗ କରିଥିଲେ। ଏକ୍ଷେତ୍ରରେ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ଜିଲା ସଙ୍ଗଠନ ପ୍ରଭାରି ନିମାଇ ପାଲ, ବରିଷ୍ଠ କର୍ମକର୍ତ୍ତା ନବଘନ ଲକେଇ, ସଞ୍ଜୟ ସରକାର, ମାଣିକ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ ।

## କଲଭର୍ଟ ଦବିଲା: କରଡ଼ା–ବାଲାପାଙ୍କା ଯାତାୟାତ ବନ୍ଦ

**ରାଇକିଆ,୮।୯(ଡ଼ି.ଏନ.ଏ)**

କନ୍ଧମାଳ ଜିଲାରେ ଗତ କିଛିଦିନ ହେଲା ଲଗାଣ ବର୍ଷା ଜାରି ରହିଛି । ଶନିବାର ବର୍ଷାରେ କରଡ଼ାରୁ ବାଲାପାଙ୍କାକୁ ସଂଯୋଗ କରୁଥିବା ରାସ୍ତାରେ ଏକ କଲଭର୍ଟ ଦବିଯିବାରୁ ସୋରଡ଼ା ଅଞ୍ଚଳକୁ ଯାନବାହନ ଚଳାଚଳ ବନ୍ଦ ରହିଛି । କଲଭର୍ଟଟି ବିପଦପୂର୍ଣ୍ଣ ଅବସ୍ଥାରେ ଥିବାରୁ ଅଟୋ , ବାଇକ ଚଳାଚଳ ପାଇଁ ମଧ୍ୟ ଲୋକେ ଭୟ କରୁଛନ୍ତି। ଏଥିଯୋଗୁ ସୋରଡ଼ା ସମେତ ଗୋଚ୍ଛା, ବାଲାପାଙ୍କା, ଡ଼ାବିକି, ଅସୁରବନ୍ଧ ଅଞ୍ଚଳକୁ ମଧ୍ୟ ଯାତାୟାତ ହୋଇ ପାରୁନାହିଁ। କରଡ଼ା ଅଞ୍ଚଳର ଅଧିକାଂଶ ଲୋକେ ଦୈନନ୍ଦିନ ବ୍ୟବସାୟ ପାଇଁ ସୋରଡ଼ା ଯାଇଥାନ୍ତି। ଏବେ ତାହା ବନ୍ଦ ହୋଇଯାଇଛି। ଏହି ରାସ୍ତା ଗତ ତିତ୍‌ଲି ବାତ୍ୟାରେ ବ୍ୟାପକ କ୍ଷତି ହୋଇଥିଲା। କାମଚଳା ଭାବେ ରାସ୍ତା ଉପରେ ମୋରମ ପକାଇ ଛାଡ଼ି ଦିଆଯାଇଥିଲା। ତାହା ଏବେ ଲଗାଣ ବର୍ଷାରେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏ ନେଇ ଗ୍ରାମବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଇବା ସହ ଖୁବ୍‌ଶୀଘ୍ର ନୂତନ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି।

■ ସଡକ ପରିବହନ ନୂଆ ନିୟମ

## ମାଲକାନଗିରି ଜିଲାରେ ପଡିଲା ପ୍ରଭାବ

**ମାଲକାନଗିରି,୮।୯ (ଡି.ଏନ୍.ଏ.)**

କେନ୍ଦ୍ର ସରାକରଙ୍କ ନୂଆ ସଡକ ପରିବହନ ନୀତିକୁ କାର୍ଯ୍ୟକାରି କରିବା ପାଇଁ ରାଜ୍ୟ ସରକାରଙ୍କ ତତ୍ପରତା ଏବଂ ଏନେଇ ଅଧିକ ଜରିମାନା ରାଜ୍ୟରେ ଆଲୋଚନାର ବିଷୟ ହୋଇଛି। ଏହାର ପ୍ରଭାବ ମଧ୍ୟ ମାଲକାନଗିରିରେ ଦେଖିବାକୁ ମିଳିଛି। ପୂର୍ବରୁ ହେଲମେଟ, ବାଇକରେ ୨ରୁ ଅଧିକ ଯାତ୍ରୀ ଯାତାୟାତ, ଡ୍ରାଇଭିଂ ଲାଇସେନ୍ସ,ରେଜଷ୍ଟ୍ରେସନ, ବୀମା ଇତ୍ୟାଦି ନିୟମ ଥିଲେ ମଧ୍ୟ ଏହାକୁ କଡାକଡି ଲାଗୁ କରାଯାଉ ନ ଥିଲା। ମାଲକାନଗିରି ଜିଲାରେ ଦୈନିକ ଶତାଧିକ ବାଇକ ଆରୋହୀ ନିର୍ଭୟରେ ଯାତାୟାତ କରୁଥିଲେ। ବର୍ତ୍ତମାନ ଏହି ନିୟମରେ କେତେକ କୋହଳ ହୋଇଥିଲେ ମଧ୍ୟ ମଦ୍ୟପ ଗାଡିଚାଳକଙ୍କ ପାଇଁ ନିୟମରେ କୋହଳ ହୋଇନାହିଁ। ମଦପାନ କରି ଗାଡି ଚଳାଇ ଧରାପଡିଲେ ୫ ହଜାରରୁ ୧୦ ହଜାର ଟଙ୍କା ଜରିମାନା ଗଣୁଛନ୍ତି। ପୋଲିସର ରାସ୍ତାରେ କଡାକଡି ଯାଞ୍ଚ ଯୋଗୁ ବେନିୟମ ଗାଡିଚାଳକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏପରିକି ବାର୍ ଏବଂ ମଦ ଦୋକାନକୁ ବାଇକରେ ଯାଇ ମଦ ପିଇବାକୁ ଭୟ କରୁଛନ୍ତି। କାରଣ ବାର୍ ଆଗରେ ଗାଡି ରଖି ଭିତରେ ମଦ ପିଇ ଗାଡି ଚଳାଇ ଗଲେ କିଛି ଦୂରରେ ଛକିଥିବା ପୋଲିସ ଧରି ମଦ ପିଇବା ପ୍ରମାଣ କରି ଜରିମାନା ଆଦାୟ କରୁଛି।

■ ଜିଲା ରୋଟାରୀ କ୍ଲବର ପ୍ରତିଷ୍ଠା ଦିବସ

## ଫନୀ ପରେ ସହାୟତା ଯୋଗାଇ ପ୍ରଶଂସନୀୟ କାର୍ଯ୍ୟ କରିଛି କ୍ଲବ



ପ୍ରତିଷ୍ଠା ଦିବସରେ ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭା।

**ମାଲକାନଗିରି,୮।୯(ଡି.ଏନ୍.ଏ.)**

ମାଲକାନଗିରି ସଦର ମହକୁମା ଏକ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ମାଲକାନଗିରି ଜିଲା ରୋଟାରୀ କ୍ଲବର ତୃତୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ରୋଟାରୀ କ୍ଲବ ଗଭର୍ନର ତଥା ନବରଙ୍ଗପୁର ପୂର୍ବତନ ଜିଲାପାଳ ଶିବବ୍ରତ ଦାସ, ସମ୍ମାନିତ ଅତିଥି ରୂପେ ସୌମ୍ୟରଞ୍ଜନ ମିଶ୍ର, ଜିଲା ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ପରିବେଷଣ ପରେ ପୂର୍ବତନ ସଭାପତି ଶ୍ୟାମବାବୁ ଦୋରା ଗତବର୍ଷ ମାଲକାନଗିରି ରୋଟାରୀ କ୍ଲବ ଦ୍ୱାରା ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଦୋରା ଏବଂ ପୂର୍ବତନ ସମ୍ପାଦକ ଗୌରୀ ପଣ୍ଡା ନବ ନିର୍ବାଚିତ ସଭାପତି ସୁରେନ୍ଦ୍ରନାଥ ପାଢୀ ଏବଂ ସମ୍ପାଦକ ସୁଶାନ୍ତ କୁମାର ସାମଲଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ମୁଖ୍ୟ ଅତିଥି ଦାସ ମାଲକାନଗିରି ରୋଟାରୀ କ୍ଲବ ଗତ ୩ବର୍ଷ ମଧ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ କରିଛି। ଅନାଥ ଶିଶୁମାନଙ୍କୁ ସାହାଯ୍ୟ, ଛାତ୍ରାବାସରେ ରହୁଥିବା ଆଦିବାସୀ ଛାତ୍ରୀଛାତ୍ରଙ୍କୁ ପାଠ୍ୟୋପକରଣ ବିତରଣ, ନାୟକଗୁଡା ମୁକ ଓ ଅନ୍ଧ ବିଦ୍ୟାଳୟରେ ପାନୀୟ ଜଳ ଏବଂ ପରିମଳ ବ୍ୟବସ୍ଥା, ଶ୍ମଶାନ ଘାଟରେ ବୃ କ୍ଷରୋପଣ ଏବଂ ଗତ ଫନୀରେ ଜିଲାର ରୋଟାରୀ କ୍ଲବ ଖୋର୍ଦ୍ଧା, ପୁରୀ ଏବଂ କଟକ ଜିଲାରେ ଲୋକମାନଙ୍କୁ ଆଲୋକ ଏବଂ ପାନୀୟ ଜଳ ଯୋଗାଇ ପ୍ରଶଂସିତ ହୋଇଥିଲେ ବୋଲି ଦାସ କହିଥିଲେ। ଏହି ଅବସରରେ ୯ଜଣ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ସଚ୍ଚିଦାନନ୍ଦ ସାମଲ, ପଠାଣି ବାରିକ, ଜଗନ୍ନାଥ ପ୍ରସାଦ ବେହେରା, ଶାନ୍ତିଲତା ପଣ୍ଡା, ଅର୍ଚ୍ଚନା ସେଠୀ, ରାଜେନ୍ଦ୍ର ରେଡ୍ଡି, ଅନନ୍ତ ପ୍ରସାଦ ଷଡଙ୍ଗୀ, ପ୍ରକାଶ ଚନ୍ଦ୍ର ନାୟକ ଓ ଶରତ ଚନ୍ଦ୍ର ରାଉତ। ଆଗାମୀ ଦିନରେ କ୍ଲବ ପକ୍ଷରୁ ଜିଲାରେ ଅନେକ ଜନହିତକର କାର୍ଯ୍ୟ ହାତକୁ ନିଆଯିବ ବୋଲି ନୂତନ ସଭାପତି ପାଢୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ୍ ଏ. ଈଶ୍ୱର ରାଓ, ବିଜୟ ପଣ୍ଡା, ସୁଜିତ କୁମାର ଦାସ, ଦେବବ୍ରତ ସାନା, ମାନିକଲାଲ ଚକ୍ରବର୍ତ୍ତୀ, ଲବ ସାହୁ ଉପସ୍ଥିତ ଥିଲେ।

## ପୋଲିସ ପକ୍ଷରୁ ସଚେତନତା ଶୋଭାଯାତ୍ରା

**ମାଲକାନଗିରି/ଖଇରପୁଟ, ୮।୯(ସ୍ୱ.ପ୍ର./ଡି.ଏନ.ଏ.)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ସଦରମହକୁମାରେ ମୁଦୁଲିପଡା ପୋଲିସ ପକ୍ଷରୁ ରବିବାର ସଡକ ସୁରକ୍ଷା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ମାଧବ ବେହେରାଙ୍କ ନେତୃତ୍ୱରେ ବାହାରିଥିବା ଶୋଭାଯାତ୍ରା ମୁଦୁଲିପଡା ଥାନାଠାରୁ ଖଇରପୁଟ, କୁମାରପୁଟ ବଜାର ପରିକ୍ରମା କରିଥିଲା। ଏହି ସମୟରେ କେନ୍ଦ୍ର ସରକାରଙ୍କ ନୂଆ ମୋଟର ଯାନର ନିୟମାବଳୀ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ବାଇକ୍ ଚାଳକମାନେ ହେଲମେଟ୍ ପିନ୍ଧିବା, ବାଇକରେ ଦୁଇ ଜଣରୁ ଅଧିକ ନ ଯିବା, ଚାରିଚକିଆ ଯାନ ଚଳାଉଥିବା ଚାଳକ ସିଟ ବେଲ୍ଟ ବାନ୍ଧିବା, ଗାଡିର ସମସ୍ତ କାଗଜପତ୍ର ଠିକ ରଖିବା ନେଇ ଲୋକଙ୍କୁ ବୁଝାଇଥିଲେ। ରବିବାର ମୁଣ୍ଡିଗୁଡା ସାପ୍ତାହିକ ହାଟ ଥିବାରୁ ହାଟରେ ପହଞ୍ଚି ପୋଲିସ ଲୋକଙ୍କୁ ବୁଝାଇ ସଚେତନ କରିଥିଲା। ଏହି କାର୍ଯ୍ୟକ୍ରମରେ ଏସଆଇ ଶଶୀ ସତମାନ, ଏସଆଇ କେ.ସାଙ୍ଗନାଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ। ପୋଲିସ କର୍ମଚାରୀମାନେ ନିଜ ହେଲମେଟ ଶୋଭାଯାତ୍ରାରେ ଯାଉଥିବା ଦେଖିବାକୁ ମିଳିଥିଲା। ବ୍ଲକର ବହୁ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ।



ପୋଲିସ ପକ୍ଷରୁ ଖଇରପୁଟରେ ସଚେତନତା ଶୋଭାଯାତ୍ରା।

## ଲୁଟ୍ ଘଟଣାରେ ଆଉ ଜଣେ ଗିରଫ

**ଶଙ୍କରାଖୋଲ, ୮।୯(ଡି.ଏନ୍.ଏ.)**

ଚକାପାଦ ଥାନା କଖାରୁଝୋଲା ପଞ୍ଚାୟତର ଘାଟିଗୁଡ଼ା ଗ୍ରାମରେ ଗତ ଏପ୍ରିଲ ୨୬ରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାଷ ପଟ୍ଟନାୟକଙ୍କ ଘରୁ ଲୁଟ୍ ହୋଇଥିଲା। ଏହି ଘଟଣାରେ ଶନିବାର ଚାକାପାଦ ପୋଲିସ ଅନ୍ୟଜଣେ ସହଯୋଗୀଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ନୟାଗଡ଼ ଥାନା କଇଠଗାଡ଼ିଆ ଗ୍ରାମର ଯୁଧିଷ୍ଠିର ପ୍ରଧାନ। ତାଙ୍କଠାରୁ ୫ହଜାର ଟଙ୍କା ଜବତ ହୋଇଛି। ଏଥିରେ ସମ୍ପୃକ୍ତି ଥିବା ଅନ୍ୟ ୨ଜଣଙ୍କୁ ଶୀଘ୍ର ଧରାଯିବ ବୋଲି ଚକାପାଦ ଥାନାଧିକାରୀ ତପନ ତରୁଣ ବେହେରା କହିଛନ୍ତି। ଗତ ଏପ୍ରିଲ ୨୬ ତାରିଖ ରାତିରେ ୯ଜଣ ଦୁର୍ବୃତ୍ତ ବୋଲେରୋରେ ଆସି ବନ୍ଧୁକ ଦେଖାଇ ଶିକ୍ଷକଙ୍କ ଘରୁ ୧୦ ଭରି ସୁନା, ୬୦ ହଜାର ଟଙ୍କା, ୪ ମୋବାଇଲ ଓ ଦୁଇ ତୋଳା ରୂପା ଲୁଟି ନେଇଥିଲେ। କନ୍ଧମାଳ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ପୋଲିସ ୬ଜଣଙ୍କୁ ଗିରଫ କରିଥିଲା। ଅନ୍ୟମାନେ ଫେରାର୍ ଥିଲେ।

■ ଦାରିଦ୍ର୍ୟରୁ ମା' ନିଜ ୨ ପୁଅଙ୍କୁ ବିଷ ପିଆଇବା ଘଟଣା

## ତଦନ୍ତ ଆରମ୍ଭ କଲା ପୋଲିସ


**କାଲିମେଲା/ଏମ୍‌ଭି–୭୯, ୮।୯(ଡି.ଏନ.ଏ)**

ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମଭି–୭୯ ଥାନା ଅନ୍ତର୍ଗତ ତେଲରାଇ ଗ୍ରାମରେ ଗତ ଶନିବାର ମା ନିଜ ୨ ଶିଶୁକୁ ବିଷପିଆଇ ଆତ୍ମହତ୍ୟା କରିବା ଘଟଣାର ଏମଭି–୭୯ ପୋଲିସ ତଦନ୍ତ ଆରମ୍ଭ କରିଛି। ତେଲରାଇ ସରପଞ୍ଚ ମୁଡା ସୋଡିଙ୍କ ଏତଲାକୁ ଭିତ୍ତି କରି ପୋଲିସ ୬୧।୧୯ରେ ଏକ ମାମଲା ରୁଜୁ କରିବା ସହ ଏହାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି। ଏଥିସହ ବିଷକ୍ରିୟାରେ ମୃତ୍ୟୁ ହୋଇଥିବା ମୁକେ ପଡିଆମି ଓ ତାଙ୍କ ସାନପୁଅ ମୁନାଙ୍କ ମୃତଦେହକୁ ପୋଲିସ ଜବତ କରି ରବିବାର କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରିଛି। ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ତେଲରାଇ ଗସ୍ତ କରି ମୁକେ ପଡିଆମିଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ମେଡିକାଲ ଯାଇ ଚିକିତ୍ସାଧୀନ ଦେବେନ୍ଦ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ତେଲରାଇ ଗ୍ରାମର ମୁକେ ଶନିବାର ତାଙ୍କ ଦୁଇପୁଅ ଦେବେନ୍ଦ୍ର ଓ ମୁନାଙ୍କୁ ଥଣ୍ଡା ପାନୀୟରେ ବିଷ ମିଶାଇ ପିଇବାକୁ ଦେଇଥିଲେ। ନିଜେ ମଧ୍ୟ ମଦସହ ବିଷ ମିଶାଇ ପିଇ ଦେଇଥିଲେ। ଏଥିରେ ମୁକେ ଓ ସାନପୁଅ ମୁନାଙ୍କ ମୃତ୍ୟୁ ହୋଇଯାଇଥିଲା। ଦେବେନ୍ଦ୍ର ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ତେବେ ଦାରିଦ୍ର୍ୟର ବଶବର୍ତ୍ତୀ ହୋଇ ମୁକେ ଏଭଳି ପଦକ୍ଷେପ ନେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ମୁକେଙ୍କ ସ୍ୱାମୀ ସିଙ୍ଗା ଗତ ୩ ବର୍ଷ ତଳେ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ୪ ପିଲା, ଶାଶୁ ଶ୍ୱଶୁର ଓ ଦିଅରଙ୍କୁ ନେଇ ମୁକେ ରହି ଆସୁଥିଲେ । ନିଜର ୪ ପିଲାଙ୍କୁ ଦୁଇଓଳି ଖାଇବାକୁଦେବା ଲାଗି ସେ ସକ୍ଷମ ନ ଥିଲେ । ପରେ ଦୁଇ ପିଲା ମହେନ୍ଦ୍ର ଓ ଆରତିକୁ ହଷ୍ଟେଲ ଥିବା ସ୍କୁଲକୁ ପଠାଇ ଦେଇଥିଲେ । ନିଜେ ମୁକେ ପରଘରେ କାମ କରି ଚଳୁଥିଲେ। ମୁକେଙ୍କ ସ୍ୱାମୀ ୩ ବର୍ଷ ହେଲା ମୃତ୍ୟୁବରଣ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତାଙ୍କୁ କିଛି ସହାୟତା ମିଳିନାହିଁ।


## ମରଣଯନ୍ତା ପାଲଟିଛି ୩୨୬ ନଂ ଜାତୀୟ ରାଜପଥ

**ପଡ଼ିଆ,୮।୯(ଡି.ଏନ.ଏ.)**

ମାଲକାନଗିରି ଜିଲାର କାଲିମେଲାଠାରୁ ପଡିଆ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥର ୨୭ କିମି ରାସ୍ତା ଏବେ ମରଣଯନ୍ତା ପାଲଟିଛି । ୨୭ କି.ମି. ମଧ୍ୟରେ ୧ଶହରୁ ଅଧିକ ହମ୍ପସ ରହିଛି। ଫଳରେ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡିଗୁଡିକ ଯିବାରେ ବାଧା ସୃଷ୍ଟି ହେଉଛି। ରାସ୍ତାର ପ୍ରାୟ ଜାଗାରେ ମଝିରେ ମଝିରେ ଗାତ ହୋଇଗଲାଣି। ଏହାଦ୍ୱାରା ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି । ଏନେଇ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି। ୨୭ କି.ମି. ରାସ୍ତା ମଧ୍ୟରେ ୭୦ରୁ ଅଧିକସ୍ଥାନରୁ ପିଚୁ ବାହାରି ଗଲାଣି । ରାସ୍ତା କାମ ଲିଙ୍କନ କମ୍ପାନୀ ଗତ ୪ବର୍ଷ ତଳେ କରିଥିଲା। ତେବେ କାର୍ଯ୍ୟ ସାରିବାର ବର୍ଷକ ଭିତରେ ଏହି ରାସ୍ତା ମରାମତି ଆରମ୍ଭ ହୋଇଥିଲା। ମରାମତି ବେଳେ ରାସ୍ତାର ଖାଲଗୁଡିକ କିଛି ପଥରଗୁଣ୍ଡ ମିଶା ମେଟାଲ ପକାଇ ବନ୍ଦ କରିବାକୁ ଉଦ୍ୟମ କରାଯାଉଛି। ଦୁଇ ଚାରିଦିନ ପରେ ତାହା ପୁଣି ପୂର୍ବ ଅବସ୍ଥାକୁ ଫେରି ଆସୁଛି। ଏହି ରାସ୍ତା ଦେଇ ଶତାଧିକ ଭାରିଯାନ ଛତିଶଗଡ, ଆନ୍ଧ୍ର ଯାତାୟାତ କରୁଛି। ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏବେ ଏହା ଲୋକଙ୍କ ପାଇଁ ମରଣଯନ୍ତା ହୋଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ମାଲକାନଗିରିରେ ଥିବା କାର୍ଯ୍ୟାଳୟକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ଏଥିପ୍ରତି ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି ।


ଶୋଚନୀୟ ହୋଇପଡିଥିବା ରାସ୍ତା।

# ବ୍ୟାକ୍ଟେରିଆ ରୋକିବାର ସରଳ ଉପାୟ



ବ୍ୟାକ୍ଟେରିଆ ନିଜର କାୟାବିସ୍ତାର କଲେ ଆମେ କେତେକ ରୋଗର ସମ୍ମୁଖୀନ ହୋଇଥାଉ। ତେବେ ଏହାକୁ ନିୟନ୍ତ୍ରଣ କରିବାର ଏକ ସରଳ ଉପାୟ ରହିଛି। ଏ ସମ୍ପର୍କିତ ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଚାଞ୍ଚଲ୍ୟକର ତଥ୍ୟ ଲୋକ ଲୋଚନକୁ ଆଣିଛନ୍ତି। ଉକ୍ତ ୟୁନିଭର୍ସିଟି ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଆମ ପାଟିରୁ କ୍ଷରଣ ହେଉଥିବା ଲାଳ ଦ୍ୱାରା ବ୍ୟାକ୍ଟେରିଆ ନିୟନ୍ତ୍ରିତ ହୋଇପାରିବେ। ଆମେ କୁଳି କରିବା ସମୟରେ ପାଟିରୁ ବାହାରୁଥିବା ଲାଳରେ କେତେକ ବ୍ୟାକ୍ଟେରିଆ ବାହାରି ଯାଆନ୍ତି। ପୁଣି ପାଟିରୁ କ୍ଷରଣ ହେଉଥିବା ଲାଳ ସେମାନଙ୍କ ବଂଶ ବୃଦ୍ଧି କରିବାକୁ ସହଜରେ ଦେଇ ନ ଥାଏ।

## ସ୍ୱାସ୍ଥ୍ୟ ସୂଚନା



-ସକାଳୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସକାଳ ଜଳଖିଆ ବା ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ।

-ସକାଳ ଜଳଖିଆରେ ତଟକା ଫଳମୂଳ, ଜୁସ୍ ସାମିଲ କରନ୍ତୁ।

-ଯଦି ବ୍ୟାୟାମକୁ ନିଜର ଦୈନନ୍ଦିନ ତାଲିକାଭୁକ୍ତ କରୁଛନ୍ତି ଜଣେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।

-ବିଳମ୍ବିତ ରାତ୍ରିଭୋଜନ ଅଭ୍ୟାସ ବଦଳାନ୍ତୁ। ଏପରି ଅଭ୍ୟାସ ପେଟଜନିତ ସମସ୍ୟାର କାରଣ ସାଜିଥାଏ।

-ପ୍ରତିଦିନ କିଛି ସମୟ ଯଦି ଯୋଗ, ପ୍ରାଣାୟାମ କରୁଛନ୍ତି ତେବେ ତାହା ଆପଣଙ୍କ ଶରୀରକୁ ଅନେକାଂଶରେ ସୁସ୍ଥ ରଖିଥାଏ।

-ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା ସାମିଲ କରନ୍ତୁ।

-ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଆନ୍ତୁ।

-ଗୋଟିଏ ସ୍ଥାନରେ ଯଦି ଅଧିକ ସମୟ ବସି ରହି କାମ କରିବାକୁ ପଡ଼େ ତେବେ କିଛି କିଛି ସମୟ ଅନ୍ତରାଳରେ ଠିଆହୋଇ ବୁଲାବୁଲି କରନ୍ତୁ। ଏହାଦ୍ୱାରା ଗୋଡ଼ର ସ୍ନାୟୁଗୁଡ଼ିକ ପ୍ରଭାବିତ ହୋଇ ନ ଥାନ୍ତି।



# ୧୦ଟି କଥା

**ଆଜିକାଲିର ବ୍ୟସ୍ତମୟ ଜୀବନରେ ଟେନ୍‌ସନର ବଶବର୍ତ୍ତୀ ହେବା ନୂଆ କଥା ନୁହେଁ। ଏଥିଯୋଗୁ ଅନେକଙ୍କର ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଥାଏ। ତେବେ ଏହି ସମୟରେ ନିମ୍ନୋକ୍ତ ୧୦ଟି କଥାକୁ ଧ୍ୟାନ ଦେଇପାରନ୍ତି...**

-ବ୍ୟାୟାମକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ଏହାଦ୍ୱାରା ଟେନ୍‌ସନ ଅନେକାଂଶରେ ଦୂର ହୋଇଥାଏ।

-ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ଅଧିକ ମସଲାଯୁକ୍ତ ଖାଦ୍ୟ ଯେତେ ନ ଖାଇବେ ସେତେ ଭଲ। ଏହା ସହ ପ୍ରତିଦିନ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ।

-ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ ପାଇଁ ବାହାର କରନ୍ତୁ। ଏହା ଆପଣଙ୍କୁ ଅନେକାଂଶରେ ମାନସିକ ଶାନ୍ତି ପ୍ରଦାନ କରିବାରେ ସାହାଯ୍ୟ କରିଥାଏ।

-କ'ଣ ପାଇଁ ସବୁବେଳେ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି ତାହାର କାରଣ ଖୋଜି ବାହାର କରନ୍ତୁ। ଯେତେ ସମ୍ଭବ ଏହାକୁ ସମାଧାନ କରିବାକୁ ଚେଷ୍ଟା କରନ୍ତୁ।

-ଯଦି ଅଧିକାଂଶ ସମୟ ଚାପର ବଶବର୍ତ୍ତୀ ହେଉଛନ୍ତି ତେବେ ଯେତେ ସମ୍ଭବ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।

-ନିଜ ସାମର୍ଥ୍ୟ ଅନୁସାରେ ହିଁ କାମ କରନ୍ତୁ। ନିଜେ ତୁଲାଇପାରୁ ନ ଥିବା କାମକୁ ଆପଣେଇ ଟେନ୍‌ସନକୁ ଡାକି ଆଣନ୍ତୁ ନାହିଁ।

-ଟେନ୍‌ସନକୁ ନେଇ ଅଧିକ ଟେନ୍‌ସନ ହୁଅନ୍ତୁ ନାହିଁ। ସବୁବେଳେ ଏହାଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ।

-ଯଦି ଅଧିକାଂଶ ସମୟ ଟେନ୍‌ସନରେ ରହୁଛନ୍ତି ତେବେ କିଛି ସମୟ ଶାନ୍ତ ପରିବେଶରେ ନିଜକୁ ରଖନ୍ତୁ। ଏହାଦ୍ୱାରା ଆପଣଙ୍କୁ ମାନସିକ ଶାନ୍ତି ମିଳିବା ଯଥେଷ୍ଟ ସମ୍ଭାବନା ରହିଛି।

-ସବୁବେଳେ ନିଜକୁ ଟେନ୍‌ସନ ଫ୍ରି ରଖିବାକୁ ଏକ ରୁଟିନ୍ ଲାଇଫ ଖସଡ଼ା ପ୍ରସ୍ତୁତ କରନ୍ତୁ।

-ଟେନ୍‌ସନକୁ ନେଇ ଯଦି ଅଧିକ ଚିନ୍ତାଗ୍ରସ୍ତ ରହୁଛନ୍ତି ତେବେ ବିଳମ୍ବ ନ କରି ଅଭିଜ୍ଞ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ, ଯିଏ କି ଆପଣଙ୍କୁ ଏଥିରୁ ମୁକୁଳିବା ଲାଗି ସହଜ ବାଟ ବତାଇଦେବେ।



କମଳାକାନ୍ତ ଜେନା



# ଅପେକ୍ଷା କରିଛି ମଙ୍ଗଳ

ମଙ୍ଗଳ ଆମ ପୃଥିବୀର ନିକଟତମ ପଡ଼ୋଶୀ ଗ୍ରହ । ଏହାକୁ ପୃଥିବୀର ଯାଆଁଳା ଭଉଣୀ ବୋଲି କୁହାଯାଏ । ତେଣୁ ତା' ପ୍ରତି ଆମର ବେଶି ଦରଦ । ରାତିରେ ଏହା ଲାଲ ରଙ୍ଗର ତାରା ଭଳି ଦେଖାଯାଏ । ତେଣୁ ଏହାକୁ 'ଲୋହିତ ଗ୍ରହ' (ରେଡ୍ ପ୍ଲାନେଟ୍) କୁହାଯାଏ । ପୃଥିବୀ ଭଳି ମଙ୍ଗଳ ବି ବିରାଟ ପେଣ୍ଡୁଟିଏ। ଆକାରକୁ ଦେଖିଲେ ପୃଥିବୀର ଅଧା ହେଉଛି ମଙ୍ଗଳ । ପୃଥିବୀ ଆକାଶରେ ଯେପରି ସୂର୍ଯ୍ୟ ଉଦୟ ଓ ଅସ୍ତ ହୁଏ, ମଙ୍ଗଳ ଆକାଶରେ ସେହିପରି ମଧ୍ୟ ହୁଏ। ଆମର ୨୪ ଘଣ୍ଟାରେ ଗୋଟିଏ ଦିନ ହୁଏ। କିନ୍ତୁ ମଙ୍ଗଳ ଗ୍ରହରେ ୨୪ ଘଣ୍ଟା ୩୭ ମିନିଟରେ ଗୋଟିଏ ଦିନ ହୁଏ । ଆମର ୧୨ ମାସରେ ଏକବର୍ଷ ଓ ମଙ୍ଗଳରେ ୨୩ ମାସରେ ଏକ ବର୍ଷ ହୁଏ। ଏବେ ମଙ୍ଗଳରେ ବାସକରିବା ପ୍ରସଙ୍ଗକୁ ଆଧାରକରି ଅନେକ ଆଲୋଚନା ହେଉଛି । ନିକଟ ଅତୀତରେ ମଙ୍ଗଳ ପୃଷ୍ଠରେ ଜଳର ସନ୍ଧାନ ସମ୍ପର୍କିତ ଅନେକ ଚମତ୍କାର ତଥ୍ୟ ଆମକୁ ମିଳିଛି। ଆଜିକାଲିର ଗବେଷଣାକୁ ଦେଖିଲେ ଲାଗୁଛି, ମଙ୍ଗଳରେ ଦିନେ ନା ଦିନେ ମଣିଷର ପାଦ ପଡ଼ିବା କଥାଟା ନିଶ୍ଚୟ ସତ ହେବ । ଏହି ପରିପ୍ରେକ୍ଷୀରେ ବିଗତ ବର୍ଷଗୁଡ଼ିକରେ ମହାକାଶ କ୍ଷେତ୍ରରେ ଏକାଧିକ ଚର୍ଚ୍ଚିତ ଗବେଷଣା ଭିତରୁ ମଙ୍ଗଳ ଗ୍ରହ ସମ୍ପର୍କିତ ଗବେଷଣାକୁ ନେଇ ବେଶ୍ ଚହଳ ସୃଷ୍ଟି ହୋଇଥିଲା।

ଏଯାଏ ୮ଟି ମହାକାଶଯାନ ମଙ୍ଗଳକୁ ପରିକ୍ରମା କରିସାରିଛନ୍ତି । ସେଗୁଡିକ ଭିତରେ ଭାରତର 'ମଙ୍ଗଳଯାନ' ଅନ୍ୟତମ, ଯାହାକୁ ୫।୧୧।୨୦୧୩ ତାରିଖରେ ଇସ୍ରୋ ପଠେଇଥିଲା ଓ ତାହା ୨୪।୦୯।୨୦୧୪ ତାରିଖରେ ମଙ୍ଗଳକୁ ପରିକ୍ରମା କରିବା ଆରମ୍ଭ କରିଥିଲା । ନିଜ ପୃଷ୍ଠରେ ଜଳର ଉପସ୍ଥିତିକୁ ନେଇ ମଙ୍ଗଳ ଗ୍ରହ ଅନେକ ଥର ଚର୍ଚ୍ଚାର ପରିସର ଭିତରକୁ ଆସିଛି । ମଙ୍ଗଳପୃଷ୍ଠରେ ତରଳ ଜଳର ପ୍ରବାହ ରହିଛି ବୋଲି ୨୦୧୫ ସେପ୍ଟେମ୍ବର ୨୮ ତାରିଖରେ ଆମେରିକାର ଗବେଷଣା ସଂସ୍ଥା 'ନାସା' ଘୋଷଣା କରିଥିଲା । ନାସା ସଂସ୍ଥା ୧୨।୦୮।୨୦୦୫ ତାରିଖରେ 'ମାର୍ସ ରେକୋନାଇସାନ୍‌ସ ଅବିଟର' (ଏମ୍‌ଆର୍‌ଓ) ନାମକ ମହାକାଶଯାନକୁ ମଙ୍ଗଳ ଗ୍ରହକୁ ପଠାଇଥିଲା, ଯାହାକି ସେଠାରେ ପହଞ୍ଚି ୧୦।୦୩ ।୨୦୦୬ ତାରିଖରୁ ମଙ୍ଗଳ ଗ୍ରହ ଚାରିପଟେ ପରିକ୍ରମା କଲା । ମଙ୍ଗଳ ଚାରିପଟେ ବୁଲୁବା ସମୟରେ ମଙ୍ଗଳ ପୃଷ୍ଠର ହଜାର ହଜାର ଫଟୋ ଉଠାଇ ପୃଥିବୀକୁ ପଠାଉଥିଲା । ତା'ସହ ଅନେକ ସୂଚନା ମଧ୍ୟ ଦେଉଥିଲା । ସେହି ଫଟୋ ଓ ସୂଚନାରୁ ସେଠାରେ ଜଳ ପ୍ରବାହିତ ହେଉଛି ବୋଲି ଜଣାପଡ଼ିଲା । ଏହା ସେତେବେଳେ ବେଶ୍ ଚର୍ଚ୍ଚାର ବିଷୟ ଥିଲା। ମଙ୍ଗଳକୁ ନେଇ ଏତେ ଚର୍ଚ୍ଚା ହେବାର କାରଣ ସେଠାରେ ଜନବସତି ସ୍ଥାପନ କରିବା ପ । ଇଁ ପୃଥିବୀବାସୀ ଆଗ୍ରହର ସହ ଅନେଇ ବସିଛନ୍ତି। କିନ୍ତୁ ସେଥିପାଇଁ ସେଠାରେ ପ୍ରଚୁର ଜଳର ବ୍ୟବସ୍ଥା ହେବା ଜରୁରୀ । ସେଭଳି ପରିସ୍ଥିତିରେ ୨୦୧୬ରେ ମଙ୍ଗଳପୃଷ୍ଠରେ ଜଳକୁ ନେଇ ମିଳିଥିବା ଅନେକ ଚମତ୍କାର ତଥ୍ୟ ଆମ ସମସ୍ତଙ୍କୁ ଆଶ୍ୱାସନା ଦେଉଛି।

ମଙ୍ଗଳ ପୃଷ୍ଠର 'ୟୁଟୋପିଆ ପ୍ଲାନିସିଆ' ଅଞ୍ଚଳରେ ପ୍ରଚୁର ଜଳର ସନ୍ଧାନ ମିଳିଛି, ଯାହାକି ବରଫ ରୂପରେ ରହିଛି । ସେହି ବରଫକୁ ତରଳେଇଦେଲେ ସେଠାରେ ଏକ ବିରାଟ ହ୍ରଦ ସୃଷ୍ଟି ହେବ । ତେଣୁ ସେଠାରେ ଆଉ ଜଳର ଅଭାବ ହେବ ନାହିଁ ବୋଲି ବୈଜ୍ଞାନିକମାନେ କହିଛନ୍ତି । ତେଣୁ ପୃଥିବୀର ଲୋକମାନେ ଅନେଇ ବସଛନ୍ତି, କେବେ ସେଠାକୁ ଯାଇ ଘରଦ୍ୱାର ତିଆରି କରିବେ । କିନ୍ତୁ, ଏହା କ'ଣ ସହଜ କଥା ? ନା, ଆଦୌ ସହଜ କଥା ନୁହେଁ, କାଠିକର ପାଠ ।

ମଙ୍ଗଳରେ ଅମ୍ଳଜାନ ଏକ ସମସ୍ୟା । ଆମ ବାୟୁମଣ୍ଡଳରେ ଯଥେଷ୍ଟ ଅମ୍ଳଜାନ ଅଛି । ୧୦୦ ବୋତଲ ବାୟୁରେ ୨୧ ବୋତଲ ଅମ୍ଳଜାନ ରହିଛି ଏବଂ ଅଧା ବୋତଲରୁ କମ୍ ଅଙ୍ଗାରକାମ୍ଳ ରହିଛି । ଆମର ଶ୍ୱାସକ୍ରିୟା ପାଇଁ ଏମିତିକା ବାୟୁମଣ୍ଡଳ ଆବଶ୍ୟକ । ତଥାପି ଏଥିରେ ଅଙ୍ଗାରକାମ୍ଳ ପରିମାଣ ଟିକିଏ ବଢ଼ିଗଲେ ଆମେ ବଞ୍ଚିବା କଷ୍ଟକର ହୋଇପଡୁଛି । କିନ୍ତୁ ମଙ୍ଗଳର ବାୟୁମଣ୍ଡଳରେ ଯଥେଷ୍ଟ ଅଙ୍ଗାରକାମ୍ଳ ଅଛି । ୧୦୦ ବୋତଲ ବାୟୁରେ ୯୬ବୋତଲ ଅଙ୍ଗାରକାମ୍ଳ ରହିଛି ଏବଂ ଅଧା ବୋତଲରୁ କମ୍ ଅମ୍ଳଜାନ ରହିଛି । ତେଣୁ ନାକରେ ଅମ୍ଳଜାନ ଥଳି ଝୁଲେଇଲେ ଯାଇ ଆମେ ସେଠାରେ ରହିପାରିବା । ଅଧିକ ଥଣ୍ଡା ଓ ଅତି କମ୍ ଚାପ ହେତୁ ମଙ୍ଗଳ ପୃଷ୍ଠରେ ତରଳ ଅବସ୍ଥାରେ ଜଳ ରହିବା କଥା ନୁହେଁ । ତ ଥ । ପ ି ସେଠାରେ ପାଣିର ଧାର ଅଛି ବୋଲି ପ୍ରମାଣ ମିଳିଛି । କିନ୍ତୁ ଅଧିକାଂଶ ଜଳ ରହିଛି ବରଫ ରୂପରେ, ଯାହାକୁ ବୈଜ୍ଞାନିକମାନେ ଅବତଳ ଦର୍ପଣ ବ୍ୟବହାର କରି ସୂର୍ଯ୍ୟକିରଣ ଦ୍ୱାରା ତରଳେଇ ବ୍ୟବହାର କରିବା ପାଇଁ ଭାବୁଛନ୍ତି । ଅର୍ଥାତ୍ ସେଠାରେ ଆମ ପାଇଁ ଯଥେଷ୍ଟ ଜଳ ନାହିଁ । ପହଁରିବା ପାଇଁ ନଦୀପୋଖରୀ ନାହିଁ। ମାଛ ମାରିବା ପାଇଁ ନୀଳଦରିଆ ନାହିଁ । ଯାହା ବି ଜଳ ଅଛି ବୋଲି କୁହାଯାଉଛି, ତାହା ଆମର ସ୍ୱାସ୍ଥ୍ୟ ପାଇଁ ଉପେଯାଗୀ କି ନୁହେଁ, ସେକଥା ଜଣାପଡିନାହିଁ । ପୃଥିବୀରେ ଏତେ ତରଳ ଜଳ ଥାଉ ଥାଉ ବ୍ୟବହାର ଉପଯୋଗୀ ଜଳର ପରିମାଣ ଯଥେଷ୍ଟ ନୁହେଁ । ତେଣୁ ମଙ୍ଗଳପୃଷ୍ଠରେ ଜଳକଷ୍ଟ ନହେବ ବୋଲି କେମିତି କହିବା ?

ଆଉ ଏକ ସମସ୍ୟା ହେଉଛି ଖାଦ୍ୟ । ଆମେ ଯାହା ବି ଖାଉ, ତାହା ଗଛଲତାରୁ ମିଳେ। ମଙ୍ଗଳରେ ଗଛଲତା ତ ଦୂର କଥା, ଏଯାଏ ଶିଉଳିର ସନ୍ଧାନ ବି ମିଳିନାହିଁ । ମଙ୍ଗଳ ମାଟିରେ ଗଛଲତା ବଞ୍ଚିପାରିବ। କିନ୍ତୁ ଟାଣ ଖରା ନାହିଁ । ସବୁଜଗୃହ ଭିତରେ ଗଛ ଲଗାଯିବ । ଗଛ ଖାଦ୍ୟ ତିଆରି କରିବା ପାଇଁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଅଛି । କିନ୍ତୁ ଶ୍ୱାସକ୍ରିୟା କରିବା ପାଇଁ ଯଥେଷ୍ଟ ଅମ୍ଳଜାନ ନାହିଁ । ତେଣୁ ବିଦ୍ୟୁତ୍-ବିଶ୍ଳେଷଣ ପ୍ରକ୍ରିୟାରେ ପାଣିରୁ ଅମ୍ଳଜାନ ତିଆରି କରି ଗଛଲତାକୁ ଯୋଗାଇ ଦିଆଯିବ । ଏହି କଥାଟା ଠିକ୍ ଲାଗୁନାହିଁ । ପୃଥିବୀରେ ଗଛଲତା ବଞ୍ଚିବା ପାଇଁ କୌଣସି ଅସୁବିଧା ନାହିଁ । କିନ୍ତୁ ଲୋକେ ଚାଷ କରୁ ନାହାନ୍ତି । ମଙ୍ଗଳରେ ଏତେ କଟକଣା ଭିତରେ କେମିତି ଚାଷ କରିବେ ? ପୁଣି ସ୍ପେଶ୍ ଶୁଟ୍ ପିନ୍ଧି ଚାଷ କରିବେ ? ଖାଲି ଚାଷୀ ନୁହେଁ, ସମସ୍ତେ ଦେହକୁ ଚାପିରଖିଥିବା ସ୍ପେଶ୍ ଶୁଟ୍ ପିନ୍ଧି ରହିବେ।

> "ଏ ଯାଏ ୮ଟି ମହାକାଶଯାନ ମଙ୍ଗଳକୁ ପରିକ୍ରମା କରିସାରିଛନ୍ତି। ସେଗୁଡ଼ିକ ଭିତରେ ଭାରତର 'ମଙ୍ଗଳଯାନ' ଅନ୍ୟତମ, ଯାହାକୁ ୫।୧୧।୨୦୧୩ ତାରିଖରେ ଇସ୍ରୋ ପଠେଇଥିଲା ଓ ତାହା ୨୪।୦୯।୨୦୧୪ତାରିଖରେ ମଙ୍ଗଳକୁ ପରିକ୍ରମା କରିବା ଆରମ୍ଭ କରିଥିଲା। ନିଜ ପୃଷ୍ଠରେ ଜଳର ଉପସ୍ଥିତିକୁ ନେଇ ମଙ୍ଗଳ ଗ୍ରହ ଅନେକ ଥର ଚର୍ଚ୍ଚାର ପରିସରକୁ ଆସିଛି।"

୨୦୧୯ ମସିହା ସୁଦ୍ଧା କୌଣସି ମହାକାଶଚାରୀ ମଙ୍ଗଳକୁ ଯାଇନାହାନ୍ତି । ସେଠାରେ କେବଳ ରୋଭରଯାନ ଓହ୍ଲାଇଛି । କିନ୍ତୁ କୌଣସି ମହାକାଶଯାନ ମଙ୍ଗଳପୃଷ୍ଠରେ ଓହ୍ଲାଇବା ପରେ ପୁଣି ପୃଥିବୀକୁ ଫେରି ନାହିଁ । ଆସନ୍ତା ୨୦୩୦ ମସିହା ବେଳକୁ ମଣିଷ ମଙ୍ଗଳପୃଷ୍ଠରେ ପାଦ ପକେଇବ ବୋଲି ଡକ୍ଟର ଅବଦୁଲ କାଲାମ୍ କହିଥିଲେ। ହଁ, କଥାଟା ସତ ହେବାକୁ ଯାଉଛି । ମହାକାଶଚାରୀମାନେ ସେଠାକୁ ଯିବାର ବଡ ଯୋଜନା ଚାଲିଛି । ସେମାନେ ସେଠାରେ ରହିବେ ଓ ଘର ତିଆରି କରିବେ । ଜାଳେଣି, ପାଣି ଓ ଅମ୍ଳଜାନର ବ୍ୟବସ୍ଥା କରିବେ । କିନ୍ତୁ ମଙ୍ଗଳ ବହୁ ଦୂରରେ ଥିବାରୁ ମହାକାଶଯାନ ସେଠାରେ ପହଞ୍ଚିବା ପାଇଁ ୧୦ ମାସ ଲାଗୁଛି । ତେଣୁ ପୃଥିବୀ ଗ୍ରହରୁ ଲୋକଙ୍କୁ ଧରି ମଙ୍ଗଳ ଗ୍ରହକୁ ଯିବା କାଠିକର ପାଠ । ସେଥିପାଇଁ ଯଥେଷ୍ଟ ଖାଦ୍ୟ, ଜଳ ଓ ଜାଳେଣି ଦରକାର, ଯାହାକି ଏବେ ସମ୍ଭବ ନୁହେଁ । ତେବେ ସୋଲାର ଇଲେକ୍ଟ୍ରିକ୍ ପ୍ରପଲସନ ବ୍ୟବହାର କରି ଯାତ୍ରା-ସମୟକୁ କମ୍ କରିବା ପାଇଁ ଗବେଷଣା ଚାଲିଛି । କିଭଳି ସ୍ପେଶସୁଟ୍ ପିନ୍ଧିଲେ ଅସୁବିଧା ହେବନାହିଁ, ସେ ବିଷୟରେ ପରୀକ୍ଷା ଚାଲିଛି। ଶୀଘ୍ର ସୂଚନା ଆଦାନ ପ୍ରଦାନ ପାଇଁ ମଙ୍ଗଳ ଓ ପୃଥିବୀ ମଧ୍ୟରେ ବେତାର ଯୋଗାଯୋଗ ବ୍ୟବସ୍ଥାକୁ ଦ୍ରୁତ କରାଯିବାର ଯୋଜନା ହେଉଛି।

ମଙ୍ଗଳ ଆମକୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଛି । କିନ୍ତୁ ସେଠାରେ ବାୟୁମଣ୍ଡଳରେ ଯଥେଷ୍ଟ ଅମ୍ଳଜାନ ନାହିଁ । ହେଲେ ପାଣି ଥିବାର ପକ୍‌କା ସୂଚନା ମିଳି ସାରିଛି । ପାଣିରେ ଶିଉଳି ରହିଲେ ଧୀରେ ଧୀରେ ସେଠାରେ ଅମ୍ଳଜାନର ପରିମାଣ ବୃଦ୍ଧିପାଇବ । ପରେ ପରେ ଗଛ ଲତା ସୃଷ୍ଟି ହେବ । ହେଲେ ମଣିଷ ବଞ୍ଚିପାରିବା ଭଳି ଯଥେଷ୍ଟ ଅମ୍ଳଜାନ ସୃଷ୍ଟି ହେବା ପାଇଁ ଲକ୍ଷ ଲକ୍ଷ ବର୍ଷ ଲାଗିବ । ଦିନ ଥିଲା, ପୃଥିବୀର ବାୟୁମଣ୍ଡଳରେ ବି ଯଥେଷ୍ଟ ଅମ୍ଳଜାନ ନଥିଲା । ତେଣୁ ମଙ୍ଗଳରେ ଜଳ ଥିଲେ ଭବିଷ୍ୟତରେ ଅମ୍ଳଜାନ ଆସିପାରେ । ଅର୍ଦ୍ଧଶତାବ୍ଦୀ ହେଲା ମଣିଷ ଯାଇ ଚନ୍ଦ୍ରରେ ପାଦ ଦେଇଛି । ଦିନେ ମଙ୍ଗଳଗ୍ରହରେ ବି ପହଞ୍ଚିବ । ସତ କହିଲେ ମଣିଷ ବଞ୍ଚିବା ପାଇଁ ପୃଥିବୀର ସୁବିଧା ଅନ୍ୟ କୌଣସି ଗ୍ରହରେ ନାହିଁ । ତଥାପି ଆନନ୍ଦ ପାଇଁ ମଙ୍ଗଳକୁ ଅଳ୍ପ ଦିନ ଲାଗି ଯିବାରେ କିଛି ଆପତି ନାହିଁ। କିନ୍ତୁ ସେଠାରେ ଜନବସତି ସ୍ଥାପନ କରି ସବୁଦିନ ରହିବା ସହଜ ନୁହେଁ । ତଥାପି ଆମେ ବିଜ୍ଞାନ ବଳରେ ଅପହଞ୍ଚ ଜାଗାରେ ପହଞ୍ଚିବା ପାଇଁ ଆଗ୍ରହୀ । ପୃଥିବୀବାସୀ ବିଜ୍ଞାନ ବଳରେ ମଙ୍ଗଳଗ୍ରହକୁ ଯାଆନ୍ତୁ । ସେଠାରେ ଘରଦ୍ୱାର ତିଆରି କରି ରୁହନ୍ତୁ ବା ନ ରୁହନ୍ତୁ ବିଜ୍ଞାନର ଜୟଗାନ କରନ୍ତୁ।

*-ଓଡିଶା ଶିକ୍ଷା ସେବା (୧), ସହକାରୀ ପ୍ରଫେସର, ଭଦ୍ରକ ଅଟୋନୋମସ କଲେଜ, ଭଦ୍ରକ*
*ମୋ : ୯୪୩୭୫୦୧୬୫୧*

# ଅର୍ଥୋସ୍କୋପିକ୍ ସର୍ଜରି

**"ଅର୍ଥୋସ୍କୋପିକ୍ ସର୍ଜରି ଏକ ଆଧୁନିକ ଅସ୍ଥିଶଲ୍ୟ ଚିକିତ୍ସା ପଦ୍ଧତି । ଏଥିରେ ବଡ଼ ଧରଣର କଟାକଟି ନ କରି ଛୋଟ କଣା ମାଧ୍ୟମରେ ଶରୀରର ବିଭିନ୍ନ ଖଞ୍ଜା ମଧ୍ୟରେ ଅର୍ଥୋସ୍କୋପ୍ ପୂରାଯାଇ ବହୁ ରୋଗର ନିଦାନ ଏବଂ ଚିକିତ୍ସା କରାଯାଇଥାଏ।"**

**ଅର୍ଥୋସ୍କୋପିକ୍ କ'ଣ**

ଅର୍ଥୋସ୍କୋପିକ୍ ସର୍ଜରି ଏକ ଆଧୁନିକ ଅସ୍ଥିଶଲ୍ୟ ଚିକିତ୍ସା ପଦ୍ଧତି। ଏଥିରେ ବଡ଼ ଧରଣର କଟାକଟି ନ କରି ଛୋଟ କଣା ମାଧ୍ୟମରେ ଶରୀରର ବିଭିନ୍ନ ଖଞ୍ଜା ମଧ୍ୟରେ ଅର୍ଥୋସ୍କୋପି ପୂରାଯାଇ ବହୁ ରୋଗର ନିଦାନ ଏବଂ ଚିକିତ୍ସା କରାଯାଇଥାଏ।

**ଓପନ୍ ସର୍ଜରିଠୁ କାହିଁକି ଭିନ୍ନ**

ଓପନ୍ ସର୍ଜରିରେ ଅଧିକ ଚିରାଫଡ଼ା କରାଯାଉଥିବାରୁ କ୍ଷତ ଶୁଖିବା ପାଇଁ ଅଧିକ ସମୟ ଲାଗେ ଏବଂ ଅପରେଶନ ପରେ ଷ୍ଟିଫ୍‌ନେସ ରହିବାର ଅସୁବିଧା ଥାଏ। ଏହାଛଡ଼ା ଅପରେଶନ ସମୟରେ ଅଧିକ ରକ୍ତସ୍ରାବ ହୋଇଥାଏ ଓ ପରେ ବଡ଼ ଦାଗ ରହିଥାଏ।

**କେଉଁ କେଉଁ ଖଞ୍ଜାରେ କରାଯାଏ**

ଆଣ୍ଠୁ ପାଇଁ ସବୁଠାରୁ ଅଧିକ ଉପଯୋଗୀ। ଏହାଛଡ଼ା କାନ୍ଧ, କହୁଣି, କଟଟି, ଗୋଇଠି, ପାଦରେ ମଧ୍ୟ ଅର୍ଥୋସ୍କୋପିକ୍ ମାଧ୍ୟମରେ ଅପରେଶନ କରାଯାଉଛି।

**କେଉଁ ରୋଗରେ କରାଯାଇପାରେ**

ଆଣ୍ଠୁର ଲିଗାମେଣ୍ଟ ଇଞ୍ଜୁରି, ଅଷ୍ଟିଓଆର୍ଥରାଇଟିସ୍ କାର୍ଟିଲେଜ୍ ରିପେୟାର ବା ବୟସ ଜନିତ ଆଣ୍ଠୁରୋଗ, ମେନିସ୍‌କସ୍ ଟିୟର ଇତ୍ୟାଦି ବିଭିନ୍ନ ରୋଗର ଚିକିତ୍ସା ଏବଂ ନିଦାନ ଅର୍ଥୋସ୍କୋପିକ୍ ମାଧ୍ୟମରେ କରାଯାଇପାରେ। କାନ୍ଧରେ ଆର୍ଥରାଇଟିସ୍, ରୋଟାଟର କଫ୍ ଇଞ୍ଜୁରି, ଫ୍ରେଜେନ୍ ସୋଲ୍‌ଡର ଏବଂ ଡିସ୍‌ଲୋକେସନ(ଖଞ୍ଜା ଖସିବା) ପରି ରୋଗର ଚିକିତ୍ସା କରାଯାଇପାରେ। ଏଣ୍ଡୋସ୍କୋପିକ୍ ସ୍ପାଇନ୍ ସର୍ଜରି ମାଧ୍ୟମରେ ବିଭିନ୍ନ ସ୍ପାଇନାଲ ରୋଗର ଚିକିତ୍ସା ମଧ୍ୟ କରାଯାଇପାରୁଛି।

**ଆନାସ୍ଥେସିଆ କ'ଣ ଦିଆଯାଏ**

ଆଣ୍ଠୁ ଅର୍ଥୋସ୍କୋପିକ୍ ସର୍ଜରି ପାଇଁ ସ୍ପାଇନାଲ ଆନାସ୍ଥେସିଆ ଦରକାର। ଲୋକାଲ ଆନାସ୍ଥେସିଆରେ ମଧ୍ୟ ଅପରେଶନ କରାଯାଇପାରେ। କାନ୍ଧ ପାଇଁ ଜେନେରାଲ ଆନାସ୍ଥେସିଆ ଆବଶ୍ୟକ ହୁଏ।

**ଭଲ ହେବା ପାଇଁ କେତେ ଦିନ ଲାଗେ**

ଆଣ୍ଠୁର ସର୍ଜରି ପରେ ରିକୋଭରି ପାଇଁ ୪ରୁ ୫ ଦିନ ସମୟ ପରେ ଫୁଲା ସମ୍ପୂର୍ଣ୍ଣ କମିଯାଏ। ୫ଦିନରୁ ଆଣ୍ଠୁ ଭାଙ୍ଗିବା ପାଇଁ କିଛିଦିନ ବାଡ଼ି ଧରି ଚାଲିବା ପରେ ରୋଗୀ ସାଧାରଣ ଅବସ୍ଥାକୁ ଫେରିଆସେ।



ଡା. ଅତନୁ ମହାନ୍ତି

**ରିସ୍କ ବା ବିପଦ କ'ଣ ଥାଏ**



ଅପରେଶନ ସମୟରେ ରକ୍ତସ୍ରାବ, ଇନ୍‌ଫେକ୍‌ସନ ଇତ୍ୟାଦିର ବିପଦ ନ ଥାଏ ଓ ଓପନ୍ ସର୍ଜରିଠାରୁ ଏଥିରୁ ବିପଦ ଯଥେଷ୍ଟ କମ୍।

**କେଉଁଠାରେ କରିବା ଉଚିତ**

ଅର୍ଥୋସ୍କୋପିକ୍ ସର୍ଜରିରେ ତାଲିମପ୍ରାପ୍ତ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପାଖରେ ଉଚିତ ପରାମର୍ଶ ପରେ ଏହି ସର୍ଜରି କରିବା ଉଚିତ। ସର୍ଜରି ପାଇଁ ୩୦ ମିନିଟ୍ ସମୟ ଲାଗେ। ଅପରେଶନର ୩ଦିନ ପରେ ରୋଗୀ ଘରକୁ ଯାଇପାରେ।

*-ଆସୋସିଏଟ୍ ପ୍ରଫେସର, ଅସ୍ଥିଶଲ୍ୟ ବିଭାଗ, ଏସ୍‌ସିବି ମେଡିକାଲ କଲେଜ, କଟକ, ମୋ : ୯୪୩୭୦୩୨୨୨୦*



# ସକାରାତ୍ମକ ମାନସିକତା ଓ ବିଶ୍ରାମ

ପ୍ରତିଦିନ ଆମେ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଆବଶ୍ୟକ। ଏଥିରେ ଅନିୟମିତତା ହେଲେ ତାହା ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। କେବଳ ସେତିକି ନୁହେଁ, ଶୋଇବା ସମୟରେ ବେଡ୍ ରୁମ୍‌ର ପରିବେଶ ଶାନ୍ତ ରହିବା ନିହାତି ଦରକାର। ଏହାଦ୍ୱାରା ଭଲ ନିଦ ହୋଇଥାଏ। ଯଦି ଜଣେ ବ୍ୟକ୍ତି ନିୟମିତ ୬-୭ ଘଣ୍ଟା ଶୋଉଛନ୍ତି ତେବେ ତାଙ୍କର ମାନସିକତା ସକାରାତ୍ମକ ରହିଥାଏ। ତା'ସହ ବିଭିନ୍ନ କାମ କରିବା ପାଇଁ ତାଙ୍କ ମନରେ ଆଗ୍ରହ ସୃଷ୍ଟି ହୁଏ। ଆବଶ୍ୟକ ମୁତାବକ ଶୋଇବା ଦ୍ୱାରା ଏହାର କି ପ୍ରକାର ସୁପ୍ରଭାବ ଶରୀର ଉପରେ ପଡୁଛି ତାହାକୁ ଅଷ୍ଟ୍ରେଲିଆସ୍ଥିତ ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ତର୍ଜମା କରିଥିଲେ। ଯେଉଁମାନେ ପ୍ରତିଦିନ ଆବଶ୍ୟକ ମୁତାବକ ବିଶ୍ରାମ ନେଉଥିଲେ ସେମାନଙ୍କ ମାନସିକତା ପୂର୍ବାପେକ୍ଷା ଆହୁରି ସକ୍ରିୟ ଥିବାର ଜଣାପଡ଼ିଥିଲା। ତେବେ ରାତିରେ ଶୋଇବାକୁ ଯିବାର ଦୁଇଘଣ୍ଟା ପୂର୍ବରୁ ରାତ୍ରି ଭୋଜନ ଶେଷ କରନ୍ତୁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### ୧୨୩୪ କୋଟିର ୧୧ ଏନ୍‌ପିଏ ଆକାଉଣ୍ଟ ବିକିବ ପିଏନ୍‌ବି

ନୂଆଦିଲ୍ଲୀ,୮-୯: ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ୧୨୩୪ କୋଟି ଟଙ୍କାର ୧୧ ଏନ୍‌ପିଏ(ଅନାଦାୟ ଋଣ) ଆକାଉଣ୍ଟକୁ ବିକ୍ରି କରିବାକୁ ଯାଉଛି। ଏଥିପାଇଁ ବ୍ୟାଙ୍କ ପକ୍ଷରୁ ଆସେଟ୍ ରିକନଷ୍ଟ୍ରକ୍‌ଶନ କମ୍ପାନୀ, ଏନ୍‌ବିଏଫ୍‌ସି, ବ୍ୟାଙ୍କ, ଫାଇନାନ୍ସିଆଲ ଇନ୍‌ଷ୍ଟିଚ୍ୟୁଶନ୍ସ ଲାଗି ବିଡ୍ ଆହ୍ୱାନ କରିଛି। ଏହି ଆକାଉଣ୍ଟ ମଧ୍ୟରେ ୪୪୧.୮୩ କୋଟି ଟଙ୍କାର ଭିସା ଷ୍ଟିଲ୍, ୪୧୪.୨୩ କୋଟି ଟଙ୍କାର ଇଣ୍ଡବାରାତ୍ ଏନର୍ଜି(ଉତ୍କଳ), ୧୧୩.୫୭ କୋଟି ଟଙ୍କାର ଆଷ୍ଟର ପ୍ରାଇଭେଟ ଲିମିଟେଡ ଓ ୧୦୦.୧୬ କୋଟି ଟଙ୍କାର ଓମ୍ ଶିବ୍ ଇଷ୍ଟେଟ୍ସ ରହିଛି। ପିଏନ୍‌ବି ପକ୍ଷରୁ କୁହାଯାଇଛି ଯେ, ଏହି ବିକ୍ରି ସମ୍ପୂର୍ଣ୍ଣ ନଗଦରେ ହେବ। ନିଲାମରେ ଭାଗ ନେବାକୁ ଥିବା ସମ୍ପୃକ୍ତ ପକ୍ଷ ବିକ୍ରି ହେବାକୁ ଥିବା କମ୍ପାନୀଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବା ସହ ତୁରନ୍ତ ପଦକ୍ଷେପ ନିଅନ୍ତୁ।

### ଦେଶର ଆବଶ୍ୟକତା ଅନୁସାରେ ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯଥେଷ୍ଟ: ଅର୍ଥ ସଚିବ

ନୂଆଦିଲ୍ଲୀ,୮-୯: ରାଷ୍ଟ୍ରାୟତ୍ତ ୧୦ ବ୍ୟାଙ୍କକୁ ମିଶାଇ ୪ ବୃହତ ବ୍ୟାଙ୍କ ଗଠନ କରାଯିବ ବୋଲି ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଘୋଷଣା କରିଛନ୍ତି। ମିଶ୍ରଣ ପରେ ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟା ୧୨କୁ ହ୍ରାସ ପାଇବ। ଏହା ଦେଶର ଆବଶ୍ୟକତା ପୂରଣ କରିବା ଲାଗି ଯଥେଷ୍ଟ ବୋଲି କେନ୍ଦ୍ର ଅର୍ଥ ସଚିବ ରାଜୀବ କୁମାର କହିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି କାରଣରୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତି ହାସଲ କରିବାର ଲକ୍ଷ୍ୟ ହାସଲ ସମ୍ଭବ ହେବ ବୋଲି ସେ କହିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟ ଅଭିବୃଦ୍ଧି ହାସଲ ଲାଗି ଦେଶକୁ ବଡ଼ ବ୍ୟାଙ୍କର ଆବଶ୍ୟକତା ରହିଛି। ବ୍ୟାଙ୍କ ମିଶ୍ରଣ ଦ୍ୱାରା ଏହା ସମ୍ଭବ ହେବ। ଆଗାମୀ ଦିନରେ ଦେଶରେ ୬ ବୃହତ୍ ବ୍ୟାଙ୍କ ରହିବ, ଯାହାର ପୁଞ୍ଜି ଆଧାର, ଆକାର, ହାର ଓ ଦକ୍ଷତା ଉଚ୍ଚ ସ୍ତରର ହେବ। କୁମାର କହିଛନ୍ତି ଯେ, ବ୍ୟାଙ୍କ ବାଲାନ୍ସ ଶିଟ୍‌କୁ ସ୍ପଷ୍ଟ ତଥା ସ୍ୱଚ୍ଛ କରିବା ଲାଗି ଅଭିଯାନ ଆରମ୍ଭ ହୋଇଛି।

### ଭାରତରେ ସାଓମିର ୧୦ କୋଟି ଫୋନ ବିକ୍ରି

ନୂଆଦିଲ୍ଲୀ, ୮-୯: ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ସାଓମି ପକ୍ଷରୁ ଭାରତରେ ୧୦ କୋଟି ସ୍ମାର୍ଟ ଫୋନ ବିକ୍ରି ସମ୍ପର୍କରେ ଘୋଷଣା କରାଯାଇଛି। ୫ ବର୍ଷ ମଧ୍ୟରେ ଏହି ସଫଳତା ହାସଲ କରିବାକୁ କମ୍ପାନୀ ସକ୍ଷମ ହୋଇଛି। ୨୦୧୪ ତୃତୀୟ ତ୍ରୈମାସରୁ କମ୍ପାନୀ ଜୁଲାଇ ୨୦୧୯ ମଧ୍ୟରେ ଏହି ବିକ୍ରି ସଫଳତା ଲାଭ କରିଛି। ରେଡମି ଏବଂ ରେଡମି ନୋଟ ସିରିଜ ଲୋକଙ୍କ ଦ୍ୱାରା ବେଶ ଆଦୃତ ହୋଇଛି। ଗତ ୮ ତ୍ରୈମାସ ଧରି ଏହା ୨୮.୩୧% ବଜାର ଅଂଶ ହାସଲ କରିଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ କମ୍ପାନୀର ରେଡମି ୬ଏ ଏବଂ ରେଡମି ନୋଟ ୭ ପ୍ରୋ ବେଷ୍ଟ ସେଲିଂ ସ୍ମାର୍ଟଫୋନ ହୋଇ ପାରିଛି। ବଜାରରେ ଶୁଭାରମ୍ଭ ପରଠାରୁ ଭଲ ରେସପନ୍ସ ପାଇଥିବା ବେଳେ ଏଭଳି ସଫଳତା ଆଗକୁ ବଢ଼ିବାରେ ଅନେକ ସହାୟତା କରିବ ବୋଲି ସାଓମି ଇଣ୍ଡିଆ ଏମ୍‌ଡି ତଥା ଉପସଭାପତି ମନୁ ଜୈନ ସୂଚନା ଦେଇଛନ୍ତି।

### ନିବେଶକଙ୍କ ୯୫% ଅର୍ଥ ଫେରସ୍ତ ହୋଇଛି: ସାହାରା

ନୂଆଦିଲ୍ଲୀ, ୮-୯: ନିବେଶକଙ୍କୁ ପ୍ରଦାନ କରିବାକୁ ଥିବା ମୋଟ ଅର୍ଥ ମଧ୍ୟରୁ ପ୍ରାୟ ୯୫% ଅର୍ଥ ସାହାରା ଗ୍ରୁପ ଫେରାଇ ସାରିଛି। ଗ୍ରୁପ ପକ୍ଷରୁ ମାମଲା ଲଢ଼ୁଥିବା ଓକିଲ ଗୌତମ ଅୱସ୍ତି ଏହି ସୂଚନା ଦେଇଛନ୍ତି। ନିବେଶକଙ୍କୁ ଏହି ଟଙ୍କା ସିଧାସଳଖ ପ୍ରଦାନ କରାଯାଇଛି। ସେହିଭଳି ସେବି ନିକଟରେ କମ୍ପାନୀ ଯେଉଁ ଟଙ୍କା ଜମା ରଖିଛି ତାହା ଦୁଇଗୁଣା ଅଧିକ ଜମା। ସେବି ପାଖରେ ପଡି ରହିଥିବା ଟଙ୍କାକୁ ଫେରାଇବାକୁ କମ୍ପାନୀ ପକ୍ଷରୁ ଦାବି କରାଯାଇଛି। ଟଙ୍କା ମିଳିଲେ କମ୍ପାନୀ ଏହାର କାରବାର ସମ୍ପ୍ରସାରଣ କରିବାକୁ ସକ୍ଷମ ହେବ ବୋଲି କହିଛି। ସେବି ବାର୍ଷିକ ରିପୋର୍ଟରୁ ତଥ୍ୟ ଆଧାରରେ ଅୱସ୍ତି କହିଛନ୍ତି ଯେ, ୨ଟି ସଂସ୍ଥାର ୩ କୋଟି ଓଏଫ୍‌ଡିସି ନିବେଶକଙ୍କ ମଧ୍ୟରୁ ୯୫% ଟଙ୍କାକୁ ସାହାରା ଫେରାଇଛି। ସାହାରା ଆଗୁଆ ପ୍ରାପ୍ୟ ଦେଇ ସାରିଥିବାରୁ ପରେ ଯାହା ପ୍ରଦାନ କରିଛି ତାହା ଦ୍ୱିତୀୟ ଥର ପେମେଣ୍ଟ ଭଳି ହେଉଛି। ଏହାର ଫେରସ୍ତ ଲାଗି ଦାବି କରାଯାଉଥିବା ଓକିଲ ଅୱସ୍ତି କହିଛନ୍ତି।

---

ବିଏସ୍-୬ ମାନଦଣ୍ଡ ଆଧାରରେ ଇଞ୍ଜିନ ପରିବର୍ତ୍ତନ କରିବା ପରେ ଟୟୋଟା କିର୍ଲୋସ୍କର ମୋଟର୍ସର ସମସ୍ତ ଡିଜେଲ ମଡେଲର ଦର ୨୦% ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।
– ଏନ୍.ରାଜା, ଟୟୋଟା କିର୍ଲୋସ୍କର ମୋଟର ଡେପୁଟି ଏମ୍‌ଡି



ଅଧିକରୁ ଅଧିକ ସହରରେ ସେବା ଯୋଗାଇ ଦେବା କାରଣରୁ ଜୋମାଟୋ ପ୍ରଥମଥର ଲାଭ କରିବାକୁ ଯାଉଛି। ଏହାଦ୍ୱାରା କମ୍ପାନୀ ସମେତ ରେଷ୍ଟୁରାଣ୍ଟଗୁଡ଼ିକର ଫାଇଦା ହେଉଛି।
– ଦୀପିନ୍ଦର ଗୋୟଲ, ଜୋମାଟୋ ପ୍ରତିଷ୍ଠାତା ସିଇଓ



## ମାଲ୍ ପରିବହନ ହ୍ରାସ ଦେଇଥିଲା ସଙ୍କେତ

# ମାନ୍ଦାବସ୍ଥାକୁ ଅଣଦେଖା କରିଛି କେନ୍ଦ୍ର

ନୂଆଦିଲ୍ଲୀ,୮-୯

ଦେଶର ଅର୍ଥନୀତି ଅଚାନକ ଧିମା ହୋଇନାହିଁ। ଦୀର୍ଘ ଦିନ ହେଲା ଏହାକୁ ନେଇ ସଙ୍କେତ ମିଳିଥିଲା। ମାଲ୍ ପରିବହନ କମିଯିବା, ଟ୍ରକ୍ ବିକ୍ରି ହ୍ରାସ ପାଇବା ଆଦିରୁ ଦେଶ ଆର୍ଥିକ ମାନ୍ଦାବସ୍ଥା ଆଡକୁ ଗତି କରୁଛି ବୋଲି ସଙ୍କେତ ମିଳିସାରିଥିଲା। କିନ୍ତୁ କେନ୍ଦ୍ରର ମୋଦି ସରକାର ଏହାକୁ କ୍ରମାଗତ ଅଣଦେଖା କରିଛନ୍ତି। ସରକାରଙ୍କ ଅନାଗ୍ରହ ତଥା ଅର୍ଥନୀତିକୁ ଗତିଶୀଳ କରିବା ଲାଗି ସ୍ପଷ୍ଟ ନୀତିର ଅଭାବ ଯୋଗୁ ଅଟୋ ସମେତ ପ୍ରାୟ ସମସ୍ତ ସେକ୍ଟର ଏବେ ମାନ୍ଦାବସ୍ଥାର ଶିକାର ହୋଇଛି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଦୀର୍ଘକାଳୀନ ମାନ୍ଦାବସ୍ଥା ଢ଼ାଞ୍ଚାଗତ ପ୍ରକୃତିର ହୋଇଥାଏ। ଏହାକୁ ସରକାର ଜାଣିଶୁଣି ଅଣଦେଖା କରିଛନ୍ତି। ଏହାକୁ ଦୂରେଇବା ଲାଗି ସେଭଳି କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନ ଥିବାରୁ ଏବେ ମାନ୍ଦାବସ୍ଥାର ସାମ୍ନା କରିବାକୁ ପଡୁଛି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

### ହାଇସ୍ପିଡ୍ ଡିଜେଲ ଖର୍ଚ୍ଚ କମିଛି

ମାଲ୍ ପରିବହନ କରୁଥିବା ଟ୍ରକ୍‌ଗୁଡ଼ିକରେ ବ୍ୟବହାର ହେଉଥିବା ହାଇସ୍ପିଡ ଡିଜେଲର ଖର୍ଚ୍ଚରୁ ଅର୍ଥନୀତିକୁ ଆଉ ଏକ ସଙ୍କେତ ମିଳିଥାଏ। ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍ ଦ୍ୱାରା ପ୍ରସ୍ତୁତ ତଥ୍ୟ ମୁତାବକ ନିକଟ ଅତୀତରେ ହାଇସ୍ପିଡ୍ ଡିଜେଲ(ଏଚ୍‌ଏସ୍‌ଡି) ଖର୍ଚ୍ଚ ବୃଦ୍ଧି ହାର ବହୁ ପରିମାଣରେ ହ୍ରାସ ପାଇଛି। ୨୦୧୧-୧୨ରୁ ୨୧୮-୧୯ ମଧ୍ୟରେ ୮ ବର୍ଷରେ ଏଚ୍‌ଏସ୍‌ଡି ଖର୍ଚ୍ଚ ୬୪.୭୫ ମେଟ୍ରିକ ଟନରୁ ବଢ଼ି ୮୩.୫୨ ମିଲିୟନ ଟନରେ ପହଞ୍ଚିଯାଇଛି। ଏଭଳି ଭାବେ ୮ ବର୍ଷରେ ମାତ୍ର ୨୯% ଏବଂ ବାର୍ଷିକ ହାରରେ ଡିଜେଲ ଖର୍ଚ୍ଚ ୩.୬% ବୃଦ୍ଧି ପାଇଛି। କିନ୍ତୁ ଗତ ଦଶକର ୮ ବର୍ଷରେ ଅର୍ଥାତ୍ ୨୦୦୦-୦୧ରୁ ୨୦୦୮-୦୯ ମଧ୍ୟରେ ଏଚ୍‌ଏସ୍‌ଡି ଖର୍ଚ୍ଚ ୩୬.୫ ମିଲିୟନ ଟନରୁ ବଢ଼ି ୫୧.୭ ମିଲିୟନ ଟନରେ ପହଞ୍ଚିଥିଲା। ଏଭଳି ଭାବେ ୮ ବର୍ଷରେ ୪୧.୫% ବୃଦ୍ଧି ପରିଲକ୍ଷିତ ହୋଇଥିଲା। ବାର୍ଷିକ ଆଧାରରେ ଏହା ୫.୨% ରହିଥିଲା।

### ରେଳ ମାଧ୍ୟମରେ ମାଲ୍ ପରିବହନ ହ୍ରାସ



ଭାରତୀୟ ରେଳ ଦ୍ୱାରା ମାଲ୍ ପରିବହନ ଅର୍ଥନୀତିର ସ୍ୱାସ୍ଥ୍ୟାବସ୍ଥାର ସଙ୍କେତ ଦେଇଥାଏ। ମାଲ୍ ପରିବହନ ମାତ୍ରା ମାପିବା ଲାଗି ରେଲୱେ ପକ୍ଷରୁ ଏକ ସୂଚକାଙ୍କ ବ୍ୟବହାର କରାଯାଇଥାଏ। ଆୟ କରାଉଥିବା ମାଲ୍ ଲଦିବା( ସମସ୍ତ ଷ୍ଟେଶନର,ମିଲିୟନ ଟନ୍ ହିସାବରେ) ଏବଂ ଆୟ କରାଉଥିବା ଏକ ନିର୍ଦ୍ଦିଷ୍ଟ ଦୂରତାରେ ମାଲ୍ ପରିବହନ(ବିଲିୟନ ଟନ କିଲୋମିଟର) ସୂଚକାଙ୍କ ପ୍ରୟୋଗ କରାଯାଇଥାଏ। ଆର୍ଥିକ ବର୍ଷ ୨୦୧୮-୧୯ର ଆର୍ଥିକ ସର୍ଭେରେ ୧୯୫୦-୫୧ରୁ ଅଦ୍ୟାବଧି(୨୦୧୮-୧୯, ଅସ୍ଥାୟୀ) ତଥ୍ୟ ପ୍ରଦାନ କରାଯାଇଛି। ଆର୍ଥିକ ବର୍ଷ ୨୦୦୦-୦୧ରେ ମାଲ ଲଦିବା ୪୭୩.୫ ମିଲିୟନ ଟନ ଥିଲା, ଯାହା କି ୨୦୧୧-୧୨ରେ ବୃଦ୍ଧି ପାଇ ୯୬୯.୧ ମିଲିୟନ ଟନରେ ପହଞ୍ଚିଥିଲା। ସେହିପରି ୨୦୧୮-୧୯ରେ ୧୨୨୧.୩୯ ମାଲ୍ ପହଞ୍ଚାଯାଇଛି। ଏଭଳି ଭାବେ ୨୦୦୦-୦୧ରୁ ୨୦୧୧-୧୨ ମଧ୍ୟରେ ମାଲ୍ ଲଦିବା ୧୦୪.୬୭% ବଢ଼ିଯାଇଥିଲା। ଏହି ୧୨ ବର୍ଷରେ ଏଥିରେ ବାର୍ଷିକ ହାରାହାରି ୮୭% ବୃଦ୍ଧି ପରିଲକ୍ଷିତ ହୋଇଛି। କିନ୍ତୁ ବର୍ତ୍ତମାନ ଦଶକରେ ୨୦୧୧-୧୨ରୁ ୨୦୧୮-୧୯ ମଧ୍ୟରେ ଏଥିରେ ମାତ୍ର ୨୬.୦୩ ପ୍ରତିଶତ ବୃଦ୍ଧି ଦେଖାଯାଇଛି ଏବଂ ଗତ ୮ ବର୍ଷରେ ଏହା ହାରାହାରି ମାତ୍ର ୩.୨୫% ବଢ଼ିଛି। ଅନୁରୂପ ଭାବେ ୨୦୦୦-୦୧ରେ ମାଲ ପରିବହନ ୩୧୨.୪ ବିଲିୟନ ଟନ୍ କେଜି ହୋଇଥିଲା, ଯାହା କି ଆର୍ଥିକ ବର୍ଷ ୨୦୧୧-୧୨ରେ ବୃଦ୍ଧି ପାଇ ୬୬୭.୬ ବିଲିୟନ ଟନ କେଜି ହୋଇଛି। ଏହା ୨୦୧୮-୧୯ରେ ୭୦୦.୬୬ ବିଲିୟନ ଟନ କେଜିରେ ପହଞ୍ଚିଯାଇଛି। ଏଭଳି ଭାବେ ମାଲ ପରିବହନ ୨୦୧୧-୧୨ରୁ ୨୦୧୮-୧୯ ମଧ୍ୟରେ ପ୍ରାୟ ସ୍ଥିର ରହିଛି। ଅର୍ଥାତ ୨୦୦୦-୦୧ରୁ ୨୦୧୧-୧୨ ମଧ୍ୟରେ ୧୨ ବର୍ଷରେ ମାଲ୍ ପରିବହନ ୧୧୩.୭ ପ୍ରତିଶତର ଜବରଦସ୍ତ ବୃଦ୍ଧି ଦେଖାଯାଇଥିଲା। ତେବେ ୨୦୧୧-୧୨ରୁ ୨୦୧୮-୧୯ ମଧ୍ୟରେ ଏଥିରେ ମାତ୍ର ୪.୯% ବୃଦ୍ଧି ଦେଖାଯାଇଛି।

### ଅଶୋଧିତ ତେଲ ଆମଦାନୀ ହ୍ରାସ

ଅଶୋଧିତ ତେଲ ଆମଦାନୀ ମଧ୍ୟ ଅର୍ଥନୀତିର ଅବସ୍ଥାକୁ ସୂଚାଇଥାଏ। ଅଶୋଧିତ ତେଲ, ଏହାର ସହାୟକ ଉତ୍ପାଦ ଡିଜେଲ, ଏଲ୍‌ପିଜି, ନାପ୍‌ଥା, ଜେଟ୍ ଇନ୍ଧନ, ଲ୍ୟୁବ୍ ଅଏଲ୍ ଆଦି ଆମଦାନୀ କରାଯାଇଥାଏ। ଦେଶର ଇନ୍ଧନ ଆବଶ୍ୟକତା ଏହାଦ୍ୱାରା ପୂରଣ କରାଯାଏ। ପେଟ୍ରୋଲିୟମ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଚଳିତ ଦଶକର ୮ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୧-୧୨ରୁ ୨୦୧୮-୧୯ ମଧ୍ୟରେ ଭାରତର ମୋଟ ଅଶୋଧିତ ତେଲ ଆମଦାନୀ ବୃଦ୍ଧି ପାଇ ୧୮୭.୫୮ ମିଲିୟନ ଟନରେ ପହଞ୍ଚିଥିଲା। ଏଭଳି ଭାବେ ଏଥିରେ ମୋଟ ୩୮.୧୭ ପ୍ରତିଶତ ଏବଂ ବାର୍ଷିକ ୪.୮ପ୍ରତିଶତ ବୃଦ୍ଧି ପାଇଛି। ତେବେ ୨୦୧୮-୧୯ରେ ତୈଳ ଆମଦାନୀରେ ୧.୩% ହ୍ରାସ ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ଗତ ଦଶକର ୮ ବର୍ଷ ଅର୍ଥାତ୍ ୨୦୦୦-୦୧ରୁ ୨୦୦୮-୦୯ ମଧ୍ୟରେ ଭାରତର ଅଶୋଧିତ ତୈଳ ଓ ଅନ୍ୟାନ୍ୟ ଉତ୍ପାଦର ଆମଦାନୀ ବୃଦ୍ଧି ପାଇ ୮୫.୭୨ ମିଲିୟନ ଟନରୁ ୧୫୧.୩୬ ମିଲିୟନ ଟନରେ ପହଞ୍ଚିଯାଇଥିଲା। ଏଭଳି ଭାବେ ଏହି ଅବଧିରେ ତୈଳ ଆମଦାନୀ ୭୬.୫୮% ଏବଂ ବାର୍ଷିକ ହାରରେ ୯.୬%ର ଜବରଦସ୍ତ ବୃଦ୍ଧି ଦେଖିବାକୁ ମିଳିଛି।

## ୧୮ ବ୍ୟାଙ୍କରେ ୩୨ ହଜାର କୋଟିର ଠକେଇ

ନୂଆଦିଲ୍ଲୀ,୮-୯




ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ(ଏପ୍ରିଲ-ଜୁନ୍)ରେ ୧୮ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ମୋଟ୍ ୩୧,୮୯୮.୬୩ କୋଟି ଟଙ୍କାର ୨୪୮୦ ମାମଲା ଧରାପଡିଛି। ଦେଶର ଶୀର୍ଷ ବ୍ୟାଙ୍କ ଏସ୍‌ବିଆଇରେ ସର୍ବାଧିକ ଠକେଇ, ଜାଲିଆତି ଧରାପଡିଛି। ଠକେଇ କାରଣରୁ ଏସ୍‌ବିଆଇ ସବୁଠାରୁ ବେଶି ୩୮% ଅର୍ଥ ହରାଇଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରଦତ୍ତ ଆର୍‌ଟିଆଇ ତଥ୍ୟରୁ ଜଣାପଡିଛି। ମଧ୍ୟପ୍ରଦେଶର ଆର୍‌ଟିଆଇ କର୍ମୀ ଚନ୍ଦ୍ରଶେଖର ଗୌଡଙ୍କ ପକ୍ଷରୁ ଏ ସମ୍ପର୍କରେ ତଥ୍ୟ ମଗାଯାଇଥିଲା। ସେ କହିଛନ୍ତି ଯେ, ଏସ୍‌ବିଆଇରେ ୧୨,୦୧୨.୭୭ କୋଟି ଟଙ୍କାର ସର୍ବାଧିକ ୧୧୯୭ ଠକେଇ ମାମଲା ଧରାପଡିଛି। ଏହିଅବଧିରେ ଆଲ୍ଲାହାବାଦ୍ ବ୍ୟାଙ୍କ ଦ୍ୱିତୀୟ ସ୍ଥାନରେ ରହିଛି। ଏହାର ୨୮୫୫.୪୬ କୋଟି ଟଙ୍କାର ୩୮୧ ମାମଲା ସାମ୍ନାକୁ ଆସିଛି। ଏହାପରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ମୋଟ ୨୫୨୬.୫୫ କୋଟି ଟଙ୍କାର ୯୯ ମାମଲା ରହିଛି। ତେବେ ଠକେଇ କରାଯିବାର ପଦ୍ଧତି, ବ୍ୟାଙ୍କ ଓ ଗ୍ରାହକଙ୍କୁ ହୋଇଥିବା କ୍ଷତି ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଇନାହିଁ। ନିଜ ପାଖରେ ତଥ୍ୟ ଉପଲବ୍ଧ ନ ଥିବା କେନ୍ଦ୍ରୀୟ ବ୍ୟାଙ୍କ କହିଛି। ସେହିପରି ବ୍ୟାଙ୍କ ଅଫ୍ ବରୋଦାର ୨୨୯୭.୦୫ କୋଟି ଟଙ୍କାର ୭୫ ମାମଲା, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ୨୧୩୩.୦୮ କୋଟି ଟଙ୍କାର ୪୫ ମାମଲା, କାନାରା ବ୍ୟାଙ୍କର ୨୦୩୫.୮୧ କୋଟି ଟଙ୍କାର ୬୯ମାମଲା, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୯୮୨.୨୭ କୋଟି ଟଙ୍କାର ୧୯୪ ମାମଲା, ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୯୬.୧୯ କୋଟି ଟଙ୍କାର ୩୧ ଠକେଇ ମାମଲା ସାମ୍ନାକୁ ଆସିଛି। ଆଲୋଚ୍ୟ ଅବଧିରେ କର୍ପୋରେଶନ ବ୍ୟାଙ୍କର ୧୬ ମାମଲାରେ ୯୬୦.୮୦ କୋଟି ଟଙ୍କା, ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ୪୬ ମାମଲାରେ ୯୩୪.୬୭ କୋଟି ଟଙ୍କା, ସିଣ୍ଡିକେଟ ବ୍ୟାଙ୍କର ୫୪ ମାମଲାରେ ୭୯୫.୭୫ କୋଟି ଟଙ୍କା, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ୫୧ ମାମଲାରେ ୭୫୩.୩୭ କୋଟି ଟଙ୍କା, ବ୍ୟାଙ୍କ ଅଫ୍ ଇଣ୍ଡିଆର ୪୨ ମାମଲାରେ ୫୧୭.୨୦ କୋଟି ଟଙ୍କା, ୟୁକୋ ବ୍ୟାଙ୍କର ୩୪ ମାମଲାରେ ୪୭୦.୭୪ କୋଟି ଟଙ୍କା, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ୮୫ ମାମଲାରେ ୨୫୩.୪୩ କୋଟି ଟଙ୍କା, ଆନ୍ଧ୍ରା ବ୍ୟାଙ୍କରେ ୨୩ ମାମଲାରେ ୧୩୬.୨୭ କୋଟି ଟଙ୍କା, ଇଣ୍ଡିଆନ ବ୍ୟାଙ୍କରେ ୩୭ ମାମଲାରେ ୩୭.୧୭ କୋଟି ଟଙ୍କା ଏବଂ ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କରେ ଗୋଟିଏ ମାମଲାରେ ୨.୨ ଲକ୍ଷ ଟଙ୍କା ଠକେଇ ହୋଇଥିବା ଜଣାପଡିଛି।

**ଆର୍‌ଟିଆଇ ତଥ୍ୟ**

- ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ମୋଟ୍ ୨୪୮୦ ମାମଲା
- ଏସ୍‌ବିଆଇ ହରାଇଛି ସର୍ବାଧିକ ୩୮% ଅର୍ଥ
- ଆଲ୍ଲାହାବାଦ୍ ବ୍ୟାଙ୍କ ଦ୍ୱିତୀୟ ସ୍ଥାନରେ

## ମାନ୍ଦାବସ୍ଥା ମାଡ: ସୁଜୁକି ମୋଟର କ୍ଷମତା ବିସ୍ତାରକୁ ରୋକିଲା

ନୂଆଦିଲ୍ଲୀ,୮-୯



ମାନ୍ଦାବସ୍ଥା କାରଣରୁ ଦେଶରେ ଦୁଇଚକିଆ ଗାଡ଼ି ବିକ୍ରି କ୍ରମାଗତ ହ୍ରାସ ପାଇଚାଲିଛି। ଏଥିସହ ୨୦୨୦ ଏପ୍ରିଲରୁ ଦେଶରେ ଭାରତ ଷ୍ଟେଜ୍-୬କୁ କାର୍ଯ୍ୟକାରୀ କରାଯିବ। ଏହି କାରଣରୁ ସୁଜୁକି ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ନିଜର କ୍ଷମତା ବିସ୍ତାର ଲାଗି ପ୍ରସ୍ତାବିତ ନିବେଶକୁ ବର୍ତ୍ତମାନ ପାଇଁ ଟାଳିଦେଇଛି। କମ୍ପାନୀ ଉପାଧ୍ୟକ୍ଷ (ବିକ୍ରି ଏବଂ ବିପଣନ) ଦେବାଶିଷ ହାଣ୍ଡା କହିଛନ୍ତି ଯେ, କ୍ଷମତା ବିସ୍ତାର କରାଯିବାର ପ୍ରସ୍ତାବ ରହିଛି। ତେବେ ଏହାକୁ ତତ୍କାଳ କରାଯିବ ନାହିଁ। ନୂଆ ସୁବିଧାଯୁକ୍ତ କାରଖାନା ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି। ତେବେ ଦେଶ ବିଏସ୍-୪ରୁ ବିଏସ୍-୬କୁ ପରିବର୍ତ୍ତନକୁ କିଭଳି ଗ୍ରହଣ କରୁଛି, ତାହାକୁ ଦୃଷ୍ଟିରେ ରଖି ନିବେଶ କରାଯିବ। କାରଣ ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏବଂ କମ୍ପାନୀ ଏହା ଉପରେ ନଜର ରଖିଛି। ସେ କହିଛନ୍ତି ଯେ, କମ୍ପାନୀର ଗୁରୁଗ୍ରାମଠାରେ ବାର୍ଷିକ ୧୦ ଗାଡ଼ି ନିର୍ମାଣ କରିପାରୁଥିବା ଏକ କାରଖାନା ରହିଛି। କମ୍ପାନୀ ଘରୋଇ ବଜାରରେ ୮ ଲକ୍ଷ ବିକ୍ରି କରିବା ଏବଂ ବିଦେଶକୁ ୧ ଲକ୍ଷ ଗାଡ଼ି ରପ୍ତାନି କରିବାର ଲକ୍ଷ୍ୟଧାର୍ଯ୍ୟ କରିଛି। କମ୍ପାନୀର ବିସ୍ତାର ନିଶ୍ଚିତ ହେବ। ମାନ୍ଦାବସ୍ଥା ଆସି ନ ଥିଲେ ବହୁ ଦିନ ପୂର୍ବରୁ ବିସ୍ତାର କାର୍ଯ୍ୟ ଆରମ୍ଭ ହୋଇଯାଇଥାନ୍ତା ବୋଲି ହାଣ୍ଡା କହିଛନ୍ତି।

## ବ୍ୟାଙ୍କଗୁଡ଼ିକର ଚାପଗ୍ରସ୍ତ ସମ୍ପତ୍ତି ବଢ଼ିବ

ନୂଆଦିଲ୍ଲୀ,୮-୯

**ମୁଡିଜ୍‌ର ଆକଳନ**



ଦେଶର ବ୍ୟାଙ୍କଗୁଡିକ ଏବେ ସମସ୍ୟା ଦେଇ ଗତି କରୁଥିବା ବେଳେ ବ୍ୟାଙ୍କରପ୍ସି (ଦେବାଳିଆ) ମାମଲାର ସମାଧାନ ବିଳମ୍ବିତ ହେଉଛି। ଏହି କାରଣରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅନାଦାୟ(ଏନ୍‌ପିଏ)ବା ଚାପଗ୍ରସ୍ତ ଋଣ ପରିମାଣ ବୃଦ୍ଧି ପାଇବ ମୁଡିଜ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଏକ୍ଷେତ୍ରରେ ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର ହେବାର ଆଶଙ୍କା ଉପୁଜିଛି। ଇଟାଲି ଏଭଳି ସମସ୍ୟା ସହ ଜୁଝିଥିବା ବେଳେ ଏହାର ସ୍ଥିତି ଠିକ୍ କରିବାକୁ ସକ୍ଷମ ହୋଇଛି। ଉକ୍ତ ରାଷ୍ଟ୍ର ଏହାର ବ୍ୟାଙ୍କଗୁଡିକର ଋଣ ଅସୁଲ ଧାରାକୁ ତ୍ୱରାନ୍ୱିତ କରିଛି। ମୁଡିଜ୍ ଇନଭେଷ୍ଟରର୍ସ ସର୍ଭିସ ପକ୍ଷରୁ କ୍ରେଡିଟ ସୁଇସ ଏଜିକୁ ପ୍ରଦାନ କରାଯାଇଥିବା ରିପୋର୍ଟ ମୁତାବକ, ଏସିଆର ଦେଶଗୁଡିକର ବ୍ୟାଙ୍କିଂ ସିଷ୍ଟମରେ ଚାପଗ୍ରସ୍ତ ଋଣ ସମ୍ପତ୍ତି ବଢ଼ିବ। ବ୍ୟାଙ୍କଗୁଡ଼ିକ ପକ୍ଷରୁ ପ୍ରଦାନ କରାଯାଇଥିବା ମୋଟ ଋଣର ୨.୪% ଚାପଗ୍ରସ୍ତ ହେବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏଥିରେ କୁହାଯାଇଛି ଯେ, ଜୁନ ସୁଦ୍ଧା ଚାପଗ୍ରସ୍ତ ଋଣ ପରିମାଣ ଅନୁପାତ ସର୍ବାଧିକ ୯.୬% ଛୁଇଁପାରେ। ପ୍ରମୁଖ ଅର୍ଥନୀତିଗୁଡିକ କ୍ଷେତ୍ରରେ ଏହା ସର୍ବାଧିକ ବୋଲି କ୍ରେଡିଟ ସୁଇସକୁ ଦିଆଯାଇଥିବା ରିପୋର୍ଟରେ କୁହାଯାଇଛି। ଇଟାଲିରେ ଏହି ଅନୁପାତ ଗତ ୩ ବର୍ଷ ଧରି ପ୍ରାୟ ୮.୫% ରହିଛି ଏଥିରେ ଦର୍ଶାଯାଇଛି।

ଭାରତ କଥା ବିଚାରକୁ ନେଲେ, ଚାପଗ୍ରସ୍ତ ସମ୍ପତ୍ତି ପରିମାଣ ହ୍ରାସ କରିବା ଦିଗରେ ସରକାର ସେତେଟା ଆଖିଦୃଶିଆ କାର୍ଯ୍ୟ କରିନାହାନ୍ତି। ଏହା ଦେଶର ଆର୍ଥିକ ଅଭିବୃଦ୍ଧି ଉପରେ ଗଭୀର ପ୍ରଭାବ ପକାଉଛି। ଭାରତର ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ବିଫଳତା, ବ୍ୟାଙ୍କ କ୍ଷେତ୍ରରେ ଋଣ ପ୍ରଦାନ ସମସ୍ୟା ଏବଂ ବ୍ୟାଙ୍କରପ୍ସି କାର୍ଯ୍ୟଧାରାରେ ବିଳମ୍ବ ବ୍ୟାଙ୍କଗୁଡିକ ଲାଗି ଆହ୍ୱାନ ସୃଷ୍ଟି କରିଛି। ଏଭଳି ସମସ୍ୟା ସେମାନଙ୍କର ବାଲାନ୍ସ ସିଟ୍‌କୁ ପ୍ରଭାବିତ କରିଛି। ଉକ୍ତ ପ୍ରସଙ୍ଗ ଉପରେ ମତ ରଖି ନିବେଶ ଫାର୍ମ ମର୍ସେଲସ୍ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସ ଲିମିଟେଡର ପ୍ରତିଷ୍ଠାତା ସୌରଭ ମୁଖାର୍ଜୀ କହିଛନ୍ତି ଯେ, ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଯାଇଥିବାରୁ ଏହା ଏନ୍‌ପିଏ ବଢ଼ାଇବ। ଆଇଏଲ୍‌ଆଣ୍ଡଏଫ୍‌ଏସ୍ ବୁଡିବାର ଗୋଟିଏ ବର୍ଷ ପୂରଣ ହେବାକୁ ଥିବା ବେଳେ ଏନ୍‌ପିଏ ବୃଦ୍ଧିର ଆଶଙ୍କା ଉପୁଜିଛି।


ବ୍ଲୁମବର୍ଗ ତଥ୍ୟ ମୁତାବକ, ୨୦୧୭ରେ ବ୍ୟାଙ୍କରପ୍ସି କୋର୍ଟକୁ ଯାଇଥିବା ଦେଶର ୧୨ ସର୍ବବୃହତ ଋଣ ମାମଲା ମଧ୍ୟରୁ ଅଦ୍ୟାବଧି ମାତ୍ର ୬ଟିର ସମାଧାନ ହୋଇଛି। ଉକ୍ତ କ୍ଷେତ୍ରରେ ନିୟମରେ ରହିଥିବା ଅସୁବିଧା, ଭିତ୍ତିଭୂମି ଅଭାବ ଯୋଗୁ ୨୭୦ ଦିନ ମଧ୍ୟରେ ମାମଲାର ସମାଧାନ ଦିଗରେ ଏହା ବାଧା ଉପୁଜାଉଛି। ଏକ୍ଷେତ୍ରରେ ପୁରୁଣା ମାମଲାଗୁଡିକର ସମାଧାନ ସରକାରଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ ରହିବ। ଜୁନ ତ୍ରୈମାସରେ ଅଭିବୃଦ୍ଧି ୫%କୁ ଖସିଥିବାରୁ ମାମଲାଗୁଡିକ ସମାଧାନ ହେଲେ ଅର୍ଥନୀତିକୁ ଗତିଶୀଳ କରାଇବା ଲାଗି ବ୍ୟାଙ୍କଗୁଡିକ ଋଣ ପ୍ରଦାନ କରିବାକୁ ସକ୍ଷମ ହେବେ। ମାନ୍ଦାବସ୍ଥା ବିରୋଧରେ ଲଢ଼ିବା ଲାଗି ସରକାର ଏନ୍‌ପିଏ କମାଇବା ଏବଂ ଛୋଟ ଛୋଟ ବ୍ୟାଙ୍କଗୁଡିକର ମିଶ୍ରଣ ନେଇ ପଦକ୍ଷେପ ନେଇଛନ୍ତି। ନୂଆ ବ୍ୟାଙ୍କରପ୍ସି ଧାରାକୁ ଲାଗୁ କରିବାରେ ବିଳମ୍ବ, ଚାପଗ୍ରସ୍ତ ସମ୍ପତ୍ତି ନିୟମରେ ପରିବର୍ତ୍ତନ ଏବଂ ଅର୍ଥନୈତିକ ମାନ୍ଦାବସ୍ଥା ଏନ୍‌ପିଏ ଅସୁଲ ଦିଗରେ ବାଧକ ବୋଲି ଆଦିତ୍ୟ କନସଲଟିଂର ପରିଚାଳନା ପାର୍ଟନର ମାଥ୍ୟୁ ଆଣ୍ଟୋନୀ କହିଛନ୍ତି। ଅପରପକ୍ଷରେ ବ୍ୟାଙ୍କଗୁଡିକ ଇଟାଲୀ ଭଳି ଚାପଗ୍ରସ୍ତ ସମ୍ପତ୍ତି ବିକ୍ରି ଲାଗି କିଛିଟା କୋହଳ ନୀତି ଆପଣାଉ ଥିବା ସେ ପ୍ରକାଶ କରିଛନ୍ତି।

## ନିବେଶକଙ୍କ ପସନ୍ଦ ପାଲଟୁଛି ସୁନା

ନୂଆଦିଲ୍ଲୀ,୮-୯

ଦେଶରେ ଆର୍ଥିକ ମାନ୍ଦାବସ୍ଥା ଲାଗି ରହିଥିବାରୁ ସୁନା ଏବଂ ରୁପା ଦର ବଢ଼ି ଚାଲିଛି। ବଜାରରେ ସୁନାର ଦର ବୃଦ୍ଧି ଆଗାମୀ କିଛି ସମୟ ପର୍ଯ୍ୟନ୍ତ ଲାଗି ରହିବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ବିଶ୍ୱ ସ୍ତରରେ ମାନ୍ଦାବସ୍ଥା, ପୁଞ୍ଜି ବଜାରରେ ହ୍ରାସ ଏବଂ ପ୍ରପର୍ଟି ବଜାରର ସ୍ଥିତି ଏତେଟା ଭଲ ନ ଥିବାରୁ ସୁନାରେ ନିବେଶ କରିବାକୁ ଲୋକମାନେ ଏବେ ପସନ୍ଦ କରୁଥିବା ଜଣାପଡିଛି। ଦୀପାବଳି ସମୟରେ ସୁନା ଦର ନୂଆ ରେକର୍ଡ କରିବା ନେଇ ବିଶେଷଜ୍ଞ ଅନୁମାନ କରିଛନ୍ତି। ଚଳିତ କ୍ୟାଲେଣ୍ଡର ବର୍ଷରେ ସୁନାରେ ନିବେଶ କରିଥିବା ବ୍ୟକ୍ତି ବିଶେଷ ୨୦%ରୁ ଅଧିକ ଲାଭ ପାଇଛନ୍ତି। ଏହା ୨୦୧୮ରେ ମାତ୍ର ୬% ରହିଥିଲା। ଗତ ବର୍ଷ ୩୧ ଡିସେମ୍ବରରେ ନୂଆଦିଲ୍ଲୀରେ ସୁନାଦର ୧୦ ଗ୍ରାମ ପିଛା ୩୨,୨୭୦ ଟଙ୍କା ରହିଥିଲା। ଏହା ବର୍ତ୍ତମାନ ୩୯,୦୦୦ ସ୍ତରରେ ରହିଛି। ସେହିଭଳି ରୁପାର ଦର କିଲୋ ପ୍ରତି ୩୯ ହଜାରରୁ ୫୦ ହଜାର ଛୁଇଁଛି। ଦିଲ୍ଲୀର ବୁଲିୟନ ଆଣ୍ଡ ଜୁଏଲର୍ସ ଆସୋସିଏଶନ ଅଧ୍ୟକ୍ଷ ବିମଳ ଗୋଏଲ କହିଛନ୍ତି, ମାନ୍ଦାବସ୍ଥା ଯୋଗୁ ସୁନା ଦରରେ ବୃଦ୍ଧି ଘଟୁଛି। ଏହାବାଦ ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ବିଶ୍ୱ ବଜାରର ଅନ୍ୟାନ୍ୟ ସ୍ଥିତି ଯୋଗୁ ନିବେଶକମାନେ ସୁନାରେ ନିବେଶ ଲାଗି ଆଗଭର ହେଉଥିବା ସେ ସ୍ପଷ୍ଟ କରିଛନ୍ତି। ସେହିଭଳି ଡଲାର ତୁଳନାରେ ଟଙ୍କା ମୂଲ୍ୟ କମିବା ଯୋଗୁ ସୁନା ମଜଭୁତ ହୋଇଛି। ଏଣୁ ବର୍ତ୍ତମାନ ସମୟରେ ସୁନା ନିବେଶର ଏକ ଅଭିନ୍ନ ବିକଳ୍ପ ଭାବେ ଉଭା ହୋଇଛି।

### ୪୨ ହଜାର ସ୍ତର ଛୁଇଁପାରେ



ଦୀପାବଳି ସମୟରେ ଦେଶରେ ସୁନାଦର ୧୦ ଗ୍ରାମ ପିଛା ୪୨ ହଜାର ଟଙ୍କା ଛୁଇଁପାରେ। ସେହିଭଳି ଚାନ୍ଦୀ କିଲୋ ପିଛା ୫୨,୦୦୦ ଟଙ୍କା ଛୁଇଁବା ନେଇ ଅନୁମାନ କରାଯାଉଛି। ଭାରତୀୟ ସରାଫା ସଂଘ ଉପାଧ୍ୟକ୍ଷ ସୁରେନ୍ଦ୍ର ଜୈନ କହିଛନ୍ତି, ଟଙ୍କା ମୂଲ୍ୟ ହ୍ରାସ ହେବାରୁ ଏହାର ପ୍ରଭାବ ସୁନା ଉପରେ ପଡୁଛି। ଦେଶର ପୁଞ୍ଜି ବଜାର ଉପରେ ବିଦେଶୀ ନିବେଶକଙ୍କ ପ୍ରଭାବ ଯୋଗୁ ଟଙ୍କା ମୂଲ୍ୟ ଉପରେ ଲଗାତର ଚାପ ବଢ଼ି ଚାଲିଛି।

**ଚଳିତ କ୍ୟାଲେଣ୍ଡର ବର୍ଷରେ ସୁନାରେ ନିବେଶ କରିଥିବା ବ୍ୟକ୍ତି ବିଶେଷ ୨୦%ରୁ ଅଧିକ ଲାଭ ପାଇଛନ୍ତି**

### ବିକ୍ରି ଉପରେ ପ୍ରଭାବ

ସୁନା ଦାମ ବଢ଼ିବା ଲାଗି ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ବଜାର ପ୍ରଭାବ ଦାୟୀ ବୋଲି ଅଲଇଣ୍ଡିଆ ଜେମ୍‌ସ ଆଣ୍ଡ ଜୁଏଲେରି ଟ୍ରେଡର୍ସ ଫେଡେରେଶନ ପୂର୍ବତନ ଅଧ୍ୟକ୍ଷ ବଚ୍ଛରାଜ ବମାବଲା କହିଛନ୍ତି। ସେ କହିଛନ୍ତି, ଚଳିତ ବର୍ଷ ଶେଷ ଆଡକୁ ସୁନା ଦର ୧୦ ଗ୍ରାମ ପିଛା ୪୧, ୫୦୦ ଟଙ୍କା ଟପିପାରେ। ସୁନା ଦର ବଢ଼ିବା ଯୋଗୁ ବିକ୍ରି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିବା ନେଇ ସେ ଆଶଙ୍କା କରିଛନ୍ତି।



ଓମାନ ବିପକ୍ଷ ବିଶ୍ୱକପ୍ କ୍ୱାଲିଫାୟର୍ସକୁ ମୁଁ ମୋର ଅନ୍ତିମ ମ୍ୟାଚ ମନେ କରି ଖେଳିଥିଲି । ଦୁର୍ଭାଗ୍ୟବଶତଃ ଆମେ ଏହି ମ୍ୟାଚରେ ହାରିଯାଇଥିଲୁ।
–ଆଶିକ୍ କୁରୁନିୟାନ, ଭାରତୀୟ ମିଡ୍‌ଫିଲ୍ଡର



ବିଦେଶୀ ବ୍ୟାଡ୍‌ମିଣ୍ଟନ କୋଚ୍ କିମ୍ ଜି ହ୍ୟୁନ୍‌ଙ୍କ ମୂଲ୍ୟବାନ ପରାମର୍ଶ ଯୋଗୁ କିଛି ମାସ ମଧ୍ୟରେ ମୋ ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ଘଟିଛି।
–ପି. ଭି. ସିନ୍ଧୁ, ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି

# ଆଣ୍ଡ୍ରେସ୍କୁଙ୍କ ଐତିହାସିକ ସଫଳତା



ୟୁଏସ୍ ଓପନ୍ ଟାଇଟଲ ବିଜୟିନୀ ବାଏଙ୍କା ଆଣ୍ଡ୍ରେସ୍କୁ ଟ୍ରଫିକୁ ଚୁମ୍ବନ ଦେଉଛନ୍ତି ।

ନ୍ୟୁୟର୍କ,୮।୯(ଏଏଫପି)

୧୯ ବର୍ଷୀୟା କାନାଡ଼ା ମହିଳା ଟେନିସ୍ ତାରକା ବାଏଙ୍କା ଆଣ୍ଡ୍ରେସ୍କୁ ଏଥର ୟୁଏସ୍ ଓପନ୍ ଟାଇଟଲ ହାସଲ କରିଛନ୍ତି। ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ଫାଇନାଲ ମ୍ୟାଚରେ ଏହି ଉଦୀୟମାନ ମହିଳା ଖେଳାଳି ଆମେରିକାର ଅଭିଜ୍ଞ ତାରକା ସେରେନା ୱିଲିୟମ୍ସଙ୍କୁ ହରାଇ କ୍ୟାରିୟରରେ ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଶନିବାର ରାତିରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ୧୫ତମ ସିଡ୍ ମାନ୍ୟତା ପାଇଥିବା ଆଣ୍ଡ୍ରେସ୍କୁ ୬-୩, ୭-୫ ସେଟ୍‌ରେ ଅଷ୍ଟମ ସିଡ୍ ସେରେନାଙ୍କୁ ହରାଇ ଏହି ସଫଳତା ହାସଲ କରିଛନ୍ତି। ଏଥିସହ ସେ କାନାଡ଼ାର ପ୍ରଥମ ଖେଳାଳି ଭାବେ କୌଣସି ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଅନ୍ୟପଟେ ଏହି ପରାଜୟ ସେରେନାଙ୍କ ପାଇଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛି। ବିଜୟୀ ହୋଇଥିଲେ ସେରେନା କ୍ୟାରିୟରର ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥାନ୍ତେ ଓ ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ମହିଳା ଖେଳାଳି ମାର୍ଗରେଟ୍ କୋର୍ଟଙ୍କ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ରେକର୍ଡର ସମକକ୍ଷ ହୋଇଥାନ୍ତେ। କ୍ରମାଗତ ଦ୍ୱିତୀୟ ଥର ପାଇଁ ସେରେନା ୟୁଏସ୍ ଓପନ୍ ଫାଇନାଲରେ ପରାସ୍ତ ହୋଇଛନ୍ତି।

ସେମିଫାଇନାଲରେ ଆଣ୍ଡ୍ରେସ୍କୁ ସୁଇଜରଲାଣ୍ଡର ବେଲିଣ୍ଡା ବେନ୍‌କିକ୍‌ଙ୍କୁ ଏବଂ ସେରେନା ୟୁକ୍ରେନର ଏଲିନା ଭିଟୋଲିନାଙ୍କୁ ହରାଇ ଫାଇନାଲକୁ ଉଠିଥିଲେ। ଗତବର୍ଷ ଆଣ୍ଡ୍ରେସ୍କୁ ଯୋଗ୍ୟତା ପର୍ଯ୍ୟାୟର ଓପନିଂ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ ମଧ୍ୟ ଏଥର ବାଜି ମାରିଛନ୍ତି। ରୁଷିଆର ମାରିଆ ଶାରାପୋଭାଙ୍କ ପରେ ଆଣ୍ଡ୍ରେସ୍କୁ ସର୍ବକନିଷ୍ଠ ଖେଳାଳିଭାବେ ୟୁଏସ୍ ଓପନ ଟାଇଟଲ ହାସଲ କରିଛନ୍ତି। ଶାରାପୋଭା ୨୦୦୬ରେ ୟୁଏସ୍ ଓପନ୍‌ରେ ଚାମ୍ପିୟନ ହୋଇଥିଲେ। ଏହାପୂର୍ବରୁ ଆଣ୍ଡ୍ରେସ୍କୁ ରୋଜର୍ସ କପ୍‌ରେ ମଧ୍ୟ ସେରେନାଙ୍କୁ ହରାଇଥିଲେ। ଏଥି ସହିତ ଗତ ୬ଟି ପ୍ରମୁଖ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଏହା ସେରେନାଙ୍କ ଚତୁର୍ଥ ପରାଜୟ ସାବ୍ୟସ୍ତ ହୋଇଛି। ଏହି ଐତିହାସିକ ସଫଳତା ପରେ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଟୁଇଟ୍ କରି ଆଣ୍ଡ୍ରେସ୍କୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଟୁର୍ନାମେଣ୍ଟରେ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲ ମ୍ୟାଚ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ବୟସ ଅନ୍ତର ଦେଖିବାକୁ ମିଳିଛି। ଆଣ୍ଡ୍ରେସ୍କୁ ଓ ସେରେନାଙ୍କ ମଧ୍ୟରେ ୨୦ ବର୍ଷର ଅନ୍ତର ରହିଛି। ସେରେନା ପ୍ରଥମଥର ପାଇଁ ୧୯୯୯ରେ ୟୁଏସ୍ ଓପନ ଟାଇଟଲ ହାସଲ କରିଥିଲେ ଓ ଏହାର ଗୋଟିଏ ବର୍ଷ ପୂର୍ବରୁ ଆଣ୍ଡ୍ରେସ୍କୁ ଜନ୍ମଗ୍ରହଣ କରିଥିଲେ। ୨୦୧୭ରେ ଅଷ୍ଟ୍ରେଲିଆନ୍ ଓପନ୍ ଜିତିବା ପରେ ସେରେନା ୪ଟି ଗ୍ରାଣ୍ଡସ୍ଲାମ ଫାଇନାଲ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ଆଣ୍ଡ୍ରେସ୍କୁ ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିଥିବା ବେଳେ ସେରେନା ୩୩ତମ ଫାଇନାଲ ଖେଳିଥିଲେ।


## ସେରେନା ନିରାଶ

ୟୁଏସ୍ ଓପନ୍ ଫାଇନାଲ ପରାଜୟ ପରେ ଆମେରିକୀୟ ଅଭିଜ୍ଞ ମହିଳା ଟେନିସ୍ ତାରକା ସେରେନା ୱିଲିୟମ୍ସ ନୈରାଶ୍ୟ ଜାହିର କରିଛନ୍ତି। ଫାଇନାଲ ମ୍ୟାଚ୍‌ରେ ମୋର ପ୍ରଦର୍ଶନ ଅକ୍ଷମଣୀୟ ବୋଲି କହିଛନ୍ତି। ୨୦ ବର୍ଷ ତଳେ ସେରେନା ଏଠାରେ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଆଣ୍ଡ୍ରେସ୍କୁ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି ଓ ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ। ଫାଇନାଲରେ ତାଙ୍କର ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ତେବେ ମୋର ପ୍ରଦର୍ଶନ ଆଶାନୁରୂପ ହୋଇ ନ ଥିଲା ବୋଲି ସେରେନା କହିଛନ୍ତି। ମ୍ୟାଚ୍‌ରେ ସେରେନା ଏକାଧିକ ତ୍ରୁଟି କରିଥିଲେ। ସେରେନା ଫାର୍ଷ୍ଟ ସର୍ଭର ୪୪ ପ୍ରତିଶତ ହିଟ୍ କରିଥିଲେ। ସେହିପରି ସେ ସେକେଣ୍ଡ ସର୍ଭର ୪୩ରୁ ୩୦ ପଏଣ୍ଟ ଡ୍ରପ୍ କରିଥିଲେ। ଆହୁରି ଅଧିକ ଭଲ ପ୍ରଦର୍ଶନ କରିପାରିଥାନ୍ତି ସେ କହିଛନ୍ତି। ବିଜୟୀ ହୋଇଥିଲେ ସେରେନା ଅଷ୍ଟ୍ରେଲୀୟ ପୂର୍ବତନ ମହିଳା ଖେଳାଳି ମାର୍ଗାରେଟ କୋର୍ଟଙ୍କ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲର ସର୍ବକାଳୀନ ରେକର୍ଡର ସମକକ୍ଷ ହୋଇଥାନ୍ତେ। ଦୁଇବର୍ଷ ତଳେ ମା’ ହେବାର ସୌଭାଗ୍ୟ ଅର୍ଜନ କରିବା ପରେ ସେରେନା ଦୁଇଥର ୱିମ୍ବେଲଡନ ଓ ୟୁଏସ୍ ଓପନ୍ ଫାଇନାଲରେ ପରାସ୍ତ ହୋଇଛନ୍ତି। ଟାଇଟଲ ହାସଲର ଅତି ନିକଟରେ ପହଞ୍ଚିଥିଲେ ମଧ୍ୟ ବହୁ ଦୂରରେ ରହିଯାଇଥିଲି। ଏହା ମୋତେ କଷ୍ଟ ଦେଇଛି ବୋଲି ସେରେନା କହିଛନ୍ତି। ଚଳିତ ମାସ ଶେଷ ଆଡ଼କୁ ସେରେନା ୩୮ ବର୍ଷରେ ପଦାର୍ପଣ କରିବେ। ରେକର୍ଡ ହାସଲ କରିବାକୁ ଖେଳୁନାହିଁ। କେବଳ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାକୁ ଚେଷ୍ଟା କରୁଛି। ତେବେ ଆଗକୁ ଖେଳ ଜାରି ରଖିବା ସହ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରିବି ବୋଲି ସେରେନା ମ୍ୟାଚ୍ ପରେ କହିଛନ୍ତି। ପରାଜୟ ସତ୍ତ୍ୱେ ଷ୍ଟାଡିୟମରେ ଉପସ୍ଥିତ ଥିବା ୨୬ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ସେରେନାଙ୍କୁ ସମର୍ଥନ କରିଥିଲେ।



## ସଂକ୍ଷେପରେ

### ବିସିସିଆଇ କାର୍ଯ୍ୟକାରୀ ସମ୍ପାଦକଙ୍କୁ ନୋଟିସ



ନୂଆଦିଲ୍ଲୀ, ୮।୯ (ପି.ଟି.): ସୁପ୍ରିମକୋର୍ଟ ନିଯୁକ୍ତ ପ୍ରଶାସକ ସମିତି (ସିଓଏ) ରବିବାର ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧୁରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ନିକଟରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଓ ଏସିଆନ୍ କ୍ରିକେଟ୍ କାଉନସିଲ୍ (ଏସିସି) ବୈଠକରେ ଯୋଗଦେଇ ନ ଥିବାରୁ ଚୌଧୁରୀଙ୍କୁ ସିଓଏ ପକ୍ଷରୁ ଏହି ନୋଟିସ ଜାରି ହୋଇଛି। ଏଥିପୂର୍ବରୁ ନିକଟରେ ସମ୍ପାଦକ ଭାବେ ଚୟନ କମିଟି ବୈଠକ ଆୟୋଜନ ଲାଗି ଅମିତାଭଙ୍କୁ ସିଓଏ ପ୍ରତିବନ୍ଧକ ଲଗାଇଥିଲା। ଏହାସତ୍ତ୍ୱେ ସେ ଆଇସିସି ଓ ଏସିସି ନିକଟରେ ବିସିସିଆଇ ପ୍ରତିନିଧିତ୍ୱ ରହିଥିଲେ। ଆଗାମୀ ୭ଦିନ ମଧ୍ୟରେ ଚୌଧୁରୀଙ୍କୁ ନିଜ ପକ୍ଷ ରଖିବାକୁ କୁହାଯାଇଛି। ‘ଆଇସିସି ଓ ଏସିସିର ଅନ୍ତିମ ବୈଠକରେ ତୁମେ କେବଳ ଯୋଗ ଦେଇ ନାହିଁ ବରଂ ତୁମ ଉପଲବ୍ଧି ନେଇ ବିସିସିଆଇକୁ ଅନ୍ଧାରରେ ରଖିଥିଲ। ଲଣ୍ଡନରେ ହୋଇଥିବା ଆଇସିସି ସମ୍ମିଳନୀରେ ତୁମର ଅନୁପସ୍ଥିତି ନେଇ ସିଓଏ ଜୁଲାଇ ୧୪ରେ ଅବଗତ ହୋଇଥିଲା। ଏହି ବୈଠକରେ ତୁମେ ଯୋଗଦେଇ ପାରିବ ନାହିଁ ବୋଲି ଜୁଲାଇ ୧୨ରେ ଆଇସିସିକୁ ମେଲ୍ କରିଥିଲ। ଫଳରେ ବିସିସିଆଇ ଏହାର ପ୍ରତିନିଧି ପଠାଇବାରେ ବିଫଳ ହୋଇଥିଲା’ ବୋଲି ୩ ସଦସ୍ୟ ବିଶିଷ୍ଟ ସିଓଏ ନୋଟିସରେ ଏହା ଉଲ୍ଲେଖ ରହିଛି। ଏଠାରେ ଉଲ୍ଲେଖ ଯୋଗ୍ୟ, ଜୁଲାଇ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଲଣ୍ଡନରେ ଆଇସିସି ବୈଠନ ଅନୁଷ୍ଠିତ ହୋଇଥିଲା। ସେହିଭଳି ସେପ୍ଟେମ୍ବର ୩ରେ ବ୍ୟାଙ୍କକ୍‌ଠାରେ ଏସିସିର ବାର୍ଷିକ ସାଧାରଣ ବୈଠକ ବସିଥିଲା।

## ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ଡ୍ର ଆଜି

ଭୁବନେଶ୍ୱର, ୮।୯(କ୍ରୀଡ଼ା ପ୍ରତିନିଧି)

ଅଲିମ୍ପିକ୍ କ୍ୱାଲିଫାୟର୍ସର ଡ୍ର ଉଠାଣ ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍)ର ମୁଖ୍ୟ କାର୍ଯ୍ୟାଳୟ ଲାଉସାନେଠାରେ ସୋମବାର ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ମହିଳା ଓ ପୁରୁଷ ଦଳ ସାମିଲ ରହିଛି। ଏଫ୍‌ଆଇଏଚ୍ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଅଲିମ୍ପିକ୍ କ୍ୱାଲିଫାୟର୍ସରୁ ଇଜିପ୍ଟ ଓହରି ଯାଇଥିବାରୁ ପରବର୍ତ୍ତୀ ଶୀର୍ଷ ର୍‌ୟାଙ୍କ୍‌ପ୍ରାପ୍ତ ଦଳ ଏହି ଡ୍ରରେ ସାମିଲ ହେବ। ଏଫ୍‌ଆଇଏଚ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଥିଏରୀ ୱେଲ୍‌ଙ୍କ ଡ୍ର ଉଠାଣ କାର୍ଯ୍ୟକ୍ରମକୁ ପରିଚାଳନା କରିବେ। ଏହା ପରେ କେଉଁ ଦଳ କେଉଁଠାରେ ଘରୋଇ ଏବଂ ବାହାର ମ୍ୟାଚ ଖେଳିବ ତାହା ସ୍ପଷ୍ଟ ହେବ। ଅଲିମ୍ପିକ୍ କ୍ୱାଲିଫାୟର୍ସର କେତେକ ମ୍ୟାଚ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଅଲିମ୍ପିକ୍ କ୍ୱାଲିଫାୟର୍ସ ଚଳିତବର୍ଷ ଅକ୍ଟୋବର-ନଭେମ୍ବରରେ ଅନୁଷ୍ଠିତ ହେବ। ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବାଲାଗି ଦଳଗୁଡ଼ିକ ଏଥିରେ ଶେଷ ସୁଯୋଗ ପାଇବେ।

**ପୁରୁଷ ବିଭାଗ:** ପଟ୍-୧(ଆୟୋଜକ ଦଳ) ନେଦରଲାଣ୍ଡ୍ସ, ଭାରତ, ଜର୍ମାନୀ। ପଟ୍-୨(ଆୟୋଜକ ଦଳ) ଗ୍ରେଟ୍ ବ୍ରିଟେନ, ସ୍ପେନ, ନ୍ୟୁଜିଲାଣ୍ଡ, କାନାଡ଼ା। ପଟ୍-୩(ବାହାର ପରିବେଶରେ ଖେଳାଯିବାକୁଥିବା ଦଳ) ମାଲେସିଆ, ଫ୍ରାନ୍ସ, ଆୟର୍ଲାଣ୍ଡ, କୋରିଆ। ପଟ୍-୪(ବାହାର ପରିବେଶରେ ଖେଳିବାକୁଥିବା ଦଳ) ପାକିସ୍ତାନ, ଅଷ୍ଟ୍ରିଆ, ରୁଷିଆ।

**ମହିଳା ବିଭାଗ:** ପଟ୍-୧(ଆୟୋଜକ ଦଳ) ଅଷ୍ଟ୍ରିଆ, ଜର୍ମାନୀ, ଗ୍ରେଟ୍ ବ୍ରିଟେନ। ପଟ୍-୨(ଆୟୋଜକ ଦଳ) ସ୍ପେନ, ଆୟର୍ଲାଣ୍ଡ, ଭାରତ, ଚାଇନା। ପଟ୍-୩(ବାହାର ପରିବେଶରେ ଖେଳିବାକୁଥିବା ଦଳ) କୋରିଆ, ବେଲଜିୟମ, ଆମେରିକା, ରୁଷିଆ। ପଟ୍-୪(ବାହାର ପରିବେଶରେ ଖେଳିବାକୁଥିବା ଦଳ) ଇଟାଲୀ, ଚିଲି, ରୁଷିଆ।

## ୟୁରୋ କପ୍ ଯୋଗ୍ୟତା ପର୍ଯ୍ୟାୟ: ପର୍ତ୍ତୁଗାଲର ପ୍ରଥମ ବିଜୟ

ବେଲଗ୍ରେଡ୍,୮।୯(ଏଏଫ୍‌ପି): ୟୁରୋପିଆନ୍ ଚାମ୍ପିୟନ ପର୍ତ୍ତୁଗାଲ ୟୁରୋ କପ୍ ଯୋଗ୍ୟତା ପର୍ଯ୍ୟାୟରେ ତା’ର ପ୍ରଥମ ବିଜୟ ହାସଲ କରିଛି। ୨୦୨୦ ୟୁରୋ କପ୍ ପାଇଁ ଯୋଗ୍ୟତା ପର୍ଯ୍ୟାୟରେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ ଶନିବାର ଅନୁଷ୍ଠିତ ମୁକାବିଲାରେ ସର୍ବିୟାକୁ ୪-୨ ଗୋଲ୍‌ରେ ପରାସ୍ତ କରିଛି। ପର୍ତ୍ତୁଗାଲ ଆରମ୍ଭରୁ ପ୍ରଭାବ ବିସ୍ତାର କରି ଖେଳିଥିଲା। ପର୍ତ୍ତୁଗାଲ ତରଫରୁ ୪୨ତମ ମିନିଟ୍ ୱିଲିୟମ କାର୍ଭାଲୋ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ଗୋନକାଲୋ ଗୁଏଡ୍ସ ୫୮ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ତେବେ ୬୮ତମ ମିନିଟ୍‌ରେ ସର୍ବିୟାର ନିକେଲା ମିଲେନୋକୋଭିକ ଗୋଲ ପ୍ରଦାନ କରି ଗୋଲ ବ୍ୟବଧାନ କମାଇଥିଲେ। ଏହାପରେ ୮୦ତମ ମିନିଟ୍‌ରେ କ୍ରିଷ୍ଟିଆନୋ ରୋନାଲ୍ଡୋ ଗୋଲ ସ୍କୋର କରି ଅଗ୍ରଣୀ ବଢ଼ାଇଥିଲେ। ତେବେ ୮୫ତମ ମିନିଟ୍‌ରେ ସର୍ବିଆର ଆଲେକଜାଣ୍ଡର ମିଟ୍ରୋଭିକ୍ ଗୋଲ ସ୍କୋର କରିଥିଲେ। ତେବେ ଏହାର ଗୋଟିଏ ମିନିଟ ପରେ ବର୍ନାଡୋ ସିଲଭା ଗୋଲ ଦେଇ ପର୍ତ୍ତୁଗାଲକୁ ବିଜୟୀ କରାଇଥିଲେ। ଏଥିସହିତ ପର୍ତ୍ତୁଗାଲ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଦୁଇଟି ଡ୍ର ସହ ୫ ପଏଣ୍ଟ ପାଇ ଗ୍ରୁପ୍ ବି’ର ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଗ୍ରୁପ୍‌ରେ ୟୁକ୍ରେନ ୫ଟି ମ୍ୟାଚ୍ ଖେଳି ୪ ବିଜୟ ଓ ଗୋଟିଏ ଡ୍ର ସହ ୧୩ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି।



ସୌଭାଗ୍ୟ ବେହେରା(ବାମ) ଓ ଅନୁଜ ପଣ୍ଡା।

## ସୌଭାଗ୍ୟ, ଅନୁଜଙ୍କ ଆକର୍ଷଣୀୟ ପ୍ରଦର୍ଶନ

ଭୁବନେଶ୍ୱର, ୮।୯(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ପଟିଆସ୍ଥିତ ୬ ପକେଟ୍ସଠାରେ ଚାଲିଥିବା ଇଷ୍ଟ ଜୋନ୍ ସ୍ନୁକର ଚାମ୍ପିୟନଶିପ୍‌ର ରବିବାର ଚତୁର୍ଥ ଦିବସରେ ସୌଭାଗ୍ୟ ବେହେରା ଓ ଅନୁଜ ପଣ୍ଡା ଆକର୍ଷଣୀୟ ପ୍ରଦର୍ଶନ କରି ଆଗକୁ ବଢ଼ିଛନ୍ତି। ସୌଭାଗ୍ୟ ୩-୨ ଫ୍ରେମ୍‌ରେ ସିଦ୍ଧାର୍ଥ ସେନ୍ ଏବଂ ଅନୁଜ ୩-୨ରେ ରୁମିତ ଗୁପ୍ତାଙ୍କୁ ପରାସ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅମିୟ ନାୟକ ୩-୧ ଫ୍ରେମ୍‌ରେ ଶୁଭ୍ରଜିତ ପଟ୍ଟନାୟକ, ଜିତେନ ଷଡ଼ଙ୍ଗୀ ୩-୦ରେ ଖାଲିଦ ସୁଲତାନ, ରଣଜିତ ପତି ୩-୧ରେ ଗୋବିନ୍ଦ ଶର୍ମା, ଅଶ୍ୱିନ ପଟ୍ଟନାୟକ ଛତିଶଗଡ଼ର ବିକାଶ ଅଗ୍ରୱାଲଙ୍କୁ ୩-୦ରେ ହରାଇ ଦେଇଛନ୍ତି। ଶନିବାର ରାତିରେ ଅନୁଷ୍ଠିତ ୨ଟି ମ୍ୟାଚରେ ସୌଭାଗ୍ୟ ୩-୦ରେ ସନ୍ଦୀପ ବଡ଼ଜେନା, ଜାକିର ଖାଁ ୩-୦ରେ ଅବିନାଶ ମହାପାତ୍ରଙ୍କୁ ପରାସ୍ତ କରିଥିଲେ।

## ଜାତୀୟ ଜୁନିୟର ମହିଳା ବକ୍ସିଂରେ ଓଡ଼ିଶାର ୬

ଭୁବନେଶ୍ୱର, ୮।୯ (କ୍ରୀଡ଼ା ପ୍ରତିନିଧି)

ରୋହତକର ରାଜୀବ ଗାନ୍ଧୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ନ୍ୟାଶନାଲ ବକ୍ସିଂ ଏକାଡେମୀରେ ରବିବାରଠାରୁ ଆରମ୍ଭ ହୋଇଛି ଜାତୀୟ ଜୁନିୟର ମହିଳା ବକ୍ସିଂ ଚାମ୍ପିୟନଶିପ୍। ଏଥିରେ ଓଡ଼ିଶାର ୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ଓଡ଼ିଶା ଆମେଚର ବକ୍ସିଂ ଆସୋସିଏଶନ ଉପସଭାପତି ସୁଦର୍ଶନ ସାହୁଙ୍କ ସୂତ୍ରରୁ ପ୍ରକାଶ। ପ୍ରତିଯୋଗୀମାନେ ହେଲେ ରାନୀ ଦାସ(୪୪-୪୬ ଓଜନ ବର୍ଗ), ଅର୍ପିତା ଲାକ୍ରା (୪୬-୪୮), ଆୟୁଷ୍ମିତା ପାଣିଗ୍ରାହୀ(୫୨-୫୪), ରଜଲିଆ କୁଜୁର(୫୪-୫୭), ଅନୁରାଧା ଜେନା(୫୭-୬୦), ନୈନା ମୁଖୀ (୬୦-୬୩)। ପ୍ରତିଯୋଗିତା ଚଳିତ ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

## କିସ୍ ଜିତିଲା କାଲାଘାନ କପ୍




ଟ୍ରଫି ସହ ଚାମ୍ପିୟନ କିସ୍ ଦଳର ଖେଳାଳିମାନେ ।

ଭୁବନେଶ୍ୱର, ୮।୯ (କ୍ରୀଡ଼ା ପ୍ରତିନିଧି)

ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ପରିସରରେ ସର୍ବଭାରତୀୟ କାଲାଘାନ କପ୍ (ଡିଭିଜନ-୨) ରଗ୍‌ବୀ ୧୫ଏସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଗଡ଼ ରଗ୍‌ବୀ ଫୁଟବଲ ଆସୋସିଏଶନ(ସିଆରଏଫଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ କିସ୍ ଚାମ୍ପିୟନ ହୋଇଛି। ପ୍ରଥମ ମ୍ୟାଚରେ ଭୁବନେଶ୍ୱର ଦଳକୁ ୨୦-୫ ପଏଣ୍ଟରେ ହରାଇ ଅଭିଯାନ ଆରମ୍ଭ କରିଥିବା କିସ୍ ଦ୍ୱିତୀୟ ମ୍ୟାଚରେ ବାଇ ପାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ପର୍ଯ୍ୟାୟରେ ଦଳ ହରିୟାଣାକୁ ୪୫-୦ ପଏଣ୍ଟରେ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲା। ଟାଇଟଲ ପର୍ଯ୍ୟାୟରେ ଦଳ ଦିଲ୍ଲୀକୁ ୧୩-୮ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଥିଲା।

## ବିଶ୍ୱ ଫିଜିଓଥେରାପି ଡେ’ ଅବସରରେ ୱାକାଥନ




ଗଣେଶ ଚନ୍ଦ୍ର ଜେନା ପତାକା ଦେଖାଇ ୱାକାଥନର ଶୁଭାରମ୍ଭ କରୁଛନ୍ତି ।

ଭୁବନେଶ୍ୱର,୮।୯(କ୍ରୀଡ଼ା ପ୍ରତିନିଧି)

ବିଶ୍ୱ ଫିଜିଓଥେରାପି ଦିବସ ରବିବାର ଏଠାରେ ପାଳିତ ହୋଇଛି। ଏହି ଅବସରରେ ରାଜ୍ୟର ପ୍ରାୟ ୮୦ରୁ ୧୦୦ ଫିଜିଓଥେରାପିଷ୍ଟ ସହିଦ ନଗରସ୍ଥିତ ଦୁର୍ଗାମଣ୍ଡପଠାରେ ଏକତ୍ରିତ ହୋଇ ରାମ ମନ୍ଦିର ପର୍ଯ୍ୟନ୍ତ ୱାକାଥନ କରିଥିଲେ। ଅତିଥି ଭାବେ ଯୋଗଦେଇ ଏଭରେଷ୍ଟ ମାରାଥନର ଗଣେଷ ଚନ୍ଦ୍ର ଜେନା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ତର୍ଜାତୀୟ ମହିଳା କ୍ରିକେଟର ରୋଶନାରା ପରୱିନ ଉପସ୍ଥିତ ଥିଲେ। ଡ. ଅମ୍ଳାନ ମାଇତି ଓ ଡ. ସ୍ଥିତପ୍ରଜ୍ଞାଙ୍କ ନେତୃତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଡ. ମୁକ୍ତିପ୍ରସାଦ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଭରେଷ୍ଟ ଆରୋହି ଗଣେଷ ତାଙ୍କ ପାଇଁ ଫିଜିଓଥେରାପିର ଗୁରୁତ୍ୱ ସମ୍ପର୍କରେ ନିଜ ଅନୁଭୂତିରୁ ବର୍ଣ୍ଣନା କରିଥିଲେ। ମହିଳା କ୍ରିକେଟର ରୋଶନାରା ମଧ୍ୟ ଖେଳାଳିଙ୍କ ପାଇଁ ଫିଜିଓଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ପ୍ରକାଶ କରିଥିଲେ। ଫିଜିଓଥେରାପି ପ୍ରତି ସଚେତନା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଏକମାତ୍ର ଉଦ୍ଦେଶ୍ୟ ଥିଲା। ଆଣ୍ଠୁରେ ଯନ୍ତ୍ରଣା ହେଉ କିମ୍ବା ଶରୀରର ଅନ୍ୟ କୌଣସି ସ୍ଥାନରେ, ଫିଜିଓଙ୍କ ପରାମର୍ଶ ନେଇ ବ୍ୟାୟାମ କଲେ ଜଣେ ସାଧାରଣ ମଣିଷ ଫିଟ୍ ରହିବା ସମ୍ଭବ ହୋଇ ପାରିବ ବୋଲି ଏହି ଅବସରରେ ଫିଜିଓଥେରାପିଷ୍ଟମାନେ ସଚେତନ କରାଇଥିଲେ। ଓଡ଼ିଶାରେ ଫିଜିଓଥେରାପିଷ୍ଟଙ୍କ ସଂଖ୍ୟା ଏବେ ୪୦୦୦ ଟପିଲାଣି। କିନ୍ତୁ ରାଜ୍ୟରେ ଏମାନଙ୍କୁ ଉଚିତ ନ୍ୟାୟ ମିଳୁନାହିଁ। ଯେମିତି ଭାରତରେ ଫିଜିଓଥେରାପି କାଉନ୍‌ସିଲ ପାଇଁ ଇଣ୍ଡିଆନ ଆସୋସିଏଶନ ଅଫ ଫିଜିଓଥେରାପି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି ଓଡ଼ିଶାରେ ସେପରି କାଉନ୍‌ସିଲ ଗଠନ ପାଇଁ ଦାବି ହୋଇଆସୁଛି। ମାତ୍ର ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ଏଣୁ ଓଡ଼ିଶାରେ ଶୀଘ୍ର ଫିଜିଓଥେରାପି କାଉନ୍‌ସିଲ ଗଠନ କରାଯାଇ ଫିଜିଓଥେରାପିଷ୍ଟମାନଙ୍କୁ ନ୍ୟାୟ ଦେବାପାଇଁ ଦାବିକୁ ଦୋହରାଯାଇଛି।

## ଭାରତ- ଅଷ୍ଟ୍ରେଲିଆ ଉଦ୍‌ଘାଟନୀ ମ୍ୟାଚ୍

### ମହିଳା ଟି୨୦ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ

ଦୁବାଇ,୮।୯

ଥାଇଲାଣ୍ଡ ଓ ବାଂଲାଦେଶ ଦମ୍‌ଦାର ପ୍ରଦର୍ଶନ କରି ଯୋଗ୍ୟତା ହାସଲ କରିବା ପରେ ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଆଗାମୀ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୨୦୨୦ ମହିଳା ଟି୨୦ ବିଶ୍ୱକପ୍‌ର କାର୍ଯ୍ୟସୂଚୀ ଘୋଷିତ ହୋଇଛି। ଆଇସିସି ତରଫରୁ ରବିବାର ଏ ନେଇ ଘୋଷଣା କରାଯାଇଛି। ସ୍କଟଲାଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍ କ୍ୱାଲିଫାଇଙ୍ଗ୍ ଇଭେଣ୍ଟରେ ବିଜୟୀ ହେବା ପରେ ବାଂଲାଦେଶ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ସହ ବାଂଲାଦେଶ ଗ୍ରୁପ୍ ଏ’ରେ ସ୍ଥାନ ପାଇଛି। ଅନ୍ୟପଟେ ୧୨ ବର୍ଷ ତଳେ ପ୍ରଥମ ଓ ଶେଷଥର ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଥାଇଲାଣ୍ଡ ମହିଳା ଦଳ ଏଥର ଟି୨୦ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରି ଇତିହାସ ସୃଷ୍ଟି କରିଛି। ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ପାକିସ୍ତାନ ସହ ଥାଇଲାଣ୍ଡ ଗ୍ରୁପ୍ ବି’ରେ ସାମିଲ ହୋଇଛି।

“ବିଶ୍ୱକପ୍‌ରେ ହୁଏତ ମୁଁ ସ୍ୱର୍ଣ୍ଣ ଜିତିଥାଇପାରେ, ହେଲେ ଅଲିମ୍ପିକ ପଦକ ହାସଲ ପାଇଁ ବିଭିନ୍ନ ସ୍ତରରେ ମାନସିକ ସ୍ଥିରତା ଆଣିବାକୁ ହେବା
**-ଅଭିଷେକ ବର୍ମା, ଭାରତୀୟ ଶୁଟର**



“ଓଲ୍ଡଟ୍ରାଫୋର୍ଡଠାରେ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ଦଳର ଆବଶ୍ୟକତା ଦୃଷ୍ଟିରୁ ଆକ୍ରମଣାତ୍ମକ ୮୨ ରନ କରିପାରିଥିବାରୁ ମୁଁ ଖୁସି ଏବଂ ଗର୍ବିତ।**-ଷ୍ଟିଭ ସ୍ମିଥ, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ**



## ସଂକ୍ଷେପରେ

### ଏଫ୍‌ଆଇଏଚ୍ ହକି ର୍ୟାଙ୍କିଙ୍ଗ
# ପୁରୁଷ ୫ମ, ମହିଳା ୯ମ

ଲାଉସାନେ (ସୁଇଜରଲାଣ୍ଡ), ୮।୯ (ପି.ଟି.)- ଓସେନିଆ କପ୍ ଶେଷ ହେବା ପରେ ରବିବାର ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପକ୍ଷରୁ ବିଶ୍ୱ ର୍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତୀୟ ପୁରୁଷ ଦଳ ୫ମ ସ୍ଥାନ ବଜାୟ ରଖିଥିବାବେଳେ ମହିଳା ଦଳ ଗୋଟିଏ ସ୍ଥାନ ପଦୋନ୍ନତି ପାଇ ୯ମ ସ୍ଥାନ ଦଖଲ କରିଛି। ଅଷ୍ଟ୍ରେଲିଆର ଓସେନିଆ କପ୍ ସଫଳତା ଯୋଗୁ ର୍ୟାଙ୍କିଙ୍ଗର ଶୀର୍ଷ ସ୍ଥାନରେ କୌଣସି ପରିବର୍ତ୍ତନ ଘଟିନାହିଁ। ଅଷ୍ଟ୍ରେଲିଆ ଓ ବେଲଜିୟମ ପୂର୍ବଭଳି ପ୍ରଥମ ଓ ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ହେଲେ ଦୁଇ ଦଳ ମଧ୍ୟରେ ପଏଣ୍ଟ ବ୍ୟବଧାନ ୨କୁ ହ୍ରାସ ପାଇଛି। ଅଷ୍ଟ୍ରେଲିଆର ପଏଣ୍ଟ ସଂଖ୍ୟା ୨୩୫୦ ରହିଛି। ର୍ୟାଙ୍କିଙ୍ଗ ତାଲିକାରେ ୟୁରୋପିଆନ ବ୍ରୋଞ୍ଜ ପଦକ ବିଜୟୀ ନେଦରଲାଣ୍ଡ୍ସ (୨୧୫୫) ତୃତୀୟ ଏବଂ ଏହା ପଛକୁ ପାନ୍ ଆମେରିକାନ ଗେମ୍ସ ସ୍ୱର୍ଣ୍ଣ ବିଜୟୀ ଆର୍ଜେଣ୍ଟିନା ରହିଛି। ଭାରତ(୧୮୨୩) ପୂର୍ବଭଳି ୫ମ ସ୍ଥାନରେ ରହିଥିବାବେଳେ ଜର୍ମାନୀ (୧୭୭୦) ଇଂଲଣ୍ଡ (୧୬୭୯)କୁ ହଟାଇ ୬ଷ୍ଠ ସ୍ଥାନ ଅଧିକାର କରିଛି। ୟୁରୋପିଆନ ରୌପ୍ୟ ବେଜିତା ସ୍ପେନ (୧୫୧୦) ୯ମ ସ୍ଥାନରୁ ୮ମ ସ୍ଥାନକୁ ଉଠିଛି। ଫଳରେ ନ୍ୟୁଜିଲାଣ୍ଡ (୧୪୫୯) ର୍ୟାଙ୍କିଙ୍ଗ ତାଲିକାରେ ଗୋଟିଏ ସ୍ଥାନ ତଳକୁ ଖସିଯାଇଛି। କାନାଡ଼ା ୧୦ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ବେଲ୍‌ଫସ ୟୁରୋହକି ଚାମ୍ପିୟନଶିପ୍‌ରେ ଟାଇଟଲ ସଫଳତା ପାଇଁ ମହିଳା ର୍ୟାଙ୍କିଙ୍ଗରେ ନେଦରଲାଣ୍ଡ୍ସ ପ୍ରଥମ ସ୍ଥାନ ବଜାୟ ରଖିଛି। ସେହିପରି ଅଷ୍ଟ୍ରେଲିଆ ପୂର୍ବଭଳି ଦ୍ୱିତୀୟ ସ୍ଥାନରେ ରହିଛି। ପାନ୍ ଆମେରିକାନ ଗେମ୍ସ ଚାମ୍ପିୟନ ଆର୍ଜେଣ୍ଟିନା ମଧ ତୃତୀୟ ସ୍ଥାନ ବଜାୟ ରଖିଛି। ୟୁରୋପିଆନ ରୌପ୍ୟ ପଦକ ବିଜେତା ଜର୍ମାନୀ ବର୍ତ୍ତମାନ ବିଶ୍ୱର ଚତୁର୍ଥ ଶ୍ରେଷ୍ଠ ଦଳ। ଇଂଲଣ୍ଡ ଗୋଟିଏ ସ୍ଥାନ ତଳକୁ ଖସି ୫ମରେ ରହିଛି।

# ଅଷ୍ଟ୍ରେଲିଆ ୧୮୫ ରନରେ ବିଜୟୀ

## ଚତୁର୍ଥ ଆଶେସ ଟେଷ୍ଟ

**ମାଞ୍ଚେଷ୍ଟର, ୮।୯**

ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଅନୁଷ୍ଠିତ ଚତୁର୍ଥ ଆଶେସ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ୧୮୫ ରନରେ ଇଂଲଣ୍ଡକୁ ହରାଇ ଦେଇଛି। ୩୮୩ ରନ ବିଜୟ ଲକ୍ଷ୍ୟର ପିଛା କରୁଥିବା ଇଂଲଣ୍ଡ ରବିବାର ୫ମ ତଥା ଅନ୍ତିମ ଦିବସରେ ଦ୍ୱିତୀୟ ଇନିଂସରେ ୧୯୭ ରନରେ ଅଲଆଉଟ ହୋଇ ଯାଇଛି। ଫଳରେ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଅଷ୍ଟ୍ରେଲିଆ ୨-୧ରେ ଅଗ୍ରଣୀଲାଭ କରିଛି। ବିଜୟୀ ଅଷ୍ଟ୍ରେଲିଆ ମ୍ୟାଚରୁ ବିଶ୍ୱ ଚାମ୍ପିୟନଶିପ୍ ଅନ୍ତର୍ଗତ ୨୪ ପଏଣ୍ଟ ପାଇଛି।

୪ର୍ଥ ଦିବସର ଅସମାପ୍ତ ସ୍କୋର ୧୮/୨ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ସତର୍କତାର ସହ ଆଗକୁ ବଢ଼ିଥିଲା। ତେବେ ସ୍କୋର ୬୬ରେ ପହଞ୍ଚାଇଥିବାବେଳେ ଜାସନ ରୟ (୩୧)ଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ଦେଇଥିଲେ ପ୍ୟାଟ୍ କୁମିନ୍ସ। ସମ୍ପ୍ରତି ଇଂଲଣ୍ଡର ବ୍ୟାଟିଂ ମେରୁଦଣ୍ଡ ବିବେଚିତ ହେଉଥିବା ବେନ୍ ଷ୍ଟୋକ୍ସ ମାତ୍ର ୧ ରନ କରି କୁମିନ୍ସଙ୍କ ବଲ୍‌ରେ ଆଉଟ ହେବାରୁ ଇଂଲଣ୍ଡର ପରାଜୟ ଆସନ୍ନ ହୋଇ ଯାଇଥିଲା। ଆରମ୍ଭରୁ ଭଲ ଖେଳି ଅର୍ଦ୍ଧଶତକ ହାସଲ କରିଥିବା ଜୋ ଡେନ୍‌ଲି ୧୨୩ ବଲ୍‌ରୁ ୫୩ ରନ କରିଥିବାବେଳେ ନାଥାନ ଲିୟନଙ୍କ ଶିକାର ହୋଇଥିଲେ। ପରେ ଉଇକେଟ କିପର ଜନି ବେୟାରଷ୍ଟୋ(୨୫ ରନ, ୬୧ ବଲ୍)ଙ୍କୁ ଆଉଟ କରି ମିଚେଲ ଷ୍ଟାର୍କ ଅଷ୍ଟ୍ରେଲିଆ ସ୍ଥିତିକୁ ଅଧିକ ମଜଭୁତ କରି ଦେଇଥିଲେ। ଶେଷଭାଗରେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିବା ଜୋସ ବଟଲରଙ୍କୁ କ୍ଲିନ୍ ବୋଲ୍ଡ କରି ଇଂଲଣ୍ଡ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲେ ଜୋଶ ହାଜେଲଉଡ୍। ୧୧୧ ବଲ୍‌ର ସମ୍ମୁଖୀନ ହୋଇଥିବା ବଟଲର ୪ ଚୌକା ସହାୟତାରେ ୩୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ଜୋଫ୍ରା ଆର୍ଚର ମାତ୍ର ୧ ରନ କରିବାକୁ ସକ୍ଷମ ହୋଇଥିଲେ। କ୍ରେଗ୍ ଓଭର୍ଟନ ଓ ଜ୍ୟାକ ଲିଚ୍ କିଛି ସମୟ ଲଢ଼େଇ କରିଥିଲେ ହେଁ ତାହା ଇଂଲଣ୍ଡକୁ ପରାଜୟରୁ ରକ୍ଷା କରିବା ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଓଭର୍ଟନ ୧୦୫ ବଲ୍‌ରୁ ୨୧ ଓ ଲିଚ୍ ୫୧ ବଲ୍‌ରୁ ୧୨ ରନ କରି ଆଉଟ ହୋଇଥିଲେ।



ଅଷ୍ଟ୍ରେଲିଆ ପକ୍ଷରୁ ସର୍ବାଧିକ ୪ଟି ଉଇକେଟ ନେଇଥିବା ପ୍ୟାଟ୍ କୁମିନ୍ସ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୪୯୭। **ଇଂଲଣ୍ଡ ପ୍ରଥମ ଇନିଂସ:** ୩୦୧। **ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୧୮୬/୬(ଘୋଷଣା)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୯୭/ଅଲଆଉଟ(ଜୋ ଡେନ୍‌ଲି-୫୩, ଜାସନ ରୟ-୩୧, ଜୋସ ବଟଲର-୩୪, କୁମିନ୍ସ-୪/୪୩, ହାଜେଲଉଡ-୨/୩୧, ଲିୟନ-୨/୫୧, ଷ୍ଟାର୍କ-୧/୪୬, ଲାବୁସ୍କାନ-୧/୯)।

# ଲେକ୍‌ରେକ୍ ଜିତିଲେ ଇଟାଲିଆନ ଗ୍ରାଁ ପ୍ରି

ମୋଞ୍ଜା,୮।୯ (ଏଏଫ୍‌ପି)

ଇଟାଲିଆନ ଗ୍ରାଁ ପ୍ରିରେ ବିଜୟ ସହ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ କ୍ରମାଗତ ଦ୍ୱିତୀୟ ଫର୍ମୁଲା ୱାନ୍ ଟାଇଟଲ ହାସଲ କରିଛନ୍ତି। ୨୦୧୦ ପରେ ଫେରାରି ନିଜ ମାଟିରେ ପ୍ରଥମ ବିଜୟ ହାସଲ କରିଛି। ୨୧ ବର୍ଷୀୟ ଲେକ୍‌ରେକ୍ ଗତ ରବିବାର ତାଙ୍କ କ୍ୟାରିୟରର ପ୍ରଥମ ଫର୍ମୁଲା ୱାନ ଟାଇଟଲ ବେଲିଜିଆନ ଗ୍ରାଁ ପ୍ରିରେ ଜିତିଥିଲେ। ଏହି ଟାଇଟଲକୁ ସେ ତାଙ୍କ ସାଥୀ ଆନ୍ଥୋନୀ ହ୍ୟୁବର୍ଟଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ହ୍ୟୁବର୍ଟଙ୍କର ଦିନକ ପୂର୍ବରୁ ଏକ ଫର୍ମୁଲା ୱାନ ରେସ୍‌ରେ ଦୁର୍ଘଟଣା ଯୋଗୁ ମୃତ୍ୟୁ ଘଟିଥିଲା। ଲେକ୍‌ରେକ୍ କହିଛନ୍ତି ଇଟାଲିଆନ ଗ୍ରାଁ ପ୍ରି ଜିତିବା ସହଜ ନ ଥିଲା। ଦେଢ ଲକ୍ଷରୁ ଅଧିକ ଉତ୍ସାହିତ ଦର୍ଶକଙ୍କ ଆଗରେ ମୁଁ ଆଦୌ କ୍ଳାନ୍ତ ଅନୁଭବ କରି ନ ଥିଲି। ମର୍ସିଡିଜର ଭାଲ୍‌ଟେରୀ ବୋଟା ଏବଂ ଲୁଇସ୍ ହାମିଲଟନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଲେକ୍‌ରେକ୍‌ଙ୍କ ଫେରାରି ଟିମ୍‌ମେଟ୍ ସେବାଷ୍ଟିଆନ ଭେଟେଲଙ୍କ ପାଇଁ ଖରାପ ଦିନ ଥିଲା। ବିପଜ୍ଜନକ ଗାଡ଼ି ଚାଳନା ପାଇଁ ପେନାଲ୍ଟି ହେବାରୁ ତାଙ୍କୁ ୧୩ତମ ସ୍ଥାନ ମିଳିଥିଲା। ଏଥିପାଇଁ ଅବଶ୍ୟ ସେ ପରେ କ୍ଷମା ମାଗିଥିଲେ। ଡ୍ରାଇଭର୍ସ ଚାମ୍ପିୟନଶିପ୍‌ରେ ୫ଥର ଚାମ୍ପିୟନ ହାମିଲଟନ ବର୍ତ୍ତମାନ ତାଙ୍କ ଟିମ୍‌ମେଟ ବୋଟାସଙ୍କଠାରୁ ୬୩ ପଏଣ୍ଟ ଆଗରେ ରହି ପୂର୍ବଭଳି ପ୍ରଥମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ରେନଲ୍ଟ ଟିମ୍‌ମେଟ୍ ନିକୋ ହକେନବର୍ଗଙ୍କୁ ପଛରେ ପକାଇ ଡାନିଲ ରିକାର୍ଡୋ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଆଲେକ୍‌ଜାଣ୍ଡର ଆଲବନ୍ (ରେଡ୍‌ବୁଲ୍), ସର୍ଗିଓ ପେରେଜ (ରେସିଂ ପଏଣ୍ଟ), ମାକ୍ସ ଭର୍ଷ୍ଟାପେନ (ରେଡ୍‌ବୁଲ୍), ଆଣ୍ଟୋନିଓ ଜିଓଭିନାଜି (ଆଲ୍‌ଫା ରୋମିଓ) ଏବଂ ଲାଣ୍ଡୋ ନୋରିସ ଯଥାକ୍ରମେ ୬ଷ୍ଠ, ୭ମ, ୮ମ , ୯ମ ଏବଂ ୧୦ମ ସ୍ଥାନରେ ରହିଥିଲେ।



ଇଟାଲିଆନ ଗ୍ରାଁପ୍ରି ଟ୍ରଫି ସହ ଚାର୍ଲ୍ସ ଲେକ୍‌ରେକ୍।

# ଐତିହାସିକ ବିଜୟ ଅଭିମୁଖେ ଆଫଗାନିସ୍ତାନ

**ଚାଟ୍ଟୋଗ୍ରାମ, ୮।୯**

ସ୍ଥାନୀୟ ଜହୁର ଅହମ୍ମଦ ଚୌଧୁରୀ ଷ୍ଟାଡିୟମରେ ଭ୍ରମଣକାରୀ ଆଫଗାନିସ୍ତାନ ବିପକ୍ଷରେ ଅନୁଷ୍ଠିତ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ବାଂଲାଦେଶ ପରାଜୟ ଦ୍ୱାରଦେଶରେ ପହଞ୍ଚିଛି। ୩୯୮ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରୁଥିବା ଘରୋଇ ବାଂଲାଦେଶ ରବିବାର ଚତୁର୍ଥ ଦିବସ ଶେଷ ସୁଦ୍ଧା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦ୍ୱିତୀୟ ଇନିଂସରେ ୪୪.୨ ଓଭରରେ ୬ ଉଇକେଟ୍ ହରାଇ ୧୩୬ ରନ୍ ସଂଗ୍ରହ କରିଛି। ଅଧିନାୟକ ଶାକିବ ଅଲ୍ ହାସନ ୩୯ ଓ ସୌମ୍ୟ ସର୍କାର କୌଣସି ରନ୍ ନ କରି ଅପରାଜିତ ରହିଛନ୍ତି। ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଓପନର୍ ଲିଟନ ଦାସ ୯, ଶାଦମନ ଇସଲାମ ୪୧, ମୋସାଡେକ ହୋସେନ ୧୨, ମୁଶଫିକର ରହିମ ୨୩, ମହମ୍ମଦୁଲ୍ଲା ୭ ଓ ମୋମିନୁଲ ହକ୍ ୩ ରନ୍ କରି ଆଉଟ୍ ହୋଇଛନ୍ତି। ପ୍ରଥମ ଇନିଂସରେ ୫ ଉଇକେଟ୍ ଅକ୍ତିଆର କରିଥିବା ଆଫଗାନିସ୍ତାନ ଅଧିନାୟକ ରଶିଦ ଖାଁ ୨ୟ ଇନିଂସରେ ମଧ ୩ ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇ ଦେଇଛନ୍ତି। ଜାହିର ଖାଁ ୨ ଓ ମହମ୍ମଦ ନବି ଗୋଟିଏ ଉଇକେଟ୍ ଅକ୍ତିଆର କରିଛନ୍ତି। ସୋମବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାବେଳେ ୪ ଉଇକେଟ୍ ସୁରକ୍ଷିତ ଥାଇ ବାଂଲାଦେଶକୁ ବିଜୟ ପାଇଁ ଆହୁରି ୨୬୨ ରନ୍ ଆବଶ୍ୟକ ହେଉଛି। ଅପରପକ୍ଷରେ ଯଦି ଆଫଗାନିସ୍ତାନ ଅନ୍ତିମ ଦିନରେ ୪ ଉଇକେଟ୍ ହାସଲ କରିନିଏ ତେବେ ଟେଷ୍ଟ ଇତିହାସରେ ଏହାର ପ୍ରଥମ ବିଜୟ ସ୍ୱାଦ ଚାଖିବ।

ପୂର୍ବରୁ ୧୩୭ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରି ୨ୟ ଇନିଂସ ଆରମ୍ଭ କରିଥିବା ଆଫଗାନିସ୍ତାନ ଶନିବାର ସୁଦ୍ଧା ୮ ଉଇକେଟ୍‌ରେ ୨୩୭ ରନ କରିଥିଲା। ରବିବାର ସକାଳେ ଦଳ ପୂର୍ବଦିନର ଅସମାପ୍ତ ସ୍କୋରରେ ଆଉ ୨୩ ରନ ଯୋଡ଼ି ୨୬୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର: ଆଫଗାନିସ୍ତାନ ପ୍ରଥମ ଇନିଂସ-** ୩୪୨/୧୦
**ବାଂଲାଦେଶ ପ୍ରଥମ ଇନିଂସ-** ୨୦୫/୧୦
**ଆଫଗାନିସ୍ତାନ ୨ୟ ଇନିଂସ-** ୨୬୦/୧୦, ୯୦.୧ ଓଭର (ଜାଜାଇ ୪୮*, ଇବ୍ରାହିମ ଜର୍ଡାନ ୮୭, ଅସଘର ଆଫଘାନ ୫୦, ଶାକିବ ୩/୫୮, ମେହେଦୀ ହାସାନ ୨/୩୫)
ବାଂଲାଦେଶ ୨ୟ ଇନିଂସ- ୧୩୬/୬, ୪୪.୨ ଓଭର (ଇସଲାମ ୪୧, ଶାକିବ ୩୯*, ମୁଶଫିକର ୨୩, ରଶିଦ ୩/୪୬)

# ଭାରତୀୟ ଚ୍ୟାଲେଞ୍ଜ ଏଣିକି କଷ୍ଟକର

## ଡେଭିସ୍ କପ୍

ନୂଆଦିଲ୍ଲୀ, ୮।୯ (ପି.ଟି.)

ଟେନିସ ଖେଳର ବିଶ୍ୱ ପରିଚଳାନା ପରିଷଦ ଅନ୍ତର୍ଜାତୀୟ ଟେନିସ୍ ମହାସଂଘ (ଆଇଟିଏଫ୍) ଡେଭିସ୍ କପ୍ ଫର୍ମାଟରେ ଆଉ ଏକ ପରିବର୍ତ୍ତନ କରିଛି। ଆଞ୍ଚଳିକ ସ୍ତରରେ ଗ୍ରୁପ୍-୧ ଏବଂ ଗ୍ରୁପ୍-୨ ପ୍ରତିଯୋଗିତାକୁ ଉଚ୍ଛେଦ କରିଛି, ଯଦ୍ୱାରା ଭାରତର କ୍ୱାଲିଫାୟର୍ସ ପଥ ଅଧିକ କଷ୍ଟସାଧ ହୋଇଛି। ୨୦୨୦ରୁ ଭାରତୀୟ ଦଳକୁ ଉନ୍ନତ ୟୁରୋପ, ଦକ୍ଷିଣ ଓ ଉତ୍ତର ଆମେରକୀୟ ରାଷ୍ଟ୍ରଗୁଡ଼ିକ ସହ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡ଼ିବ। ବର୍ତ୍ତମାନ ଆମେରିକା, ଏସିଆ/ଓସେନିଆ, ଏବଂ ୟୁରୋପିଆନ/ଆଫ୍ରିକା ତିନୋଟି ଜୋନ୍‌ରେ ଚାରୋଟି ଗ୍ରୁପ୍ ୧,୨, ୩,୪ ରହିଛି। ନୂତନ ଫର୍ମାଟ ଅନୁସାରେ ୨୦୨୦ଠାରୁ ଗ୍ରୁପ୍-୧ ଏବଂ ଗ୍ରୁପ୍ -୨ ରହିବ ନାହିଁ। ଏହା ପରିବର୍ତ୍ତେ ୱାର୍ଲ୍ଡ ଗ୍ରୁପ୍-୧ରେ ୨୪ଟି ଦଳ ଏବଂ ୱାର୍ଲ୍ଡ ଗ୍ରୁପ୍ -୨ରେ ୨୪ଟି ଦଳ ରହିବେ। ଏହା ନିଶ୍ଚିତ କୌତୂହଳପୂର୍ଣ୍ଣ ହେବ, କିନ୍ତୁ ଆମ ପାଇଁ କଷ୍ଟକର। ଏସିଆରେ ଆମେ ପ୍ରଭାବୀ ଦଳ ରହିଥିଲୁ। ମାତ୍ର ଏଣିକି ଆମ ପାଇଁ ପ୍ରତ୍ୟେକ ମ୍ୟାଚ କଷ୍ଟକର ହେବ ବୋଲି ଭାରତର ଅଣ ଖେଳାଳି ଅଧିନାୟକ ମହେଶ ଭୂପତି ପ୍ରତିକ୍ରିୟାରେ କହିଛନ୍ତି। ଆସନ୍ତାବର୍ଷ ମାର୍ଚ୍ଚରେ କ୍ୱାଲିଫାୟର୍ସର ୧୨ ପରାଜିତ ଦେଶ ଏବଂ ନୂତନ ଭାବେ ପ୍ରଚଳିତ ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେ-ଅଫ୍‌ର ୧୨ଟି ଦଳକୁ ନେଇ ୱାର୍ଲ୍ଡ ଗ୍ରୁପ୍-୧ ଗଠନ ହେବ। ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେ-ଅଫ୍‌ରୁ ୧୨ ପରାଜିତ ଦଳ ଏବଂ ୱାର୍ଲ୍ଡ ଗ୍ରୁପ୍-୨ ପ୍ଲେ-ଅଫ୍‌ରୁ ୧୨ ବିଜେତାଙ୍କୁ ନେଇ ୱାର୍ଲ୍ଡ ଗ୍ରୁପ୍-୨ ଗଠନ ହେବ। ୨୦୨୦ ମାର୍ଚ୍ଚରେ କ୍ୱାଲିଫାୟର୍ସ ସହିତ ଏକ ସଙ୍ଗରେ ପ୍ଲେ-ଅଫ୍ ମ୍ୟାଚଗୁଡ଼ିକ ଖେଳାଯିବ। ଦୁଇ ଦିନିଆ ମୁକାବିଲା ନିଜ ଦେଶ ଏବଂ ବାହାରେ ଖେଳାଯିବ। ଜାତୀୟ ଆସୋସିଏଶନଗୁଡ଼ିକ ସହିତ ପରାମର୍ଶକ୍ରମେ ଏହି ନୂଆ ଫର୍ମାଟ କରାଯାଇଛି। ଯାହାଫଳରେ ଡେଭିସ୍ କପ୍‌ରେ ବିଶ୍ୱବ୍ୟାପୀ ଅଧିକ ଦେଶ ଭାଗ ନେଇପାରିବେ। ଦେଶଗୁଡ଼ିକ ନୂଆ ନୂଆ ପ୍ରତିଦ୍ୱନ୍ଦ୍ୱୀଙ୍କ ସହିତ ଖେଳିବାର ସୁଯୋଗ ପାଇ ପାରିବେ। ଡେଭିସ୍ କପ୍‌ରେ ଆଇଏଟିଏଫ୍‌ର ଏହା ଦ୍ୱିତୀୟ ବଡ଼ ପରିବର୍ତ୍ତନ। ବର୍ଷ ଶେଷ ଫାଇନାଲ୍ସ ପ୍ରଚଳନ କରିସାରିଛି। ଏଥିରେ ୧୮ଟି ଦଳ ମଧ୍ୟରେ ଟାଇଟଲ ମୁକାବିଲା ହେବ। ଏହି ପ୍ରତିଯୋଗିତା ଗୋଟିଏ ସ୍ଥାନରେ ଏକ ସପ୍ତାହ ଧରି ଅନୁଷ୍ଠିତ ହେବ। ଏସିଆ/ଓସେନିଆ ଗ୍ରୁପ୍-୧ରେ ଭାରତର ପ୍ରାଧାନ୍ୟ ରହିଥିଲା। ବହୁ ବର୍ଷ ଧରି ଦଳ ୱାର୍ଲ୍ଡ ଗ୍ରୁପ୍ ପ୍ଲେ-ଅଫ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇ ଆସୁଥିଲା। ପୂର୍ବରୁ ଚଳିଆସୁଥିବା ଫର୍ମାଟ ଅନୁସାରେ ଭାରତୀୟ ଦଳକୁ କୋରିଆ, ନ୍ୟୁଜିଲାଣ୍ଡ, ଚାଇନା, ପାକିସ୍ତାନ, ଚାଇନିଜ ତାଇପେ, ଲେବାନନ ଏବଂ ଉଜ୍‌ବେକିସ୍ତାନ ଭଳି ଦେଶ ସହିତ ମୁକାବିଲା କରିବାକୁ ପଡୁଥିଲା। ଏହି ଦେଶଗୁଡ଼ିକରେ ଭଲ ଖେଳାଳିଙ୍କ ସଂଖ୍ୟା ଖୁବ୍ କମ। କିନ୍ତୁ ୨୦୨୦ରେ ନୂଆ ଫର୍ମାଟ ପ୍ରଚଳନ ହେବା ପରେ ଭୂପତିଙ୍କ ଦଳକୁ ମ୍ୟାଚ ଜିତିବା ସହଜ ହେବ ନାହିଁ। ଆସନ୍ତା ସପ୍ତାହରେ ଆଞ୍ଚଳିକ ଗ୍ରୁପ୍-୧ ଏବଂ ଗ୍ରୁପ୍-୨ ମୁକାବିଲାଗୁଡ଼ିକ ପରେ ୱାର୍ଲ୍ଡ ଗ୍ରୁପ୍-୧ ଏବଂ ୨ରେ ୨୦୨୦ ଡେଭିସ୍ କପ୍ କ୍ୱାଲିଫାୟର୍ସ ଏବଂ ପ୍ଲେ-ଅଫ୍ ଲାଇନ୍ ଅପ୍ ସ୍ଥିର ହେବ।



# ନିଃସର୍ତ୍ତ କ୍ଷମା ମାଗିଲେ କାର୍ତ୍ତିକ

ନୂଆଦିଲ୍ଲୀ,୮।୯(ପି.ଟି.)

ଭାରତୀୟ ଅଭିଜ୍ଞ ଉଇକେଟ କିପର ବ୍ୟାଟ୍ସମ୍ୟାନ ଦୀନେଶ କାର୍ତ୍ତିକ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିଛନ୍ତି। କିଛିଦିନ ତଳେ କାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ୍)ରେ ଏକ ମ୍ୟାଚକୁ ସେ ଶାହରୁଖ ଖାଁଙ୍କ ଦଳ ତ୍ରିନବାଗୋ ନାଇଟ୍ ରାଇଡର୍ସ(ଟିକେଆର) ଡ୍ରେସିଂରୁମ୍‌ରୁ ଦେଖି ବିସିସିଆଇ ସେଣ୍ଟ୍ରାଲ କ୍ଲଜ୍‌ର ଉଲ୍ଲଂଘନ କରିଥିଲେ। ଫଳରେ ବୋର୍ଡ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ଏଥିପାଇଁ ତାଙ୍କ କେନ୍ଦ୍ରୀୟ ଚୁକ୍ତିକୁ କାହିଁକି ବାତିଲ କରାଯିବ ନାହିଁ ବୋଲି ନୋଟିସ୍‌ରେ ପ୍ରଶ୍ନ କରାଯାଇଥିଲା। ଏବେ କାର୍ତ୍ତିକ ନିଜ ଭୁଲ ହୃଦୟଙ୍ଗମ କରି କ୍ଷମା ମାଗିଛନ୍ତି।

# ମହାରାଷ୍ଟ୍ର, ପଞ୍ଜାବ ଫାଇନାଲରେ

କଟକ ଅଫିସ,୮।୯

କଟକରେ ଚାଲିଥିବା ୪୬ତମ ଜାତୀୟ ସବ୍‌ଜୁନିୟର ବାସ୍କେଟବଲ ଚାମ୍ପିୟନଶିପର ବାଳକ ବର୍ଗରେ ପଞ୍ଜାବ ଓ ବାଳିକା ବର୍ଗରେ ମହାରାଷ୍ଟ୍ର ଫାଇନାଲରେ ପ୍ରବେଶ କରିଛନ୍ତି । ଉଭୟ ବର୍ଗର ଆଉ ଗୋଟିଏ ଲେଖାଏ ସେମିଫାଇନାଲ ମ୍ୟାଚ୍ ବାକି ରହିଛି। ସୋମବାର ଫାଇନାଲ ମୁକାବିଲା ସହ ଚାମ୍ପିୟନଶିପ ଉଦ୍‌ଯାପିତ ହେବ ।

ବାଳିକା ବର୍ଗର ପ୍ରଥମ ସେମିଫାଇନାଲରେ ମହାରାଷ୍ଟ୍ର ଦିଲ୍ଲୀକୁ ପରାସ୍ତ କରିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ମହାରାଷ୍ଟ୍ର ୩୭-୨୪ରେ ଅଗ୍ରଣୀ ଥିବା ବେଳେ ମୋଟ ୭୨-୬୪ ପଏଣ୍ଟରେ ବିଜୟୀ ହୋଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା । ମହାରାଷ୍ଟ୍ର ପକ୍ଷରୁ ସମୀକ୍ଷା ଚନ୍ଦକ ସର୍ବାଧିକ ୧୯ ପଏଣ୍ଟ ସ୍କୋର କରିଥିଲେ । ଦିଲ୍ଲୀ ଅଧିନାୟିକା ରେହା ସିଂ ଏହି ମ୍ୟାଚ୍‌ରେ ୨୫ ପଏଣ୍ଟ ସ୍କୋର କରଥିଲେ । ତାମିଲନାଡୁ ଓ କର୍ଣାଟକ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହାର ବିଜେତାକୁ ମହାରାଷ୍ଟ୍ର ଫାଇନାଲରେ ଭେଟିବ । ବାଳକ ବର୍ଗରେ ପଞ୍ଜାବ ଓ ହରିୟାଣା ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍ ରୋମାଞ୍ଚକର ହୋଇଥିଲା । ହରିୟାଣା ପ୍ରଥମ କ୍ୱାର୍ଟରରେ ୧୮-୭ ପଏଣ୍ଟରେ ଅଗ୍ରଣୀ ନେଇଥିଲା । ପରେ ଦ୍ୱିତୀୟ କ୍ୱାର୍ଟରରେ ପଞ୍ଜାବ ଭଲ ପ୍ରଦର୍ଶନ କରିବା ଫଳରେ ପ୍ରଥମାର୍ଦ୍ଧ ଖେଳ ୨୫-୨୩ ପଏଣ୍ଟରେ ଶେଷ ହୋଇଥିଲା । ୩ୟ କ୍ୱାର୍ଟରରେ ମ୍ୟାଚ୍‌କୁ ଦମଦାର ପ୍ରତ୍ୟାବର୍ତ୍ତନ କରିଥିଲା ପଞ୍ଜାବ । ୩ୟ କ୍ୱାର୍ଟର ସୁଦ୍ଧା ୪୧-୩୯ ଓ ଅନ୍ତିମ କ୍ୱାର୍ଟରରେ ୬୧-୫୩ ପଏଣ୍ଟରେ ଆଗୁଆ ରହି ପଞ୍ଜାବ ଫାଇନାଲରେ ପ୍ରବେଶ କରିଛି । ମିଜୋରାମ ଓ ମହାରାଷ୍ଟ୍ର ମଧ୍ୟରେ ବାଳକ ବର୍ଗର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯିବ । ଏହାର ବିଜେତାକୁ ପଞ୍ଜାବ ଫାଇନାଲରେ ଭେଟିବ।



ଇନ୍‌ଡୋର ଷ୍ଟାଡିୟମରେ ପଞ୍ଜାବ ଓ ହରିୟାଣା ମଧ୍ୟରେ ଅନୁଷ୍ଠିତ ବାସ୍କେଟବଲ ମ୍ୟାଚ ।

# ଆଶାୟୀଙ୍କ ପାଇଁ ଅଡୁଆ ନୂଆ ନିୟମ

## ଓସିଏ କର୍ମକର୍ତ୍ତା ନିର୍ବାଚନ

କଟକ ଅଫିସ,୮।୯

ନିର୍ବାଚନ ତାରିଖ ଘୋଷଣା ସରିଛି । ପର୍ଯ୍ୟାୟକ୍ରମେ ଅନୁବନ୍ଧିତ ୟୁନିଟଗୁଡ଼ିକ ନିଜ ନିଜର ସଦସ୍ୟଙ୍କ ନାମ ପଠାଇବା ଆରମ୍ଭ କରି ସାରିଲେଣି । ଯେଉଁମାନେ କି ଭୋଟ ଦେବାର ଅଧିକାର ପାଇବେ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ଭାଗ୍ୟ ନିର୍ଦ୍ଧାରଣ କରିବେ । ରବିବାର ସୁଦ୍ଧା ୮୫ ପ୍ରତିଶତ ୟୁନିଟ ନିଜ ସଦସ୍ୟଙ୍କ ନାମ ପଠାଇ ସାରିଥିବା ଜଣାପଡ଼ିଛି। ଆସନ୍ତା ୧୨ ତାରିଖ ସୁଦ୍ଧା ନାମ ପଠାଇବାର ଚୂଡ଼ାନ୍ତ ତାରିଖ ଧାର୍ଯ୍ୟ ହୋଇଛି। ନିର୍ବାଚନକୁ ନେଇ ସବୁଠାରୁ ବଡ଼ ଅଙ୍କକଷା ଏହି ସଦସ୍ୟମାନଙ୍କୁ ନେଇ ହିଁ ହେବ। ଦୁଇଟି ଗୋଷ୍ଠୀ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଏବେ ସୁଦ୍ଧା ସ୍ପଷ୍ଟ ହୋଇଛି। ଏଣୁ ଭୋଟ ଦେବାର ଅଧିକାର ପାଇଥିବା ସଦସ୍ୟମାନେ କାହାକୁ ପଦବୀରେ ବସାଇବେ ତାହା କହିବା ମୁସ୍କିଲ। ଅନ୍ୟପକ୍ଷରେ ଗତ ଅଗଷ୍ଟ ୨୭ରେ କମିଟି ଅଫ ଆଡମିନିଷ୍ଟ୍ରେଟର(ସିଓଏ) ନୂଆ ନିୟମ(୯+୯)କୁ ନେଇ ଯେଉଁ ବିଜ୍ଞପ୍ତି ପ୍ରକାଶ କରିଛି ତାହା ଓସିଏ ପଦବୀ ଆଶାୟୀମାନଙ୍କ ବାଟରେ କଣ୍ଟା ପାଲଟିବ ବୋଲି କୁହାଯାଉଛି ।

ସିଓଏର ନିୟମକୁ ମାନି ନିର୍ବାଚନରେ ଭାଗନେବା ରାଜ୍ୟର ଅନେକ ବରିଷ୍ଠ କ୍ରୀଡ଼ା ସଙ୍ଗଠକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ । ବିଭିନ୍ନ ଦିଗକୁ ନଜରରେ ରଖାଯାଇ ସିଓଏ ଯେଉଁ ନିୟମାବଳୀ ପ୍ରସ୍ତୁତ କରିଛି ସେଥିରେ ଏପରି କିଛି ନିର୍ଦ୍ଦିଷ୍ଟ ନିୟମ ଅଛି, ଯାହା ଆଶାୟୀଙ୍କ ଆଶାକୁ ଧୂଳିସାତ କରିପାରେ। ଅନ୍ୟ କୌଣସି ସଂଘରେ ସଦସ୍ୟ ନ ହେବାର ନିୟମକୁ ନଜରରେ ରଖି ନିକଟ ଅତୀତରେ କେତେକ କ୍ରୀଡ଼ା ସଙ୍ଗଠକ ବିଭିନ୍ନ ପଦପଦବୀରୁ ଇସ୍ତଫା ଦେଇଥିଲେ। ଓସିଏ ନିମନ୍ତେ ବାଟ ଫିଟାଇବା ପାଇଁ ଉକ୍ତ ଇସ୍ତଫା ଥିଲା ବୋଲି ଚର୍ଚ୍ଚା ମଧ ହେଉଛି । ଯେଉଁ ନିୟମରେ କ୍ରୀଡ଼ା ସଙ୍ଗଠକମାନେ ଛନ୍ଦି ହେବେ ତାହା ହେଉଛି ୯+୯। ରାଜ୍ୟ ସଂଘ ହେଉ କି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ), ୯ବର୍ଷ ପଦବୀରେ ରହିଥିବା ବ୍ୟକ୍ତିବିଶେଷ ନିର୍ବାଚନରେ ଭାଗନେବା ପାଇଁ ଅଯୋଗ୍ୟ ବୋଲି ସିଓଏ ସ୍ପଷ୍ଟ କରିଛି। ଏବେ ଓସିଏର ପଦବୀ ପାଇଁ ଆଶା ପ୍ରକଟ କରିଥିବା କିଛି ବ୍ୟକ୍ତିବିଶେଷ ପୂର୍ବରୁ ୮ବର୍ଷ ପଦବୀରେ ରହିଥିଲେ। କେବଳ ଗୋଟିଏ ବର୍ଷର ଅଧିକାର ସେମାନଙ୍କ ହାତରେ ଅଛି। ଯାହାଫଳରେ ନିର୍ବାଚନରେ ଭାଗ ନେଲେ ମଧ ମାତ୍ର ଏକବର୍ଷ ପଦବୀରେ ରହିବାର ସୁଯୋଗ ପାଇବେ। ଯଦି ଏପରି ହୁଏ ତାହେଲେ ପୁଣି ଆରବର୍ଷ କିଛି ପଦବୀ ନିମନ୍ତେ ଓସିଏ ପକ୍ଷରୁ ନିର୍ବାଚନ କରାଯିବ ବୋଲି ଆଶା କରାଯାଉଛି ।




### ଜିଲା ସଂଘର ବୈଠକ ହେବ

୩୦ ଜିଲା ସଂଘର ଭୋଟ ହିଁ ଏବେ ଗୁରୁତ୍ୱପୂର୍ଣ୍ଣ। ଏହି ୩୦ଟି ଭୋଟକୁ ହାତେଇନେଲେ ନିର୍ବାଚନର ଫଳାଫଳ ଓଲଟିଯାଇପାରେ । ଏଣୁ ଏହି ଭୋଟଗୁଡ଼ିକ କାହାକୁ ଯିବ ତାହା ଏବେବି ଜଣାପଡ଼ିନାହିଁ । ଏକ ଜିଲା ସଂଘର ସମ୍ପାଦକ କହିଛନ୍ତି ଯେ, ହାତଗଣତି ଜିଲା ସଂଘ ଏକତା ରକ୍ଷା କରୁନାହାନ୍ତି। ଅନ୍ୟ ସମସ୍ତଙ୍କର ଏକତା ରହିଛି । ଓସିଏ ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଓ କ୍ରୀଡ଼ା ସଙ୍ଗଠକ ପ୍ରଦୀପ ଚୌହ୍ୱାନ ହିଁ ନିର୍ବାଚନକୁ ନେଇ ମୁଖ୍ୟ ଅଙ୍କ କଷିବେ। ଜିଲା ସଂଘଗୁଡ଼ିକର ଭୋଟ କାହାକୁ କେତେ ସଂଖ୍ୟାରେ ଯିବ ତାହା ଏବେ ଆକଳନ କରାଯାଇ ପାରିବ ନାହିଁ । ଜିଲା ପକ୍ଷରୁ ସଦସ୍ୟଭାବେ କାହାର ନାମ ପଠାଯାଇଛି ତାହା ହିଁ ଗୁରୁତ୍ୱପୂର୍ଣ୍ଣ । ଏହି ନାମ ଦେଖିଲେ ସେମାନେ କାହା ପାଖକୁ ଢଳିବେ ତାହା ସ୍ପଷ୍ଟ ହୋଇଯିବ ବୋଲି ସମ୍ପାଦକ ଜଣଙ୍କ କହିଥିଲେ। ଅନ୍ୟପକ୍ଷରେ ଖୁବଶୀଘ୍ର ଜିଲା ସଂଘ ଗୁଡ଼ିକୁ ନେଇ ଏକ ବୈଠକ ଡକାଯିବ ବୋଲି ସେ କହିଛନ୍ତି ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ସେପ୍ଟେମ୍ବର ୯/୨୦୧୯ Rayagada, Monday, Sept. 9/ 2019

## ସଂକ୍ଷେପରେ

### ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଛାତ୍ରୀଙ୍କୁ ସ୍ୱାଗତ



ଡାବୁଗାଁ, ୮।୯ (ଡି.ଏନ.ଏ.): ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୦୧୯-୨୦ ଶିକ୍ଷା ବର୍ଷରେ ନୂତନ ଭାବେ ଯୋଗ ଦେଇଥିବା ୧୩୩ ଛାତ୍ରୀଙ୍କୁ ସ୍ୱାଗତ ଉତ୍ସବ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀମାନେ ପରିଚାଳନା କରିଥିଲେ। ପ୍ରଥମେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ପରେ ନୂତନ ଭାବେ ଯୋଗ ଦେଇଥିବା ଛାତ୍ରୀମାନେ ନାମ, ଲକ୍ଷ୍ୟ ଓ ଅନୁଭୂତି ବର୍ଣ୍ଣନା କରିଥିଲେ। ସେମାନଙ୍କୁ ଚନ୍ଦନ, ଫୁଲ ଓ କଲମ ଦେଇ ଦ୍ୱାଦଶ ଶ୍ରେଣୀ ଛାତ୍ରୀମାନେ ସ୍ୱାଗତ କରିଥିଲେ। ଦ୍ୱାଦଶ ଶ୍ରେଣୀ ଛାତ୍ରୀ ସେମାନଙ୍କର ଅନୁଭୂତି ବର୍ଣ୍ଣନା କରିବା ସହ ବିଦ୍ୟାଳୟର ନିୟମ କାନୁନ ବିଷୟରେ ବୁଝାଇଥିଲେ । ଶିକ୍ଷୟତ୍ରୀ ମନ୍ଦାକିନୀ ଆଚାର୍ଯ୍ୟ, ରଶ୍ମୀରାଣୀ ପଣ୍ଡା ଓ ମେନକା ସାମଲ, ଶିକ୍ଷକ ଦୀପ୍ତି ରଞ୍ଜନ ବେହେରା ଛାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହ ଛାତ୍ରୀ ନିବାସର ନିୟମ, ଶୃଙ୍ଖଳା ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ଅଧ୍ୟକ୍ଷ ସୁକାନ୍ତ କୁମାର ସ୍ୱାଇଁ ନୂତନ ଛାତ୍ରୀ ମାନଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରିବା ସହ ନିଜ ନିଜର ଲକ୍ଷ୍ୟ ହାସଲ ପାଇଁ କର୍ତ୍ତବ୍ୟନିଷ୍ଠ ହୋଇ କାର୍ଯ୍ୟ କରିବାକୁ ଓ କଠିନ ପରିଶ୍ରମ କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ସଭାରେ ସମସ୍ତ ଛାତ୍ରୀ, ଶିକ୍ଷୟତ୍ରୀ ଶିକ୍ଷକ ମାନେ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀ ରଙ୍କି ଗଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିବାନନ୍ଦଙ୍କ ଜୟନ୍ତୀ ପାଳିତ

ତେନ୍ତୁଳିଖୁଣ୍ଟି,୮।୯(ଡି.ଏନ.ଏ): ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡାସ୍ଥିତ ଦିବ୍ୟଜୀବନ ସଂଘ ଶାଖାରେ ଦିବ୍ୟଜୀବନୀ ସଂଘ ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଛି। ପ୍ରାତଃ ସମୟରେ ହରିନାମ ସଂକୀର୍ତ୍ତନ ସହ ପ୍ରଭାତ ଫେରି କରାଯିବା ପରେ ଗୁରୁପାଦୁକା ପୂଜା ହାଇଥିଲା। ଗୁରୁଙ୍କ ପ୍ରଦତ୍ତ ବାଣୀ ଜ୍ଞାନଯୋଗ, ଭକ୍ତିଯୋଗ, କର୍ମଯୋଗ କିଭଳି ଜୀବନରେ ଉପାଦେୟ ଏବଂ ଭଗବତ ପ୍ରାପ୍ତିର ପଥ ବର୍ଣ୍ଣନା କରି ଜୀବନରେ ପାଳନ କରିବାକୁ ଉପସ୍ଥିତ ଭକ୍ତଙ୍କୁ ପରାମର୍ଶ ଦିଆଯିବା ସହ ଶପଥ କରାଯାଇଥିଲା। ଶ୍ରୀକୃଷ୍ଣ ଦାଶ, ଅଜିତ କୁମାର ମାଦ୍ଧତା, ସୁଦର୍ଶନ ଶତପଥୀ, ଯୋଗେନ୍ଦ୍ର ବଡତ୍ୟା, ରଣଜିତ ତ୍ରିପାଠୀ, ପୃଥିରାଜ ପାଇକରାୟ, ବିଜୟ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

### ଇନ୍ଦ୍ରାବତୀ ଜଳଭଣ୍ଡାରର ୨ ଗେଟ ବନ୍ଦ

ତେନ୍ତୁଳିଖୁଣ୍ଟି,୮।୯(ଡି.ଏନ.ଏ): ଲଗାଣ ବର୍ଷାରେ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳପତନ ବୃଦ୍ଧି ପାଇବାରୁ ଦେଓପାଲି ବନ୍ଧର ୨ଟି ଓ ମୁରାନ ବନ୍ଧର ଗୋଟିଏ ଗେଟ ଖୋଲାଯାଇଥିଲା। ରବିବାର ଦେଓପାଲି ବନ୍ଧର ୨ଟି ଯାକ ଗେଟ ବନ୍ଦ କରି ଦିଆଯାଇଛି। ବର୍ତ୍ତମାନ ଜଳଭଣ୍ଡାରର ଜଳସ୍ତର ୬୪୦.୮୦ ମିଟର ରହିଛି। ମୁରାନ ବନ୍ଧର ଗୋଟିଏ ଗେଟ ଏବେ ବି ଖୋଲା ରହିଛି।

■ ନୂତନ ମୋଟର ଯାନ ଆଇନକୁ ନେଇ କଂଗ୍ରେସର ଚେତାବନୀ

# ‘ଲୋକେ ହଇରାଣ ହେଲେ ରାଜରାସ୍ତାକୁ ଓହ୍ଲାଇବୁ’

ନବରଙ୍ଗପୁର,୮।୯(ବି.ପ୍ର.)

ନୂତନ ମୋଟର ଯାନ ଆଇନକୁ ନେଇ ଲୋକଙ୍କୁ ହଇରାଣ କଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଜିଲା କଂଗ୍ରେସ କମିଟି ସଭାପତି ମୁନା ତ୍ରିପାଠୀ କଂଗ୍ରେସ ଭବନ ଠାରେ ଆହୁତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଥିରେ ରାଜ୍ୟ କାର୍ଯ୍ୟକାରୀଣି ସଭାପତି ପ୍ରଦୀପ ମାଝୀ, ପିସିସି ଉପସଭାପତି ସଦନ ନାୟକ, ଜିଲା ଉପସଭାପତି ଦିଲୀପ ବେହେରା, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଇମ୍ରାନ ସରିଫ, କଳି ପାତ୍ର, ନଗର ସଭାପତି ଉତ୍ତମ ତ୍ରିପାଠୀ, ସମ୍ପାଦକ ପ୍ରଦୀପ ସାହୁ, ବୃନ୍ଦା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।
ନୂତନ ଭାବେ ଲାଗୁ କରାଯାଉଥିବା ମୋଟର ଯାନ ନିୟମକୁ ଅନେକ ରାଜ୍ୟ ଲାଗୁ କରି ନାହାନ୍ତି। ବିଶେଷ କରି କଂଗ୍ରେସ ସରକାର ଥିବା ରାଜ୍ୟ ଏହି ନିୟମକୁ କୋହଳ କରିଥିବା ବେଳେ ଓଡିଶା ସରକାର ଏହାକୁ କଡାକଡି ଲାଗୁକରି ଅର୍ଥ ଆଦାୟର ଏକ ବାଟ ସୃଷ୍ଟି କରିଛି । ମୋଟର ଯାନ ନିୟମକୁ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ ।

ପାଳନ କରିବା ନାଁରେ ରାଜକୋଷରେ ଟଙ୍କା ଜମା କରିବାର ଏହା ଏକ ଅଭିନବ ଉପାୟ । ଯାନବାହନ ଯାଞ୍ଚ ଆଳରେ ରାସ୍ତା, ଛକରେ ଲୋକଙ୍କୁ ଖରାପ ବ୍ୟବହାର କରିବା ଓ ଅଧିକ ଟଙ୍କା ଜରିମାନା ଆଦାୟ କରିବା ଜିଲାରେ ନିତିଦିନିଆ ଅଭ୍ୟାସରେ ପରିଣତ ହେଲାଣି । ଜରିମାନା ଭୟରେ ଗାଁ ଗହଳିର ଚାଷୀମାନେ ମଧ୍ୟ ସହରକୁ ନିଜ ଗାଡି ନେଇ ଆସି ପାରୁ ନାହାନ୍ତି। ଖୋଦ ମୋଟର ଯାନ କାର୍ଯ୍ୟାଳୟ, ପୋଲିସ ବିଭାଗ, ସରକାରୀ କାର୍ଯ୍ୟାଳୟର ସମସ୍ତ ଯାନ ପ୍ରଥମେ ତନଖି କରାଯାଉ । ସରକାରୀ ଗାଡିର ବୀମା, ଡ୍ରାଇଭରଙ୍କ ଡ୍ରାଇଭିଂ ଲାଇସେନ୍ସ ରହିଛିକି ନାହିଁ । ଆମ୍ବୁଲାନ୍ସ ଗାଁର କାଗଜପତ୍ର ଠିକ ରହିଛି କି ନାହିଁ ପ୍ରଥମେ ପ୍ରଶାସନ ଦୃଷ୍ଟି ଦିଅନ୍ତୁ। ତାହାପରେ ନୂଆ ମୋଟର ଯାନ ଆଇନ ଲାଗୁ କରାଯାଉ ବୋଲି ଜିଲା କଂଗ୍ରେସ ଦାବି କରିଛି । ପ୍ରଥମେ ଜିଲାର ସହର ଗୁଡିକରେ ଯାଞ୍ଚ ଫାଟକ ପାଖରେ ଜଣେ ଆଞ୍ଚଳିକ ପରିବହନ କର୍ମଚାରୀ , ବୀମା କର୍ମଚାରୀ ଓ ତାଙ୍କ ସଙ୍ଗଠନ, ବାୟୁ ପ୍ରଦୂଷଣ ଲାଇସେନ୍ସ ପ୍ରଦାନ ସଂସ୍ଥାକୁ ସେଠାରେ ବସାଇ ସରକାରୀ ନିୟମ ଦର ପ୍ରକାରେ ସାର୍ଟିଫିକେଟ ପ୍ରଦାନ

■ଜରିମାନା ଭୟରେ ଚାଷୀ ସହରକୁ ଆସୁ ନାହାନ୍ତି
■ସରକାରୀ ଯାନକୁ ପ୍ରଥମେ ଯାଞ୍ଚ କରାଯାଉ
■ରାଜକୋଷରେ ଟଙ୍କା ଜମା କରିବାର ଅଭିନବ ଉପାୟ

କରନ୍ତୁ । ଟଙ୍କା ପଇଠ ପାଇଁ ଏକ ମାସ ସମୟ ଦିଅନ୍ତୁ ବୋଲି କହିଛନ୍ତି । ମୋଟର ଯାନ ନିୟମ ଅନୁଯାୟୀ ପୋଲିସ କିମ୍ବା ଆରଟିଓ ଚାଲାଣ କାଟି ପାରିବେ ନାହିଁ।। ଏଥିପାଇଁ ସୁପ୍ରିମକୋର୍ଟ ୭ ଦିନ ସମୟ ଦେଇଛନ୍ତି। ଯଦି ଚାଲାଣ କାଟି ଅଧିକାରୀ ପଇସା ନେଉଛନ୍ତି ଓ ୭ ଦିନ ଭିତରେ ମାଲିକ କିମ୍ବା ଚାଲକ ନିଜ କାଗଜ ପତ୍ର ଠିକ ଦେଖାନ୍ତି ତେବେ ଅଧିକାରୀଙ୍କୁ ଅର୍ଥ ଫେରସ୍ତ ସହ କୈଫିୟତ ଦେବାକୁ ହେବ। ଗାଡି ଯାଞ୍ଚ ସମୟରେ ଲୋକଙ୍କ ଉପରକୁ ହାତ ଉଠାଇବା ଏକ ଭୟଙ୍କର ଅପରାଧ। ଯଦି ସରକାରୀ କର୍ମଚାରୀ ସାଧାରଣ ଜନତା ଉପରେ ଏଥିପାଇଁ ହାତ ଉଠାଇବେ ତେବେ ନବରଙ୍ଗପୁର ଜିଲା କଂଗ୍ରେସ ଆନ୍ଦୋଳନକୁ ତୀବ୍ର କରିବ । ଭୁବନେଶ୍ୱର ରାଜମହଲ ଛକରେ ଜନସାଧାରଣଙ୍କ ଉପରେ ଲାଠିଚାର୍ଜ ଓ ପୋଲିସର ଖବରଦାତାଙ୍କ ଉପରେ ଲାଠି ଉଠାଇବା ଘଟଣା ସାରା ରାଜ୍ୟରେ ଏ ସରକାରଙ୍କ ଜୋର ଜୁଲମ କାର୍ଯ୍ୟ ପଦାରେ ପଡିଛି । ଏଥିପାଇଁ ପିସିସି ପକ୍ଷରୁ ଏହାର ତୀବ୍ର ନିନ୍ଦା କରାଯାଇଛି । ଗତ କିଛି ଦିନ ତଳେ ଚନ୍ଦାହାଣ୍ଡିର ଖବରଦାତାଙ୍କୁ ଯେଉଁ ବ୍ୟବହାର କରାଯାଇଛି ତାହାକୁ ଜିଲା କଂଗ୍ରେସ ତୀବ୍ର ନିନ୍ଦା କରିଛି । ସଦର ମହକୁମା ଡାକ୍ତରଖାନାକୁ ଖବରଦାତାଙ୍କୁ ପ୍ରବେଶ ପାଇଁ ମନା କରାଯିବା ଏକ ଅଗଣତାନ୍ତ୍ରୀକ ବୋଲି କହିଥିଲେ । ନବରଙ୍ଗପୁର ଭଳି ଶିଳ୍ପ ଓ ଖଣି ଶୂନ୍ୟ ଜିଲାରେ ଜଳସେଚନର ଆଶା ଦେଖାଇ ବିଜେଡି ସରକାର ନିର୍ବାଚନ ବୈତରଣୀ ପାର ହେଉଛନ୍ତି। ଏବେ ଆଉ ଏକ ନୂଆ ଚାଲ ଆରମ୍ଭ କରିଛନ୍ତି । ନବରଙ୍ଗପୁର ଜିଲାରେ ଆରମ୍ଭ କରାଯାଇଥିବା କୃଷି କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନ କୌଶଳ ବିନିଯୋଗ ପାଇଲଟ ପ୍ରୋଜେକ୍ଟ ଏକ ଲଲିପପ୍ ବୋଲି କଂଗ୍ରେସ କହିଛି।

### ଫାଉଣ୍ଡେସନରେ ଅଟକିଛି ଅଙ୍ଗନୱାଡି ଗୃହ ନିର୍ମାଣ



ତେନ୍ତୁଳିଖୁଣ୍ଟି,୮।୯(ଡି.ଏନ.ଏ)

ତେନ୍ତୁଳିଖୁଣ୍ଟି ବ୍ଲକ ସଦର ପଞ୍ଚାୟତର ଲଦିପଦର ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ଅଧାପନ୍ତରିଆ ଅବସ୍ଥାରେ ରହିଛି। ୨ ବର୍ଷ ହେଲା ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ପାରୁ ନାହିଁ। ଫାଉଣ୍ଡେସନ ଲେଭୁଲରେ ଗୃହ କାର୍ଯ୍ୟ ଅଟକି ରହିଛି। ଫଳରେ ଲଦିପଦର ଅଙ୍ଗନୱାଡି କେନ୍ଦ୍ର ସହାୟିକାଙ୍କ ଘରେ ଚାଲିଛି। ଭିତ୍ତିଭୂମି ଅଭାବରୁ ଶିଶୁମାନଙ୍କ ପ୍ରାକ ଶିକ୍ଷା ପ୍ରହସନ ପାଲଟିଛି। ୭ ଲକ୍ଷ ବ୍ୟୟ ଅଟକଳରେ ଏହି ଗୃହ ନିର୍ମାଣ ପଞ୍ଚାୟତ ସମିତି ତରଫରୁ ୨ ବର୍ଷ ତଳେ ଆରମ୍ଭ କରାଯାଇଥିଲା। କିନ୍ତୁ ଫାଉଣ୍ଡେସନ ଲେଭୁଲ ପରେ ଗୃହ ନିର୍ମାଣ ଅଟକି ରହିଛି। ବର୍ତ୍ତମାନ ଉକ୍ତ ସ୍ଥାନରେ ଗଛ ଲତା ଉଠି ବୁଦା ହୋଇଗଲାଣି। ୭ ଲକ୍ଷ ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ଗୃହ କାର୍ଯ୍ୟ କାହିଁକି ଅଧାରୁ ବନ୍ଦ ରହିଛି ତା'ର ଉତ୍ତର କାହା ପାଖରେ ନାହିଁ। ସରପଞ୍ଚ ମୃତ୍ୟୁଞ୍ଜୟ ନାୟକଙ୍କୁ ଏ ସମ୍ପର୍କରେ ପଚାରିବାରୁ ପଞ୍ଚାୟତ ସମିତିର ଏହି କାର୍ଯ୍ୟ କିଏ କରୁଥିଲା ସେ ଜାଣନ୍ତି ନାହିଁ। ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିଲେ ଜଣାପଡିବ ବୋଲି କହିଛନ୍ତି।

■ ଗୁରୁକୃପା ଏଜୁକେଶନର ବାର୍ଷିକ ଉତ୍ସବ

## ଶିକ୍ଷା ଦ୍ୱାରା ସମାଜର ବିକାଶ ହୋଇଥାଏ



ସମ୍ମାନିତ ହୋଇଥିବା ଶିକ୍ଷକମାନେ।

ଉମରକୋଟ,୮।୯(ଡି.ଏନ୍.ଏ.)

ଉମରକୋଟ ଡିଏନ୍‌କେ ମିନିଷ୍ଟାଡିୟମ୍‌ଠାରେ ଗୁରୁକୃପା ଏଜୁକେଶନ ଓ ଚାରିଟେବୁଲ ଟ୍ରଷ୍ଟ ଶିକ୍ଷାନୁଷ୍ଠାନର ସପ୍ତମ ପ୍ରତିଷ୍ଠା ଦିବସର ବାର୍ଷିକ ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୃଜନାତ୍ମକ ଲିଖନ, ପ୍ରଶ୍ନମଞ୍ଚ, ଖାଦ୍ୟ ପଦର୍ଶନୀ ଓ ବିଜ୍ଞାନ ପ୍ରଦର୍ଶନୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉମରକୋଟ, ରାଇଘର, ଝରିଗାଁ, ଡାବୁଗାଁ ଅଞ୍ଚଳର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ନିମନ୍ତେ କ୍ୟାରିୟର କାଉନସିଲିଂ ବ୍ୟବସ୍ଥା କରାଯାଇଥିଲା । ଏହି ବାର୍ଷିକ ଉତ୍ସବର ପ୍ରଥମ ଦିନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ସରକାର, ମୁଖ୍ୟବକ୍ତା ଆଇପିଏସ ଅଭିଷେକ ମାଝି ଓ ସମ୍ମାନିତ ଅତିଥି ପ୍ରଫେସର ଏସ୍.ଏନ୍. ବିଷୋୟୀ, ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁମନ୍ତ କୁମାର ରାଉଳ, ଏବିଇଓ ରମେଶ ଚନ୍ଦ୍ର ରାୟ ଏବଂ ଶିକ୍ଷାନୁଷ୍ଠାନର ସଭାପତି ତାରିଣୀ ଚରଣ ପାଢ଼ୀ, ସମ୍ପାଦକ ପ୍ରସନ୍ନ କୁମାର ଦାସ, ଅନୁଷ୍ଠାନର ସଭ୍ୟା ଶାନ୍ତିଲତା ମହାନ୍ତି ଓ ସଂଯୋଜକ ସନ୍ତୋଷ କୁମାର ଷଡଙ୍ଗୀ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାର ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଏହି ଅଞ୍ଚଳର ଆଦର୍ଶ ଶିକ୍ଷକ ଭାବେ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ, ନିହାରକାନ୍ତ ଡାଲି, ଟୁଟୁବାବୁ ପଟ୍ଟନାୟକ, ଅରୁଣ କୁମାର ବଳ, ନିରଞ୍ଜନ ଦାସଙ୍କୁ ଗୁରୁକୃପା ଶିକ୍ଷକ ସମ୍ମାନରେ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଆଇପିଏସ୍ ଅଭିଷେକ ମାଝି, ସମ୍ମାନିତ ଅତିଥି ବରିଷ୍ଠ ସାହିତ୍ୟିକ ମନୋରଞ୍ଜନ ପ୍ରଧାନ, ବରିଷ୍ଠ ଶିକ୍ଷକ ଡ. ପ୍ରଦୀପ କୁମାର ମିଶ୍ର, ଶିକ୍ଷାବିତ୍ ବଂଶୀଧର ଭୂୟାଁ ଯୋଗ ଦେଇଥିଲେ । ଶିକ୍ଷା କେବଳ ଅର୍ଥ ଉପାର୍ଜନର ପନ୍ଥା ନୁହେଁ। ଶିକ୍ଷାର ବିକାଶ ଦ୍ୱାରା ସମାଜର ବିକାଶ ହୋଇଥାଏ ବୋଲି ମୁଖ୍ୟ ଅତିଥି କହିଥିଲେ । ଅନୁଷ୍ଠାନର କୁନି କୁନି ନର୍ସରି ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଇଂ. ଚନ୍ଦନା ମଲ୍ଲିକ, ମନୋଜ ପାଢ଼ୀ, ଲିପୁ ଦାସ, ଦୟାଲ ମିତ୍ର, ଅମ୍ରେଶ ମହାନ୍ତି, ପପୁନ୍ ପ୍ରଧାନ, ଲାଲୁ ପାଣି, ତ୍ରିପତି ପଟ୍ଟନାୟକ, ସୁନିଲ ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳାନା କରିଥିଲେ । କଲେଜ ଅଧ୍ୟକ୍ଷ ଅଭିଳାଷ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

### ଘରେ ପଶି ସୁନା ଅଳଙ୍କାର, ଟଙ୍କା ଲୁଟ୍

ଗଞ୍ଜାମ,୮।୯(ଡି.ଏନ.ଏ.)

ରମ୍ଭା ଥାନା ସାବୁଲିଆ ଛକରୁ ୪୯ ହଜାର ଟଙ୍କା ଲୁଟ ହେବାର ୧୨ ଘଣ୍ଟା ନ ପୁରୁଣୁ ଶନିବାର ବିଳମ୍ବିତ ରାତ୍ରରେ ଗଞ୍ଜାମ ବ୍ଲକ ସୁବଳୟା ପଞ୍ଚାୟତ ପାଲୁରୁ ଛକସ୍ଥିତ ଏକ ଘରୁ ପୁଣି ଚୋରି ହୋଇଛି। ଦୁର୍ବୃତ୍ତ ମଦନ ସାହୁଙ୍କ ଘରେ ପଶି ସୁନା ଅଳଙ୍କାର ଓ ନଗଦ ଟଙ୍କା, ମୋବାଇଲ ଫୋନ ଚୋରି କରିନେଇଥିବା ସେ ହୁମ୍ମା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ମଦନଙ୍କ ପରିବାର ଶନିବାର ରାତିରେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ବାରିପଟ କବାଟ ତାଡ଼ି ଚୋରମାନେ ଘରେ ପଶି ଆଲମାରିରେ ଥିବା ଗୋଟିଏ ସୁନାହାର, ୧୦ ହଜାର ନଗଦ ଟଙ୍କା ଓ ଦୁଇଟି ମୋବାଇଲ ଚୋରି କରି ନେଇଥିଲେ ।
ସୂଚନାଥାଉକି କିଛିଦିନ ତଳେ, ଶତ୍ରୁଶୋଳ ଗ୍ରାମର ବାବୁ ପଲାଇଙ୍କ ପାଲୁର ଛକରେ ଥିବା ପାନ ଦୋକାନରୁ ଗ୍ୟାସ ସିଲିଣ୍ଡର, ନଗଦ ୧୪ ଶହ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାବେଳେ ସେହି ଛକରେ ଥିବା ଟୁଟୁ ମିଶ୍ରଙ୍କ ପାନ ଦୋକାନରୁ ୬ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କାହାରିକୁ ଗିରଫ କରିନାହିଁ। ଅଞ୍ଚଳରେ ଏପରି ବାରମ୍ବାର ଚୋରି ହେଉଥିଲେ ମଧ୍ୟ ପୋଲିସ ଲୁଟେରାଙ୍କ ଟେର୍ ପାଉନାହିଁ। ପାଟ୍ରୋଲିଂ କଡାକଡି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଉପଜିଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା



ବିଦାୟୀ ଉପଜିଲାପାଳଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଉଛି ।

ନବରଙ୍ଗପୁର,୮।୯(ଡି.ଏନ.ଏ.)

ନବରଙ୍ଗପୁର ନିୟନ୍ତ୍ରୀତ ବଜାର କମିଟି (ଆରଏମସି) ପରିସରରେ ଉପଜିଲାପାଳ ତଥା ଆରଏମସି ଅଧ୍ୟକ୍ଷ କରୁଣାକର ରାଇକାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କ ସ୍ଥାନରେ ଯୋଗ ଦେଇଥିବା ନୂତନ ଉପଜିଲାପାଳ ତଥା ଅଧ୍ୟକ୍ଷ ଭାସ୍କର ରୋହିତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆରଏମସି ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଆରଏମସି ସମ୍ପାଦକ ଅବକାଶ ସଭାପତିତ୍ୱ କରି କହିଥିଲେ ଯେ, ଉପଜିଲାପାଳ ରାଇକାଙ୍କ କାର୍ଯ୍ୟକାଳ ସମୟରେ ଆରଏମସିର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହେବା ସହ ନବରଙ୍ଗପୁର ସାପ୍ତାହିକ ହାଟପଦା ଅଞ୍ଚଳର ଭିତ୍ତିଭୂମିର ବିକାଶ ମଧ୍ୟ ହୋଇ ଆସିଥିଲା । ସେହିଭଳି ଇ–ନାମରେ ରେଜିଷ୍ଟ୍ରେସନରେ ସାରା ରାଜ୍ୟରେ ନବରଙ୍ଗପୁର ଜିଲା ୧ ନମ୍ବରରେ ରହିଥିଲା ବୋଲି କହିଥିଲେ । ପୂର୍ବତନ ଉପଜିଲାପାଳଙ୍କୁ ଉତ୍ତରୀୟ ଓ ଶ୍ରଦ୍ଧାର ଭେଟି ପ୍ରଦାନ କରାଯାଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେହିଭଳି ନୂତନ ଉପଜିଲାପାଳ ରୋହିତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆରସିଏମଏସ ସଭାପତି ସୁଶାନ୍ତ କୁମାର ବେହେରା, ସଭ୍ୟ ରାଜେନ୍ଦ୍ର ତ୍ରିପାଠୀ, ସରୋଜ ପାତ୍ର, ଆଶିଷ ରଞ୍ଜନ ପଟ୍ଟନାୟକ, କାର୍ତ୍ତିକ ବାଘ, କର୍ମଚାରୀ ଅଶୋକ ନନ୍ଦ, ଅର୍ଜୁନ ମହାନ୍ତି, ପି. ଗୋବିନ୍ଦ ରାଓ, ରାଜେନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର ମିଶ୍ର, ବି. ଗଙ୍ଗା ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ୱାଗତ ଉତ୍ସବ

ନବରଙ୍ଗପୁର,୮।୯(ଡି.ଏନ.ଏ)

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ନୂତନ ଭାବେ ଆଡମିଶନ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ଉତ୍ସବ ନବରଙ୍ଗପୁର ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ ଦୂରଶିକ୍ଷା କାର୍ଯ୍ୟକ୍ରମର ଆବଶ୍ୟକତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଏବଂ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ପ୍ରଥମ ଥର ପାଇଁ ଚଳିତ ବର୍ଷ ୧୧୬ ଛାତ୍ରୀଛାତ୍ର ଆଡମିଶନ କରିଥିବାରୁ ବିଶ୍ୱବିଦ୍ୟାଳୟ ତଥା ସଂଯୋଜକଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଇଗ୍ନୋର ସଂଯୋଜକ ଡ. ନୀଳାଚଳ ମିଶ୍ର , ସମ୍ମାନୀତ ଅତିଥି ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ସ୍ୱରୂପ ବିଶୋଇ, ସମ୍ମାନୀତ ବକ୍ତା ଶମ୍ଭୁ ପ୍ରସାଦ ହୋତା, ଡ. ବିଜୟ କୁମାର ମିଶ୍ର, ଡ. ଭାସ୍କର ନାଥ ବିଶ୍ୱାଳ ଯୋଗ ଦେଇଥିଲେ। ସଂସ୍ଥାର ଏକାଡେମିକ କାଉନସିଲ ପ୍ରଭାତୀ ବିଶୋଇ ଦୂରଶିକ୍ଷାର ବିଭିନ୍ନ ବିଭାଗ ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଜିଲାର ପିଲାମାନଙ୍କ ପାଇଁ ଅଧିକ ପାଠ୍ୟକ୍ରମ ଖୋଲାଯିବ ବୋଲି ବିଶ୍ୱବିଦ୍ୟାଳୟର ଷ୍ଟଡି ସେଣ୍ଟର ସଂଯୋଜକ ଦିଲୀପ କୁମାର ହୋତା ସୂଚନା ଦେଇଥିଲେ। ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ନବରଙ୍ଗପୁର ମହାବିଦ୍ୟାଳୟ ସଂଯୋଜକ ଦିଲୀପ କୁମାର ହୋତା, ପ୍ରଶାନ୍ତ କୁମାର ମିଶ୍ର, ଡମ୍ବରୁ ଗଣ୍ଡ ଏହାକୁ ପରିଚାଳନା କରିଥିଲେ ।ଏଥିରେ ବିପିନ ବିବାହୀ ଗନ୍ତାୟତ, ଦୁର୍ଗା ପ୍ରସାଦ ଦାଶ, ଅଧ୍ୟାପକ ଜିତେନ୍ଦ୍ର କୁମାର ରଥ, ଅନନ୍ତ ଶତପଥୀ, ଗୋବିନ୍ଦା ରାଓ, ମନୋଜ କୁମାର କଂସ ବେହେରା, ଲାଇବ୍ରେରୀ ମୁଖ୍ୟ ଅନନ୍ତ ପାଢୀ, ସୁଜିତ କୁମାର ପାଢୀ, ସୀତାରାମ ଦାଶ, ଅଶୋକ କୁମାର ପାତ୍ର, ଧନ ହରିଜନ ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ ରାସ୍ତା ବେହାଲ, ଭାଙ୍ଗିଲା ଘର



ରାସ୍ତାରେ ବର୍ଷାଜଳ ଜମି ରହିଛି ।





ବର୍ଷାରେ ଭାଙ୍ଗିଯାଇଥିବା ଘର ।

ତେନ୍ତୁଳିଖୁଣ୍ଟି,୮।୯(ଡି.ଏନ.ଏ)

ନବରଙ୍ଗପୁର ଜାତୀୟ ରାଜପଥ ଠାରୁ ୫ କି.ମି ଦୂରରେ ଥିବା ଡାଇଭଙ୍ଗା ଗ୍ରାମ ଲଗାଣ ବର୍ଷାରେ ବେହାଲ ହୋଇଯାଇଛି। ଏହି ଗ୍ରାମର ଖ୍ରୀଷ୍ଟିୟାନ ସାହି ରାସ୍ତା ଓ ଭତ୍ରା ସାହି ରାସ୍ତା ସମ୍ପୂର୍ଣ୍ଣ ରୂପେ ଧୋଇ ହୋଇଯାଇଛି। ଖ୍ରୀଷ୍ଟିୟାନ ସାହିର ଜଣେ ରୋଗୀଙ୍କୁ ଡାକ୍ତରଖାନାକୁ ନେବାକୁ ପରିବାର ଲୋକ ଆମ୍ବୁଲାନ୍ସ ଡାକିଥିଲେ। ତେବେ ରାସ୍ତାର ଅବସ୍ଥା ଏପରି ହୋଇଥିବାରୁ ଆମ୍ବୁଲାନ୍ସ ଆସି ନ ଥିଲା। ସାହିବାସିନ୍ଦା ତାଙ୍କୁ ବହୁ କଷ୍ଟରେ ଡାକ୍ତରଖାନା ପହଞ୍ଚାଇଥିଲେ। ବଡ ଡାଇଭଙ୍ଗା ଗ୍ରାମର ରଜନୀ ତରେଇ ଓ ଦଇମତି ଭତ୍ରାଙ୍କ ଘର ଭାଙ୍ଗିଯାଇଛି। ବଡ ଡାଇଭଙ୍ଗା ଗ୍ରାମର ୱାର୍ଡ ସଭ୍ୟ ତପନ ସୁନା ତୁରନ୍ତ ରାସ୍ତା ମରାମତି କରିବା ସହ କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ଦେବାକୁ ଦାବି ରଖିଛନ୍ତି। ଗ୍ରାମର ଅଭି ବାଗ, ଶାନ୍ତି ଡଙ୍ଗ୍ରୀ, ସୁରେଶ ବାଘ, ମହେନ୍ଦ୍ର ସୁନା, ସୁରେଶ ବାଘ, ସୁବାସ ସୁନା, କୈଳାସ ଭତ୍ରା ପ୍ରମୁଖ ରାସ୍ତା ନିର୍ମାଣ ପାଇଁ ଦାବି ରଖିଛନ୍ତି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ